RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-90 • TUESDAY • 23 SEPTEMBER 2025 • PAGE-12 • ₹ 6.00 | JEYPORE | ବର୍ଷ-୪୩ • ସଂଖ୍ୟା-୯୦ • ମଙ୍ଗଳବାର • ୨୩ ସେପ୍ଟେମ୍ବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦








# ୨ କୋଟି ହିତାଧିକାରୀ ପାଇନାହାନ୍ତି ଆୟୁଷ୍ମାନ କାର୍ଡ

## ବିଏସ୍‌କେୱାଇରେ ବର୍ଷକ ଖର୍ଚ୍ଚ ୩୮୨୭ କୋଟି, ଆୟୁଷ୍ମାନରେ ମାତ୍ର ୧୧୧୯ କୋଟି

ଭୁବନେଶ୍ୱର,୨୨।୯(ସମିସ): ନବୀନ ସରକାରଙ୍କ ସ୍ୱାସ୍ଥ୍ୟ ସଞ୍ଜିବନୀ ବିଏସ୍‌କେୱାଇ ବନ୍ଦ କରି ରାଜ୍ୟ ସରକାର ଆୟୁଷ୍ମାନ କାର୍ଡ ପ୍ରଚଳନ କଲେ। ମାତ୍ର ୧୫ ମାସ ପରେ ବି ରାଜ୍ୟର ୨ କୋଟି ଲୋକ ଏଯାଏ ଆୟୁଷ୍ମାନ କାର୍ଡ ପାଇବାରୁ ବଞ୍ଚିତ ହୋଇଛନ୍ତି । କୌତୂହଳର କଥା ହେଉଛି ପୂର୍ବ ବିଜେଡି ସରକାରଙ୍କ ବିଏସ୍‌କେୱାଇରେ ବର୍ଷକୁ ସରକାର ଲୋକଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ୩୮୨୭ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ଆୟୁଷ୍ମାନ ଯୋଜନାରେ ଏଯାଏ ରାଜ୍ୟ ସରକାର ଏହାର ଏକ ତୃତୀୟାଂଶରୁ କମ୍ ଅର୍ଥାତ୍ ମାତ୍ର ୧୧୧୯ କୋଟି ଟଙ୍କା ବ୍ୟୟ କରିବାକୁ ସକ୍ଷମ ହୋଇଛନ୍ତି । ବିଧାନସଭାରେ ବିଧାୟକ ଗୌତମବୁଦ୍ଧ ଦାସଙ୍କ ଏକ ପ୍ରଶ୍ନରେ ଏହି ତଥ୍ୟ ଦେଇଛନ୍ତି ସ୍ୱାସ୍ଥ୍ୟ ଓ ପରିବାରକଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୂର୍ବ ଯୋଜନାରେ ବିଏସ୍‌କେୱାଇ କାର୍ଡକୁ ଅଚଳ କରିବାର ମୂଲ୍ୟ ବାବଦରେ ରାଜକୋଷରୁ ରାଜ୍ୟ ସରକାର ପ୍ରାୟ ୧୬.୫ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ଆୟୁଷ୍ମାନ୍ କାର୍ଡ ଛପା ଏବଂ ବିତରଣ ପାଇଁ ୬ କୋଟି ୨୬ ଲକ୍ଷ ୮୮ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଏହାସହିତ କାର୍ଡ କଭର କିଟ୍ ପାଇଁ ୧୦ କୋଟି ୨୫ ଲକ୍ଷ ୯୭

- ୩.୪୬ କୋଟି ହିତାଧିକାରୀଙ୍କ ମଧ୍ୟରୁ କାର୍ଡ ପାଇଛନ୍ତି ମାତ୍ର ୧.୪୭ କୋଟି
- କାର୍ଡ ଛପା, କଭର ଓ ବିତରଣ ପାଇଁ ୧୬ କୋଟି ୫୧ ଲକ୍ଷ ଟଙ୍କା ଖର୍ଚ୍ଚ

ହଜାର ଟଙ୍କା ଖର୍ଚ୍ଚ ହୋଇଛି। ଏହି ମୋଟ୍ ଅର୍ଥକୁ ମିଶାଇଲେ ଏବାବଦକୁ ବର୍ତ୍ତମାନ ସୁଦ୍ଧା ୧୬ କୋଟି ୫୨ ଲକ୍ଷ ୮୫ ହଜାର ଟଙ୍କା ଖର୍ଚ୍ଚ ହୋଇଛି ବୋଲି ବିଧାନସଭାରେ ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ତେବେ ବିଡ଼ମ୍ବନା ହେଉଛି ଯେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ୩.୪୭ କୋଟି ହିତାଧିକାରୀଙ୍କ ମଧ୍ୟରୁ ୧.୪୭ କୋଟି ଜଣଙ୍କୁ କାର୍ଡ ବଣ୍ଟନ କରାଯାଇଛି ଓ ଅବଶିଷ୍ଟ ପ୍ରାୟ ୨ କୋଟି ଲୋକଙ୍କୁ କାର୍ଡ ବଣ୍ଟନ କାର୍ଯ୍ୟ ଏବେ ବି ଜାରି ରହିଛି।

ମନ୍ତ୍ରୀଙ୍କ ଏହି ଉତ୍ତର ପରେ ଆୟୁଷ୍ମାନ କାର୍ଡ ବାବଦକୁ କିପରି ପାଣି ଭଳି ଟଙ୍କା ଖର୍ଚ୍ଚ ହୋଇଛି, ତାହା ପଦାକୁ ଆସିଛି। ପୂର୍ବରୁ ବିଏସ୍‌କେୱାଇ ଯୋଜନାର ସ୍ମାର୍ଟ କାର୍ଡ ପ୍ରତି ଲୋକଙ୍କ ନିକଟରେ ରହିଥିଲା। ସରକାର ଏହି ଯୋଜନାର ନାମ ପରିବର୍ତ୍ତନ କରିଥିଲେ ବି ସେହି କାର୍ଡକୁ ମଧ୍ୟ ଆୟୁଷ୍ମାନ କାର୍ଡକୁ ପରିବର୍ତ୍ତନ କରାଯାଇ ପାରିଥାଆନ୍ତା ଓ ଚିପ୍ ଲଗା କାର୍ଡଗୁଡ଼ିକ ଅଚଳ ହୋଇ ନ ଥାନ୍ତା। ମାତ୍ର ରାଜ୍ୟ ସରକାର ନୂତନ କାର୍ଡ ପ୍ରଦାନ କରିବା ପାଇଁ ନିଷ୍ପତ୍ତି ପାଇଁ ରାଜ୍ୟ ରାଜକୋଷ ଉପରେ ବିପୁଳ ବୋଝ ପଡ଼ିଥିଲେ ହେଁ ଏହା ଏଯାଏ ଲୋକଙ୍କ ପାଖରେ ପହଞ୍ଚି ପାରିନାହିଁ ।

ଅନ୍ୟପକ୍ଷରେ ଆୟୁଷ୍ମାନ କାର୍ଡ ବଣ୍ଟନ ପରଠାରୁ ପ୍ରତି ମାସରେ ଘରୋଇ ହସ୍ପିଟାଲଗୁଡ଼ିକୁ କେତେ ଟଙ୍କାର ବିଲ୍ ପୈଠ କରିଛନ୍ତି ଓ ସରକାର ୨୦୨୩-୨୦୨୪ରେ ହସ୍ପିଟାଲଗୁଡ଼ିକୁ କେତେ ଟଙ୍କା ବିଲ୍ ପ୍ରଦାନ କରିଛନ୍ତି ପ୍ରଶ୍ନରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉତ୍ତର ରାଜ୍ୟବାସୀଙ୍କୁ ନିରାଶ କରିଛି। ଆୟୁଷ୍ମାନ କାର୍ଡ ବଣ୍ଟନ ଆରମ୍ଭ ହେବାଠାରୁ ସରକାର ୪୦୫୦୪୪ ହିତାଧିକାରୀଙ୍କ ଚିକିତ୍ସା ବାବଦରେ ଅଦ୍ୟାବଧି ୧୧୧୯ କୋଟି ଟଙ୍କା ପ୍ରଦାନ କରିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଅନୁରୂପ ଭାବରେ ତତ୍‌କାଳୀନ ବିଜେଡି ସରକାର ସମୟରେ ବିଏସ୍‌କେୱାଇ କାର୍ଡରେ ଚିକିତ୍ସା ବାବଦରେ ରାଜ୍ୟ ସରକାର ୨୦୨୩-୨୪ରେ ୨୭୮୨ କୋଟି ଟଙ୍କା ଓ ୨୦୨୪-୨୫ରେ ୩୮୨୭ କୋଟି ଟଙ୍କା ପ୍ରଦାନ କରିଥିବା ମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ଏହା ସହ ରାଜ୍ୟ ବାହାରେ ଥିବା ପଞ୍ଜିକୃତ ଚିକିତ୍ସାଳୟରେ ୨୧ ହଜାର ୩୯୪ ହିତାଧିକାରୀ ଚିକିତ୍ସା ସୁବିଧା ବାବଦକୁ ୫୫ କୋଟି ୫୫ ଲକ୍ଷ ୫୩ ହଜାର ଟଙ୍କା ପ୍ରଦାନ କରାଯାଇଥିବା ମନ୍ତ୍ରୀ ତଥ୍ୟ ପ୍ରଦାନ କରିଛନ୍ତି ।

# ଆଜି ରତ୍ନଭଣ୍ଡାରକୁ ଫେରିବ ମହାପ୍ରଭୁଙ୍କ ଅଳଙ୍କାର

ପୁରୀ, ୨୨।୯(ସମିସ): ଦୀର୍ଘ ୧୪ ମାସ ପରେ ଆସନ୍ତାକାଲି (ମଙ୍ଗଳବାର) ସ୍ଥାନାନ୍ତର ହେବ ମହାପ୍ରଭୁଙ୍କ ଦୁର୍ମୂଲ୍ୟ ରତ୍ନଅଳଙ୍କାର। ଅସ୍ଥାୟୀ ରତ୍ନଭଣ୍ଡାରରୁ ସ୍ଥାୟୀ ରତ୍ନଭଣ୍ଡାରକୁ ନିଆଯିବ। ଏଥିପାଇଁ ପୂର୍ବାହ୍ନ ୧୦ଟାରୁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଏଥିସହ ଶ୍ରୀମନ୍ଦିର ନାଟମଣ୍ଡପ ଏବଂ ଜଗମୋହନ ଶୋଧ କରାଯିବ। ଶ୍ରୀମନ୍ଦିର ମୁଖ୍ୟ ଦେଉଳ ତଥା ଝୁଲଣ ମଣ୍ଡପ ପରିସରକୁ ଭକ୍ତଙ୍କ ପ୍ରବେଶ ବାରଣ ରହିବ। ସ୍ଥାନାନ୍ତର ସମୟରେ ଆନନ୍ଦବଜାର କିନ୍ତୁ ଶ୍ରଦ୍ଧାଳୁଙ୍କ ପାଇଁ ସ୍ୱାଭାବିକ ରହିବ। ମହାପ୍ରସାଦ ପାଇବାକୁ ଇଚ୍ଛୁକ ଭକ୍ତମାନେ ଆନନ୍ଦ ବଜାରକୁ ଯାଇ ମହାପ୍ରସାଦ ନେଇପାରିବେ। ରତ୍ନଭଣ୍ଡାର ସ୍ଥାନାନ୍ତର କାର୍ଯ୍ୟ ସମାପନ ପରେ ପ୍ରବେଶ କଟକଣା ପ୍ରତ୍ୟାହାର ତଥା ଦର୍ଶନ ସ୍ୱାଭାବିକ ହେବ।

### ଦିଅଁ ଦର୍ଶନ ବନ୍ଦ; ଆନନ୍ଦବଜାର ଖୋଲା

ଅନ୍ୟପକ୍ଷରେ ରତ୍ନ ଅଳଙ୍କାର ସ୍ଥାନାନ୍ତର ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମାର୍ଗଦର୍ଶିକା ଜାରି ହୋଇଛି। ଏହି ମାର୍ଗଦର୍ଶିକାକୁ ଅନୁପାଳନ କରିବା ନେଇ ସୋମବାର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ପ୍ରଶାସନ କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଅସ୍ଥାୟୀ ଷ୍ଟ୍ରଙ୍ଗ୍‌ରୁମ୍‌ରୁ (ଖଟଶେଯ ଓ ଚାଙ୍ଗଡ଼ା ଘର) ରତ୍ନ ଅଳଙ୍କାରଗୁଡ଼ିକ ସୁରକ୍ଷିତ ଭାବେ ସ୍ଥାନାନ୍ତର ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରାଧିକୃତ ୧୧ଜଣିଆ କମିଟି ଗଠନ କରାଯାଇଛି। ଏହି କମିଟିରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ, ଏସ୍‌ପି, ଏଏସ୍‌ଆଇ ଅଧିକାରୀ, ରତ୍ନଭଣ୍ଡାର ସବ୍-କମିଟି ସଦସ୍ୟ ଗଣେଶ ଦାସମହାପାତ୍ର, ଦେଉଳକରଣ, ତଢ଼ଉକରଣ, ଭଣ୍ଡାର ମେକାପ, ରତ୍ନଭଣ୍ଡାର ତଦାରଖ କମିଟିର ଦୁଇଜଣ ସଦସ୍ୟ ଜଷ୍ଟିସ ବିଶ୍ୱନାଥ ରଥ ଓ ସୁଦର୍ଶନ ପଟ୍ଟନାୟକ, ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର ରହିଛନ୍ତି। ଏତଦ୍‌ବ୍ୟତୀତ ଗଜପତି ମହାରାଜାଙ୍କ ପ୍ରତିନିଧିଙ୍କ ସମେତ ଶ୍ରୀମନ୍ଦିର ନୀତି ଓ ଉନ୍ନୟନ ପ୍ରଶାସକ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସାମିଲ ହେବେ। ମାର୍ଗଦର୍ଶିକା ଆଧାରରେ ପୂର୍ବାହ୍ନ ୧୦ଟାରୁ ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ରହିବା ସହ ଅମୃତ ବେଳା ଅନୁସାରେ ସକାଳ ୭ଟା ୧୭ରୁ ପୂର୍ବାହ୍ଣ ୧୧ଟା ୧୭ ମଧ୍ୟରେ କମିଟିର ସଦସ୍ୟମାନେ ଶ୍ରୀମନ୍ଦିର ଭିତରକୁ ଯାଇ ଅଳଙ୍କାର ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରିବେ।

# ଦୁର୍ଘଟଣାରେ ବାପ-ପୁଅ ମୃତ

ଭବାନୀପାଟଣା, ୨୨।୯(ସମିସ): ନର୍ଲା ଥାନା ଅଧୀନ ଦେହେଲି ଛକ ନିକଟରେ ଏକ ବାଇକ୍ ଓ ପିକ୍-ଅପ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ତେର୍ଲୋ ଗ୍ରାମର ଗୋଟିଏ ପରିବାରର ବାପ-ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ମା' ଓ ଝିଅ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ, ବୁଦ୍ଧ ବାରିକ (୩୫) ଓ ତାଙ୍କ ପୁଅ ଅର୍ଣ୍ଣବ (୧୦)।

ସୂଚନାନୁସାରେ, ସକାଳ ପ୍ରାୟ ୯ଟାରେ ସମସ୍ତେ ଏକ ବାଇକ୍‌ରେ ନର୍ଲା ଆସୁଥିଲେ। ଦେହେଲି ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ପିକ୍‌ଅପ୍ ସେମାନଙ୍କୁ ଧକ୍କା ଦେବାରୁ ଏହି ଅଘଟଣ ଘଟିଥିଲା। ଘଟଣାସ୍ଥଳରେ ବୁଦ୍ଧ ଓ ଅର୍ଣ୍ଣବଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଗୁରୁତର ମା'-ଝିଅଙ୍କୁ ଉଦ୍ଧାର କରି ନର୍ଲା ଡାକ୍ତଖାନାରେ ଭର୍ତ୍ତି କରାଇଥିଲେ। କିନ୍ତୁ, ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ଦୁହିଁଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ନର୍ଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନକୁ ଜବତ କରିଛି। ଦୁଇଜଣଙ୍କ ଅବସ୍ଥା ସ୍ଥିର ଅଛି ବୋଲି ସିଡିଏମ୍‌ଓ ଡା. ନୀହାରେନ୍ଦ୍ର ପଣ୍ଡା କହିଛନ୍ତି। ଅନ୍ୟପଟେ, ଏହି ଘଟଣାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିଥିଲେ। ଗାଡ଼ି ମାଲିକ ସେଠାରେ ପହଞ୍ଚି ନଥିବା ବେଳେ ନର୍ଲା ତହସିଲଦାର ଲୋକଙ୍କୁ ବୁଝାସୁଝା କରୁଛନ୍ତି।

# କାନ୍ଥ ପଡ଼ି ବାପା-ମା' ମୃତ, ଝିଅ ଗୁରୁତର

ବସ୍ତା ବ୍ଲକ, ୨୨।୯ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ପତ୍ରଝଡ଼ା ପଞ୍ଚାୟତ ମହାଦେବସରାଇ ଗ୍ରାମରେ ରବିବାର ବିଳମ୍ବିତ ରାତିରେ କାନ୍ଥ ପଡ଼ି ଏକ ଦମ୍ପତିଙ୍କ ମୃତ୍ୟୁ ଘଟିଥିବା ବେଳେ ସେମାନଙ୍କ ନାବାଳିକା ଝିଅ ଗୁରୁତର ହୋଇଛି। ମୃତ ଦମ୍ପତି ହେଲେ, ଗ୍ରାମର ପିଥ ମୁର୍ମୁ (୩୯) ଓ ତାଙ୍କ ସ୍ତ୍ରୀ ମିନତି ମୁର୍ମୁ (୩୫)। ତାଙ୍କ ଝିଅ ଲକ୍ଷ୍ମୀକୁ ବାଲେଶ୍ୱର



ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗତରାତିରେ ସମସ୍ତେ ଖାଇପିଇ ଶୋଇଥିବାବେଳେ ଘରର ଗୋଟିଏ ପଟ କାନ୍ଥ ହଠାତ୍ ସେମାନଙ୍କ ଉପରେ ଭୁଶୁଡ଼ି ପଡ଼ିଥିଲା। ଚିତ୍କାର ଶୁଣି ପଡ଼ୋଶୀ ସେମାନଙ୍କୁ ମାଟି ତଳୁ ଉଦ୍ଧାର କରି ବସ୍ତା ହସ୍ପିଟାଲକୁ ନେଇଥିଲେ। ମାତ୍ର ସେଠାରେ ପିଥ ଓ ମିନତିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେମାନଙ୍କ ଝିଅ ଲକ୍ଷ୍ମୀକୁ ଡାକ୍ତରଙ୍କ ପରାମର୍ଶକ୍ରମେ ବାଲେଶ୍ୱର ମୁଖ୍ୟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

# ବିଦ୍ୟୁତ୍ ଆଘାତ ଦେଇ ହାତୀକୁ ହତ୍ୟା; ୩ ଅଟକ

## ନାଳରୁ ଉଦ୍ଧାର ହେଲା ଗଳିତ ମୃତଦେହ

ତେଲକୋଇ, ୨୨।୯(ସମିସ): ବିଦ୍ୟୁତ୍ ଆଘାତ ଦେଇ ହାତୀକୁ ହତ୍ୟା। କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ବିମଳା ସେକ୍ସନ୍ ରାଣୀବେଡ଼ା ସଂରକ୍ଷିତ ଜଙ୍ଗଲରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ଆଜି ସ୍ଥାନୀୟ କାଉବସା ନାଳ ନିକଟରୁ ବନ ବିଭାଗ ଉକ୍ତ ମାଈ




ହାତୀର ଗଳିତ ମୃତଦେହ ଉଦ୍ଧାର କରିଛି। ମୃତ ହାତୀଟିର ବୟସ ୮ରୁ ୧୦ବର୍ଷ ହେବ ବୋଲି କୁହାଯାଉଛି। ଏହି ଘଟଣାରେ ଜଣେ ଅଭିଯୁକ୍ତ ଗୋକୁଳ ଜୁଆଙ୍ଗ (୪୨) ଆତ୍ମସମର୍ପଣ କରିଥିବା ବେଳେ ଅନ୍ୟ ୨ଅଭିଯୁକ୍ତ ଇନ୍ଦ୍ରମଣି ଜୁଆଙ୍ଗ (୫୬) ଓ ଗଣେଶ ଜୁଆଙ୍ଗ(୨୫)କୁ ବନ ବିଭାଗ ଅଟକ ରଖି ପଚରାଉଚରା କରୁଛି। ସମସ୍ତଙ୍କ ଘର ଟାଙ୍ଗିରୀ ଗ୍ରାମ ଦୁବନାଳୀ ସାହିରେ। ଅପରପକ୍ଷେ, ହାତୀଟିର ବ୍ୟବଚ୍ଛେଦ କରାଯିବା ପରେ ଉକ୍ତ ସ୍ଥାନରେ ଗାତ ଖୋଳି ପୋତି ଦିଆଯାଇଛି। ବନ ବିଭାଗ କହିଛି, ସୋଲାର୍ ବାଡ଼ ସ୍ଥାନରେ କରେଣ୍ଟ ସଂଯୋଗ କରାଯାଇଥିବାରୁ ବିଦ୍ୟୁତ୍ ଆଘାତରେ ମାଈ ହାତୀର ମୃତ୍ୟୁ ହୋଇଛି।

# ରାଜେନ୍ଦ୍ର ଢୋଲକିଆଙ୍କୁ ନବୀନଙ୍କ ଗଭୀର ଶ୍ରଦ୍ଧାଞ୍ଜଳି

## ନିଷ୍ଠା, ପ୍ରତିବଦ୍ଧତା ଓ କଠିନ ପରିଶ୍ରମ ପାଇଁ ସ୍ମରଣୀୟ ହୋଇ ରହିବେ ରାଜେନ୍ଦ୍ର

ଭୁବନେଶ୍ୱର,୨୨।୯(ସମିସ): ଲୋକପ୍ରିୟ ରାଜନେତା ରାଜେନ୍ଦ୍ର ଢୋଲକିଆ ବିଜେଡିର ଏକ ସ୍ତମ୍ଭ ଥିଲେ। ଦଳକୁ ମଜଭୁତ କରିବାରେ ତାଙ୍କର ବିଶେଷ ଅବଦାନ ଥିଲା। ସେ ସବୁବେଳେ ତୃଣମୂଳସ୍ତରର ଲୋକଙ୍କ ସହ ଯୋଡ଼ି ହୋଇ ରହିବା ସହ ସେମାନଙ୍କ ସୁଖ ଦୁଃଖର ସାଥୀ ଥିଲେ। ନୂଆପଡ଼ାର ବିକାଶ କ୍ଷେତ୍ରରେ ନିଷ୍ଠା, ପ୍ରତିବଦ୍ଧତା ଓ କଠିନ ପରିଶ୍ରମ ପାଇଁ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ସବୁଦିନ ମନେ ରହିବେ ବୋଲି କହିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସ୍ୱର୍ଗତଃ ଢୋଲକିଆଙ୍କ ବିୟୋଗରେ ନୂଆପଡାରେ ଆୟୋଜିତ ଶୋକ ସଭାରେ ଶ୍ରୀ ପଟ୍ଟନାୟକ ଆଭାସୀ ଜରିଆରେ ଯୋଗ ଦେଇ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସ୍ୱର୍ଗତଃ ଢୋଲକିଆ ବାବୁଙ୍କ ଅଧୁରା କାମକୁ ପୁରା କରିବାକୁ ତାଙ୍କ ପରିବାର ସହ ବିଜେଡି ଓ ସେ ନିଜେ ସମସ୍ତେ ଏକାଠି କାମ କରିବେ ବୋଲି ନବୀନ ପଟ୍ଟନାୟକଙ୍କ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।



ନୂଆପଡାର ବିକାଶରେ ସ୍ୱର୍ଗତ ଢୋଲକିଆଙ୍କ ଅବଦାନ ବିଷୟରେ ସ୍ମରଣ କରି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଭିତ୍ତିଭୂମି ବିକାଶ ବିଶେଷ କରି ନୂଆପଡାରେ ବିଜୁ ଏକ୍ସପ୍ରେସ ୱେ, ପିଇବା ପାଣି ଓ ଜଳସେଚନ କ୍ଷେତ୍ରରେ ସ୍ୱର୍ଗତ ଢୋଲକିଆ ବହୁତ ଭଲ କାମ କରିଥିଲେ। ଜନଜାତି ଭାଇ ଭଉଣୀମାନଙ୍କ କଲ୍ୟାଣ ସହ ନୂଆପଡାରେ ଶିକ୍ଷା ଓ ସ୍ୱାସ୍ଥ୍ୟର ବିକାଶ ପାଇଁ ଢୋଲକିଆ ବାବୁଙ୍କ ଅବଦାନ ସବୁବେଳେ ସ୍ମରଣୀୟ ହୋଇ ରହିବ। ସେହିପରି ସମାଜସେବା କ୍ଷେତ୍ରରେ ମଧ୍ୟ ଢୋଲକିଆ ବାବୁଙ୍କ ବିଶେଷ ପରିଚୟ ଥିଲା। ଗରିବ ଲୋକଙ୍କ ବିବାହ ହେଉ ବା ଚକ୍ଷୁ ଚିକିତ୍ସା ଶିବିର ଓ ଭିନ୍ନକ୍ଷମମାନଙ୍କ ପାଇଁ ଶିବିର ଆୟୋଜନ କରି ସେ ଲୋକଙ୍କ ସେବା ଜାରି ରଖିଥିଲେ। ତାଙ୍କର ଶାନ୍ତ ସରଳ ଅମାୟିକ ଓ ନିରହଂକାର ଗୁଣ ଯୋଗୁଁ ସେ ସମସ୍ତଙ୍କର ଆଦରଣୀୟ ଥିଲେ। ସ୍ୱର୍ଗତ ଢୋଲକିଆ ଆଜି ଆମ ଭିତରେ ନାହାନ୍ତି; କିନ୍ତୁ ନୂଆପଡାର ବିକାଶ ଓ ଲୋକଙ୍କ କଲ୍ୟାଣ ପାଇଁ ତାଙ୍କ ପ୍ରତିବଦ୍ଧତା, ନିଷ୍ଠା ଓ କଠିନ ପରିଶ୍ରମ ପାଇଁ ସେ ଲୋକଙ୍କ ହୃଦୟ ଜିତି ପାରିଥିଲେ। ସେ ଲୋକଙ୍କ ପ୍ରିୟ ଥିଲେ ଏବଂ ସବୁବେଳେ ପ୍ରିୟ ହୋଇ ରହିଥିବେ ବୋଲି ନବୀନ ମତବ୍ୟକ୍ତ କରିଥିଲେ।

# ଓଡ଼ିଶା ସାହିତ୍ୟ ଏକାଡେମୀରେ ଅଚଳାବସ୍ଥା

କଟକ, ୨୨।୯(ସମିସ): ସରକାର ଓଡ଼ିଆ ଅସ୍ମିତାର କଥା କହୁଥିବା ବେଳେ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ଓଡ଼ିଶା ସାହିତ୍ୟ ଏକାଡେମୀରେ ବର୍ଷାଧିକ ସମୟ ଧରି ଅଚଳାବସ୍ଥା ଦେଖାଦେଇଛି। ଏକାଡେମୀର ସଭାପତି ଓ ଉପ-

### ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଜବାବ ତଲବ

ସଭାପତି ଭଳି ପଦବୀ ଖାଲି ପଡ଼ିବା ସହ ନୂଆ କାର୍ଯ୍ୟନିର୍ବାହୀ ପରିଷଦ ଗଠନ କରାନଯିବା ପ୍ରସଙ୍ଗରେ ରୁଜୁ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ନିକଟରୁ ଜବାବ ତଲବ କରିଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ପ୍ରବୀର ଦାସଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ଆବେଦନକାରୀ ଦର୍ଶାଇଛନ୍ତି ଯେ ଏକାଡେମୀର ସାଧାରଣ ପରିଷଦ ଏବଂ କାର୍ଯ୍ୟନିର୍ବାହୀ ପରିଷଦ କାର୍ଯ୍ୟକାଳ ଗତ ୨୦୨୩ ଜୁଲାଇ ୧୯ ପରଠାରୁ ଶେଷ ହୋଇଛି। ସାଧାରଣ ପରିଷଦ ଗଠନରେ ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିପାଇଁ ୫ ଜଣଙ୍କୁ ରାଜ୍ୟ ସରକାର ମନୋନୀତ କରିବା କଥା। ଏ ବାବଦରେ ରାଜ୍ୟର ନିଷ୍କ୍ରିୟତା ସମ୍ବିଧାନର ଧାରା ୧୯ ଏବଂ ୨୧ର ଉଲ୍ଲଂଘନ ବୋଲି ଆବେଦନକାରୀ ଅଭିଯୋଗ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅକ୍ଟୋବର ୨୭କୁ ଧାର୍ଯ୍ୟ କରାଯାଇଛି।

# ଜୁଆରେ ଉଡ଼ାଇ ଦେଲେ ୫୫ ଲକ୍ଷ ସରକାରୀ ଅନୁଦାନ

ଭୁବନେଶ୍ୱର,୨୨।୯(ସମିସ): ସ୍କୁଲକୁ ଆସିଥିବା ଅନୁଦାନ ଅର୍ଥରେ ଅନଲାଇନ ଜୁଆ ଖେଳି ଗିରଫ ହୋଇଛନ୍ତି ପୂର୍ବତନ ଅଧ୍ୟକ୍ଷ। ସୁବର୍ଣ୍ଣପୁର ଜିଲା ବିନିକା ଆଦର୍ଶ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସୌମ୍ୟରଞ୍ଜନ କ୍ଷେତିଙ୍କୁ ସୋମବାର ଗିରଫ କରିଛି ଭିଜିଲାନ୍ସ। ବିଭିନ୍ନ କାର୍ଯ୍ୟ ପାଇଁ ସ୍କୁଲକୁ ଆସିଥିବା ପ୍ରାୟ ୫୫ ଲକ୍ଷ ଟଙ୍କାକୁ କ୍ଷେତି ଆତ୍ମସାତ କରିଥିବା ଅଭିଯୋଗ ହେବା ପରେ ଭିଜିଲାନ୍ସ ପକ୍ଷରୁ ଏହାର ତଦନ୍ତ କରି ତାଙ୍କୁ ଗିରଫ କରାଯାଇଛି। ୨୦୨୧ ସେପ୍ଟେମ୍ବର ୨୯ରେ କ୍ଷେତିଙ୍କୁ ବିନିକା ଆଦର୍ଶ ବିଦ୍ୟାଳୟରେ ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଥିଲା। ୨୦୨୧ରୁ ୨୦୨୫ ମଧ୍ୟରେ ସ୍କୁଲର ମଧ୍ୟାହ୍ନ ଭୋଜନ, ମୋ ସ୍କୁଲ ଅଭିଯାନ ଏବଂ ଛାତ୍ରୀନିବାସ ପାଣ୍ଠିକୁ ୫୫ ଲକ୍ଷ ୨୬୧୦ ଟଙ୍କା ଆସିଥିଲା। କିନ୍ତୁ ସେ ଏସବୁ ଅର୍ଥକୁ ହରିଲୁଟ କରିନେଇଛନ୍ତି। ତନ୍ମଧ୍ୟରୁ ପ୍ରାୟ ୧୧ ଲକ୍ଷ ଟଙ୍କା ସେ ତିନ୍ ପତି ଅନଲାଇନ ବେଟିଂ ଆପରେ ବିନିଯୋଗ କରିଥିବା ଜଣାପଡ଼ିଛି। ଭିଜିଲାନ୍ସ ପକ୍ଷରୁ ଏ ନେଇ ଏକ ମାମଲା ରୁଜୁ କରି ଗିରଫ କରିଛି।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପୂର୍ବ ଅଧ୍ୟକ୍ଷ ଗିରଫ

# ୨୭ ସୁଦ୍ଧା ଜିଲ୍ଲା କଂଗ୍ରେସ ସଭାପତିଙ୍କ ନାମ ଘୋଷଣା

ଭୁବନେଶ୍ୱର,୨୨।୯(ସମିସ): ଆସନ୍ତା ୨୭ ତାରିଖ ସୁଦ୍ଧା ରାଜ୍ୟର ୩୫ ଟି ସାଂଗଠନିକ ଜିଲ୍ଲା ପାଇଁ ସଭାପତି ଘୋଷଣା କରିବ କଂଗ୍ରେସ। ସଂଗଠନ ସୃଜନ ପ୍ରକ୍ରିୟାରେ କଂଗ୍ରେସ ଜିଲ୍ଲାସଭାପତି ପାଇଁ ଏଆଇସିସି ପର୍ଯ୍ୟବେକ୍ଷକମାନେ ଯେଉଁ ୩ଟି ଲେଖାଏ ନାମ ସୁପାରିସ କରିଛନ୍ତି, ସେଥିରୁ ଗୋଟିଏ ନାମରେ ମୋହର ମାରିବେ ଏଆଇସିସି କର୍ତ୍ତୃପକ୍ଷ। ସୋମବାର ଏଆଇସିସି ସଂଗଠନ ସମ୍ପାଦକ କେସି ବେଣୁଗୋପାଳ ଦିଲ୍ଲୀର କଂଗ୍ରେସ ମୁଖ୍ୟାଳୟ ଇନ୍ଦିରା ଭବନଠାରେ ଓଡ଼ିଶା ପାଇଁ ନିଯୁକ୍ତ ହୋଇଥିବା ୩୫ ଜଣ ପର୍ଯ୍ୟବେକ୍ଷକ, ପିସିସି ସଭାପତି ଓ ଓଡ଼ିଶା ପ୍ରଭାରୀଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି।

ସୂଚନା ଅନୁଯାୟୀ ଏହି ଆଲୋଚନାରେ ଓଡ଼ିଶା ପାଇଁ ନିଯୁକ୍ତ ପର୍ଯ୍ୟବେକ୍ଷକମାନେ ଆବଣ୍ଟିତ ଜିଲ୍ଲାର ଦଳୀୟ ପଦାଧିକାରୀ ଓ ସାମାଜିକ ଗୋଷ୍ଠୀଙ୍କ ସହିତ ଆଲୋଚନା ପରେ ସେମାନେ ପ୍ରସ୍ତୁତ କରିଥିବା ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ରିପୋର୍ଟରେ

### ପ୍ରତି ଜିଲ୍ଲାରେ ନିଯୁକ୍ତି ହେବେ କାର୍ଯ୍ୟକାରୀ ସଭାପତି

ସେମାନେ ବିଭିନ୍ନ ଜିଲ୍ଲାର ସାମାଜିକ-ରାଜନୈତିକ ଦୃଶ୍ୟପଟ ଏବଂ ଜିଲ୍ଲାର କଂଗ୍ରେସ ସ୍ଥିତି ଆଦିର ବିଶ୍ଳେଷଣ କରି ତଥ୍ୟ ରଖିଛନ୍ତି। ଏଗୁଡ଼ିକୁ ଆଧାର କରି ଜିଲ୍ଲାସଭାପତିଙ୍କ ନାଁ ଉପରେ ମୋହର ବାଜିବ । ସମ୍ଭବତଃ ତାଲିକା ପ୍ରଥମ ସ୍ଥାନରେ ଯାହା ନାମ ସୁପାରିସ୍ କରାଯାଇଛି, ତାଙ୍କୁ ଜିଲ୍ଲାସଭାପତି ଭାବେ ଦାୟିତ୍ୱ ମିଳିବ। ଏହାସହିତ ଅନ୍ୟ ଯେଉଁ ଦୁଇ ଜଣଙ୍କ ନାଁ ତାଲିକାରେ ରହିଛି, ଯଦି ପିସିସି ସଭାପତି ଚାହିଁବେ ସେମାନଙ୍କୁ ସମ୍ପୃକ୍ତ ଜିଲ୍ଲାର କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦେଇପାରିବେ।

ଓଡ଼ିଶାରେ କଂଗ୍ରେସର ସମସ୍ତ ୩୫ ଟି ସାଙ୍ଗଠନିକ ଜିଲ୍ଲାର ସଭାପତି ଚୟନ ପାଇଁ ୩୫ ଜଣ ଏଆଇସିସି ପର୍ଯ୍ୟବେକ୍ଷକ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ସଭାପତି ଚୟନ ପ୍ରକ୍ରିୟା ପାଇଁ ୭ ଦିନିଆ କ୍ୟାମ୍ପ କରିଥିଲେ। ପ୍ରତ୍ୟେକ ଜିଲ୍ଲାରେ ସଂପୃକ୍ତ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କୁ ସାହାଯ୍ୟ କରିବା ପାଇଁ ପିସିସି ପକ୍ଷରୁ ୩ ଜଣ ଲେଖାଏଁ ରାଜ୍ୟ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିଲେ। ସଂପୃକ୍ତ ଜିଲ୍ଲାରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନେ ଦଳୀୟ କର୍ମୀ ଓ ନେତା, ସାମାଜିକ ସଂଗଠନ ଓ ସାମ୍ବାଦିକ ଆଦିଙ୍କ ମତାମତ ସଂଗ୍ରହ କରି ସଭାପତି ତାଲିକା ପ୍ରସ୍ତୁତ କରି ଏଆଇସିସିକୁ ପ୍ରଦାନ କରିଛନ୍ତି। ଏବେ ଏଆଇସିସି ଉକ୍ତ ତାଲିକାରୁ ଯୋଗ୍ୟ ବ୍ୟକ୍ତିଙ୍କ ନାମରେ ମୋହର ମାରିବା ସହ କେବଳ ଘୋଷଣା କରିବାକୁ ବାକି ରହିଛି।


# ଏନ୍‌କାଉଣ୍ଟର୍‌ରେ ଦୁଇ ମାଓବାଦୀ ନିହତ

ମାଲକାନଗିରି, ୨୨।୯ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲ୍ଲାରେ ଯବାନଙ୍କ ଏନ୍‌କାଉଣ୍ଟର୍‌ରେ ଦୁଇ ମାଓବାଦୀ ନିହତ ହୋଇଛନ୍ତି। ସୂଚନାନୁଯାୟୀ, ମାଓଗଡ଼ ଭାବେ ପରିଚିତ ଦୁର୍ଗମ ଅବୁଝମାଡ଼ ଜଙ୍ଗଲରେ ଡିଆରଜି, ଏସଟିଏଫ ଓ କୋବ୍ରା ବାହିନୀ ପକ୍ଷରୁ କମ୍ବିଂ ଅପରେସନ୍ ଚାଲିଥିବା ବେଳେ ମାଓବାଦୀମାନେ ଗୁଳି ଚାଳନା କରିଥିଲେ। ଯବାନଙ୍କ ପକ୍ଷରୁ ମଧ୍ୟ ଏହାର ପାଲଟା ଜବାବ ଦିଆଯାଇଥିଲା। ଯବାନଙ୍କ ସାମ୍ନା କରି ନପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ଜଙ୍ଗଲ ମଧ୍ୟରେ ଲୁଚି ପଳାଇଥିଲେ। ପରେ ଅଞ୍ଚଳରେ ପୁନଃ ତଲାସି ବେଳେ ଯବାନମାନେ ଦୁଇ ମାଓବାଦୀଙ୍କ ମରଶରୀର, ଏକେ-୪୭ ବନ୍ଧୁକ, ବିସ୍ଫୋରକ ସାମଗ୍ରୀ, ଅସ୍ତ୍ରଶସ୍ତ୍ର ଓ ମାଓ ସାମଗ୍ରୀ ଜବତ କରିଛନ୍ତି।

## ୧୪ ମାସରେ ୩୭,୬୧୧ ନାରୀ ନିର୍ଯାତନା ମାମଲା

# ଦେଢ଼ବର୍ଷରେ ୪୫୪୪ ମହିଳା ଦୁଷ୍କର୍ମର ଶିକାର

ଭୁବନେଶ୍ୱର,୨୨।୯(ସମିସ): ଗତ ୧୪ ମାସରେ ରାଜ୍ୟରେ ୩୭ ହଜାର ୬୧୧ଟି ନାରୀ ନିର୍ଯାତନା ମାମଲା ରୁଜୁ ହୋଇଛି। ଏଥିରେ ୯୧୮୧ଟି ଅସଦାଚରଣ ମାମଲା ରହିଛି। ସେହିପରି ଦେଢ଼ ବର୍ଷ ମଧ୍ୟରେ ରାଜ୍ୟର ୪୫୪୪



ଜଣ ମହିଳା ଦୁଷ୍କର୍ମ ଓ ଗଣଦୁଷ୍କର୍ମର ଶିକାର ହୋଇଛନ୍ତି। ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଓ ବିଧାୟକ ଅରୁଣ ସାହୁଙ୍କ ଭିନ୍ନଭିନ୍ନ ପ୍ରଶ୍ନରେ ବିଧାନସଭାରେ ଏହି ତଥ୍ୟ ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ମୁଖ୍ୟମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ ଏହି ଅବଧି ମଧ୍ୟରେ ରାଜ୍ୟରେ ୨୯୩୩ଟି ଦୁଷ୍କର୍ମ, ୧୨୭୮ଟି ଯୌନ ନିର୍ଯାତନା, ୮୨୨୭ଟି ଅପହରଣ ମାମଲା ରୁଜୁ ହୋଇଛି। ସେହିପରି ୫୪୭୪ଟି ଯୌତୁକ ନିର୍ଯାତନା ମାମଲା ବିଭିନ୍ନ ଥାନାରେ ମଧ୍ୟ ରୁଜୁ କରାଯାଇଛି। ୪୫୪୪ଟି ଦୁଷ୍କର୍ମ ଘଟଣାରେ ୩୮୦୫ ଜଣ ପୁରୁଷ ଏବଂ ୫୭ ମହିଳା ଗିରଫ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୯୪ ଜଣଙ୍କୁ ଦଣ୍ଡବିଧାନ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁସାରେ ଗତ ୧ ବର୍ଷ ମଧ୍ୟରେ ରାଜ୍ୟରେ ମହିଳା ଅସଦାଚରଣ ମାମଲା ବୃଦ୍ଧି ପାଇଛି। ୪୪ଟି ଯୌତୁକ ଜନିତ ଆତ୍ମହତ୍ୟା, ୨୧୬୧ଟି ସର୍ବସାଧାରଣ ସ୍ଥାନରେ ମହିଳାଙ୍କୁ ଦୁର୍ବ୍ୟବହାର, ୧୨୭୮ ଯୌନ ନିର୍ଯାତନା, ୨୨୪ ଶାରିରୀକ ସମ୍ପର୍କ ରଖି ବିବାହ ନ କରିବା ଆଦି ମାମଲା ରୁଜୁ ହୋଇଛି ।

# ୧୫ ମାସରେ ୧୫ ଆତ୍ମାହୁତି

ଭୁବନେଶ୍ୱର, ୨୨।୯(ସମିସ): ରାଜ୍ୟରେ ମହିଳାବିରୋଧୀ ଅପରାଧ ବୃଦ୍ଧି ପାଉଥିବା ବେଳେ ଆତ୍ମାହୁତି ଘଟଣା ମଧ୍ୟ ଢେର୍ ବଢ଼ିଛି। କିଏ ନିର୍ଯାତନା ସହି ନପାରି ଆତ୍ମାହୁତି ଦେଇଛି ତ ଆଉ କିଏ ପାରିବାରିକ କଳହରୁ ଏଭଳି ଚରମ ନିଷ୍ପତ୍ତି ନେଇଛି। ବିଶେଷକରି, ଗତ ୧୫ମାସରେ ରାଜ୍ୟରେ ୧୫ଜଣ ଯୁବତୀ ଓ ମହିଳା ଆତ୍ମାହୁତି ଦେଇଛନ୍ତି। ରାଜ୍ୟରେ ପାରିବାରିକ କଳହଠାରୁ ଆରମ୍ଭ କରି ଯୌତୁକ ଓ ମାନସିକ ନିର୍ଯାତନା ମାମଲା ବଢ଼ିଛି। ଏସବୁର ଶିକାର ହେଉଥିବା ଛାତ୍ରୀ ଓ ମହିଳାମାନେ ନିଜକୁ ଜାଳିଦେବା ଭଳି ଚରମ ପଦକ୍ଷେପ ନେଇଛନ୍ତି। ବିଗତ ଦିନରେ ବାଲେଶ୍ୱର, ବଲାଙ୍ଗୀ, ଜଟଣୀ,



ଜଗତପୁର, ରରୁଆଁ, ବ୍ରହ୍ମପୁର ସଦର, ମାହାଙ୍ଗା, ପଟ୍ଟାମୁଣ୍ଡାଇ, ଖଇରା, ରାଉରକେଲା, ସହଦେବଖୁଣ୍ଟା ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ମୋଟ ୧୫ଜଣ ଛାତ୍ରୀ ଓ ମହିଳା ଏଥିରେ ପ୍ରାଣ ହରାଇଛନ୍ତି। ଏ ସଂକ୍ରାନ୍ତରେ ରାଜ୍ୟର ବିଭିନ୍ନ ଥାନାରେ ମୋଟ ୯ଟି ଧର୍ଷବ୍ୟ ଓ ୬ଟି ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ୩ଟି ମାମଲାର ଚାର୍ଜସିଟ୍ ଦାଖଲ ହୋଇଥିବା ବେଳେ ୧୦ଟି ମାମଲାର ତଦନ୍ତ ଏବେ ମଧ୍ୟ ଜାରି ରହିଛି। ଏଥିସହ ୨ଟି ମାମଲା ଫାଇନାଲ୍ ରିପୋର୍ଟ ମିଷ୍ଟେକ୍-ଅଫ୍-ଫ୍ୟାକ୍ଟ କରାଯାଇଛି। ବିଧାୟକ ତୁଷାରକାନ୍ତି ବେହେରାଙ୍କ ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହରେ ଉତ୍ତର ରଖିଛନ୍ତି।

# ଜୀବନ ହାରିଛନ୍ତି ୨୨ ଛାତ୍ରଛାତ୍ରୀ

ଭୁବନେଶ୍ୱର,୨୨।୯(ସମିସ): ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଇଛି। ଗତ ୧୫ ମାସ ମଧ୍ୟରେ ୨୨ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର ଏଭଳି ଉଦବେଗଜନକ ତଥ୍ୟ ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ଏକ ପ୍ରଶ୍ନ ଉତ୍ତରରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁସାରେ, ରାଜ୍ୟର ବିଭିନ୍ନ ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ ଏସବୁ ଆତ୍ମହତ୍ୟା ଘଟଣା ଘଟିଛି। ରାୟଗଡ଼ାରେ ସର୍ବାଧିକ ୪ ଛାତ୍ର ଆତ୍ମହତ୍ୟା କରିଥିବାବେଳେ ଭୁବନେଶ୍ୱରର ଏକ ବିଶ୍ୱବିଦ୍ୟାଳୟରେ ୨ ଜଣ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି।





ଅବସରରୁ ଡି କକ୍‌ଙ୍କ ୟୁ-ଟର୍ନ

▸କ୍ରୀଡ଼ା ପୃଷ୍ଠାରେ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-90 ◆TUESDAY ◆23 SEPTEMBER 2025 ◆PAGE-12 ◆₹ 6.00

◆ବର୍ଷ-୪୩ ◆ସଂଖ୍ୟା-୯୦ ◆ମଙ୍ଗଳବାର ◆୨୩ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦







ଘାରିଛି ରାଜସ୍ୱ ଚିନ୍ତା

# ବିକ୍ରିହେବ ସରକାରୀ ଉଦ୍ୟୋଗ ଅଂଶଧନ

## ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୪୭ ହଜାର କୋଟି ସଂଗ୍ରହ ଲକ୍ଷ୍ୟ

### ଆଇଡିବିଆଇ ଓ ୟୁକୋ ବ୍ୟାଙ୍କରୁ ପୁଞ୍ଜି ପ୍ରତ୍ୟାହାର ନିଷ୍ପତ୍ତି ଚୂଡ଼ାନ୍ତ

### ଜାରିହେବ ଓଏନ୍‌ଜିସି, ଓଏଚ୍‌ପିସି ଓ ଏଲ୍‌ଆଇସିର ଆଇପିଓ



■ **ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି):** କେନ୍ଦ୍ର ସରକାରଙ୍କ ଅଧୀନସ୍ଥ କିଛି ସରକାରୀ ଉଦ୍ୟୋଗ ବିକ୍ରି ହେବ, କିଛି ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର ହେବ। ଅନୁରୂପ ଭାବରେ ଏଲ୍‌ଆଇସି, ଓଏନ୍‌ଜିସି ଓ ଓଏଚ୍‌ପିସି ପରି ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡ଼ିକର ଆଇପିଓ ଜାରି କରି ସରକାର ଅର୍ଥ ସଂଗ୍ରହ କରିବେ। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଏହି କାର୍ଯ୍ୟକ୍ରମ ଜରିଆରେ ୪୭ ହଜାର କୋଟି ଟଙ୍କା ସଂଗ୍ରହ ଲକ୍ଷ୍ୟ ରଖିଛନ୍ତି ଓ ଏହା ୧.୨ ଲକ୍ଷ କୋଟି ଟଙ୍କା ଯାଏ ହୋଇପାରେ ବୋଲି କୁହାଯାଉଛି। କେନ୍ଦ୍ର ସରକାରଙ୍କ ପୁଞ୍ଜି ପ୍ରତ୍ୟାହାର ସଚିବ ଅରୁଣିଶ ଚାୱାଲା ଦେଇଛନ୍ତି ଏହି ସୂଚନା। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରାୟ ଅଧଡ଼ଜନେ ସରକାରୀ କମ୍ପାନୀ ଓ ଉଦ୍ୟୋଗରୁ ଅଂଶଧନ ବା ସେୟାର ବିକ୍ରି ପାଇଁ ଯୋଜନା ରହିଥିବା ସେ ଇଙ୍ଗିତ ଦେଇଛନ୍ତି।

ବିଭିନ୍ନ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ସୂଚନା ଅନୁସାରେ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଆଇଡିବିଆଇ ବ୍ୟାଙ୍କରୁ ପୁଞ୍ଜି ପ୍ରତ୍ୟାହାର କରାଯିବ। ଏହା ସହ ସରକାର ଖୁବ୍ କିଛି ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଅଫର ଫର ସେଲ୍ (ଓଏଫ୍‌ଏସ୍) ଘୋଷଣା କରିବେ ଓ କିଛି କମ୍ପାନୀର ଆଇପିଓ ଜାରି କରାଯିବ। ପୁଞ୍ଜି ପ୍ରତ୍ୟାହାର କରାଯିବାକୁ ଥିବା କମ୍ପାନୀ ମଧ୍ୟରେ ତୈଳ ଓ ପ୍ରାକୃତିକ ବାଷ୍ପ ନିଗମ (ଓଏନ୍‌ଜିସି) ଏବଂ ଜାତୀୟ ଜଳ ବିଦ୍ୟୁତ ନିଗମ(ଏନ୍‌ଏଚ୍‌ପିସି) ଭଳି ରାଷ୍ଟ୍ରାୟତ୍ତ କମ୍ପାନୀ ରହିଛି। ଅନୁରୂପ ଭାବରେ ୟୁକୋ ବ୍ୟାଙ୍କ ଏବଂ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଭଳି ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ଥିବା ସରକାରୀ ଅଂଶଧନ ବିକ୍ରି ହୋଇପାରେ ବୋଲି ଏହି ସୂତ୍ରରୁ ସୂଚନା ମିଳିଛି। ସରକାରୀ ରାଜସ୍ୱ ବୃଦ୍ଧି କରିବା ଓ ବଜାରରେ ନିବେଶକମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ଏହାର ପ୍ରମୁଖ ଲକ୍ଷ୍ୟ ବୋଲି କୁହାଯାଉଛି।

ପ୍ରାକୃତିକ ସମ୍ପଦ କ୍ଷେତ୍ରର ଏକ ସରକାରୀ କମ୍ପାନୀ କିମ୍ବା ଏହାର ସହାୟକ କମ୍ପାନୀର ଚଳିତ ଆର୍ଥିକବର୍ଷରେ ସରକାର ପ୍ରାରମ୍ଭିକ ପବ୍ଲିକ୍ ଅଫର (ଆଇପିଓ) ଆଣିବା ଯୋଜନାରେ ରହିଛନ୍ତି ବୋଲି ଶ୍ରୀ ଚାୱାଲା କହିଛନ୍ତି। ଯଦିଓ ସେ କୌଣସି କମ୍ପାନୀର ନାମ ଘୋଷଣା କରିନାହାନ୍ତି, ତଥାପି ସବୁଜ ଶକ୍ତିର ଉତ୍ସ କ୍ଷେତ୍ରରେ କାର୍ଯ୍ୟ ଆରମ୍ଭ କରିଥିବା ଓଏନ୍‌ଜିସି ବା ଏନ୍‌ଏଚ୍‌ପିସିର ଗ୍ରୀନ୍ ଏନର୍ଜି କମ୍ପାନୀକୁ ଏହା ଇଙ୍ଗିତ କରିଛି। ଉଭୟ କମ୍ପାନୀ ସେମାନଙ୍କର ସବୁଜ ଶକ୍ତି ୟୁନିଟ୍ ଷ୍ଟକ୍ ବଜାରରେ ତାଲିକାଭୁକ୍ତ କରିବାକୁ ଯୋଜନା କରୁଛନ୍ତି।

ଚଳିତ ବର୍ଷ ପ୍ରାରମ୍ଭରେ ସରକାର ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ କିଛି ▸ପୃଷ୍ଠା-୭

୧୦ ବର୍ଷର ତଥ୍ୟ ଆଧାରିତ ସିଏଜି ରିପୋର୍ଟ

# ୨୦୨୨-୨୩ରେ ଓଡ଼ିଶାର ରାଜସ୍ୱ ବଳକା ୧୯,୪୫୬ କୋଟି



ନବୀନଙ୍କ ଶୃଙ୍ଖଳିତ ଆର୍ଥିକ ପରିଚାଳନାକୁ ସିଏଜିର ମୋହର

ଖୁସି ବ୍ୟକ୍ତ ସହ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଜଣାଇଲେ ନବୀନ

■ **ଭୁବନେଶ୍ୱର,୨୨।୯ (ସମିସ):** ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶୃଙ୍ଖଳିତ ଆର୍ଥିକ ପରିଚାଳନାକୁ ଦେଶବ୍ୟାପୀ ବିଭିନ୍ନ ସମୟରେ ପ୍ରଶଂସା କରାଯାଇଛି। ଏକ ଆର୍ଥିକ ନିଅଣ୍ଟିଆ ରାଜ୍ୟରୁ ଓଡ଼ିଶାକୁ ରାଜସ୍ୱ ବଳକା ରାଜ୍ୟରେ ରୂପାନ୍ତରିତ କରିବା ପଛରେ ନବୀନଙ୍କ ନେତୃତ୍ୱ ଏବଂ ପ୍ରଭାବୀ ଶାସନ ପ୍ରଣାଳୀ ଜାତୀୟସ୍ତରରେ ଉଚ୍ଚ ପ୍ରଶଂସିତ ହୋଇଛି। ନବୀନଙ୍କ ଏହି ଆର୍ଥିକ ସୁପରିଚାଳନା ଉପରେ ମୋହର ମାରିଛନ୍ତି ସିଏଜି। ୨୦୨୨-୨୩ ଆର୍ଥିକ ବର୍ଷରେ ଓଡ଼ିଶା ଦେଶରେ ଶ୍ରେଷ୍ଠ ୩ ରାଜସ୍ୱ ବଳକା ରାଜ୍ୟରେ ସାମିଲ ହୋଇଛି ଓଡ଼ିଶା। ୨୦୧୩-୧୪ରୁ ୧୦ ବର୍ଷର ନବୀନ ସରକାରଙ୍କ ଆର୍ଥିକ ପରିଚାଳନାକୁ ଅନୁଶୀଳନ କରି ଏଭଳି ରିପୋର୍ଟ ପ୍ରକାଶ କରିଛନ୍ତି ମହାଲେଖାକାର। ସିଏଜିଙ୍କ ଉପରୋକ୍ତ ରିପୋର୍ଟକୁ ନେଇ ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ଖୁସିବ୍ୟକ୍ତ କରିଛନ୍ତି ନବୀନ।

ସିଏଜିଙ୍କ ତଥ୍ୟ ଅନୁଯାୟୀ ୨୦୨୨-୨୩ରେ ରାଜ୍ୟର ବଳକା ରାଜସ୍ୱ ୧୯,୪୫୬ କୋଟି ଥିଲା। ଯାହା ସମଗ୍ର ଦେଶରେ ତୃତୀୟ। ୨୦୦୦ ମସିହାରେ ନବୀନ ଓଡ଼ିଶାର ଦାୟିତ୍ୱ ନେବା ସମୟରେ ଓଡ଼ିଶା ଏକ ଅଭାବୀ ତଥା ଆର୍ଥିକ ନିଅଣ୍ଟିଆ ରାଜ୍ୟ ଭାବେ ପରିଗଣିତ ହେଉଥିଲା। କର୍ମଚାରୀଙ୍କୁ ଦରମା ଦେବାକୁ ସରକାରଙ୍କ ପାଖରେ ଅର୍ଥ ନ ଥିବା ବେଳେ ରାଜ୍ୟର ଆର୍ଥିକ ସ୍ଥିତି ବେଶ୍ ଚିନ୍ତାଜନକ ରହିଥିଲା। ମାତ୍ର ନେତୃତ୍ୱ ନେବାର କିଛିବର୍ଷ ମଧ୍ୟରେ ନବୀନ ଓଡ଼ିଶାର ଅର୍ଥନୀତିକୁ ସବଳ, ସୁସ୍ଥ ଭାବେ ଗଢ଼ି ତୋଳିଥିଲେ। ଫଳସ୍ୱରୂପ ବ୍ୟାପକ ସଂସ୍କାର ଫଳରେ ୨୦୦୬ ମସିହା ପରଠାରୁ ଓଡ଼ିଶା କ୍ରମାଗତ ଭାବେ ନିଜର ଆର୍ଥିକ ବଳକା ସ୍ଥିତି ବଜାୟ ରଖି ଆସୁଛି। ଏହାକୁ ନେଇ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ ଖୁସିବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ ସୁଚିନ୍ତିତ ଯୋଜନା, ଆର୍ଥିକ ▸ପୃଷ୍ଠା-୭

ଦୁଇ ଲଘୁଚାପ ଆଣୁଛି ବଡ଼ ବର୍ଷା

# ଏଥର ଫିକା ପଡ଼ିବ ପାର୍ବଣ !

■ **ଭୁବନେଶ୍ୱର, ୨୨।୯ (ସମିସ):** ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇଥିବାବେଳେ ତା' ପଛକୁ ଦାନା ବାନ୍ଧୁଛି ଆଉ ଗୋଟିଏ ଲଘୁଚାପ। ଏହା ଆସନ୍ତା ୨୫ ତାରିଖରେ ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଫଳରେ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ଲାଗି ରହିବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସମ୍ଭାବ୍ୟ ଲଘୁଚାପ ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହାଦ୍ୱାରା ରାଜ୍ୟର ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ତେଣୁ ଏଥର ପାର୍ବଣ ଫିକା ପଡ଼ିବାର ଆଶଙ୍କା ରହିଛି।

ସୋମବାର ସକାଳେ ଉତ୍ତର-ପୂର୍ବ ବଙ୍ଗୋପସାଗର ଏବଂ ଏହାର ଆଖପାଖ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ସହିତ ଜଡ଼ିତ ଘୂର୍ଣ୍ଣିବଳୟ ସମୁଦ୍ର ପତ୍ତନଠାରୁ ୫.୮ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପୀ ରହିଛି। ଏହା ଆଗାମୀ ୨୪ ଘଣ୍ଟା ମଧ୍ୟରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରର ଆଡ଼କୁ ଗତି କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି। ସୋମବାର ସନ୍ଧ୍ୟା ସୁଦ୍ଧା କୋରାପୁଟରେ ସର୍ବାଧିକ ୮୦ ମିମି ବର୍ଷା ହୋଇଥିବା ବେଳେ ଟିଟିଲାଗଡ଼ ଓ ସମ୍ବଲପୁରରେ ୩୯ ମିମି ଲେଖାଏଁ ବର୍ଷା ରେକର୍ଡ କରାଯାଇଛି। ▸ପୃଷ୍ଠା-୭

ବିଧାନସଭାରେ ଗର୍ଜିଲା ବିଜେଡି

# ଗୃହ ଚାଲିଲା ୭ ମିନିଟ୍

ଧୋଇଗଲା ପ୍ରଥମାର୍ଦ୍ଧ

## 'ପଞ୍ଚାୟତିରାଜ ବ୍ୟବସ୍ଥାର ହତ୍ୟା ଚଳିବ ନାହିଁ' ନାରାରେ କମ୍ପିଲା ଗୃହ

■ **ଭୁବନେଶ୍ୱର, ୨୨।୯ (ସମିସ):** ପଞ୍ଚାୟତିରାଜ ବ୍ୟବସ୍ଥାକୁ ରାଜ୍ୟ ସରକାର ହତ୍ୟା କରୁଥିବା ଅଭିଯୋଗ କରି ସୋମବାର ପ୍ରଥମାର୍ଦ୍ଧ ଅଚଳ କରିଛି ମୁଖ୍ୟ ବିରୋଧୀ ଦଳ ବିଜେଡି। ପଞ୍ଚାୟତିରାଜ ବ୍ୟବସ୍ଥାରେ ରାଜ୍ୟ ସରକାର ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରି ବାବୁରାଜକୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ ଆଣି ବିଜେଡି ବିଧାୟକମାନେ ଗୃହରେ ପ୍ରବଳ ନାରାବାଜି କରିଥିଲେ। ଫଳରେ ମାତ୍ର ୭ ମିନିଟ ଗୃହ ଚାଲିବା ପରେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ରଖିଥିଲେ।



ଗୃହ ବାହାରେ ବିଜେଡିର ପ୍ରତିକ୍ରିୟା, ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତା ସଙ୍କୁଚିତ କରି ଐତିହାସିକ ତ୍ରୁଟି କରିଛନ୍ତି ସରକାର

ସୋମବାର ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିଜେଡି ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ପ୍ରବଳ ହଟ୍ଟଗୋଳ କରିଥିଲେ। ହାତରେ ପ୍ଲାକାର୍ଡ, ପୋଷ୍ଟର ଦେଇ ରାଜ୍ୟ ସରକାରଙ୍କ ବିରୋଧରେ ପ୍ରବଳ ନାରାବାଜି କରିଥିଲେ ବିଜେଡି ବିଧାୟକ। ପଞ୍ଚାୟତିରାଜ ବ୍ୟବସ୍ଥା ଉପରେ କୁଠାରଘାତ ଚଳିବ ନାହିଁ, ଡବଲ ଇଞ୍ଜିନ ସରକାର ହାଏ ହାଏ, ମୋହନ ସରକାର ଡାଉନ ଡାଉନ, ନାରାରେ ଗୃହ କମ୍ପାଇଥିଲେ ବିଜେଡି ସଦସ୍ୟ। ଏହି ସମୟରେ ସନାତନ ବିଜୁଳିଙ୍କର ଏକ ତାରକା ପ୍ରଶ୍ନର ଉତ୍ତର ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରଖୁଥିବା ବେଳେ ବିଜେଡି ସଦସ୍ୟଙ୍କ ନାରାବାଜି ଯୋଗୁଁ ଏହା ଶୁଣାଯାଉ ନ ଥିଲା। ଏପଟରେ ଗୃହ ନ ଚାଲିବା ପ୍ରତିବାଦରେ କଂଗ୍ରେସ ସଦସ୍ୟମାନେ ନିଜ ନିଜ ଆସନରେ ଛିଡ଼ାହୋଇ ପୋଷ୍ଟର ଦେଖାଇ ପ୍ରତିବାଦ କରିଥିଲେ। ବାଚସ୍ପତିଙ୍କ ବାରମ୍ବାର ଅନୁରୋଧ ସତ୍ତ୍ୱେ ବିଜେଡି ସଦସ୍ୟ ନିଜ ନିଜ ଆସନକୁ ନ ଫେରିବାରୁ ବାଚସ୍ପତି ଗୃହକୁ ୧୦ଟା ୩୭ ▸ପୃଷ୍ଠା-୭

# କଂଗ୍ରେସର ଅନାସ୍ଥା ନୋଟିସ ଅଗ୍ରାହ୍ୟ

## ଗୃହତ୍ୟାଗ କରି ଗାନ୍ଧିମୂର୍ତ୍ତି ତଳେ କଂଗ୍ରେସ ସଦସ୍ୟଙ୍କ ଧାରଣା



ବାଚସ୍ପତିଙ୍କ ଜରିଆରେ ଶାସକ ଦଳ ଗଣତନ୍ତ୍ରକୁ ହତ୍ୟା କରିଛି

■ **ଭୁବନେଶ୍ୱର, ୨୨।୯ (ସମିସ):** ରାଜ୍ୟ ସରକାରଙ୍କ ବିରୋଧରେ କଂଗ୍ରେସ ପକ୍ଷରୁ ଆଗତ ଅନାସ୍ଥା ପ୍ରସ୍ତାବ ନୋଟିସକୁ ଅଗ୍ରାହ୍ୟ କରିଛନ୍ତି ବାଚସ୍ପତି ସୁରମା ପାଢ଼ୀ। ସୋମବାର ଅପରାହ୍ଣରେ ଏ ସଂକ୍ରାନ୍ତରେ ରୁଲିଂ ଦେଇ ବାଚସ୍ପତି କହିଛନ୍ତି ଯେ ଅନାସ୍ଥା ନୋଟିସ୍ ହସ୍ତଗତ ହେବାର ପରଦିନ ଏହାକୁ ଗୃହକୁ ଆଣିବାକୁ ନିର୍ଦ୍ଦେଶ ▸ପୃଷ୍ଠା-୭

ଉପାନ୍ତରେ ବର୍ଷା ବିପ୍ରାତ

# ବିପଦରେ ବଣ୍ଡା, କଳିଙ୍ଗା ଘାଟି

ବଣ୍ଡାଘାଟି ରାଜପଥ ତଳୁ ଧସିଲା ମାଟି



■ **ଖଇରପୁଟ, ୨୨।୯ (ସମିସ):** ମାଲକାନଗିରି ଜିଲ୍ଲା ବଣ୍ଡାଘାଟି ଅଞ୍ଚଳକୁ ଯାତାୟାତ କରିବା ବିପଦମୟ ହୋଇପଡ଼ିଛି। ଜିଲ୍ଲାର ଖଇରପୁଟ ବ୍ଲକ ସଦର ମହକୁମାରୁ ବଣ୍ଡାଘାଟିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ମାଙ୍କଡ଼ଝୋଲା ନିକଟରେ ରାସ୍ତା ତଳୁ ମାଟି ଖସିବା ଫଳରେ ଯାତାୟାତ ବିପଦପୂର୍ଣ୍ଣ ହୋଇ ପଡିଛି। ଗତ କିଛି ଦିନ ଧରି ଅବିରତ ପ୍ରବଳ ବର୍ଷା ପାଇଁ ପାହାଡ଼ରୁ ଆସୁଥିବା ବର୍ଷାଜଳ ସିଧାସଳଖ ରାସ୍ତା ଉପରେ ପଡ଼ିଥିବାରୁ ରାସ୍ତାର ▸ପୃଷ୍ଠା-୭

କଳିଙ୍ଗା ଘାଟିରୁ ପୁଣି ଖସିଲା ପଥର



■ **ଜି.ଉଦୟଗିରି, ୨୨।୯ (ସମିସ):** ଗଞ୍ଜାମ-କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟି ରାସ୍ତା ଆଜି ପୁଣି ଧୋଇଯାଇଛି। ମଙ୍ଗଳବାର ହୋଇଥିବା ଭୂ-ସ୍ଖଳନରେ ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ଏଠାରେ ନିର୍ମାଣ କାମ ଚାଲିଥିଲା। କିନ୍ତୁ, ପ୍ରବଳ ବର୍ଷା ଯୋଗୁଁ ଆଜି ପାହାଡ଼ରୁ ବଡ଼ବଡ଼ ପଥର ଖସିବା ସହ ମାଟି ଅତଡ଼ା ଧସିଥିଲା। ଏହାସହ ପାହାଡ଼ ଉପରୁ ଅତି ଜୋର୍‌ରେ ପାଣିସ୍ରୋତ ଆସିବାରୁ ସେଠାରେ କାମ କରୁଥିବା ଶ୍ରମିକମାନେ ଭୟରେ ଦୌଡ଼ି ପଳାଇଥିଲେ। ଏଥିରେ, ▸ପୃଷ୍ଠା-୭

ସତର୍କ କଲା ଗୁଇନ୍ଦା ବିଭାଗ

# ଓଡ଼ିଶାରେ ଛତିଶଗଡ଼ୀ ମାଓବାଦୀ

- ସଂଗଠନ ମଜଭୁତ କରୁଛନ୍ତି ୧୦ ମାଓନେତା
- ମାଓବାଦୀ ପ୍ରତିଷ୍ଠା ସପ୍ତାହରେ ହିଂସା ଆଶଙ୍କା
- ରାତିଟ୍ରେନରେ ସୁରକ୍ଷା ବଢ଼ାଇବାକୁ ପରାମର୍ଶ



■ **ଭୁବନେଶ୍ୱର, ୨୨।୯ (ସମିସ):** ଛତିଶଗଡ଼ରେ ଯବାନଙ୍କ ଘନଘନ ସର୍ଚ୍ଚ ଅପରେସନ୍‌ରେ ମାଓବାଦୀମାନେ ଧରାଶାୟୀ। ତେଣୁ ସଙ୍ଗଠନ ବଞ୍ଚାଇ ରଖିବା ପାଇଁ ସେମାନେ ଓଡ଼ିଶାରେ ପ୍ରବେଶ କରିଛନ୍ତି। ବିଶେଷ କରି କନ୍ଧମାଳ, କୋରାପୁଟ, ମାଲକାନଗିରିରେ ମାଓବାଦୀମାନେ ନିଜର ଆଡ୍ଡା ଜମାଉଛନ୍ତି ଓ ୧୦ ମାଓନେତା ସଙ୍ଗଠନକୁ ସୁଦୃଢ଼ କରିବାକୁ ଉଦ୍ୟମ ଚଳାଇଛନ୍ତି। ତେଣୁ ମାଓ ପ୍ରତିଷ୍ଠା ସପ୍ତାହରେ ହିଂସାକାଣ୍ଡ ବୃଦ୍ଧି ଆଶଙ୍କା ରହିଛି ବୋଲି ଓଡ଼ିଶା ପୁଲିସକୁ ସତର୍କ କରିଛି ଗୁଇନ୍ଦା ବିଭାଗ। ଏହା ସହ ମାଓବାଦୀ ପ୍ରଭାବିତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ଦୃଢ଼ କରାଯିବା ଓ ରାତିରେ ଚଳାଚଳ କରୁଥିବା ଟ୍ରେନ୍‌ରେ ଆର୍‌ପିଏଫ୍‌ଙ୍କ ସଂଖ୍ୟା ବୃଦ୍ଧି କରିବାକୁ ଗୁଇନ୍ଦା ବିଭାଗ ପରାମର୍ଶ ଦେଇଛି।

ବର୍ତ୍ତମାନ ଏକ ସପ୍ତାହ ଧରି ମାଓବାଦୀ ପ୍ରତିଷ୍ଠା ଦିବସ ସପ୍ତାହ ପାଳନ କରାଯାଉଛି। ଏହା ସେପ୍ଟେମ୍ବର ୨୧ ତାରିଖରୁ ସେପ୍ଟେମ୍ବର ଶେଷ ଯାଏ ଚାଲିବ। ଏହି ସମୟରେ ମାଓବାଦୀମାନେ ସେମାନଙ୍କର ଉପସ୍ଥିତି ଜାହିର ପାଇଁ ହିଂସାକାଣ୍ଡ ଘଟାଇବାର ଆଶଙ୍କା ରହିଛି। ଛତିଶଗଡ଼ରେ ନିଜର ସ୍ଥିତି ଦୁର୍ବଳ ହୋଇପଡ଼ିଥିବା ବେଳେ ଓଡ଼ିଶାରେ ନିଜର ସଂଗଠନକୁ ବଢାଇବା ପାଇଁ ସେମାନେ ଉଦ୍ୟମ ଚଳାଇଛନ୍ତି। ତେଣୁ ଚକ୍ରଧରପୁର ଡିଭିଜନର ସୋନୁଆ, ଟୁନିଆ, ଜରେଇକେଲା, ଭାଲୁଲତା ଓ ବିଶ୍ରା ଭଳି ନକ୍ସଲ ପ୍ରଭାବିତ ଷ୍ଟେସନରେ ରେଳ ପ୍ରଶାସନ ଆର୍‌ପିଏଫ୍ କର୍ମଚାରୀଙ୍କ ସଂଖ୍ୟା ବଢାଇବାକୁ କୁହାଯାଇଛି। ବିଶେଷ କରି ରାତ୍ରିକାଳୀନ ଟ୍ରେନଗୁଡ଼ିକରେ ଆର୍‌ପିଏଫ୍ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି ସହ ମାଓ ପ୍ରଭାବିତ ଅଞ୍ଚଳରେ ରାତିରେ ଧୀରେ ଯାତ୍ରା କରିବାକୁ ଟ୍ରେନ୍ ଚାଳକମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ନକ୍ସଲ ସଂଗଠନରେ ପୂର୍ବରୁ ରାଜ୍ୟ ରାଜ୍ୟ ମଧ୍ୟରେ ଥିବା କମିଟିଗୁଡ଼ିକରେ ତାଳମେଳ ▸ପୃଷ୍ଠା-୭

## କାଠ ବୋଝେଇ ଗାଡ଼ି ଜବତ

ଉମରକୋଟ,୨୨।୯ (ସମିସ): କୌଣସି ସୂତ୍ରରୁ ଖବର ପାଇ ଗତକାଲି ଅପରାହ୍ନରେ ଉମରକୋଟ ବନ ବିଭାଗ ଭାମିନୀ ପଞ୍ଚାୟତର ଦର୍ପାଗୁଡା ନିକଟରେ ଛକି ରହିଥିଲେ। ଏହି ସମୟରେ ଉକ୍ତ ରାସ୍ତା ଦେଇ ଏକ ନୀଳଗିରି କାଠ ବୋଝେଇ ଟ୍ରାକ୍ଟର ଯାଉଥିଲା। ଯାହା ବନ ବିଭାଗ ହାତରେ ଧରା ପଡିଯାଇଥିଲା। ବନ ବିଭାଗ ଅଧିକାରୀ କହିବାନୁଯାୟୀ ଏହି ଟ୍ରାକ୍ଟର ରେ ଥିବା ଗଣ୍ଡି ଗୁଡିକ ସାମାଜିକ ବନିକରଣ ଜଙ୍ଗଲ ରୁ କଟାଯାଇ ବାହାରକୁ ଚାଲାଣ ହୋଇଥାନ୍ତା। ବିଭାଗୀୟ ଅଧିକାରୀଙ୍କ କହିବାନୁଯାୟୀ ଜବତ ହୋଇଥିବା ଟ୍ରାକ୍ଟର ରେ ୮୦ ରୁ ଅଧିକ ନୀଳଗିରି ଗଣ୍ଡି ରହିଥିଲା। ଜବତ ଟ୍ରାକ୍ଟର କୁ ଉମରକୋଟ ବନ ବିଭାଗ କାର୍ଯ୍ୟାଳୟ ଠାରେ ଅଟକ ରଖାଯାଇଛି। ଏବେ ଉମରକୋଟ ବନବିଭାଗ ଆକ୍ସନ ମୁଡ଼ରେ କାଠ ମାଫିଆ ଙ୍କୁ ଧରିବା ପାଇଁ ପଇଁତରା ମାରୁଥିବା ଦେଖିବାକୁ ମିଳିଛି।

### ମଙ୍ଗଳ ବିଭାଗର ହଷ୍ଟେଲ ସାମଗ୍ରୀ କିଣାରେ ଦୁର୍ନୀତି

# ଭିଜିଲାନ୍ସ ତଦନ୍ତ ଦାବି କଲା ବିଜେଡି

ନବରଙ୍ଗପୁର,୨୨।୯ (ସମିସ):

ଗତ ଜୁଲାଇ ୪ତାରିଖରେ ନବରଙ୍ଗପୁର ବିଜେଡି ପକ୍ଷରୁ ଏକ ସମ୍ବାଦିକ ସମ୍ମିଳନୀରେ ନବରଙ୍ଗପୁର ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗ(ମଙ୍ଗଳ ବିଭାଗ) ର ୧୬୧ଟି ହୋଷ୍ଟେଲ ପାଇଁ ବିଭିନ୍ନ ସାମଗ୍ରୀ କ୍ରୟରେ ଦୁର୍ନିତୀ ହୋଇଛି ବୋଲି ଅଭିଯୋଗ କରାଯାଇଥିଲା। ଏହି ଅଭିଯୋଗକୁ ନେଇ ଭିଜିଲାନ୍ସ ଅଭିଯୋଗ କରିଥିଲେ ପୂର୍ବତନ ସାଂସଦ ପ୍ରତୀପ ମାଝୀ, ଜିଲ୍ଲା ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ। ତେବେ ଅଭିଯୋଗର ୨ମାସ ପରେ ମଧ୍ୟ ଭିଜିଲାନ୍ସ କିଛି କାର୍ଯ୍ୟାନୁଷ୍ଠାନ ନେଇ ନଥିବାରୁ ପୁଣି ଆଜି ପୂର୍ବତନ ସାଂସଦ ତଥା ବିଜେଡି ରାଜ୍ୟ ବରିଷ୍ଠ ସମ୍ପାଦକ ପ୍ରଦୀପ ମାଝୀ ଓ ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀଙ୍କ ସମେତ ଦଳର ନେତା ଏବଂ କର୍ମୀଙ୍କୁ ନେଇ ଭିଜିଲାନ୍ସ ଡିଏସପିଙ୍କ ନିକଟରେ ଏତଲା ଦେଇଛନ୍ତି। ଭିଜିଲାନ୍ସ ଡିଏସପିଙ୍କ ଅନୁପସ୍ଥିତିରେ ଇନ୍‌ସପେକ୍ଟର ଭୀମସେନ ପ୍ରଜାରୀ ଏହାକୁ ଗ୍ରହଣ କରିଛନ୍ତି। ଏତଲା ପ୍ରଦାନ ସମୟରେ ନବରଙ୍ଗପୁର ନଗରସଭାପତି ପ୍ରମୋଦ ରଥ, କାଉନସିଲର ପି କେଶବ ରାଜୁ , କାଉନସିଲର ନେଗେନ୍ଦ୍ର ପଟ୍ଟନାୟକ, କାଉନସିଲର ଅଲେଖ ସୌର।, ପୂର୍ବତନ କାଉନସିଲର ଭୀମ ହରିଜନ, ପୂର୍ବତନ କାଉନସିଲର ଉତ୍ତମ ତ୍ରିପାଠୀ, ବିଜେଡି ୯ ନମ୍ବର୍ ୱାର୍ଡ ସଭାପତି ଦୁର୍ଗା ତ୍ରିପାଠୀ,ଗୋଲକ ମାଝୀ, ରବି ପଟ୍ଟନାୟକ ନେତ୍ରାନନ୍ଦ କଲାର, ଜଗନ୍ନାଥ ବାଘେ, ସୁମିତ ପାଳ, ନନ୍ଦ ନାୟକ, ସଂଜୟ ନାୟକ, ପିଣ୍ଟୁ ଲେଙ୍କା, କୁନା ପାଢ଼ୀ ପ୍ରମୁଖ ଙ୍କ ସମେତ ବହୁ ବିଜେଡି ନେତା ଏବଂ କର୍ମୀ ଉପସ୍ଥିତ ଥିଲେ। ମଙ୍ଗଳ ବିଭାଗର ହୋଇଥିବା ଏହି ସବୁ ଦୁର୍ନୀତି ମଧ୍ୟରେ ଗଦି, କଂସାବାସନ, ମଶାରୀ, ଓ ୪୪ଟି ବାଇଓମେଟ୍ରୀକ ମେସିନ୍ କିଣା ଆଦି ସବୁ ବାବଦରେ ୧କୋଟି ୮୨ଲକ୍ଷ ୬୩ହଜାର ୫୦୦ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ କରି ଏତଲା ଦେଇଛନ୍ତି। ଜିଲ୍ଲା ମଙ୍ଗଳ ଅଧିକାରୀ ଏଥିରେ ସମ୍ପୃକ୍ତ ବୋଲି ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ତତ୍କାଳୀନ ଜିଲ୍ଲାପାଳ ଓ ଜିଲ୍ଲା ମଙ୍ଗଳ ଅଧିକାରୀ ମିଶି ଏହି ରାକେଟକୁ କାର୍ଯ୍ୟକାରୀ କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି ପୂର୍ବତନ ସାଂସଦ ପ୍ରଦୀପ କୁମାର ମାଝୀ।

## ମନ୍ଦିର ଚୂଳରେ ବାନା ବାନ୍ଧିବା ସମୟରେ ମହୁମାଛି ଆକ୍ରମଣ, ଜଣେ ଗୁରୁତର

ଜୟପୁର, ୨୨।୯ (ସମିସ): କୋରାପୁଟ ଜିଲ୍ଲାର ଜୟପୁର ସହରର ଅନ୍ୟତମ ପ୍ରସିଦ୍ଧି ଦେବୀପୀଠ ଜଗତଜନନୀ ମନ୍ଦିର ଠାରେ ଏକ ଆଜି ନବରାତ୍ର ପ୍ରଥମ ଦିବସରେ ବଡ଼ଅଘଟଣ ଘଟିବାରୁ ଅଳ୍ପକେ ବର୍ତ୍ତିଥିଲେ ଜଣେ ଯୁବକ। ଏହିପରି ଜଣେ ଟେଣ୍ଟ ହାଉସର ଯୁବକଙ୍କ କିଛି ଟଙ୍କା ଲାଳସା ଦେଖାଇ ପରିଚାଳନା କମିଟର ଜୈନିକ କର୍ମକର୍ତ୍ତା ଦେବୀଙ୍କ ବାନାକୁ ମନ୍ଦିର ଚୂଳରେ ବାନ୍ଧିବା ପାଇଁ ଉକ୍ତ ଯୁବକ ଲକ୍ଷ୍ମଣ ସତନାମୀଙ୍କୁ ମନ୍ଦିର ପାଶ୍ୱର୍ରେ ଚଢ଼ି ଚୂଳକୁ ପଠାଇଥିଲେ। ଯୁବକ ଚୂଳରେ ଚଢ଼ିବା ମାତ୍ରେ ସେଠାରେ ମହୁମାଛି ମାନେ ଅଚାନକ ଯୁବକଙ୍କୁ ଆକ୍ରମଣ କରିଥିଲେ। ଫଳରେ ଯୁବକ ବ୍ୟସ୍ତ ବିବ୍ରତ ହୋଇ ସେଠାରେ ଗୁରୁତର ଆହତ ହୋଇଥିଲେ। ସେ ମୂର୍ଚ୍ଛିତ ଅବସ୍ଥାକୁ ଚାଲି ଆସିଥିଲେ। ଏହପରି ଯୁବକ ତଳେ ପଡିଯିବାର ମଧ୍ୟ ଭୟ ରହିଥିଲ। କିନ୍ତୁ ଟେଣ୍ଟହାଉସର ଅନ୍ୟ ଜଣେ ଯୁବକ ନିଜକୁ କପଡାରେ ଘୋଡାଇ ହୋଇ ଉପରେ ଚଢ଼ି ମୂର୍ଚ୍ଛିତ ବାନା ବାନ୍ଧିବାକୁ ଯାଇଥିବା ଯୁବକଙ୍କ ଚୂଳ ଉପରେ ଧରି ବସିରହିଲେ। ଏହିପରି ମୂର୍ଚ୍ଛିତ ଯୁବକଙ୍କ ତଳକୁ ଓହ୍ଲାଇବାରେ ମଧ୍ୟ ସମ୍ଭବପର ହୋଇପାରିନଥିଲା। ଅଗ୍ନିଶମ ବିଭାଗକୁ ସୂଚନା ଦିଆଯାଇଥିଲା। ସହକାରୀ ଅଗ୍ନିଶମ ଅଧିକାରୀ ସୁରେଶ କୁମାର ବାରିକଙ୍କ ନେତୃତ୍ୱରେ ଏକ ଦଳ ମହୁମାଛି ଆକ୍ରମଣରୁ ବର୍ତ୍ତିବା ପାଇଁ ଏକ ସ୍ୱତନ୍ତ୍ର ପୋଷାକ ପିନ୍ଧି ଉପରୁକ ଚଢ଼ି ଦୌଡି ବାନ୍ଧି ଦୁଇ ଯୁବକଙ୍କ ଦୀର୍ଘ ଦେଢଘଣ୍ଟାର ଉଦ୍ଧାରକାର୍ଯ୍ୟ ପରେ ଉଦ୍ଧାର କରିଥିଲେ। ଏହିପରି ମୂର୍ଚ୍ଛିତ ଗୁରୁତର ଯୁବକ ଲକ୍ଷ୍ମଣଙ୍କୁ ତୁରନ୍ତ ଜିଲ୍ଲା ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ମାନେ ତାଙ୍କ ଦେହରୁ ମହୁମାଛି କଣ୍ଟା ବାହାର କରିବା ସହିତ ଉପଯୁକ୍ତ ଚିକିତ୍ସା ପରେ ତାଙ୍କ ଚେତା ଫେରିଥିଲା।

## ଅଜଣା ମୃତଦେହ ଉଦ୍ଧାର

ନବରଙ୍ଗପୁର,୨୨।୯ (ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ବଡ଼ଡାଇଭଙ୍ଗା ଗ୍ରାମ ନିକଟ ଇନ୍ଦ୍ରାବତୀ ନଦୀ ଉପରେ ନିର୍ମାଣଧୀନ ରେଳ ପୋଲ ନିକଟରେ ଭାସୁଥିବା ଅବସ୍ଥାରେ ଅଜଣା ଶବ ଉଦ୍ଧାର ହୋଇଛି। ସୋମବାର ସକାଳୁ ସ୍ଥାନୀୟ ବାସିନ୍ଦା ନଦୀରେ ଏକ ଶବ ଭାସୁଥିବା ଦେଖି ଅଗ୍ନିଶ୍ରମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ନବରଙ୍ଗପୁର ଅଗ୍ନିଶ୍ରମ ବିଭାଗ ପକ୍ଷରୁ ଘଟଣା ସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିଛନ୍ତି।

## ସେମିଳିଗୁଡାକୁ ଉପଖଣ୍ଡ ମାନ୍ୟତା ପାଇଁ ଦାବି



କୋରାପୁଟ,୨୨।୯ (ସମିସ): ସେମିଳିଗୁଡାକୁ ରାଜସ୍ୱ ଉପଖଣ୍ଡ ଘୋଷଣା ଦାବି ନେଇ ସେମିଳିଗୁଡା ବିକାଶ ପରିଷଦ ପକ୍ଷରୁ ବର୍ଷୀୟାନ ଭୂଦାନ ନେତା କୃଷ୍ଣ ସିଂଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଉପଖଣ୍ଡ ମାନ୍ୟତା ପାଇଁ ସବୁ ପ୍ରକାର ମାନ ଦଣ୍ଡ ସବୁ କ୍ଷେତ୍ର ରେ ଉପଯୁକ୍ତ ରହିଛି। ଯେଉଁଥିରେ ପଟାଙ୍ଗି ସେମିଳିଗୁଡ଼ା ନନ୍ଦପୁର ବ୍ଲକକୁ ନେଇ ସର୍ଭେ ପରେ ଏ ଦାବି ଉଠିଛି। ଉପଖଣ୍ଡ ମାନ୍ୟତା ଘୋଷଣା କରାଗଲେ ପଟାଙ୍ଗି ବ୍ଲକର ଆଭ୍ୟନ୍ତରୀଣ କୋଟିଆ ପଞ୍ଚାୟତର ଗ୍ରାମପୁଞ୍ଜି, ସୁଙ୍କି, ଆମ୍ବାକାଲି, ଜାଣ୍ଟି, ସାଜାମ, ନନ୍ଦପୁର ବ୍ଲକ ସମେତ ଆଖପାଖ ବ୍ଲକର ସମସ୍ତ ଆଭ୍ୟନ୍ତରୀଣ ଅଧିବାସୀମାନେ ବହୁ ସୁବିଧା ସୁଯୋଗ ପାଇପାରିନ୍ତେ ବୋଲି କୋରାପୁଟର ପୂର୍ବତନ ବିଧାୟକ ରଘୁରାମ ପଡାଲ କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପଟ୍ଟାଙ୍ଗୀର ପୂର୍ବତନ ବିଧାୟକ ପୀତମ ପାଢ଼ୀ, ପ୍ରଫୁଲ୍ଲ ପାଙ୍ଗୀ, ସୁନାବେଡା ପୌରପରିଷଦର ଅଧକ୍ଷ ରାଜେନ୍ଦ୍ର ପାତ୍ର, ବ୍ଲକ ଅଧକ୍ଷା ଲିଲି ଅଣ୍ଡାବିରିଆ, ଉପାଧକ୍ଷ ଶିବା ବାଂଗାରୀ, ପୌର ଉପାଧ୍ୟକ୍ଷା ରିତୁ କଣ୍ଡା, ଡ.ଚିତ୍ତ ରଞ୍ଜନ ମିଶ୍ର, ସ୍ନିଗ୍ଧାରାଣୀ ମିଶ୍ର,ଅଜୟ କୁମାର ସାହୁ, ସରପଞ୍ଚ ପିତାମ୍ବର କ୍ରିଶାନି, କାଉନସିଲର ରବୀନ୍ଦ୍ର କୁମାର ପ୍ରଧାନ, ମନୋଜ ସୁନା, ରାମ ବେନିଆ, ପରିଷଦର ବରିଷ୍ଠ କର୍ମକର୍ତ୍ତା ଅନନ୍ତ ମାଟାମ, ଶାହେଦା ପରୱିନ, ଅଶୋକ ପ୍ରଧାନ, ଅମିତ ଅଗ୍ରୱାଲ, ଶେଖ ଇବ୍ରାହିମ, ଆନନ୍ଦ ମୌଳି ପଟ୍ଟନାୟକ, ମମତା ରାୟ, ସମିତି ସଭ୍ୟ ଜିଲ୍ଲା ସଙ୍ଘ ସଭାପତି ଜଗନ୍ନାଥ ହନ୍ତାଳ, ଯୁବ ନେତା ନିରଞ୍ଜନ ଖିଲ, ଜୁନେସ କୁଳଦୀପ, ନାରାୟଣ କୁଳଦୀପ, ଅଭିରାମ ସାମଲ, ଅନନ୍ତ ସେନାପତି, ଜ୍ଞାନରଞ୍ଜନ ମହାନ୍ତି, ରାଜୁ ସାମଲ, ଏମ କେ ଏସ ଭି ରମେଶ , ଦାନୀୟଲ ଖରା ଙ୍କ ସମେତ ସେମିଳିଗୁଡା, ସୁନାବେଡା , ପଟାଙ୍ଗି, ଦାମନଯୋଡ଼ି ଅଞ୍ଚଳର ଶତାଧିକ ଲୋକ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ତେନ୍ତୁଳିଖୁଣ୍ଟି,୨୨।୯ (ସମିସ): ସ୍ଥାନୀୟ ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବ୍ଲକର ବିଭିନ୍ନ ପ୍ରାନ୍ତରୁ ଲୋକେ ଆସି ସେମାନଙ୍କ ସମସ୍ୟା ସମାଧାନ ପାଇଁ ଅଭିଯୋଗ କରିଥିଲେ। ଏଥିରେ ୭ ଗୋଟି ବ୍ୟକ୍ତିଗତ ଓ ୩୬ ଟି ସାମୁହିକ ସମସ୍ୟା ର ସମାଧାନ ପାଇଁ ଅଭିଯୋଗ ଆସିଥିଲା। ତେବେ ସରକାର ଙ୍କ ପକ୍ଷରୁ ପାତ୍ରପୁଟ ଠାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନ କରିବା ବ୍ୟବସ୍ଥା ହେଲେ ଅଂଚଳ ର ଛାତ୍ରଛାତ୍ରୀ ବହୁଳ ମାତ୍ରାରେ ଉପକୃତ ହୋଇପାରନ୍ତେ ବୋଲି ପ୍ରହଲ୍ଲାଦ ହିଆଲ,ଭୀମସେନ ପାଣିଗ୍ରାହୀ,ଭବାନୀ ବିଷୋୟୀ,ପ୍ରଭାତୀ କନ୍ଧ,ଦିଲ୍ଲୀପ ପ୍ରଧାନୀ,ଡମ୍ବୁରୁ ଭତରା,ମନମୋହନ ଦଳପତିଙ୍କ ସମେତ ବରିଷ୍ଠ ନାଗରିକ ଜିଲ୍ଲାପାଳ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଝରିଗୁମ୍ମା ହାଇସ୍କୁଲ ଠାରେ କ୍ରୀଡା ଶିକ୍ଷକ ପଦବୀ ପୂରଣ ପାଇଁ ଝରିଗୁମ୍ମା ସରପଞ୍ଚ ମନମୋହନ ଦଳପତି ଅଭିଯୋଗ କରିଥିଲେ। ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଳ ଗୁମ୍ମା ପଞ୍ଚାୟତ ଅନ୍ତର୍ଗତ ଚିତ୍ରକୋଟ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପାଇଁ ସମାଜସେବୀ କାଁହୁସିଂ ସାଧୁ ଜିଲ୍ଲାପାଳ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ବ୍ୟକ୍ତିଗତ ଓ ସ୍ୱାସ୍ଥ୍ୟଗତ ସମସ୍ୟା ସାଙ୍ଗକୁ ଭତ୍ତା,ଆବାସ ଗୃହ ସମ୍ପର୍କ ରେ ଅଭିଯୋଗ ହୋଇଥିଲା। ଜନ ଶୁଣାଣି ଶିବିର ରେ ବ୍ଲକ ଅଧକ୍ଷା ନିଁଳେନ୍ଦ୍ରି ନାୟକ,ଉପାଧକ୍ଷ ରାଜେନ୍ଦ୍ର ବିଷୋୟୀ,ବିଡିଓ ମନୋଜ କୁମାର ପାଣିଗ୍ରାହୀ,ନବରଙ୍ଗପୁର ସିଡିଓ ବିରଞ୍ଚି ନାରାୟଣ ଦରୱାନ,ଆରକ୍ଷୀ ଅଧିକ୍ଷକ ଏସ ପି ଶ୍ରୀ ମଡକାର ସନ୍ଦୀପ ସମ୍ପତ,ଉପ ଜିଲ୍ଲାପାଳ ପ୍ରକାଶ ମିଶ୍ର,ପିଏ ଆଇଟିଡିଏ ରାଜୀବ ସାହୁ,ଡି ଡବ୍ଲୁଓ ପାଲକା ରବୀନ୍ଦ୍ର ଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ। ଅଭିଯୋଗ ଆସିଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

## ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା




ଜୟପୁର, ୨୨।୯ (ସମିସ):

କୋରାପୁଟ ଜିଲ୍ଲା ଜୟପୁର ବ୍ଲକର ୨୨ ଟି ଗ୍ରାମପଞ୍ଚାୟତରେ କାର୍ଯ୍ୟରତ ପ୍ରାୟ ୨ଶହ ଜଣ ମହିଳା ଗୋଷ୍ଠୀ ସହାୟକା କର୍ମୀ (ସିଏସଓ) ମାନେ ଏକତ୍ରୀତ ହୋଇ ବ୍ଲକ ପରିସରରେ ରହିଥିବା ଜୀବିକା ମିଶନ କାର୍ଯ୍ୟାଳୟରେ ତାଲା ଦେଇଥିବା ବେଳେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଆରମ୍ଭ କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହିପରି କାର୍ଯ୍ୟବନ୍ଦ ଧାରଣା ଜାରୀ ରହିବ ବୋଲି ଜୟପୁର ବ୍ଲକ ସଭାପତି ମମତା ରଣା, ସମ୍ପାଦକ ଏ. ମାଧୁରୀ, ରେଣୁକା ମହାନ୍ତି, ସାବିତ୍ରୀ ଗାଜବା,ମହାଲକ୍ଷ୍ମୀ ପଣ୍ଡା, କାଜଲ ନାଗ, ଆଶା ଗୌଡ,ଟିକି ବିଶୋୟୀ, ବତୀ ଗାଦବା, ଲୀନା ପରିବିନ ନାଗ ପ୍ରମୁଖ ସମସ୍ତ ସିଏସଏସ ସାମିଲ ହୋଇଥିଲେ। ଏହି ଆନ୍ଦୋଳନରେ ଜୀବିକା ମିଶନରେ ୬ଟି ଶ୍ରେଣୀର କର୍ମଚାରୀ ଏମବିକେ, ସିଆରପି, ବ୍ୟାଙ୍କ ମିତ୍ର, କୃଷି ମିତ୍ର, ଗତ ଛଅ ମାସ ହେଲା ଦରମା ମିଳନାହିଁ। ଗତ ବିଜେଡି ସରକାର ସମୟରେ ମିଳୁଥିବା ଧାର୍ଯ୍ୟ ଦରମାକୁ ଅପସାରଣ କରି ଦକ୍ଷତା ଭିତିକ ପାରିଶ୍ରମିକ ଦେବାକୁ ବର୍ତ୍ତମାନ ବିଜେପି ପରିଚାଳିତ ସରକାର ନିଷ୍ପତ୍ତି ନେଇଛନ୍ତି। ବିନା ଦରମାରେ ଛଅ ମାସ ହେଲା ସେମାନେ ଦୟନୀୟ ସ୍ଥିତିରେ ଥିବା ଅଭିଯୋଗ କରିଛନ୍ତି। ଏହିପରି ଆସନ୍ତା ପାର୍ବଣ ଋତୁ ପୂର୍ବରୁ ସେମାନଙ୍କ ଗତ ୬ ମାସର ଦରମା ଏବଂ ନିର୍ଦ୍ଧାରିତ ମାସିକ ଦରମା ପ୍ରଦାନ କରିବା ନେଇ ଘୋଷଣା କରାଯାଉ ବୋଲି ଦାବି କରିଛନ୍ତି।

## ରାୟଗଡ଼ା ଉପାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

### ଅକ୍ଟୋବର ୯ରେ ହେବ ଭୋଟିଂ

ରାୟଗଡ଼ା, ୨୨।୯ (ସମିସ): ରାୟଗଡ଼ା ପୌରାଧକ୍ଷା ଶୁଭ୍ରା ପଣ୍ଡାଙ୍କ ବିରୋଧରେ ୧୯ଜଣ କାଉନସିଲରଙ୍କ ଦ୍ୱାରା ଆଗତ ହୋଇଥିବା ଅନାସ୍ଥା ପ୍ରସ୍ତାବ ଉପରେ ଆଜି ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଭୋଟିଂ ପାଇଁ ତାରିଖ ଧାର୍ଯ୍ୟ କରିଥିବା ନୋଟିସ ଜାରି କରିଛନ୍ତ। ଉକ୍ତ ନୋଟିସରେ ଆସନ୍ତା ଅକ୍ଟୋବର ମାସ ୯ ତାରିଖରେ ପୌର ପରିଷଦ କାର୍ଯ୍ୟାଳୟରେ ଅନାସ୍ଥାକୁ ନେଇ ଭୋଟିଂ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ କୁଳଦୀପ କୁମାର ପ୍ରକାଶ କରିଛନ୍ତି। ଏ ନେଇ ସମସ୍ତ କାଉନସିଲରମାନଙ୍କୁ ଚିଠି କରିଦିଆଯିବ ବୋଲି ମଧ୍ୟ କହିଛନ୍ତି। ପ୍ରକାଶ ଥାଉ କି, ବିଜେଡି ସମର୍ଥିତ ପୌର ଉପାଧାକ୍ଷା ଶ୍ରୀମତି ପଣ୍ଡା ବିଜେଡି କାଉନସିଲର ମାନଙ୍କୁ ଆରମ୍ଭ ଦିନରୁ ଅଣଦେଖା କରି ଆସୁଥିବା, କୌଣସି କାମରେ ସହଯୋଗ କରୁ ନ ଥିବା ଆଦି ଅଭିଯୋଗକୁ ନେଇ ଗତ ସେପ୍ଟେମ୍ବର ୧୨ ତାରିଖରେ ଜିଲ୍ଲାପାଳଙ୍କ ନିକଟରେ ୧୯ଜଣ କାଉନସିଲରମାନେ ଜିଲ୍ଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ଦେଇଥିଲେ। ଏହାକୁ ବିଚାରକୁ ନେଇ ଜିଲ୍ଲାପାଳ ଗତ ୨୦ ତାରିଖରେ ଉପଜିଲ୍ଲାପାଳ ରମେଶ ଜେନା ଅନାସ୍ଥା ପ୍ରସ୍ତାବରେ ଦସ୍ତଖତ କରିଥିବା କାଉନସିଲର ମାନଙ୍କ ଦସ୍ତଖତ ଯାଞ୍ଚ କରି ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟକୁ ଆଧାର କରି ଆଜି ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି ଭୋଟିଂ ପାଇଁ ଦିନ ଧାର୍ଯ୍ୟ କରିଛନ୍ତି । ଅନାସ୍ଥାକୁ ନେଇ ଉପାଧାକ୍ଷା ଶ୍ରୀମତୀ ପଣ୍ଡା ମଧ୍ୟ ପୌର ପାଳିକାରେ ଆଉଟସୌର୍ସିଙ୍ଗରେ ହୋଇଥିବା ନିଯୁକ୍ତି ଦୁର୍ନୀତି ଓ ଅନ୍ୟାନ୍ୟ ବିଷୟରେ ଲିଖିତ ଭାବେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## କେସିସି ବ୍ୟାଙ୍କ ସଭାପତିଙ୍କୁ ଘେରିଲେ ବାଦାମ ଚାଷୀ



ବୈପାରୀଗୁଡ଼ା,୨୨।୯ (ସମିସ): କେସିସି ବ୍ୟାଙ୍କ ସଭାପତିଙ୍କୁ ଘେରିଲେ ବାଦାମ ଚାଷୀ। ମଣ୍ଡିରେ ବାଦାମ ଦେଇ ହନ୍ତସନ୍ତ ଚାଷୀ। କାହାର ଟୋକେନ ଥାଇ ମଧ୍ୟ ଲିଷ୍ଟରେ ନାଁ ନାହିଁ, ଆଉ କାହାର ଲିଷ୍ଟରେ ନାଁ ଥାଇ ବି ଆକାଉଣ୍ଟକୁ ଟଙ୍କା ଆସୁନି। ଯାହାକୁ ନେଇ ଆଜି ବୈପାରୀଗୁଡା ପୁରୁଣା ଲ୍ୟାମ୍ପ୍‌ସ କାର୍ଯ୍ୟାଳୟ ଆଗରେ କୋରାପୁଟ କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କୁ ଘେରିଲେ ବାଦାମ ଚାଷୀ। ଚାଷୀଙ୍କ ଅଭିଯୋଗ ଅନୁଯାୟୀ ଭଲ ଦୁଇ ପଇସା ପାଇବା ଆଶା ନେଇ ବୈପାରୀଗୁଡା ଲେମ୍ପସ ମାଧ୍ୟମରେ ମଣ୍ଡିରେ ବାଦାମ ବିକ୍ରି କରିଥିଲେ ଚାଷୀ । ୨୪ଘଣ୍ଟା ମଧ୍ୟରେ ଟଙ୍କା ଆସିବ କୁହାଗଲା କିନ୍ତୁ ୩ ମାସ ପର୍ଯ୍ୟନ୍ତ ଟଙ୍କା ଆସିଲାନି । ଶେଷରେ ଲ୍ୟାମ୍ପ୍‌ସରେ ଗତ କିଛି ଦିନ ପୂର୍ବେ ତାଲା ଦେଇ ଅଫିସ ଆଗରେ ଧାରଣା ରେ ବସିଲେ ବାଦାମ ଚାଷୀ। ମାର୍କଫେଡ଼ ପକ୍ଷରୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନରୁ ଓହରି ଥିଲେ ଚାଷୀ । ମୋଟ ୨୩୯ ବାଦାମ ଚାଷୀଙ୍କ ମଧ୍ୟରୁ ୧୬୭ ଚାଷୀଙ୍କ ଆକାଉଣ୍ଟ କୁ ଟଙ୍କା ଆସିଲା ଆଉ ୬୨ ଚାଷୀଙ୍କ ଆକାଉଣ୍ଟ କୁ ଟଙ୍କା ଆସିଲା ନାହିଁ । ସେହିପରି ମୋଟ ୭ ଜଣ ଚାଷୀଙ୍କ ଠାରୁ ପ୍ରାୟ ଏକ ଶହ କ୍ୱିଣ୍ଟାଲ ବାଦାମ ନେଇ ଚାଷୀଙ୍କୁ ଟୋକେନ ଦିଆଯାଇଛି। କିନ୍ତୁ ସେମାନଙ୍କ ଲିଷ୍ଟରେ ନାଁ ନାହିଁ ବୋଲି ଅଭିଯୋଗ କରିଛନ୍ତି ଚାଷୀ । ନକଲି ବାଦାମ ଚାଷୀଙ୍କ ଆକାଉଣ୍ଟ କୁ ଟଙ୍କା ଆସିଥିବା ବେଳେ ପ୍ରକୃତ ଚାଷୀଙ୍କୁ ଭୁଲିଯାଇଛି ମାର୍କଫେଡ଼। ଏନେଇ ଆଜି କେସିସି ବ୍ୟାଙ୍କ ସଭାପତି ଈଶ୍ୱର ପାଣିଗ୍ରାହୀଙ୍କୁ ସମସ୍ୟା ସମାଧାନ ପାଇଁ ଦାବି କରିଥିବା ବେଳେ ସଭାପତି କହିଛନ୍ତି ଜିଲ୍ଲା ପ୍ରଶାସନ ସହ ଆଲୋଚନା କରି ସମସ୍ୟା ସମାଧାନ କରାଯିବ

## ● ପୋଲ ଉପରେ ପାଣି

## ସ୍କୁଲରୁ ଘରକୁ ଫେରି ପାରିଲେନି ଛାତ୍ରଛାତ୍ରୀ

ପୋଡ଼ାଗଡ଼, ୨୨।୯ (ସମିସ):

ବଙ୍ଗାଳାଗୁଡା ଅସ୍ଥାୟୀ ପୋଲ ଉପରେ ପାଣି, ଯାତାୟାତ ବାଧାପ୍ରାପ୍ତ। ଦୁଇଟି ଗ୍ରାମର ୮ ଜଣ ପିଲା ଆଶ୍ରୟ ନେଇଛନ୍ତି ଲେନ୍ଦ୍ରୀମାଳିଗୁଡ଼ା ବିଦ୍ୟାଳୟରେ। କୋରାପୁଟ,କୋରାପୁଟ ଜିଲ୍ଲାରେ ଆଜି ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବଙ୍ଗଳାଗୁଡା ଅସ୍ଥାୟୀ ପୋଲ ଉପରେ ୫ ଫୁଟ ଉଚ୍ଚରେ ପାଣି ଯାଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ଜଣାପଡିଛି। ଅସଂଖ୍ୟ ଯାନବାହାନ ଦୁଇ ପାଶ୍ୱର୍ରେ ଅଟକି ରହିଛି ।କୋରାପୁଟ ସଦର ପୋଲିସ ଓ କାକିରିଗୁମା ପୁଲିସ ଜଗି ରହିଛନ୍ତି। ଅପରାହ୍ନରେ ପ୍ରବଳ ବର୍ଷା ଯୋଗୁଁ ପୋଲ ଉପରେ ପାଣି ଯାଉଥିବାରୁ ଲେନ୍ଦ୍ରୀମାଳିଗୁଡ଼ା ବିଦ୍ୟାଳୟରେ ଦୁଇଟି ଗ୍ରାମର ୮ ଜଣ ପିଲା ଆଶ୍ରୟ ନେଇଥିବା ଜଣାପଡିଛି। ବଙ୍ଗଳଗୁଡା ଓ ଏକଟାଗୁଡା ଗ୍ରାମର ୪ ଜଣ ଲେଖାଏଁ ଆଶ୍ରୟ ନେଇଥିବା ସିଆରସିସି ତ୍ରିଲୋକେଶ ପଣ୍ଡା କହିଛନ୍ତି ।ଦୀପକ କୁମାର ବେହେରା ନାମକ ଶିକ୍ଷକ ଉପସ୍ଥିତ ରହି ପିଲାମାନଙ୍କ ପାଇଁ ରାତ୍ରୀ ଭୋଜନର ବ୍ୟବସ୍ଥା କରିଛନ୍ତି।

## ନୂତନ ଜିଲ୍ଲାପାଳଙ୍କ ପ୍ରଥମ ଅଭିଯୋଗ ଶୁଣାଣି

ଲକ୍ଷ୍ମୀପୁର,୨୨।୯ (ସମିସ) କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରେ ୨୨ତାରିଖ ଦିନ ନୂତନ ଜିଲ୍ଲାପାଳ ମନୋଜ ମହାଜନଙ୍କ ପ୍ରଥମ ଯୁଗ୍ମ ଅଭିଯୋଗ ଶୁଣାଣି ଅଭିଯୋଗ ପ୍ରକୋଷ୍ଠରେ ୭୧ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଛି। ତହିଁ ମଧ୍ୟରୁ ୨୪ଟି ବ୍ୟକ୍ତିଗତ ରହି ଥିବା ବେଳେ ୪୭ଟି ସାମୂହିକ ରହି ଥିବା ବ୍ଲକ ପକ୍ଷରୁ ଜଣାପଡିଛି। ଜିଲ୍ଲାପାଳ ସମସ୍ତ ଅଭିଯୋଗ ପତ୍ର ଗ୍ରହଣ କରି ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ସମାଧାନ ପାଇଁ ନିର୍ଦ୍ଦେଶ କରି ଥିଲେ। ଏହି ଅଭିଯୋଗ ଶୁଣାଣି ରେ ଜିଲ୍ଲାପାଳ ସମେତ, ଏସପି ରହିତ୍ ବର୍ମା , ସମସ୍ତ ବିଭାଗୀୟ ଜିଲ୍ଲା ଅଧିକାରୀ, ବିଡିଓ ସବ୍ୟସାଚୀ ବେହେରା , ଆସିଷ୍ଟାଣ୍ଟ ଏକ୍ସକେଟିଭ ଇଞ୍ଜିନିୟର ଏମ ପାୱନ କୁମାର, ଅତିରିକ୍ତ ବିଡିଓ ସ୍ମୃତିରଞ୍ଜୀ ନାୟକ ଏବଂ ଅନ୍ୟ କର୍ମଚାରୀ ସହ ସ୍ଥାନୀୟ ଲୋକପ୍ରତିନିଧି ଉପସ୍ଥିତ ରହି ଥିଲେ।

## ଗର୍ଜିଲେ ମିଶନ ଶକ୍ତି ମହିଳା

ବୈପାରୀଗୁଡ଼ା,୨୨।୯ (ସମିସ): ବୈପାରୀଗୁଡା ବ୍ଲକ କର୍ଯ୍ୟାଳୟ ପରିସରରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଲେ ମିଶନ ଶକ୍ତି ମହିଳା ତଥା ସିଏସଏସ ସଂଘ। ଆଜି ଶହ ଶହ ମହିଳା କର୍ମୀ ଏକାଠି ହୋଇ ବିକ୍ଷୋଭ ପଦର୍ଶନ କରିଛନ୍ତି। ପ୍ରୋତ୍ସାହନ ରାଶି ନୁହେଁ ସ୍ଥାୟୀ ନିଯୁକ୍ତି ଓ ଦରମା ବୃଦ୍ଧି ଦାବି କରାଯାଇଛି। ୬ ଦଫା ଦାବି ନେଇ ଧାରଣାରେ ମିସନ ଶକ୍ତି ମହିଳା। ଗତ ୬ ମାସ ହେଲା ଦରମା ମିଳୁନାହିଁ। ପୂର୍ବରୁ ସବୁ ଠିକ୍ ଠାକ୍ ଥିଲା। ଏବେ ନୂଆ ନିଷ୍ପତ୍ତି ନେଇଛନ୍ତି। ଦରମା ବଦଳରେ ପ୍ରୋତ୍ସାହନ ରାଶି ଦେବେ ବୋଲି କହିଛନ୍ତି। ଏହାକୁ ମିଶନଶକ୍ତିର ମହିଳାମାନେ ବିରୋଧ କରିଛନ୍ତି । ଏମ୍‌ବିକେ, ସ୍ୱୟଂ ସହାୟକ ଦଳ, କୃଷି ମିତ୍ର, ପ୍ରାଣୀ ମିତ୍ର, ବ୍ୟାଙ୍କ ମିତ୍ର, ସିଆରପି, ଭଳି ୬ଟି ଗୋଷ୍ଠୀର ମହିଳା। ୬ଟି ଗୋଷ୍ଠୀ ୬ଟି ଦାବି ରଖିଛନ୍ତି । ଦାବି ପୂରଣ ନହେବା ଯାଏଁ ଆନ୍ଦୋଳନ ଚାଲିବ ବୋଲି ଚେତାବନୀ ଦେଇଛନ୍ତି ବୈପାରୀଗୁଡା ବ୍ଲକ ମହାସଙ୍ଘ ତଥା ସିଏସଏସ ସଭାପତି ମୋନାଲିସା ଗୌଡ଼ ଓ ସମ୍ପାଦକ ମୋହେଶ୍ୱରୀ ବୈଦ୍ୟ।

## ହତ୍ୟା ଧମକ ଅଭିଯୋଗ

ଜୟପୁର,୨୨।୯ (ସମିସ ): ଜୟପୁର ସଦରଥାନା ଡଙ୍ଗରପାଉଁଶି ଗ୍ରାମ ଠାରେ ଏକ ଢାବାର ମାଲିକଙ୍କ ତାଙ୍କ ସମ୍ପର୍କୀୟ ଗତକାଲି ସଂଧ୍ୟାରେ ଆସି ହତ୍ୟା ଧମକ ଦେଇଥିବା ନେଇ ଢାବା ମାଲିର ରାଜକିରଣ ଘଡେଇ ଲିଖିତ ଅଭିଯୋଗ କରିଛନ୍ତି। ଏଥିନେଇ ପୁଲିସ ତଦନ୍ତ କରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୁକ୍ତ ଜୟପୁର ସହରର ସୌରା ସାହି ବାସିନ୍ଦା ସୋନୁ ଘଡେଇଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି ।ଅଭିଯୁକ୍ତ ଗତକାଲି ଢାବା ହୋଟେଲରେ ପହଞ୍ଚି ଅଶ୍ଳିଳ ଭାଷାରେ ଅଭିଯୋଗକାରୀଙ୍କୁ ଗାଳିଗୁଲଜ ଏବଂ ମାଡମାରିଥିବା ବେଳେ ଛୁରା ଦେଖାଇ ହତ୍ୟା କରିବାକୁ ଧମକ ଦେଇଥିଲେ। ଏଥିନେ ଅଭିଯୋଗକୁ ଭିତ୍ତିକରାଯାଇ ମାମଲା ରୁଜୁ ସହ ତଦନ୍ତ ଜାରି ରହିଛି ଏବଂ ଅତିଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସଦରଥାନା ଅଧିରାରୀ ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ପ୍ରକାଶ କରିଛନ୍ତି।

## ଉମରକୋଟ ବ୍ଲକ୍ ଆଗରେ ଧାରଣା



ଉମରକୋଟ,୨୨।୯ ( ସମିସ): ଉମରକୋଟ ବ୍ଲକର ୨୬ ଟି ପଞ୍ଚାୟତର କର୍ମୀମାନେ ଉମରକୋଟ ବ୍ଲକ ଆଗରେ ଧାରଣା ଦେଇଛନ୍ତି। ଏଥି ପୂର୍ବରୁ "ଓଡ଼ିଶା କର୍ମୀ ସଂଘ " ଆନୁକୁଲ୍ୟ ତରଫରୁ ରାଜ୍ୟର ୩୧୪ ବ୍ଲକ ପକ୍ଷରୁ ପଞ୍ଚାୟତସ୍ତର ରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀ ଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନାହିଁ। ନିର୍ଦ୍ଧାରିତ ଦରମା, ଛଅ ମାସର ବକେୟା ଦରମା ସହ ସ୍ଥାୟୀ ନିଯୁକ୍ତି ଦାବି ସହ ମୋଟ ସାତଟି ଦାବି ପୁରଣ ପାଇଁ ଦାବି କରିଛି ସଂଘ। ଦାବି ପୂରଣ ନହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି ସଂଘ କହିଛନ୍ତି।

# ନବରାତ୍ରୀ ପୂଜା ପାଇଁ ଉତ୍ସବମୁଖର ଜୟପୁର

ଜୟପୁର, ୨୨।୯ (ସମିସ) : ଜୟପୁର ସହରର ଦଶହରା ପାର୍ବଣ ଋତୁକୁ ନେଇ ଚଳଚଞ୍ଚଳ ହୋଇଥିବା ବେଳେ ଆଜି ପୂର୍ବାହ୍ନ ଠାରୁ ବିଭିନ୍ନ ଦେବୀ ପୀଠରେ ନବରାତ୍ରପୂଜା ଶୁଭାରମ୍ଭ ହୋଇଯାଇଛି। ଅନ୍ୟ ପକ୍ଷରେ ପାର୍ବଣ ଋତୁରେ ଦୋକାନ ବଜାର ମଧ୍ୟ ଚଳଚଞ୍ଚଳ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ୧୦କୁ ୧୮ ପ୍ରତିଶତ ଜିଏସଟି ହ୍ରାସ ଯୋଗୁଁ ଟି.ଭି. ରେଫିରଜେଟର, ଏ.ସି ପ୍ରଭୃତି ଘରୋଇ ଉପରକରଣ ସାମଗ୍ରି ଶସ୍ତା ହୋଇଛି। ତେଣୁ ପାର୍ବଣ ଋତୁରେ ଲୋକମାନେ ନୂଆ ସାମଗ୍ରୀ କ୍ରୟ ନେଇ କ୍ରୟ ନେଇ କ୍ରେତାମାନଙ୍କ ଦୋକାନରେ ଭୀଡ ଦେଖିବାକୁ ମିଳିଛି। ଆଜି ପୂର୍ବାହ୍ନରେ ଜୟପୁର ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ସ୍ଥାନୀୟ ନୂଆ ଘରୋଇ ବସଷ୍ଟାଣ ପରିସରରେ ଓ ରାଜାନଅର ପୂଜା ମଣ୍ଡପରେ ମା'ଙ୍କ ରୀତିନୀତି ପୂଜା ଆରମ୍ଭ ହୋଇଯାଇଛି। ପୂର୍ବାହ୍ନରେ ଘରୋଇ ବସଷ୍ଟାଣ୍ଡରେ ଦେବୀ ମହିଷାଶୁର ମର୍ଦ୍ଦନୀଙ୍କ ମୃଣମୟୀ ମୂର୍ତ୍ତିକୁ ପୁରୋହିତ ଓ ପୂଜକଙ୍କ ପୂଜା ପରେ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଦର୍ଶନ କରିଛନ୍ତି। ସୋମବାର ରାତିରେ ରାଜାନହର ଠାରେ ଦେବୀ ମହିଷସୁର ମର୍ଦ୍ଦନୀଙ୍କ ମୂର୍ତ୍ତୀ ଦର୍ଶନ ପାଇଁ ଭକ୍ତ ଓ ଶ୍ରଦ୍ଧାଳୁ ମାନେ ଅପେକ୍ଷା କରି ରହିଛନ୍ତି। ସେହିପରି ଦେବୀ ମା'ଙ୍କ ଷୋଡଶ ଉପଚାର ପୂଜା ଆରମ୍ଭ ହୋଇଯାଇଛି। ଷଷ୍ଠୀରୁ ସ୍ଥାନୀୟ ସରକାରୀ ବସଷ୍ଟାଣ, ଜଗତଜନନୀ ଛକ, ମାଦଳା ସାହି ଛକ, ପାୱାର ହାଉସ ଛକ, , ଗାନ୍ଧୀଛକ ସମେତ ନୂତନ ଭାବେ ପାରାବେଡା ଠାରେ ଦେବୀ ମା'ଙ୍କ ପୂଜା ଆରମ୍ଭ ହେବ।



ସେହିପର ଦେବତ୍ତୋର ବିଭାଗ ପକ୍ଷରୁ ହେଉଥିବା ପୁରୁଣାଗଡ ଦକ୍ଷିଣ କାଳୀ ଏବଂ ସହରର ଅଧିଷ୍ଠାତ୍ରୀ ଦେବୀ ଭଗବତୀଙ୍କ ମନ୍ଦିରରେ ନବରାତ୍ର ପୂଜା ଆରମ୍ଭ ହୋଇଯାଇଛି। ଆଜି ରାତିରୁ ମାନସିକ ଧାରୀ ମାନେ ନବରାତ୍ର ଅଖଣ୍ଡଦୀପ ପ୍ରଜ୍ୱଳନ କରିବା ସହ ପୂଜାର୍ଚ୍ଚନା କରିବେ। ଦଶହରା ଆରମ୍ଭ ହୋଇଥିବା ଯୋଗୁଁ ଆଜି ସଂଧ୍ୟାରେ ଟାଉନଥାନା ପୁଲିସ ପକ୍ଷରୁ ସହରରେ ଟ୍ରାଫିକ ବ୍ୟବସ୍ଥାରେ କୌଣସି ସମସ୍ୟା ନ ହେବା ପାଇଁ ମାଇକ ଯୋଗେ ଘୋଷଣା କରିବା ସହ ସହରବାସୀ ଏବଂ ବାହାରରୁ ଆସିଥିବା ଯାନବାହାନ ମୁଖ୍ୟରାସ୍ତା, ଏମ.ଜି. ରୋଡ ଏବଂ ଏନ.କେ.ଟି ରୋଡ ଠାରେ ରାସ୍ତାରେ ପାର୍କିଂ କରିବା ନେଇ ସଚେତନ କରିଥିଲେ।

...ୀର ପରିଷଦ ନିର୍ବାହ ଅଧିକାରୀ ସନ୍ତୋଷ ପାତ୍ର ( ଇନଚାର୍ଜ) ,ଅନ୍ୟ
...ଁ ସୁନାବେଡା ସହରରେ ଥିବା ଦୋକାନଗୃହ ଗୁଡିକର ନିରାପତ୍ତା
...ୁମାର୍ ପାତ୍ର ଓ ପୌର ପରିଷଦ ନିର୍ବାହ ଅଧିକାରୀ ସନ୍ତୋଷ ପାତ୍ର
...ା ଦୋକାନଗୃହ, ପୁରୁଣା ବସ୍ ଷ୍ଟାଣ୍ଡ ଅନ୍ୟାନ୍ୟ କ୍ଷେତ୍ର ପରିଦର୍ଶନ

ଟ୍ରାକ୍ଟର ରେ ଥିବା ଗଣ୍ଡି ଗୁଡିକ ସାମାଜିକ ବନିକରଣ ଜଙ୍ଗଲ ରୁ କଟାଯାଇ ବାହାରକୁ ଚାଲାଣ ହୋଇଥାନ୍ତା। ବିଭାଗୀୟ ଅଧିକାରୀଙ୍କ କହିବାନୁଯାୟୀ ଜବତ ହୋଇଥିବା ଟ୍ରାକ୍ଟର ରେ ୮୦ ରୁ ଅଧିକ ନୀଳଗିରି ଗଣ୍ଡି ରହିଥିଲା। ଜବତ ଟ୍ରାକ୍ଟର କୁ ଉମରକୋଟ ବନ ବିଭାଗ କାର୍ଯ୍ୟାଳୟ ଠାରେ ଅଟକ ରଖାଯାଇଛି। ଏବେ ଉମରକୋଟ ବନବିଭାଗ ଆକ୍ସନ ମୁଡ଼ରେ କାଠ ମାଫିଆ ଙ୍କୁ ଧରିବା ପାଇଁ ପଇଁତରା ମାରୁଥିବା ଦେଖିବାକୁ ମିଳିଛି।

## ଅଜଣା ମୃତଦେହ ଉଦ୍ଧାର

ନବରଙ୍ଗପୁର,୨୨।୯(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ବଡ଼ଡାଇଭଟ୍ଟା ଗ୍ରାମ ନିକଟ ଇନ୍ଦ୍ରାବତୀ ନଦୀ ଉପରେ ନିର୍ମାଣଧୀନ ରେଳ ପୋଲ ନିକଟରେ ଭାସୁଥିବା ଅବସ୍ଥାରେ ଅଜଣା ଶବ ଉଦ୍ଧାର ହୋଇଛି। ସୋମବାର ସକାଳୁ ସ୍ଥାନୀୟ ବାସିନ୍ଦା ନଦୀରେ ଏକ ଶବ ଭାସୁଥିବା ଦେଖି ଅଗ୍ନିଶ୍ରମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ନବରଙ୍ଗପୁର ଅଗ୍ନିଶ୍ରମ ବିଭାଗ ପକ୍ଷରୁ ଘଟଣା ସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିଛନ୍ତି।

# ସେମିଲିଗୁଡାକୁ ଉପଖଣ୍ଡ ମାନ୍ୟତା ପାଇଁ ଦାବି



କୋରାପୁଟ,୨୨।୯(ସମିସ): ସେମିଲିଗୁଡାକୁ ରାଜସ୍ୱ ଉପଖଣ୍ଡ ଘୋଷଣା ଦାବି ନେଇ ସେମିଲିଗୁଡା ବିକାଶ ପରିଷଦ ପକ୍ଷରୁ ବର୍ଷୀୟାନ ଭୂଦାନ ନେତା କୃଷ୍ଣ ସିଂଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଉପଖଣ୍ଡ ମାନ୍ୟତା ପାଇଁ ସବୁ ପ୍ରକାର ମାନ ଦଣ୍ଡ ସବୁ କ୍ଷେତ୍ର ରେ ଉପଯୁକ୍ତ ରହିଛି। ଯେଉଁଥିରେ ପଟ୍ଟାଙ୍ଗି ସେମିଲିଗୁଡ଼ା ନନ୍ଦପୁର ବ୍ଲକକୁ ନେଇ ସର୍ଭେ ପରେ ଏ ଦାବି ଉଠିଛି। ଉପଖଣ୍ଡ ମାନ୍ୟତା ଘୋଷଣା କରାଗଲେ ପଟ୍ଟାଙ୍ଗି ବ୍ଲକର ଆଭ୍ୟନ୍ତରୀଣ କୋଟିଆ ପଞ୍ଚାୟତର ଗ୍ରାମପୁଞ୍ଜ, ସୁଙ୍କି, ଆମ୍ବାକାଲି, ଜାଣ୍ଟି, ସାଜାମ, ନନ୍ଦପୁର ବ୍ଲକ ସମେତ ଆଖପାଖ ବ୍ଲକର ସମସ୍ତ ଆଭ୍ୟନ୍ତରୀଣ ଅଧିବାସୀମାନେ ବହୁ ସୁବିଧା ସୁଯୋଗ ପାଇପାରିବେ ବୋଲି କୋରାପୁଟର ପୂର୍ବତନ ବିଧାୟକ ରଘୁରାମ ପଡାଲ କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପଟ୍ଟାଙ୍ଗୀର ପୂର୍ବତନ ବିଧାୟକ ପୀତମ ପାଢୀ, ପ୍ରଫୁଲ୍ଲ ପାଙ୍ଗୀ,ସୁନାବେଡା ପୌରପରିଷଦର ଅଧ୍ୟକ୍ଷ ରାଜେନ୍ଦ୍ର ପାତ୍ର, ବ୍ଲକ ଅଧ୍ୟକ୍ଷା ଲିଲି ଅଣ୍ଟାବିରିଆ, ଉପାଧ୍ୟକ୍ଷ ଶିବା ବାଂଗାରୀ, ପୌର ଉପାଧ୍ୟକ୍ଷା ରିତୁ କଣ୍ଟା, ଡ.ଚିତ୍ତ ରଞ୍ଜନ ମିଶ୍ର, ସ୍ନିଗ୍ଧାରାଣୀ ମିଶ୍ର,ଅଜୟ କୁମାର ସାହୁ, ସରପଞ୍ଚ ପିତାମ୍ବର କ୍ରିଶାନି, କାଉନସିଲର ରବୀନ୍ଦ୍ର କୁମାର ପ୍ରଧାନ, ମନୋଜ ସୁନା, ରାମ ବେନିଆ, ପରିଷଦର ବରିଷ୍ଠ କର୍ମକର୍ତ୍ତା ଅନନ୍ତ ମାଟାମ, ଶାହେଦା ପରୱିନ, ଅଶୋକ ପ୍ରଧାନ, ଅମିତ ଅଗ୍ରୱାଲ, ଶେଖ ଇବ୍ରାହିମ, ଆନନ୍ଦ ମୌଳି ପଟ୍ଟନାୟକ, ମମତା ରାୟ, ସମିତି ସଭ୍ୟ ଜିଲ୍ଲା ସଙ୍ଘ ସଭାପତି ଜଗନ୍ନାଥ ହନ୍ତାଳ, ଯୁବ ନେତା ନିରଞ୍ଜନ ଖିଲ, ଜୁନେସ କୁଳଦୀପ, ନାରାୟଣ କୁଳଦୀପ, ଅଭିରାମ ସାମଲ, ଅନନ୍ତ ସେନାପତି, ଜ୍ଞାନରଞ୍ଜନ ମହାନ୍ତି, ରାଜୁ ସାମଲ, ଏମ କେ ଏସ ଭି ରମେଶ , ଦାନୀୟଲ ଖରା ଙ୍କ ସମେତ ସେମିଲିଗୁଡା, ସୁନାବେଡା , ପଟ୍ଟାଙ୍ଗି, ଦାମନଯୋଡ଼ି ଅଞ୍ଚଳର ଶତାଧିକ ଲୋକ ଉପସ୍ଥିତ ଥିଲେ।

## ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା




ଜୟପୁର, ୨୨।୯ (ସମିସ):

କୋରାପୁଟ ଜିଲ୍ଲା ଜୟପୁର ବ୍ଲକର ୨୨ ଟି ଗ୍ରାମପଞ୍ଚାୟତରେ କାର୍ଯ୍ୟରତ ପ୍ରାୟ ୨ଶହ ଜଣ ମହିଳା ଗୋଷ୍ଠୀ ସହାୟକା କର୍ମୀ (ସିଏସଓ) ମାନେ ଏକତ୍ରୀତ ହୋଇ ବ୍ଲକ ପରିସରରେ ରହିଥିବା ଜୀବିକା ମିଶନ କାର୍ଯ୍ୟାଳୟରେ ତାଲା ଦେଇଥିବା ବେଳେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଆରମ୍ଭ କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହିପରି କାର୍ଯ୍ୟବନ୍ଦ ଧାରଣା ଜାରୀ ରହିବ ବୋଲି ଜୟପୁର ବ୍ଲକ ସଭାପତି ମମତା ରଣା, ସମ୍ପାଦକ ଏ. ମାଧୁରୀ, ରେଣୁକା ମହାନ୍ତି, ସାବିତ୍ରୀ ଗାଜବା,ମହାଲକ୍ଷ୍ମୀ ପଣ୍ଡା, କାଜଲ ନାଗ, ଆଶା ଗୌଡ,ଟିକି ବିଶୋୟୀ, ବତୀ ଗାଦବା, ଲୀନା ପରିବିନ ନାଗ ପ୍ରମୁଖ ସମସ୍ତ ସିଏସଏସ ସାମିଲ ହୋଇଥିଲେ। ଏହି ଆନ୍ଦୋଳନରେ ଜୀବିକା ମିଶନରେ ୬ଟି ଶ୍ରେଣୀର କର୍ମଚାରୀ ଏମବିକେ, ସିଆରପି, ବ୍ୟାଙ୍କ ମିତ୍ର, କୃଷି ମିତ୍ର, ଗତ ଛଅ ମାସ ହେଲା ଦରମା ମିଳନାହିଁ। ଗତ ବିଜେଡି ସରକାର ସମୟରେ ମିଳୁଥିବା ଧାର୍ଯ୍ୟ ଦରମାକୁ ଅପସାରଣ କରି ଦକ୍ଷତା ଭିତିକ ପାରିଶ୍ରମିକ ଦେବାକୁ ବର୍ତ୍ତମାନ ବିଜେପି ପରିଚାଳିତ ସରକାର ନିଷ୍ପତ୍ତି ନେଇଛନ୍ତି। ବିନା ଦରମାରେ ଛଅ ମାସ ହେଲା ସେମାନେ ଦୟନୀୟ ସ୍ଥିତିରେ ଥିବା ଅଭିଯୋଗ କରିଛନ୍ତି। ଏହିପରି ଆସନ୍ତା ପାର୍ବଣ ଋତୁ ପୂର୍ବରୁ ସେମାନଙ୍କ ଗତ ୬ ମାସର ଦରମା ଏବଂ ନିର୍ଦ୍ଧାରିତ ମାସିକ ଦରମା ପ୍ରଦାନ କରିବା ନେଇ ଘୋଷଣା କରାଯାଉ ବୋଲି ଦାବି କରିଛନ୍ତି।

## ରାୟଗଡ଼ା ଉପାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ରାୟଗଡ଼ା, ୨୨।୯(ସମିସ): ରାୟଗଡ଼ା ପୌରାଧ୍ୟକ୍ଷା ଶୁଭ୍ରା ପଣ୍ଡାଙ୍କ ବିରୋଧରେ ୧୯ଜଣ କାଉନସିଲରଙ୍କ ଦ୍ୱାରା ଆଗତ ହୋଇଥିବା ଅନାସ୍ଥା ପ୍ରସ୍ତାବ ଉପରେ ଆଜି ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଭୋଟିଂ ପାଇଁ ତାରିଖ ଧାର୍ଯ୍ୟ କରିଥିବା ନୋଟିସ ଜାରି କରିଛନ୍ତ। ଉକ୍ତ ନୋଟିସରେ ଆସନ୍ତାଅକ୍ଟୋବରମାସ ୯ ତାରିଖରେପୌର ପରିଷଦ କାର୍ଯ୍ୟାଳୟରେ ଅନାସ୍ଥାକୁ ନେଇ ଭୋଟିଂ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ କୁଳଦୀପ କୁମାର ପ୍ରକାଶ କରିଛନ୍ତି । ଏ ନେଇ ସମସ୍ତ କାଉନସିଲରମାନଙ୍କୁ ଚିଠି କରିଦିଆଯିବ ବୋଲି ମଧ କହିଛନ୍ତି। ପ୍ରକାଶ ଥାଉ କି, ବିଜେଡି ସମର୍ଥିତ ପୌର ଉପାଧ୍ୟକ୍ଷା ଶ୍ରୀମତି ପଣ୍ଡା ବିଜେଡି କାଉନସିଲର ମାନଙ୍କୁ ଆରମ୍ଭ ଦିନରୁ ଅଣଦେଖା କରି ଆସୁଥିବା, କୌଣସି କାମରେ ସହଯୋଗ କରୁ ନ ଥିବା

### ଅକ୍ଟୋବର ୯ରେ ହେବ ଭୋଟିଂ

ଆଦି ଅଭିଯୋଗକୁ ନେଇ ଗତ ସେପ୍ଟେମ୍ବର ୧୨ ତାରିଖରେ ଜିଲ୍ଲାପାଳଙ୍କ ନିକଟରେ ୧୯ଜଣ କାଉନସିଲରମାନେ ଜିଲ୍ଲାପାଳଙ୍କ ନିକଟରେ ଅନାସ୍ଥା ପ୍ରସ୍ତାବ ଦେଇଥିଲେ। ଏହାକୁ ବିଚାରକୁ ନେଇ ଜିଲ୍ଲାପାଳ ଗତ ୨୦ ତାରିଖରେ ଉପଜିଲ୍ଲାପାଳ ରମେଶ ଜେନା ଅନାସ୍ଥା ପ୍ରସ୍ତାବରେ ଦସ୍ତଖତ କରିଥିବା କାଉନସିଲର ମାନଙ୍କ ଦସ୍ତଖତ ଯାଞ୍ଚ କରି ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟକୁ ଆଧାର କରି ଆଜି ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି ଭୋଟିଂ ପାଇଁ ଦିନ ଧାର୍ଯ୍ୟ କରିଛନ୍ତି । ଅନାସ୍ଥାକୁ ନେଇ ଉପାଧ୍ୟକ୍ଷା ଶ୍ରୀମତୀ ପଣ୍ଡା ମଧ ପୌର ପାଳିକାରେ ଆଉଟସୌର୍ସିଙ୍ଗରେ ହୋଇଥିବା ନିଯୁକ୍ତି ଦୁର୍ନୀତି ଓ ଅନ୍ୟାନ୍ୟ ବିଷୟରେ ଲିଖିତ ଭାବେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ନୂତନ ଜିଲ୍ଲାପାଳଙ୍କ ପ୍ରଥମ ଅଭିଯୋଗ ଶୁଣାଣି

ଲକ୍ଷ୍ମୀପୁର,୨୨।୯(ସମିସ) କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରେ ୨୨ତାରିଖ ଦିନ ନୂତନ ଜିଲ୍ଲାପାଳ ମନୋଜ ମହାଜନଙ୍କ ପ୍ରଥମ ଯୁଗ୍ମ ଅଭିଯୋଗ ଶୁଣାଣି ଅଭିଯୋଗ ପ୍ରକୋଷ୍ଠରେ ୭୧ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଛି। ତହିଁ ମଧ୍ୟରୁ ୨୪ଟି ବ୍ୟକ୍ତିଗତ ରହି ଥିବା ବେଳେ ୪୭ଟି ସାମୂହିକ ରହି ଥିବା ବ୍ଲକ ପକ୍ଷରୁ ଜଣାପଡିଛି। ଜିଲ୍ଲାପାଳ ସମସ୍ତ ଅଭିଯୋଗ ପତ୍ର ଗ୍ରହଣ କରି ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ସମାଧାନ ପାଇଁ ନିର୍ଦ୍ଦେଶ କରି ଥିଲେ। ଏହି ଅଭିଯୋଗ ଶୁଣାଣି ରେ ଜିଲ୍ଲାପାଳ ସମେତ, ଏସପି ରହିତ୍ ବର୍ମା , ସମସ୍ତ ବିଭାଗୀୟ ଜିଲ୍ଲା ଅଧିକାରୀ, ବିଡିଓ ସବ୍ୟସାଚୀ ବେହେରା , ଆସିଷ୍ଟାଣ୍ଟ ଏକ୍ସୁକେଟିଭ ଇଞ୍ଜିନିୟର ଏମ ପାୱନ କୁମାର, ଅତିରିକ୍ତ ବିଡିଓ ସ୍ମୃତିରଞ୍ଜୀ ନାୟକ ଏବଂ ଅନ୍ୟ କର୍ମଚାରୀ ସହ ସ୍ଥାନୀୟ ଲୋକପ୍ରତିନିଧି ଉପସ୍ଥିତ ରହି ଥିଲେ।

## ହତ୍ୟା ଧମକ ଅଭିଯୋଗ

ଜୟପୁର,୨୨।୯(ସମିସ ): ଜୟପୁର ସଦରଥାନା ଡଙ୍ଗରପାଉଁଶି ଗ୍ରାମ ଠାରେ ଏକ ଢାବାର ମାଲିକଙ୍କ ତାଙ୍କ ସମ୍ପର୍କୀୟ ଗତକାଲି ସଂଧାରେ ଆସି ହତ୍ୟା ଧମକ ଦେଇଥିବା ନେଇ ଢାବା ମାଲିର ରାଜକିରଣ ଘଡେଇ ଲିଖିତ ଅଭିଯୋଗ କରିଛନ୍ତି। ଏଥିନେଇ ପୁଲିସ ତଦନ୍ତ କରିବା ସହ ହତ୍ୟା ଧମକ ଦେଇଥିବା ଅଭିଯୁକ୍ତ ଜୟପୁର ସହରର ସୌରା ସାହି ବାସିନ୍ଦା ସୋନୁ ଘଡେଇଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି ।ଅଭିଯୁକ୍ତ ଗତକାଲି ଢାବା ହୋଟେଲରେ ପହଞ୍ଚି ଅଶ୍ଳୀଳ ଭାଷାରେ ଅଭିଯୋଗକାରୀଙ୍କୁ ଗାଳିଗୁଲଜ ଏବଂ ମାଡମାରିଥିବା ବେଳେ ଛୁରା ଦେଖାଇ ହତ୍ୟା କରିବାକୁ ଧମକ ଦେଇଥିଲେ। ଏଥିନେ ଅଭିଯୋଗକୁ ଭିତ୍ତିକରାଯାଇ ମାମଲା ରୁଜୁ ସହ ତଦନ୍ତ ଜାରି ରହିଛି ଏବଂ ଅତିଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସଦରଥାନା ଅଧିରାରୀ ଅଧିକାରୀ ସଚ୍ଚିଦ୍ର ପ୍ରଧାନ ପ୍ରକାଶ କରିଛନ୍ତି।

### ● ପୋଲ ଉପରେ ପାଣି

## ସ୍କୁଲରୁ ଘରକୁ ଫେରି ପାରିଲେନି ଛାତ୍ରଛାତ୍ରୀ

ପୋଡ଼ାଗଡ଼, ୨୨।୯(ସମିସ):

ବଙ୍ଗଳାଗୁଡା ଅସ୍ଥାୟୀ ପୋଲ ଉପରେ ପାଣି, ଯାତାୟାତ ବାଧାପ୍ରାପ୍ତ। ଦୁଇଟି ଗ୍ରାମର ୮ ଜଣ ପିଲା ଆଶ୍ରୟ ନେଇଛନ୍ତି ଲେନ୍ଦ୍ରୀମାଳିଗୁଡ଼ା ବିଦ୍ୟାଳୟରେ। କୋରାପୁଟ,କୋରାପୁଟ ଜିଲ୍ଲାରେ ଆଜି ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବଙ୍ଗଳାଗୁଡା ଅସ୍ଥାୟୀ ପୋଲ ଉପରେ ୫ ଫୁଟ ଉଚ୍ଚରେ ପାଣି ଯାଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ଜଣାପଡିଛି। ଅସଂଖ୍ୟ ଯାନବାହାନ ଦୁଇ ପାଶ୍ୱର୍ରେ ଅଟକି ରହିଛି ।କୋରାପୁଟ ସଦର ପୋଲିସ ଓ କାକିରିଗୁମା ପୁଲିସ ଜଗି ରହିଛନ୍ତି। ଅପରାହ୍ନରେ ପ୍ରବଳ ବର୍ଷା ଯୋଗୁଁ ପୋଲ ଉପରେ ପାଣି ଯାଉଥିବାରୁ ଲେନ୍ଦ୍ରୀମାଳିଗୁଡ଼ା ବିଦ୍ୟାଳୟରେ ଦୁଇଟି ଗ୍ରାମର ୮ ଜଣ ପିଲା ଆଶ୍ରୟ ନେଇଥିବା ଜଣାପଡିଛି। ବଙ୍ଗଳଗୁଡା ଓ ଏକଟାଗୁଡା ଗ୍ରାମର ୪ ଜଣ ଲେଖାଏଁ ଆଶ୍ରୟ ନେଇଥିବା ସିଆରସିସି ତ୍ରିଲୋକେଶ ପଣ୍ଡା କହିଛନ୍ତି ।ଦୀପକ କୁମାର ବେହେରା ନାମକ ଶିକ୍ଷକ ଉପସ୍ଥିତ ରହି ପିଲାମାନଙ୍କ ପାଇଁ ରାତ୍ରୀ ଭୋଜନର ବ୍ୟବସ୍ଥା କରିଛନ୍ତି।

## ଗର୍ଜିଲେ ମିଶନ ଶକ୍ତି ମହିଳା

ବୈପାରୀଗୁଡ଼ା,୨୨।୯(ସମିସ): ବୈପାରୀଗୁଡା ବ୍ଲକ କର୍ଯ୍ୟାଳୟ ପରିସରରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଲେ ମିଶନ ଶକ୍ତି ମହିଳା ତଥା ସିଏସଏସ ସଂଘ। ଆଜି ଶହ ଶହ ମହିଳା କର୍ମୀ ଏକାଠି ହୋଇ ବିକ୍ଷୋଭ ପଦର୍ଶନ କରିଛନ୍ତି। ପ୍ରୋତ୍ସାହନ ରାଶି ନୁହେଁ ସ୍ଥାୟୀ ନିଯୁକ୍ତି ଓ ଦରମା ବୃଦ୍ଧି ଦାବି କରାଯାଇଛି। ୬ ଦଫା ଦାବି ନେଇ ଧାରଣାରେ ମିସନ ଶକ୍ତି ମହିଳା। ଗତ ୬ ମାସ ହେଲା ଦରମା ମିଳୁନାହିଁ। ପୂର୍ବରୁ ସବୁ ଠିକ୍ ଠାକ୍ ଥିଲା। ଏବେ ନୂଆ ନିଷ୍ପତ୍ତି ନେଇଛନ୍ତି। ଦରମା ବଦଳରେ ପ୍ରୋତ୍ସାହନ ରାଶି ଦେବେ ବୋଲି କହିଛନ୍ତି। ଏହାକୁ ମିଶନଶକ୍ତିର ମହିଳାମାନେ ବିରୋଧ କରିଛନ୍ତି । ଏମ୍‌ବିକେ, ସ୍ୱୟଂ ସହାୟକ ଦଳ, କୃଷି ମିତ୍ର, ପ୍ରାଣୀ ମିତ୍ର, ବ୍ୟାଙ୍କ ମିତ୍ର, ସିଆରପି, ଭଳି ୬ଟି ଗୋଷ୍ଠୀର ମହିଳା। ୬ଟି ଗୋଷ୍ଠୀ ୬ଟି ଦାବି ରଖିଛନ୍ତି । ଦାବି ପୂରଣ ନହେବା ଯାଏଁ ଆନ୍ଦୋଳନ ଚାଲିବ ବୋଲି ଚେତାବନୀ ଦେଇଛନ୍ତି ବୈପାରୀଗୁଡା ବ୍ଲକ ମହାସଙ୍ଘ ତଥା ସିଏସଏସ ସଭାପତି ମୋନାଲିସା ଗୌଡ଼ ଓ ସମ୍ପାଦକ ମୋହେଶ୍ୱରୀ ବୈଦ୍ୟ।

କପଡାରେ ଘୋଡାଇ ହୋଇ ଉପରେ ଚଢି ମୂର୍ଚ୍ଛିତ ବାନା ବାନ୍ଧିବାକୁ ଯାଇଥିବା ଯୁବକଙ୍କ ଚୂଳ ଉପରେ ଧରି ବସିରହିଲେ। ଏହିପରି ମୂର୍ଚ୍ଛିତ ଯୁବକଙ୍କ ତଳକୁ ଓହ୍ଲାଇବାରେ ମଧ ସମ୍ଭବପର ହୋଇପାରିନଥିଲା। ଅଗ୍ନିଶମ ବିଭାଗକୁ ସୂଚନା ଦିଆଯାଇଥିଲା। ସହକାରୀ ଅଗ୍ନିଶମ ଅଧିକାରୀ ସୁରେଶ କୁମାର ବାରିକଙ୍କ ନେତୃତ୍ୱରେ ଏକ ଦଳ ମହୁମାଛି ଆକ୍ରମଣରୁ ବର୍ତ୍ତିବା ପାଇଁ ଏକ ସ୍ୱତନ୍ତ୍ର ପୋଷାକ ପିନ୍ଧି ଉପରୁକ ଚଢି ଦୌଡି ବାନ୍ଧି ଦୁଇ ଯୁବକଙ୍କ ଦୀର୍ଘ ଦେଢଘଣ୍ଟାର ଉଦ୍ଧାରକାର୍ଯ୍ୟ ପରେ ଉଦ୍ଧାର କରିଥିଲେ। ଏହିପରି ମୂର୍ଚ୍ଛିତ ଗୁରୁତର ଯୁବକ ଲକ୍ଷ୍ମଣଙ୍କୁ ତୁରନ୍ତ ଜିଲ୍ଲା ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ମାନେ ତାଙ୍କ ଦେହରୁ ମହୁମାଛି କଣ୍ଟା ବାହାର କରିବା ସହିତ ଉପଯୁକ୍ତ ଚିକିତ୍ସା ପରେ ତାଙ୍କ ଚେତା ଫେରିଥିଲା।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି





ତେନ୍ତୁଳିଖୁଣ୍ଟି,୨୨।୯(ସମିସ): ସ୍ଥାନୀୟ ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବ୍ଲକର ବିଭିନ୍ନ ପ୍ରାନ୍ତରୁ ଲୋକେ ଆସି ସେମାନଙ୍କ ସମସ୍ୟା ସମାଧାନ ପାଇଁ ଅଭିଯୋଗ କରିଥିଲେ। ଏଥିରେ ୭ ଗୋଟି ବ୍ୟକ୍ତିଗତ ଓ ୩୬ ଟି ସାମୁହିକ ସମସ୍ୟା ର ସମାଧାନ ପାଇଁ ଅଭିଯୋଗ ଆସିଥିଲା। ତେବେ ସରକାର ଙ୍କ ପକ୍ଷରୁ ପାତ୍ରପୁଟ ଠାରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନ କରିବା ବ୍ୟବସ୍ଥା ହେଲେ ଅଂଚଳ ର ଛାତ୍ରଛାତ୍ରୀ ବହୁଳ ମାତ୍ରାରେ ଉପକୃତ ହୋଇପାରନ୍ତେ ବୋଲି ପ୍ରହଲ୍ଲାଦ ହିଆଲ,ଭୀମସେନ ପାଣିଗ୍ରାହୀ,ଭବାନୀ ବିଷୋୟୀ,ପ୍ରଭାତୀ କନ୍ଧ,ଦିଲ୍ଲୀପ ପ୍ରଧାନୀ,ଡମ୍ବରୁ ଭତରା,ମନମୋହନ ଦଳପତିଙ୍କ ସମେତ ବରିଷ୍ଠ ନାଗରିକ ଜିଲ୍ଲାପାଳ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଝରିଗୁମ୍ମା ହାଇସ୍କୁଲ ଠାରେ କ୍ରୀଡା ଶିକ୍ଷକ ପଦବୀ ପୂରଣ ପାଇଁ ଝରିଗୁମ୍ମା ସରପଞ୍ଚ ମନମୋହନ ଦଳପତି ଅଭିଯୋଗ କରିଥିଲେ। ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଳ ଗୁମ୍ମା ପଞ୍ଚାୟତ ଅନ୍ତର୍ଗତ ଚିତ୍ରକୋଟ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପାଇଁ ସମାଜସେବୀ କାଁହୁସିଂ ସାଧୁ ଜିଲ୍ଲାପାଳ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ବ୍ୟକ୍ତିଗତ ଓ ସ୍ୱାସ୍ଥ୍ୟଗତ ସମସ୍ୟା ସାଙ୍ଗକୁ ଭତ୍ତା,ଆବାସ ଗୃହ ସମ୍ପର୍କ ରେ ଅଭିଯୋଗ ହୋଇଥିଲା। ଜନ ଶୁଣାଣି ଶିବିର ରେ ବ୍ଲକ ଅଧକ୍ଷା ନିଁଳେନ୍ଦ୍ରି ନାୟକ,ଉପାଧ୍ୟକ୍ଷ ରାଜେନ୍ଦ୍ର ବିଷୋୟୀ,ବିଡିଓ ମନୋଜ କୁମାର ପାଣିଗ୍ରାହୀ,ନବରଙ୍ଗପୁର ସିଡିଓ ବିରଞ୍ଚି ନାରାୟଣ ଦରୱାନ,ଆରକ୍ଷୀ ଅଧିକ୍ଷକ ଏସ ପି ଶ୍ରୀ ମଡକାର ସନ୍ଦୀପ ସମ୍ପତ,ଉପ ଜିଲ୍ଲାପାଳ ପ୍ରକାଶ ମିଶ୍ର,ପିଏ ଆଇଟିଡିଏ ରାଜୀବ ସାହୁ,ଡି ଡବ୍ଲୁଓ ପାଲକା ରବୀନ୍ଦ୍ର ଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ। ଅଭିଯୋଗ ଆସିଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ଜିଲ୍ଲାପାଳ ନିର୍ଦେଶ ଦେଇଥିଲେ ।

## କେସିସି ବ୍ୟାଙ୍କ ସଭାପତିଙ୍କୁ ଘେରିଲେ ବାଦାମ ଚାଷୀ



ବୈପାରୀଗୁଡ଼ା,୨୨।୯(ସମିସ): କେସିସି ବ୍ୟାଙ୍କ ସଭାପତିଙ୍କୁ ଘେରିଲେ ବାଦାମ ଚାଷୀ। ମଣ୍ଡିରେ ବାଦାମ ଦେଇ ହନ୍ତସନ୍ତ ଚାଷୀ। କାହାର ଟୋକେନ ଥାଇ ମଧ ଲିଷ୍ଟରେ ନାଁ ନାହିଁ, ଆଉ କାହାର ଲିଷ୍ଟରେ ନାଁ ଥାଇ ବି ଆକାଉଣ୍ଟକୁ ଟଙ୍କା ଆସୁନି। ଯାହାକୁ ନେଇ ଆଜି ବୈପାରୀଗୁଡା ପୁରୁଣା ଲ୍ୟାମ୍ପ୍‌ସ କାର୍ଯ୍ୟାଳୟ ଆଗରେ କୋରାପୁଟ କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀଙ୍କୁ ଘେରିଲେ ବାଦାମ ଚାଷୀ। ଚାଷୀଙ୍କ ଅଭିଯୋଗ ଅନୁଯାୟୀ ଭଲ ଦୁଇ ପଇସା ପାଇବା ଆଶା ନେଇ ବୈପାରୀଗୁଡା ଲେମ୍ପସ ମାଧ୍ୟମରେ ମଣ୍ଡିରେ ବାଦାମ ବିକ୍ରି କରିଥିଲେ ଚାଷୀ । ୨୪ଘଣ୍ଟା ମଧ୍ୟରେ ଟଙ୍କା ଆସିବ କୁହାଗଲା କିନ୍ତୁ ୩ ମାସ ପର୍ଯ୍ୟନ୍ତ ଟଙ୍କା ଆସିଲାନି । ଶେଷରେ ଲ୍ୟାମ୍ପ୍‌ସରେ ଗତ କିଛି ଦିନ ପୂର୍ବେ ତାଲା ଦେଇ ଅଫିସ ଆଗରେ ଧାରଣା ରେ ବସିଲେ ବାଦାମ ଚାଷୀ। ମାର୍କଫେଡ଼ ପକ୍ଷରୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦାଳନରୁ ଓହରି ଥିଲେ ଚାଷୀ । ମୋଟ ୨୩୯ ବାଦାମ ଚାଷୀଙ୍କ ମଧ୍ୟରୁ ୧୬୭ ଚାଷୀଙ୍କ ଆକାଉଣ୍ଟ କୁ ଟଙ୍କା ଆସିଲା ଆଉ ୬୨ ଚାଷୀଙ୍କ ଆକାଉଣ୍ଟ କୁ ଟଙ୍କା ଆସିଲା ନାହିଁ । ସେହିପରି ମୋଟ ୭ ଜଣ ଚାଷୀଙ୍କ ଠାରୁ ପ୍ରାୟ ଏକ ଶହ କ୍ୱିଣ୍ଟାଲ ବାଦାମ ନେଇ ଚାଷୀଙ୍କୁ ଟୋକେନ ଦିଆଯାଇଛି। କିନ୍ତୁ ସେମାନଙ୍କ ଲିଷ୍ଟରେ ନାଁ ନାହିଁ ବୋଲି ଅଭିଯୋଗ କରିଛନ୍ତି ଚାଷୀ । ନକଲି ବାଦାମ ଚାଷୀ ଙ୍କ ଆକାଉଣ୍ଟ କୁ ଟଙ୍କା ଆସିଥିବା ବେଳେ ପ୍ରକୃତ ଚାଷୀଙ୍କୁ ଭୁଲିଯାଇଛି ମାର୍କଫେଡ଼। ଏନେଇ ଆଜି କେସିସି ବ୍ୟାଙ୍କ ସଭାପତି ଈଶ୍ୱର ପାଣିଗ୍ରାହୀଙ୍କୁ ସମସ୍ୟା ସମାଧାନ ପାଇଁ ଦାବି କରିଥିବା ବେଳେ ସଭାପତି କହିଛନ୍ତି ଜିଲ୍ଲା ପ୍ରଶାସନ ସହ ଆଲୋଚନା କରି ସମସ୍ୟା ସମାଧାନ କରାଯିବ

## ଉମରକୋଟ ବ୍ଲକ୍ ଆଗରେ ଧାରଣା



ଅଭିଯୋଗର ୨ମାସ ପରେ ମଧ ଭିଜିଲାନ୍ସ କିଛି କାର୍ଯ୍ୟାନୁଷ୍ଠାନ ନେଇ...
ବରିଷ୍ଠ ସମ୍ପାଦକ ପ୍ରଦୀପ ମାଝୀ ଓ ପୂର୍ବତନ ବିଧାୟକ ସଦାଶିବ ପ୍ରଧାନ...
ଡିଏସପିଙ୍କ ନିକଟରେ ଏତଲା ଦେଇଛନ୍ତି। ଭିଜିଲାନ୍ସ ଡିଏସପିଙ୍କ ଅନୁ...
କରିଛନ୍ତି। ଏତଲା ପ୍ରଦାନ ସମୟରେ ନବରଙ୍ଗପୁର ନଗର ସଭାପତି ପ୍ର...
ନେଗେନ୍ଦ୍ର ପଟ୍ଟନାୟକ , କାଉନସିଲର ଅଲେଖ ସୌରା, ପୂର୍ବତନ କା...
ତ୍ରିପାଠୀ, ବିଜେଡି ୯ ନମ୍ବର୍ ୱାର୍ଡ ସଭାପତି ଦୁର୍ଗା ତ୍ରିପାଠୀ,ଗୋଲକ ମା...
ସୁମିତ ପାଲ, ନନ୍ଦ ନାୟକ, ସଂଜୟ ନାୟକ, ପିଣ୍ଟୁ ଲେଙ୍କା, କୁନା ପାଢ଼ୀ ପ୍ର...
ଥିଲେ। ମଙ୍ଗଳ ବିଭାଗର ହୋଇଥିବା ଏହି ସବୁ ଦୁର୍ନୀତି ମଧ୍ୟରେ ଗଦି, ...
କିଣା ଆଦି ସବୁ ବାବଦରେ ୧କୋଟି ୮୨ଲକ୍ଷ ୬୩ହଜାର ୫୦୦ଟଙ୍କା...
ଜିଲ୍ଲା ମଙ୍ଗଳ ଅଧିକାରୀ ଏଥିରେ ସମ୍ପୃକ୍ତ ବୋଲି ଅଭିଯୋଗ ପତ୍ରରେ ଦ...
ମିଶି ଏହି ରାକେଟକୁ କାର୍ଯ୍ୟକାରୀ କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି...

# ପାଣି ପାଇଁ ଜାତୀୟ ରାଜପଥ ଅବରୋଧ



ରାୟଗଡ଼ା,୨୨।୯ (ସମିସ): ପିଇବା ପାଣି ପାଇଁ ରାୟଗଡ-କୋରାପୁଟ ୩୨୬ ନଂ ଜାତୀୟ ରାଜପଥ ଅବରୋଧ କଲେ ରାୟଗଡ଼ା ଥାନା ଅନ୍ତର୍ଗତ ରାୟଗଡ ସଦର ବ୍ଲକ କୁମ୍ଭୀକୋଟା ପଞ୍ଚାୟତ ଅନ୍ତର୍ଗତ ପିଚୁଡ଼ି କଲୋନୀ ବାସିନ୍ଦା । ରାୟଗଡ଼ - କୋରାପୁଟ ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ ଫଳରେ ରାସ୍ତାର ଉଭୟ ପାଶ୍ୱର୍ରେ ବହୁ ଗାଡି ମଟର ଅଟକି ରହିଥିଲା । କଲୋନୀ ବାସିନ୍ଦା ଦୀର୍ଘ ଦିନ ଧରି ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଅନୁରୋଧ କରି ଆସୁଥିଲେ ମଧ୍ୟ କେହି କର୍ଣ୍ଣପାତ ନଂ କରିବାରୁ ଆଜି ମହିଳାମାନେ ରାସ୍ତା ଅବରୋଧ କରି ନିଜ ସମସ୍ୟା ଜଣାଇବାକୁ ବାଧ୍ୟ ହେଲୁ ବୋଲି ମହିଳାମାନେ କହିଛନ୍ତି । ରାସ୍ତା ଅବରୋଧ ଖବର ପାଇ ଘଟଣା ସ୍ଥଳରେ କୁମ୍ଭୀକୋଟା ଫାଣ୍ଡି ପୋଲିସ ସହିତ ବିଭାଗୀୟ ଅଧିକାରୀ,ପଞ୍ଚାୟତ କର୍ତ୍ତୃପକ୍ଷ ପହଞ୍ଚି ଏଥିରେ ହସ୍ତକ୍ଷେପ କରି ଲୋକଙ୍କୁ ବୁଝାସୁଝା କରି ତୁରନ୍ତ ପିଇବା ପାଣିର ସୁବିଧା ନେଇ ପ୍ରତିଶ୍ରୁତି ପରେ ରାସ୍ତା ରୋକ ପ୍ରତ୍ୟାହୃତ ହୋଇଥିଲା । ଗ୍ରାମର ମହିଳା ମାନେ ରାସ୍ତା ଉପରେ ହାଣ୍ଡି, ବାଲଟି ରଖି ପ୍ରାୟ ଏକ ଘଣ୍ଟା ଧରି ରାସ୍ତା ରୋକ କରିଥିଲେ । ଜିଲ୍ଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ସ୍ଥାୟୀ ସମାଧାନ ପାଇଁ ଗ୍ରାମବାସୀ ମାନେ ଦାବି କରିଛନ୍ତି ।

# ଅଭିଯୋଗ ଶୁଣିଲେ ଅଧିକାରୀ

ସେମିଳିଗୁଡ଼ା, ୨୨।୯ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକ ରାଜପୁତ ପଞ୍ଚାୟତରେ ସୋମବାର ପଞ୍ଚାୟତ ସ୍ତରୀୟ ସଚେତନତା ଓ ମିଳିତ ଜନ ଅଭିଯୋଗ ମିଳିତ ଶିବିର ଅନୁଷ୍ଠିତ ହେଇଥିଲା । ଡବ୍ଲୁଇଓ ହର ପ୍ରସାଦ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ମୋଟ ୧୨ଟି ଅଭିଯୋଗର ଶୁଣାଣି ହୋଇଥିଲା । ଯେଉଁଥିରେ ରାସ୍ତା ଘାଟ, ଗମନାଗମନ, ଡ୍ରେନ, ଭତ୍ତା, କର୍ମ ନିଯୁକ୍ତି ସହ ପଞ୍ଚାୟତର ବିଭିନ୍ନ ଉନ୍ନୟନ ସମ୍ପର୍କିତ ସମସ୍ୟା ରହିଥିଲା । ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସମେତ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଅଭିଯୋଗ ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଶିବିରରେ ଡିଏସଏସ ଓ ଟି.ଶୁରଭି, ସରପଞ୍ଚ ପୀତାମ୍ବର କିର୍ଶନିଙ୍କ ସମେତ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ, ଆଇସିଡିଏସ, ଆଶା, ଅଙ୍ଗନବାଡି ଏବଂ ବ୍ୟାଙ୍କ ମିତ୍ର ଭଳି ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉପସ୍ଥିତ ସମସ୍ତ ବିଭାଗୀୟ ଅଧିକାରୀ ମାନେ ନିଜ ନିଜ ବିଭାଗରେ ରହିଥିବା ସରକାରୀ ଯୋଜନା ସମ୍ପର୍କରେ ସଚେତନତା କରିବା ସହ ହିତାଧିକାରୀ କିପରି ତାହାର ସଦୁପଯୋଗ କରି ଲାଭ ପାଇପାରିବ ସେନେଇ ଲୋକଙ୍କୁ ବୁଝାଇଥିଲେ ।

# ସମାନ କାମକୁ ସମାନ ପାରିଶ୍ରମିକ ଦାବିରେ ଧାରଣା



ନନ୍ଦପୁର,୨୨।୯ (ସମିସ): ସରକାର ପୂର୍ବ ପରି ସମାନ ପାରିଶ୍ରମିକକୁ ସମାନ ଦରମା ଦିଅନ୍ତୁ ବୋଲି ଦାବି କରି ବ୍ଲକ ସମ୍ମୁଖରେ ଧାରଣାରେ ବସିଛନ୍ତି ଓଡ଼ିଶା ଜିପିଏଲଏଫ୍ କର୍ମୀ ସଂଘ । ନୂତନ ସରକାର ଗଠନ ପର ଠାରୁ ରାଜ ରାସ୍ତା ସହ ବିଧାନ ସଭା ସମ୍ମୁଖରେ ନିଜର ନ୍ୟାର୍ଯ୍ୟ ଦାବି ପୂରଣ ପାଇଁ ଆନ୍ଦୋଳନ ଚାଲିଛି । ଆଜି ସମସ୍ତ ବ୍ଲକ୍ ଆଗରେ ସିଆରପି ମାମାନଙ୍କ ରଣହୁଙ୍କାର ଶୁଣିବାକୁ ମିଳିଛି । ସିଆର୍ ପିମାନଙ୍କୁ ଦରମା ବଦଳରେ ପାରିଶ୍ରମିକ ନୁହେଁ, ପ୍ରୋତ୍ସାହନ ରାଶି ଦେବାକୁ ଘୋଷଣା କରାଯାଇଥିବାରୁ ଏହା ସେମାନଙ୍କ ପେଟରେ ନାତ ସଦୃଶ ବୋଲି ଅଭିଯୋଗ ହୋଇଛି । ତୁରନ୍ତ ଏହାର ସମାଧାନ ପାଇଁ ଦାବି ହେଉଛି ।

# ବିଶ୍ୱକର୍ମାଙ୍କ ଭସାଣି ଉତ୍ସବ

କୋରୁକୋଣ୍ଡା,୨୨।୯ (ସମିସ):ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ଥିବା ବାଲିମେଳା ଜଳ ବିଦ୍ୟୁତ କେନ୍ଦ୍ର ପକ୍ଷରୁ ବାଲି ପାୱାର ରିକ୍ରେସନ କ୍ଲବ ପରିସରରେ ଗତ ୧୭ ତାରିଖରୁ ଆରମ୍ଭ ହୋଇଥିବା ଦେବଶିଳ୍ପୀ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ସୋମବାର ଶେଷ ହୋଇଛି । ସନ୍ଧ୍ୟାରେ ଦେବସ୍ଥପତିଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱକର୍ମାଙ୍କ ମୂର୍ତ୍ତୀକୁ ବିଭିନ୍ନ ପ୍ରକାର ବାଦ୍ୟ, ନୃତ୍ୟ ଏବଂ ଆତିସବାଜିର ତାଳେ ତାଳେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରାଯାଇଥିଲା ।ପ୍ରଭୁ ବିଶ୍ୱକର୍ମାଙ୍କ ଭସାଣି ଉତ୍ସବରେ ଠାକୁରଙ୍କ ଦର୍ଶନ କରିବାକୁ ସହରର ବିଭିନ୍ନ ସ୍ଥାନରେ ଲୋକଙ୍କ ଭିଡ ଜମିଥିବାବା ଦେଖିବାକୁ ମିଳିଛି । ଏହି କାର୍ଯ୍ୟକ୍ରମରେ ବାଲିମେଳା ଜଳ ବିଦ୍ୟୁତ କେନ୍ଦ୍ରର ପୂଜା କମିଟିର ସଭାପତି ଭାବେ ତଥା ବିଭାଗର ବରିଷ୍ଠ ସାଧରଣ ପରିଚାଳକ ଦିଲ୍ଲୀପ କୁମାର ସ୍ୱାଇଁ,ସାଧାରଣ ସମ୍ପାଦକ ଜୀବନ ଖଣ୍ଡୁଆଳ, ଯୁଗ୍ମ ସମ୍ପାଦକ ରାମ କୃଷ୍ଣ ମାହାନ୍ତି, ସୁରେଶ ବେହେରା, ପ୍ରବୀର କୁମାର ଦାସଙ୍କ ସମେତ ବିଭାଗର ଅନ୍ୟ ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବିଶ୍ୱକର୍ମାଙ୍କ ମେଢ଼ ସହିତ ସହରର ବିଭିନ୍ନ ଅଞ୍ଚଳରେ ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କୁ ମୁତୟନ କରାଯାଇଥିବା ଦେଖିବାକୁ ମିଳିଛି ।

# ପଥର ପରିବହନରେ ରାସ୍ତା ଅବସ୍ଥା ଶୋଚନୀୟ

କାଲିମେଳା,୨୨।୯ (ସମିସ): ମାଲକାନାଗିରି ଜିଲ୍ଲା ମୋଟୁ ତହସିଲ ଅନ୍ତର୍ଗତ ପେଟା ଗ୍ରାମ ନିକଟରେ ଥିବା ଦୁଇ ଗୋଟି ଗ୍ରାନାଇଟ୍ ଭିଜି ଗ୍ରାନାଇଟ୍ ଏବଂ ଜାମ୍ମୁ ଗ୍ରାନାଇଟ୍ କମ୍ପାନୀର ଗ୍ରାନାଇଟ୍ ପଥର ପରିବହନରେ ଜିଲ୍ଲାର ୩୨୬ ନମ୍ବର ଜାତୀୟ ରାଜପଥର



ଅବସ୍ଥା ଶୋଚନୀୟ ହେବା ଅଭିଯୋଗ ହୋଇଛି । ସୂଚନା ମୁତାବକ ପେଟା ଗ୍ରାମ ନିକଟସ୍ଥ ଗ୍ରାନାଇଟ୍ ଖଣିରୁ ପଥର ଖନନ କରି ତେଲେଙ୍ଗାନାର ଖାମାମ ପ୍ରୋସେସିଙ୍ଗ ୟୁନିଟକୁ ପଠାଯାଉଛି । ଦୁଇ ଗ୍ରାନାଇଟ୍ ଖଣିର ପଥର ପରିବହନରେ ୩୦ର ଅଧିକ ଟ୍ରଲର ଗାଡ଼ିକୁ ନିୟୋଜିତ କରାଯାଇଛି । ଏହି ଟ୍ରଲର ଗୁଡ଼ିକ ଖଣି ସ୍ଥଳରୁ ଆରଡି ଏବଂ ପିବ୍ଲୁଡି ରାସ୍ତା ଦେଇ ଆସିବା ପରେ ୩୨୬ ନମ୍ବର ଜାତୀୟ ରାଜପଥ ମୋଟୁ ସୀମାନ୍ତ ଦେଇ ଆନ୍ଧ୍ରକୁ ପ୍ରବେଶ କରୁଛି । ସୂଚନା ଅନୁଯାୟୀ ଆରଡି ରାସ୍ତା ୧୦ ରୁ ୨୦ ଟନ୍, ପିବ୍ଲୁଡି ରାସ୍ତା ୩୦ ରୁ ୪୦ ଟନ୍ ଏ?ଂ ୩୨୬ ଜାତୀୟ ରାଜପଥ ୪୦ ରୁ ୬୦ ଟନ୍ ପର୍ଯ୍ୟନ୍ତ ବୋଝ ସମ୍ଭାଳିବାର କ୍ଷମତା ରହିଛି । କିନ୍ତୁ ଟ୍ରଲରର ଓଜନ ସହିବାର କ୍ଷମତା ପାଖାପାଖି ୫୭ ଟନ୍ ରହିଥିବା ବେଳେ ଏଠାରେ ୧୦୦ ଟନ୍ ପର୍ଯ୍ୟନ୍ତ ଗ୍ରାନାଇଟ୍ ପଥର ବୋଝେଇ କରି ପରିବହନ କରାଯାଉଛି । ଯାହାଫଳରେ ପୁଶୁଗୁଡା ଛକ ଠାରୁ ମୋଟୁ ପର୍ଯ୍ୟନ୍ତ ଜାତୀୟ ରାଜପଥ ଖାଲମାଲ ସୃଷ୍ଟି ହେବାସହ ଉକ୍ତ ଆରଡି ଏବଂ ପିବ୍ଲୁଡି ରାସ୍ତା ମଧ୍ୟ ଶୋଚନୀୟ ହୋଇପଡ଼ିଛି । ଜିଲ୍ଲାର ଜାତୀୟ ରାଜପଥ ମଧ୍ୟରୁ ଅନ୍ୟ ପଟେ ରାସ୍ତା ଭଲ ଥିବାବେଳେ ଗ୍ରାନାଇଟ୍ କମ୍ପାନୀ ବ୍ୟବହାର କରୁଥିବା ରାଜପଥ ନଷ୍ଟ ହେବାରେ ଲାଗିଛି । ଏସଂପର୍କରେ ଗ୍ରାନାଇଟ୍ କମ୍ପାନୀର ଅଫିସ୍ ଦାୟତ୍ୱରେ ଥିବା ଜଣେ କର୍ମଚାରୀଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ ଓଜନ କରିବା ମେସିନ ବ୍ୟବହାର କରାଯାଉ ନାହିଁ ଏବଂ ମିଟର ମାପରେ ଗ୍ରାନାଇଟ୍ ପଥରକୁ ଖାମାମ ପଠାଯାଉଥିବା କହିଥିଲେ । ତେବେ ସଂପୃକ୍ତ ବିଭାଗ ଗୁଡ଼ିକ ଏଦିଗରେ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ନବରାତ୍ରୀ ପୂଜା ପାଇଁ କୋରୁକୋଣ୍ଡା ଓ ବାଲିମେଳା ଉତ୍ସବମୁଖର

କୋରୁକୋଣ୍ଡା/ବାଲିମେଳା , ୨୨।୯ (ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ସହରର ପୁରୁଣା ବସଷ୍ଟାଣ୍ଡ ନିକଟରେ ସୋମବାର ଶାରଦୀୟ ମା' ନବରାତ୍ରିଙ୍କ ପୂଜା ଆରମ୍ଭ ହୋଇଯାଇଛି । ସୋମବାର ସକାଳ ୧୦ଟା ସମୟରେ ନିକଟସ୍ଥ ଚିତାପାରି ନଦୀରୁ ମହିଳା ଓ ଅନ୍ୟ ଭକ୍ତ ମାନେ ସଂକୀର୍ତ୍ତନ ମଣ୍ଡଳୀଙ୍କ ସହିତ ଏକ କଳସ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ । ପରେ ମା'ଙ୍କ ମଣ୍ଡପରେ କଳସ ସ୍ଥାପନ କରାଯିବା ସହ ରୀତିନୀତି ଅନୁଯାୟୀ ମା' ଙ୍କର ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା ।ଦିନ ୧୧ ଟା ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ମା' ଙ୍କର ପୂଜାର୍ଚ୍ଚନା ଓ ହୋମ କରାଯାଇଥିଲା । ଏଥି ସହ ସନ୍ଧ୍ୟା ଆଳତି ମଧ୍ୟ କରାଯାଇଥିଲା ଶତାଧିକ ଭକ୍ତ ମାନଙ୍କ ସହ ପୂଜା କମିଟିର ସଦସ୍ୟ ମାନେ ଉପସ୍ଥିତ ରହି ପୂଜାରେ ଭାଗ ନେଇଥିଲେ । ପୂଜା ମଣ୍ଡପ ନିକଟରେ ଥିବା ମୁଖ୍ୟ ରାସ୍ତା ବଡ ବଡ ତୋରଣ ସାଙ୍ଗକୁ ରଙ୍ଗ ବେରଙ୍ଗ ଆଲୋକ ମାଳାରେ ଝଲସି ଉଠୁଛି ।ଏହି ପୂଜା ମଣ୍ଡପରେ ଚଳିତ ବର୍ଷକୁ ମିଶାଇ ମୋଟ ୧୪ ବର୍ଷ ହେଲା ଆଡମ୍ବର ସହକାରେ ମା 'ନବରାତ୍ରିଙ୍କ ପୂଜା ପାଳିତ



ହୋଇ ଆସୁଅଛି । ଏହି ପୂଜା ଦେଖିବା ପାଇଁ ବାଲିମେଳା ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଭକ୍ତଙ୍କ ଭିଡ ଜମୁଛି । ପୂଜା କମିଟିର ସଦସ୍ୟ ନରସିଂହ ବେହେରା, ବଂଶୀ ବରାଡ଼,ଭଗବାନ ବାଘ, ସିଦ୍ଧାର୍ଥ ରଞ୍ଜନ ଦାସ, ବୈଶାଖ ବରାଡ଼, ବିଶ୍ୱଜିତ ନାୟକ, ଫକୀର ବାଘଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟ ମାନେ ଉପସ୍ଥିତ ରହି ଏହି ନବରାତ୍ରି ପୂଜାକୁ ସୁଚରୁରୂପେ ପରିଚାଳନା କରୁଛନ୍ତି । ଏହି ନବରାତ୍ରି ପୂଜା ସୋମବାର ଠାରୁ ଆରମ୍ଭ ହୋଇ ଅକ୍ଟୋବର ମାସ ୫ ତାରିଖ ପଯ୍ୟନ୍ତ ଚଳିବ ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି । ପୂଜାକୁ ଦୃଷ୍ଟିରେ ରଖି ଓର୍କେଲ ଥାନା ଅଧିକାରୀ ଧିରେନ ପଟ୍ଟନାୟକଙ୍କ ତତ୍ୱାବଧାନରେ ପୂଜା ମଣ୍ଡପ ଓ ସହରରେ ପେଟ୍ରୋଲିଙ୍ଗ କରାଯିବା ସହ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ।ସେହିପରି ଭାବେ କୋରୁକୋଣ୍ଡା ବ୍ଲକ ସଦର ମା ମାଉଳି ମନ୍ଦିର ପରିସରରେ ଶ୍ରଦ୍ଧାଳୁ ମାନେ ନବରାତ୍ରୀ ବ୍ରତ ଆଜି ଆରମ୍ଭ କରିଥିବା ବେଳେ, ପ୍ରଥମେ ନିକଟ ଜଳ ଶ୍ରାୟରୁ କଳସ ଯାତ୍ରା କରିବା ସହିତ ଜଳ କଳସି ସ୍ଥାପନା କରିଥିଲେ । ପରେ ବିଲ୍ୱ ବରଣ କରି ହୋମ ପୂଜା ଆରମ୍ଭ ହୋଇଥିଲା ଏହା ୯ଦିନ ପର୍ଯ୍ୟନ୍ତ ଚାଲି ବାକୁ ଥିବା ବେଳେ ନବମୀ ଦିନ ଏହାର ଉଦ୍ୟାପନୀ କରାଯିବ

# ଶୌଚାଳୟ ମରାମତି ପାଇଁ ଲକ୍ଷାଧିକ ଖର୍ଚ୍ଚ!

ମାଥିଲି,୨୨।୯ (ସମିସ): ବିଦ୍ୟାଳୟ ମାନଙ୍କରେ ଛାତ୍ରଛାତ୍ରୀ ମାନେ ଶୌଚ ହେବା ପାଇଁ ପ୍ରତି ବିଦ୍ୟାଳୟରେ ପଞ୍ଚାୟତ ତରଫରୁ ଏକ ଲକ୍ଷ ଅଟକଳ ବ୍ୟୟରେ ଶୌଚାଳୟ ନିର୍ମାଣ ହେଉଛି । ପୁଣି ସେହି ଶୌଚାଳୟକୁ ଏକ ବର୍ଷ ଦେଢ଼ ବର୍ଷ ଭିତରେ ପଞ୍ଚାୟତ ତରଫରୁ ମରାମତି ପାଇଁ ପୁଣି ଏକ ଲକ୍ଷ ଅର୍ଥରେ ମରାମତି ହୋଇଛି । ଏଠି ପ୍ରଶ୍ନ ଉଠୁଛି ନିର୍ମାଣ ପାଇଁ ଲକ୍ଷ ଓ ମରାମତି ପାଇଁ ଲକ୍ଷ ମଞ୍ଜୁର କରିଛନ୍ତି ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ । ଶୌଚାଳୟ ମରାମତି ନାଁରେ ଅର୍ଥ ହରି ଲୁଟ ହୋଇଥିବା ଅଭିଯୋଗ ହେଉଛି । ଏଭଳି ଅଭିଯୋଗ ଆସିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ମହୁପଦର ପଞ୍ଚାୟତ ଅନ୍ତର୍ଗତ ଗୁରୁଗୁଡା ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ । ଗୁରୁଗୁଡା ଗ୍ରାମରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଗତ ବର୍ଷ ପଞ୍ଚାୟତ ତରଫରୁ ଏକ ଲକ୍ଷ ଅର୍ଥ ବ୍ୟୟରେ ଶୌଚାଳୟ ନିର୍ମାଣ ହୋଇଥିବା



ବେଳେ ଚଳିତ ବର୍ଷ ସେହି ଶୌଚାଳୟକୁ ମରାମତି ପାଇଁ ପୁଣି ଏକ ଲକ୍ଷ ମଞ୍ଜୁର କରି ଖାଲି ରଙ୍ଗ ମାରି ଅର୍ଥ ହରିଲୁଟ ହୋଇଛି ବୋଲି ଗ୍ରାମବାସୀ ଅଭିଯୋଗ ହୋଇଛି । ଠିକାଦାର ଓ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ମଧୁ ଚନ୍ଦ୍ରିକାରେ ଅର୍ଥ ହରିଲୁଟ ହୋଇଥିବା ଜଣାପଡିଛି । ସବୁଠାରୁ ବଡ଼ କଥା ହେଉଛି ଶୌଚାଳୟ ମରାମତି ସମୟରେ ବିଦ୍ୟାଳୟ ଭିତରକୁ ଟ୍ରାକ୍ଟର ପୁରାଇ ବିଦ୍ୟାଳୟଟିକୁ ସମ୍ପୂର୍ଣ୍ଣ ଭାବରେ ଭାଙ୍ଗି ଦେଇଛି ସମ୍ପୃକ୍ତ ଠିକାଦାର ବୋଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଧୀର ପଟ୍ଟନାୟକ କହିଛନ୍ତି । ପ୍ରଧାନ ଶିକ୍ଷକଶ୍ରୀ ପଟ୍ଟନାୟକ ଶୌଚାଳୟ ମରାମତି କରୁଥିବା ଠିକାଦାର ଓ ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ଗେଟ ଟିକୁ ମରାମତି କରିବା ପାଇଁ ବହୁବାର କହିବା ପରେ ମଧ୍ୟ କେହି ବି କର୍ଣ୍ଣପାତ କରୁ ନଥିବା ଅଭିଯୋଗ କରିଛନ୍ତି । ଏ ନେଇ ଡିପିଇପି କନିଷ୍ଠ ଯନ୍ତ୍ରୀ ଅଜୟ କୁମାର ମହାଳିକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ସେହି ଶୌଚାଳୟ ତାଙ୍କ ବିଭାଗର ନୁହେଁ । ପଞ୍ଚାୟତ ତରଫରୁ ବିଦ୍ୟାଳୟରେ ନିର୍ମାଣ ହୋଇଛି । ମାଥିଲି ବ୍ଲକ ନିର୍ବାହୀ ଯନ୍ତ୍ରୀ ହୃଦୟ ରଞ୍ଜନ ବାଘଙ୍କ ସହିତ ଯୋଗାଯୋଗ କରିବାରୁ ନିର୍ବାହୀ ଯନ୍ତ୍ରୀ ସେ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କରି ଘଟଣା ବିଷୟରେ ଜାଣିବା ପାଇଁ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ନିହାର ନାୟକଙ୍କ ସହ ଯୋଗାଯୋଗ କରିଥିଲେ । କିନ୍ତୁ ଯୋଗାଯୋଗ ସମ୍ଭବ ହୋଇ ପାରି ନ ଥିଲା । ଏହି ଶୌଚାଳୟ ମରାମତିରେ ଅର୍ଥ ହଡପ ହୋଇଥିବା ଅଭିଯୋଗକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉଚ୍ଚ ସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ସିମିଳିବାଞ୍ଚା ପଞ୍ଚାୟତରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

ମାଲକାନଗିରି/ ପଡିଆ,୨୨। ୯ (ସମିସ): ଆଜି ପଡିଆ ବ୍ଲକ୍ ସିମିଳିବାଞ୍ଚା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ ଓ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ଏଚ୍ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ । ଆଜି ମୋଟ ୭୨ଗୋଟି ଅଭିଯୋଗର ଶୁଣାଣୀ ହୋଇଥିଲା । ସେଥି ମଧ୍ୟରୁ ୨୨ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୫୦ ଗୋଟି ସାମୁହିକ ଅଭିଯୋଗ ରହିଥିଲା । ଏହି ଶିବିରରେ ରାସନ୍ କାର୍ଡ, ବିଜୁଳି ସଂଯୋଗୀକରଣ, ଜମିଜମା, ଚାକିରୀ, ପାନୀୟ ଜଳ, ସାମାଜିକ ସୁରକ୍ଷା ପେନସନ ଏବଂ ରାସ୍ତା ଓ କୋଠାବାଡ଼ି ଓ ଉନ୍ନୟନ କାର୍ଯ୍ୟ ସମ୍ବନ୍ଧୀୟ ଅଭିଯୋଗର ଶୁଣାଣୀ ହୋଇଥିଲା । ଏହି ଶୁଣାଣୀରେ ରାସନ୍ କାର୍ଡ, ଶ୍ରମ କାର୍ଡ, ଆଧାର କାର୍ଡ ଅପଡେଟ, ସ୍ୱାସ୍ଥ୍ୟ କାର୍ଡ, ସାମାଜିକ ସୁରକ୍ଷା ପେନସନ ଓ ଜଙ୍ଗଲ ଜମି ସମ୍ବନ୍ଧୀୟ ସମସ୍ୟାର ତୁରନ୍ତ ସମାଧାନ



ପାଇଁ କ୍ୟାମ୍ପ କରାଯାଇ ଅନଲାଇନ୍ ସେବା ଯୋଗାଇ ଦିଆଯାଇଥିଲା । ଜନ ଅଭିଯୋଗ ଶୁଣାଣି ପରେ ଜିଲ୍ଲାପାଳ ସିମିଳିବାଞ୍ଚା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ନେତାଜୀ ମେମୋରିଆଲ ବିଦ୍ୟା ଭବନ, ଏମ.ଭି-୬୧ ଗସ୍ତ କରି ମଧ୍ୟାହ୍ନ ଭୋଜନର ମାନ ପରଖିବା ସହ ଛାତ୍ର ଛାତ୍ରୀଙ୍କ ସହ କଥା ହୋଇ ପିଲାଙ୍କ ପାଠପଢା, ସୁବିଧା ଅସୁବିଧା ବୁଝିଥିଲେ ଓ ତତ୍ ସହିତ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଅନ୍ୟାନ୍ୟ ବିଦ୍ୟାଳୟ ପରିଦର୍ଶନ କରି ମଧ୍ୟାହ୍ନ ଭୋଜନର ମାନ ପରଖିଛନ୍ତି । ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଓ ଉପ ଜିଲ୍ଲାପାଳ ଅଶ୍ୱିନ ଏ ଏଲ୍ ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପଡିଆ ବିଡିଓ, ସହାୟକ ଜିଲ୍ଲାପାଳ ନିର୍ବାଚନ ଅଶୋକ ଚକ୍ରବର୍ତ୍ତୀଙ୍କ ସମେତ ଜିଲ୍ଲାର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।

# ମାଲକାନଗିରି ଜିଲ୍ଲାରେ ବୃତ୍ତିପରୀକ୍ଷା

ମାଲକାନଗିରି,୨୨।୯ (ସମିସ):

ମାଲକାନଗିରି ଜିଲ୍ଲାର ୧୫ଟି କେନ୍ଦ୍ରରେ ୩୨୦୦ ଜଣ ଛାତ୍ର ଛାତ୍ରୀ ବୃତ୍ତିପରୀକ୍ଷା ଦେଇଛନ୍ତି । ଆଜି ମାଲକାନାଗିରି ଜିଲ୍ଲାରେ ପ୍ରାଥମିକ ବୃତ୍ତି ପରୀକ୍ଷା ଆୟୋଜନ କରାଯାଇଛି । ମାଧ୍ୟମିକ ଶିକ୍ଷା ପରିଷଦ କଟକଙ୍କ କାର୍ଯ୍ୟସୂଚୀ କ୍ରମେ ମାଲକାନାଗିରି ଜିଲ୍ଲାରେ ସମସ୍ତ ୭ ଗୋଟି ବ୍ଲକ ରେ ଏହି ପରୀକ୍ଷା ଆୟୋଜନ କରାଯାଇଛି । ମାଲକାନଗିରି, ପଡିଆ, କାଲିମେଳା, କୋରକୁଣ୍ଡା,ଚିତ୍ରକୋଣ୍ଡା, ଖଇରପୁଟ, ମାଥିଲି ସମସ୍ତ ୭ଟି ବ୍ଲକରେ ହୋଇଥିବା ୧୫ ଗୋଟି ପରୀକ୍ଷା କେନ୍ଦ୍ର ରେ ପ୍ରାୟ ୩୨୦୦ ଛାତ୍ରଛାତ୍ରୀ ଏହି ବୃତ୍ତି ପରୀକ୍ଷା ଦେଇଥିଲେ । ସେହି ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ମେଧା କୃତି ଛାତ୍ର ଛାତ୍ରୀ ଙ୍କୁ ଚୟନ କରାଯାଇ ସରକାରୀ ବୃତ୍ତି ପ୍ରଦାନ କରାଯିବ । ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତ ରଞ୍ଜନ ପାଣିଗ୍ରାହୀ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି ପରୀକ୍ଷା ସଫଳତାର ସହିତ ଆୟୋଜିତ ହୋଇଯାଇଛି ।

# ମା' ଆଦି ଶକ୍ତିଙ୍କ କଳସ ଯାତ୍ରା

ମୁନିଗୁଡ଼ା,୨୨।୯ (ସମିସ) ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଆମ୍ବାଦଳା ଠାରେ ସାର୍ବଜନିନ ଶାରଦୀୟ ନବରାତ୍ର ଦୁର୍ଗାପୂଜା ପାଇଁ ସାରା ସହର ଉତ୍ସବ ମୁଖର ହୋଇଉଠିଛି । ପାବିତ୍ର ଦୁର୍ଗା ପୂଜା ପାଇଁ ଆଜି ମହା ଆଡମ୍ବରରେ ମା ଆଦି ଶକ୍ତିଙ୍କ କଳସ ଯାତ୍ରା ଅନୁଷ୍ଠିତ ହୋଇ ଯାଇଥିବା ବେଳେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା ।। ଅମ୍ବାଦଳାରେ ଅନୁଷ୍ଠିତ ହେଉଥିବା ଦୁର୍ଗା ପୂଜା ରାୟଗଡ଼ା ଜିଲ୍ଲାର ଏକ ପ୍ରସିଦ୍ଧ ଦୁର୍ଗା ପୂଜା । ଆଜି ଅର୍ଥାତ୍ ସୋମବାର ଦିନ ଅମ୍ବାଦଳା ପଞ୍ଚମୁଖୀ ମନ୍ଦିର ନିକଟ ବଂଶଧାରା ନଦୀକୂଳରେ ପାରମ୍ପରିକ ରୀତି ନୀତି ଅନୁସାରେ ପୁରୋହିତ ମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ନଦୀର ପବିତ୍ର ଜଳକୁ ୫୦୦ କଳସୀରେ ଭରି ମହିଳା ମାନେ ମୁଣ୍ଡରେ ଧରି ସଂକୀର୍ତ୍ତନ ମଣ୍ଡଳୀ ଙ୍କ ସହ ମହା ପଟୁଆରରେ ଶଙ୍ଖ ମହୁରୀରେ ସହର ପରିକ୍ରମା କରିବା ପରେ ମାଙ୍କ ମନ୍ଦିରରେ ପହଞ୍ଚି ଥିଲେ ।



ଦୁର୍ଗା ପୂଜା କମିଟି ସଭାପତି ସନ୍ତୋଷ ପାତ୍ରଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷ ମାଙ୍କ ପୀଠରେ ସେବାୟତ ଭାବରେ ବିପିନ୍ ବିହାରୀ କର, ଅକ୍ଷୟ କୁମାର ରଥ , ସୁବାଷ ମିଶ୍ର ଓ ଶୁଭାଶିଷ ମିଶ୍ରଙ୍କ ସମେତ ୪ଜଣ ପୁରୋହିତ ମା'ଙ୍କ ସେବାରେ ନିୟୋଜିତ ହୋଇଥିବା ବେଳେ କମିଟିର କର୍ମକର୍ତ୍ତା ଓ ସଦସ୍ୟ ମାନଙ୍କ ଉପସ୍ଥିତି ଓ ସହଯୋଗରେ ମାଙ୍କ ନିତିକାନ୍ତି ସମ୍ପୂର୍ଣ୍ଣ ହୋଇଥିବା ଦେଖିବାକୁ ମିଳିଛି । କର୍ତ୍ତା ଭାବରେ ଭି. ସୁରେଶ କୁମାର ଯୋଗ ଦେଇଥିବା ବେଳେ କମିଟି ପକ୍ଷରୁ ଜଗନ୍ନାଥ ପ୍ରସାଦ, ଦେବୀ ପ୍ରସାଦ ମୁଖାର୍ଜୀ, ଧିରେନ୍ଦ୍ର ପାଣିଗ୍ରାହୀ, ଶ୍ରୀଧର ସାହୁ, ସନ୍ତୋଷ ଆଚାରି, ପ୍ରଦୀପ ପଣ୍ଡା, ରବି ଦଳେଇ, ବିନୋଦ ସାହୁ, ସୁବାସ ସେନାପତି ପ୍ରମୁଖ ଙ୍କ ସହ ଅଞ୍ଚଳ ର ମାନ୍ୟ ଗଣ୍ୟ ବ୍ୟକ୍ତି ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

● ବକେୟା ଦରମା ପ୍ରଦାନ ଦାବିରେ ଗଣଧାରଣା

# ସାମିଲ ହେଲେ ୬ଟି କମ୍ୟୁନିଟି ସପୋର୍ଟ ଷ୍ଟାଫ୍



ମୁନିଗୁଡ଼ା,୨୨।୯:(ସମିସ) ୬ ମାସର ବକେୟା ଦରମା ଓ ପୂର୍ବରୁ ପାଉଥିବା ନିର୍ଦ୍ଧାରିତ ପାରିଶ୍ରମିକ ରାଶି ପାଇବା ସକାଶେ ମୁନିଗୁଡା ବ୍ଲକ ସମ୍ମୁଖରେ ପ୍ରତିବାଦ ସଭା ସହ ଗଣ ଧାରଣାରେ ବସିବା ପାଇଁ ୨୦ ତାରିଖ ଦିନ ଆଲ ଓଡ଼ିଶା ଜିପିଏଲଏଫ୍ କର୍ମିସଂଘ ପକ୍ଷରୁ ଦାବିପତ୍ର ଦିଆଯାଇଥିବା ବେଳେ ଆଜି ଅଞ୍ଚଳର ମିଶନ ଶକ୍ତି ମହିଳା ମାନେ ମୁନିଗୁଡ଼ା ବ୍ଲକ ସମ୍ମୁଖରେ ପ୍ରତିବାଦ ସଭା ସହ ଗଣ ଧାରଣାରେ ବସିଛନ୍ତି । ୬ ମାସ ହେଲା ବିଡ଼ିଓ, ଜିଲ୍ଲାପାଳଙ୍କ ସମେତ ମିଶନ ଶକ୍ତି ମିନିଷ୍ଟରଙ୍କୁ ଉକ୍ତ ବିଷୟରେ ବାରମ୍ବାର ଜଣାଇ ଆସୁଥିଲେ ସୁଦ୍ଧା କୌଣସି ସମାଧାନ ନହେବାରୁ ଗତ ୧୫ ତାରିଖ ଦିନ ରାଜ୍ୟର ୩୧୪ ବ୍ଲକର ସିଏସଏସ ମାନେ ବିଭାଗୀୟ ଅଫିସ ସମ୍ମୁଖରେ ଗଣ ଧାରଣା ଦେଇଥିଲେ । ସେଠାରେ ଆଲୋଚନା ପରେ ପ୍ରୋତ୍ସାହନମୂଳକ ବୃତ୍ତିଗତ ବୋନସ ନନେବା ପାଇଁ ସିଏସଏସ ମାନେ ଲିଖିତ ଅଭିଯୋଗ ମଧ୍ୟ କରିଥିବା ବେଳେ ଏକ ସପ୍ତାହ ବିତି ଯାଇଥିଲେ ସୁଦ୍ଧା ବିଭାଗ ପକ୍ଷରୁ କୌଣସି ନିର୍ଦ୍ଧାରିତ ପାରିଶ୍ରମିକ ରାଶି ସମ୍ବନ୍ଧିୟ କୌଣସି ଚିଠି ନଆସିବାରୁ ଆଜି ମୁନିଗୁଡ଼ା ଓଏଲ୍ ଏମ ଅଫିସରେ ତାଲା ପକାଇ ବ୍ଲକ ସମ୍ମୁଖରେ ଧାରଣାରେ ବସିଛନ୍ତି ମିଶନ ଶକ୍ତି ମହିଳା । ଦାବିପୂରଣ ନହେଲେ ଅନିର୍ଦ୍ଧିଷ୍ଟ କାଳ ଧାରଣା ଚାଲୁ ରହିବ ବୋଲି ସଂଘ ଜଣାଇଛି । ଏହି ପ୍ରତିବାଦ ସଭା ଓ ଗଣ ଧାରଣାରେ ମିଶନ ଶକ୍ତି ମହିଳା ମାନଙ୍କ ସହ ଏମବିକେ, ବ୍ୟାଙ୍କ୍ ମିତ୍ର, ଏଲଏସପି, ସିଆରପି, କୃଷି ମିତ୍ର ଓ ପ୍ରାଣୀ ମିତ୍ର ସାମିଲ ହୋଇଥିବା ଦେଖିବକୁ ମିଳିଛି ।

# ଟ୍ରାକ୍ଟରରେ ବାଲି ଚୋରା ଚାଲାଣ

■ ପ୍ରଶାସନ ନିରବଦ୍ରଷ୍ଟା

ମାଥିଲି,୨୨।୯ (ସମିସ): ବେଧଡ଼କ ଚାଲିଛି ଟ୍ରାକ୍ଟରରେ ଚୋରା ବାଲି ଚାଲାଣ । ପୂର୍ବରୁ ବାଲି ଘାଟ ଗୁଡିକ ନିଲାମ ଓ କଟକଣା ତହସିଲଦାରଙ୍କ ହାତରେ ଥିଲା । କିନ୍ତୁ ସରକାର ନିୟମ ପରିବର୍ତ୍ତନ କରି ବାଲି ଘାଟ ଗୁଡିକୁ ରାଜ୍ୟ ଖଣି ବିଭାଗକୁ ହସ୍ତାନ୍ତର କରିବା ପରେ ବାଲି ମାଫିଆ ମାନେ ଏବେ ବେଧଡ଼କ ବାଲି ଚୋରାଚାଲାଣ କରିବାରେ ସଫଳ ହେଉଛନ୍ତି । ଚୋରା ବାଲି ଚାଲାଣକୁ ରୋକିବାରେ ସକ୍ଷମ ହେଉ ନାହିଁ । ଜିଲ୍ଲା ଖଣି ବିଭାଗ ଯାହା ଦ୍ୱାରା ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଛି ଖଣି ବିଭାଗ । ଏପରି ଏକ ଦୃଶ୍ୟ ସାମ୍ନାକୁ ଆସିଛି ଉପାନ୍ତ ମାଲକାନଗିରି ମାଥିଲି ବ୍ଲକ କୁଟୁଣୀପାଲ୍ଲୀ ପଞ୍ଚାୟତ ଅନ୍ତର୍ଗତ କାଦପଦର ଗ୍ରାମ ନିକଟରେ ଥିବା କିର୍ଚ୍ଛି ନଦୀରୁ । ବାଲି ମାଫିଆ ମାନେ ଟ୍ରାକ୍ଟର ମାଧ୍ୟମରେ ବେଧଡ଼କ ଚୋରା ବାଲି ଚାଲାଣ କରୁଛି । ଯାହା ଦ୍ୱାରା ପ୍ରଶାସନ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଛି. ବାଲି ମାଫିଆ ମାନେ ଚୋରା ବାଲି ଚାଲାଣ କରି ମାଲାମାଲ ହେଉଛନ୍ତି । ବିଶେଷକରି ବାଲି ମାଫିଆ ମାନେ ଯେଉଁ କିର୍ଚ୍ଛି ନଦୀରୁ ବାଲି ଉଠାଉଛନ୍ତି, ତାହାର ମାତ୍ର ଦଶ ଫୁଟ ଦୂରରେ ଥିବା କିର୍ଚ୍ଛି ନଦୀ ଉପରେ ଏକ ସେତୁ ମଧ୍ୟ ରହିଛି । ବାଲି ଉଠିବା ଦ୍ୱାରା ସେତୁଟି କମଜୋର ହେଉଛି ବୋଲି ବହୁ ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି । ଜିଲ୍ଲା ଖଣି ବିଭାଗ ଓ ତଦାରଖ କରିବା ପାଇଁ ତହସିଲଦାର ମାନଙ୍କୁ ଦାୟିତ୍ୱ ଦିଆଯାଇଛି । କିନ୍ତୁ ଦୁଇ ବିଭାଗ ସବୁ ଜାଣି ନିରବ ବସି ରହିଛି । ବାଲି ମାଫିଆ ମାନେ ରାଜସ୍ୱ ଫାଙ୍କି ମାଲାମାଲ ହେଉଛନ୍ତି । ଯଦି ଜିଲ୍ଲା ଖଣି ବିଭାଗ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ନ ହୁଏ, ତାହେଲେ ଜିଲ୍ଲା ଖଣି ବିଭାଗ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଇବ ବୋଲି ଅନୁମାନ କରାଯାଉଛି ।

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/10 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | 31.08.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ମ୍ୟାନେଜର (ପ୍ରୋଡକ୍ଟସ୍-ଡିଜିଟାଲ୍ ପ୍ଲାଟଫର୍ମ) | ଏମ୍ଏମ୍ଜିଏସ୍-III | 34 | 28 | 35 |
| ଡେପୁଟି ମ୍ୟାନେଜର (ପ୍ରୋଡକ୍ଟସ୍-ଡିଜିଟାଲ୍ ପ୍ଲାଟଫର୍ମ) | ଏମ୍ଏମ୍ଜିଏସ୍-II | 25 | 25 | 32 |

**ବିଜ୍ଞାପନ ସଂ. CRPD/SCO/2025-26/11 (ନିୟମିତ ପଦବୀ)**


| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | 31.08.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ମ୍ୟାନେଜର କ୍ରେଡିଟ୍ ଆନାଲିଷ୍ଟ | ଏମ୍ଏମ୍ଜିଏସ୍-III | 63 | 25 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.09.2025 ରୁ 02.10.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 11.09.2025
**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

# ସମ୍ପାଦକୀୟ



ସ୍ୱାଧୀନତା ହେଉଛି ଆବଶ୍ୟକତାର ଚେତନା।
-କାଲମାର୍କସ୍

ସକାଳ
THE SAKALA

## ଯୋଗ୍ୟ ଓ ମେଧାଶକ୍ତିର ଅପଚୟ

ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ନାଗରିକଙ୍କ ମୌଳିକ ଆବଶ୍ୟକତା ପ୍ରତି ଉଚିତ ଧ୍ୟାନ ଦିଆଯାଇନଥିବାରୁ ରାଜ୍ୟର ଏହି ଦୁଇଟି କ୍ଷେତ୍ର ଅବହେଳିତ ଅବସ୍ଥାରେ ଅଛି। ଡାକ୍ତର ଅଭାବରୁ ରାଜ୍ୟର ଗ୍ରାମୀଣ ଜୀବନ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ହେବା ସହ ବ୍ୟୟବହୁଳ କର୍ପୋରେଟ ହସ୍‌ପିଟାଲ ଉପରେ ନିର୍ଭର କରୁଛି। ନିକଟରେ ଏହି ସମସ୍ୟା ଓ ତା'ର ସମାଧାନ ସଂପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲୁ। ଏବେ ରାଜ୍ୟର ଶିକ୍ଷା ବ୍ୟବସ୍ଥା ମଧ୍ୟ ଅନୁରୂପ ପରିସ୍ଥିତିର ସମ୍ମୁଖୀନ ହେଉଛି। ଆମ ରାଜ୍ୟର ଛାତ୍ରଛାତ୍ରୀ ସଠିକ ଶିକ୍ଷାଦାନରୁ ବଂଚିତ ହେଉଥିବାରୁ ଜାତୀୟ ସ୍ତରରେ ନିଜ ଦକ୍ଷତା ଓ ମେଧାଶକ୍ତି ପ୍ରଦର୍ଶନ କରିପାରୁନାହାନ୍ତି। ରାଜ୍ୟରେ ୧୭ଟି ସରକାରୀ ବିଶ୍ୱବିଦ୍ୟାଳୟ ଥିବାବେଳେ ଗୁଣାତ୍ମକ ମାନ ଦୃଷ୍ଟିରୁ ଜାତୀୟସ୍ତରରେ ପ୍ରତିଯୋଗୀକ୍ଷମ ହୋଇପାରୁନାହାନ୍ତି। ରାଜ୍ୟର ଉଚ୍ଚଶିକ୍ଷା କ୍ଷେତ୍ରର ଏହି ଦୁର୍ବଳ ସ୍ଥିତିକୁ ଦୃଷ୍ଟିରେ ରଖି ଅଭିଭାବକମାନେ ନିଜ ପିଲାଙ୍କୁ ଉଚ୍ଚତର ଶିକ୍ଷା ପାଇଁ ବାହାରକୁ ପଠାଉଛନ୍ତି। ଅଧ୍ୟାପନା ପାଇଁ ଯଦି ବିଶ୍ୱବିଦ୍ୟାଳୟରେ କ୍ରମାଗତ ଶିକ୍ଷକ ଅଭାବ ବଳବତ୍ତର ରହିବ ତେବେ ଛାତ୍ରଛାତ୍ରୀଙ୍କ ନିକଟରେ ଅଧ୍ୟୟନ ଗୁରୁତ୍ୱ ହରାଇବ ଓ ସେମାନେ ସ୍ୱାଭାବିକ ଭାବେ ବିପଥଗାମୀ ହେବେ।

ଆମେ ଏଠାରେ ସରକାରୀ ତଥ୍ୟ ଆଧାରରେ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣ କ'ଣ ସେ ସଂପର୍କରେ କିଛି ମତାମତ ଦେବାକୁ ଉଚିତ୍ ମନେ କରୁଛୁ। ବିଧାନସଭାରେ ମନ୍ତ୍ରୀଙ୍କ ଉତ୍ତରରୁ ସ୍ପଷ୍ଟ ଯେ ସରକାରୀ ବିଶ୍ୱବିଦ୍ୟାଳୟରେ ୧୪୦୪ ଅଧ୍ୟାପକ ପଦ ଖାଲିପଡ଼ିଛି। ଏହା ମୋଟ ସରକାରୀ ମଞ୍ଜୁରୀ ପ୍ରାପ୍ତ ଅଧ୍ୟାପକ ପଦର ୭୮ ପ୍ରତିଶତ। ସତରେ କି ବିଚିତ୍ର ପରିସ୍ଥିତି ବିଶ୍ୱବିଦ୍ୟାଳୟରେ ସୃଷ୍ଟି ହେଉଥିବ। ଠିକା ନିଯୁକ୍ତି ଉପରେ ନିର୍ଭର କରି କର୍ତ୍ତୃପକ୍ଷ କୌଣସିପ୍ରକାରେ କାମଚଳା ବ୍ୟବସ୍ଥା ଜାରି ରଖିଛନ୍ତି। ଯେଉଁଠାରେ ବୌଦ୍ଧିକ ବିକାଶ ଓ ଗବେଷଣାର ସୁଯୋଗ ସୃଷ୍ଟି ହେବା କଥା ସେଠାରେ ଯଦି ଠିକା ଅଧ୍ୟାପନା ଉପରେ ବ୍ୟବସ୍ଥା ନିର୍ଭରଶୀଳ ହେବ ଆମ ରାଜ୍ୟର ବିଶ୍ୱବିଦ୍ୟାଳୟ ଜାତୀୟସ୍ତର ମାନକ ଅନୁରୂପ ହେବ କିପରି? ସଚେତନ ଅଭିଭାବକଙ୍କ ପାଇଁ ଏହା ଚିନ୍ତା ଓ ଉଦ୍‌ବେଗର କାରଣ ହୋଇଛି। ସତେଯେପରି ମନେ ହେଉଛି ସରକାର ଏହି ବିଶ୍ୱବିଦ୍ୟାଳୟ ଖୋଲିଛନ୍ତି କେବଳ ଡିଗ୍ରୀ ବାଣ୍ଟିବା ପାଇଁ, ଯାହା ସାଧାରଣ ଓ ସାମାଜିକ ଜୀବନରେ ଦିନକୁ ଦିନ ଅଲୋଡ଼ା ହୋଇପଡୁଛି।

ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ରାଜ୍ୟର ସର୍ବପ୍ରାଚୀନ ତଥା ଗର୍ବଗୌରବ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସର୍ବାଧିକ ପଦ ଖାଲି ପଡ଼ିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଅଛି ଉତ୍କଳ ବିଶ୍ୱବିଦ୍ୟାଳୟ। ରେଭେନ୍ସାରେ ୧୬୧ ଅଧ୍ୟାପକ ପଦ ପୂରଣ ହୋଇପାରୁନି। ରାଜ୍ୟରେ ଖାଲିପଡ଼ିଥିବା ଏହି ପଦବୀ ମଧ୍ୟରେ ଅଛି ୨୬୦ ପ୍ରାଧ୍ୟାପକ, ୪୫୩ ସହଯୋଗୀ ପ୍ରାଧ୍ୟାପକ ଓ ୬୬୯ ସରକାରୀ ପ୍ରାଧ୍ୟାପକ ପଦ। ସେହିଭଳି ବିଶ୍ୱବିଦ୍ୟାଳୟ ପ୍ରଶାସନର ପ୍ରମୁଖ ଅଂଶ ୭୨ ପ୍ରତିଶତ ଅଣଶିକ୍ଷକ ପଦ ମଧ୍ୟ ଶୂନ୍ୟ ପଡ଼ିଛି। ବିଭାଗୀୟ ମନ୍ତ୍ରୀ ଏକଥା ବିଧାନସଭାରେ କହିଛନ୍ତି। ଏହି ପରିସ୍ଥିତି କେବଳ ବିଶ୍ୱବିଦ୍ୟାଳୟ ସ୍ତରରେ ସୀମିତ ରହିନାହିଁ। ସରକାରୀ ମହାବିଦ୍ୟାଳୟ ସ୍ଥିତି ମଧ୍ୟ ତଦ୍ରୂପ। ରାଜ୍ୟର ମୋଟ ୮୨ଟି ସରକାରୀ ମହାବିଦ୍ୟାଳୟରେ ୬୫୪ ଅଧ୍ୟାପକ ପଦ ଖାଲିପଡ଼ିଛି। କିନ୍ତୁ ଏହି ଅଭାବ ସତ୍ତ୍ୱେ ପାଠପଢ଼ା ଚାଲିଛି। ଯେତେଦୂର ମନେ ହୁଏ ଠିକା ବ୍ୟବସ୍ଥାରେ ଅପେକ୍ଷାକୃତ କମ ଖର୍ଚ୍ଚ ହେଉଥିବାରୁ ସରକାର ଅଧ୍ୟାପକ ନିଯୁକ୍ତିକୁ ଗୁରୁତ୍ୱ ଦେଉନାହାନ୍ତି। ଉଚ୍ଚ ଶିକ୍ଷା କ୍ଷେତ୍ର ମଧ୍ୟ କାମଚଳା ବ୍ୟବସ୍ଥାରେ ଚାଲିଛି। ଯୋଗ୍ୟ ଓ ମେଧା ଶକ୍ତିର ଅପଚୟ ପାଇଁ ଏହା ଏକ ଷଡ଼ଯନ୍ତ୍ର ନୁହେଁ ତ?

## ନିରର୍ଥକ ପ୍ରୟାସ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟରେ ପୁଣି ଥରେ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ସେ ହକ୍‌ଦାର ବୋଲି ଯୁକ୍ତି ଦର୍ଶାଇଛନ୍ତି। ଭାରତ-ପାକିସ୍ତାନ ସମେତ ୬ଟି ଯୁଦ୍ଧକୁ ରୋକିବାରେ ତାଙ୍କର ବ୍ୟକ୍ତିଗତ ଉଦ୍ୟମରୁ ସଫଳତା ମିଳିଛି। ତାଙ୍କ ଦାବିର ଯଥାର୍ଥତାକୁ ବିଚାର କଲେ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ସାମରିକ ଉତ୍ତେଜନାକୁ ସେ ଯୁଦ୍ଧର ମାନ୍ୟତା ଦେଇ ବାଗାଡ଼ମ୍ବର କରିଛନ୍ତି। 'ଅପରେସନ ସିନ୍ଦୂର' ପ୍ରସଙ୍ଗରେ ଭାରତ ଟ୍ରମ୍ପଙ୍କ ହସ୍ତକ୍ଷେପକୁ ଏପର୍ଯ୍ୟନ୍ତ ଅସ୍ୱୀକାର କରି ଆସିଥିବା ବେଳେ ନିକଟରେ ପାକିସ୍ତାନ ବୈଦେଶିକ ମନ୍ତ୍ରୀ ମଧ୍ୟ ତାହାକୁ ଖଣ୍ଡନ କରିଛନ୍ତି। ଅଥଚ ସେ ନିଜେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସଂଶ୍ଳିଷ୍ଟ ଥିବା ୭୦୦ ଦିନ ଧରି ଗାଜା ବିରୋଧରେ ଚାଲିଥିବା ଇସ୍ରାଏଲର ଆକ୍ରମଣ ଏବଂ ୧୩୦୦ ଦିନରୁ ଊର୍ଦ୍ଧ୍ୱକାଳ ଧରି ରୁଷିଆ – ୟୁକ୍ରେନ ଯୁଦ୍ଧର ଅବସାନ ଘଟାଇବାରେ ବିଫଳତା ସଂପର୍କରେ ନିରବ ରହିଛନ୍ତି। ଗାଜାରେ ଗଣହତ୍ୟା ଏବଂ ୟୁକ୍ରେନରେ ଯୁଦ୍ଧ ବିଭୀଷିକା ଓ ବୀଭତ୍ସତାର କୌଣସି ପଟାନ୍ତର ନାହିଁ। ସମଗ୍ର ବିଶ୍ୱ ସମୁଦାୟ ଯୁଦ୍ଧ ବିରତି ଓ ଶାନ୍ତି ପ୍ରତିଷ୍ଠା ସପକ୍ଷରେ ଦୃଢ଼ ମତ ପୋଷଣ କରୁଥିଲେ ହେଁ ଆମ ବ୍ୟବସ୍ଥା ଓ ଅହଂକାରୀ ନେତୃତ୍ୱଙ୍କ ପକ୍ଷପାତପୂର୍ଣ୍ଣ ଆଚରଣ ଏକ୍ଷେତ୍ରରେ ପ୍ରତିବନ୍ଧକ ହୋଇଛି। ଆମେ ଏଠାରେ ବ୍ୟବସ୍ଥା କହିଲେ ମିଳିତ ଜାତିସଂଘର ଭୂମିକା କିଭଳି ନିରର୍ଥକ ଓ ନିଷ୍ପ୍ରୟୋଜନ ହୋଇପଡ଼ିଛି ତାହା ଦର୍ଶାଇଛୁ।

ଏଥିମଧ୍ୟରେ ମିଳିତ ଜାତିସଂଘ ପ୍ରତିଷ୍ଠା ୮୦ ବର୍ଷରେ ପଦାର୍ପଣ କରିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ପରେ ଆନ୍ତର୍ଜାତିକ ସ୍ତରରେ ଶାନ୍ତି, ସଦ୍‌ଭାବ ଓ ସୁରକ୍ଷା ଅତୁଟ ରଖିବା ସହ ଆବଶ୍ୟକ ସ୍ଥଳରେ ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲକ୍ଷ୍ୟରେ ଏହି ବିଶ୍ୱ ପଞ୍ଚାୟତ ଗଠନ ହୋଇଥିଲା। କିନ୍ତୁ ଅଧିକାଂଶ ପ୍ରସଙ୍ଗରେ ଏହା ନ୍ୟାୟ ପ୍ରଦାନ କରିବାକୁ ଅସମର୍ଥ ହୋଇଛି। ତାହାର ପୃଷ୍ଠଭାଗରେ ରହିଛି ନିରାପତ୍ତା ପରିଷଦରେ ସ୍ଥାୟୀ ସଦସ୍ୟତା ହାସଲ କରିଥିବା ଆମେରିକା ରୁଷିଆ, ଚୀନ, ବ୍ରିଟେନ ଓ ଫ୍ରାନ୍ସର ଭୂମିକା। ଏମାନଙ୍କ ଭିଟୋ ପ୍ରୟୋଗ କ୍ଷମତା ପ୍ରସଙ୍ଗ ଭିତ୍ତିକ ବହୁମତକୁ କାର୍ଯ୍ୟକାରୀ କରିବାରେ ପ୍ରତିବନ୍ଧକ ହୋଇଛି। ତେଣୁ ନିରାପତ୍ତା ପରିଷଦରେ ସଦସ୍ୟତା ବୃଦ୍ଧି ଓ ଆବଶ୍ୟକ ସଂସ୍କାର ଆଣିବା ସକାଶେ ଭାରତ, ଜର୍ମାନୀ, ଜାପାନ ଓ ବ୍ରାଜିଲ ପକ୍ଷରୁ ଦୁଇ ଦଶନ୍ଧି ଧରି ଦାବି କରାଯାଉଥିଲେ ମଧ୍ୟ ଏକ୍ଷେତ୍ରରେ କୌଣସି ନିର୍ଣ୍ଣାୟକ ନିଷ୍ପତ୍ତି ଗ୍ରହଣ କରାଯାଇପାରିନାହିଁ। ସଂପ୍ରତି ସମଗ୍ର ବିଶ୍ୱ ଯୁଦ୍ଧ ଘନଘଟା ଓ ଆତଙ୍କବାଦୀଙ୍କ କାର୍ଯ୍ୟକଳାପରେ କ୍ଷତାକ୍ତ ଓ ପୀଡ଼ିତ। ଏହି ଦୁଇଟି ପ୍ରସଙ୍ଗରେ ଜାତିସଂଘର ଶୀର୍ଷ କ୍ଷମତାରେ ଥିବା ରାଷ୍ଟ୍ର ନିଜର ସ୍ୱାର୍ଥ ରକ୍ଷା ପାଇଁ ଚାପ ଓ ଭିଟୋ ପ୍ରୟୋଗ କରୁଥିବାରୁ ନିର୍ଣ୍ଣାୟକ ନିଷ୍ପତ୍ତି ଗ୍ରହଣ କରାଯାଇପାରୁନି। ଅନୁରୂପ ଭାବେ କୋଭିଡ଼ ମହାମାରୀର ମୃତ୍ୟୁ ବିଭୀଷିକା ପାଇଁ କିଏ ଦାୟୀ ତାହା ନିର୍ଦ୍ଧାରଣ କରିବାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଅସାମାର୍ଥ୍ୟ ବାରି ହୋଇପଡୁଛି।

ଜାତିସଂଘ ସାଧାରଣ ଆସେମ୍ବ୍ଲି ଅଧିବେଶନ ଚାଲିଥିବା ବେଳେ କେତୋଟି ପ୍ରସଙ୍ଗ ଆମେ ଏଠାରେ ଉପସ୍ଥାପନ କରିବାକୁ ଉଚିତ ମନେ କରୁଛୁ। ପାଲେଷ୍ଟାଇନର ଗାଜାପଟିରେ ଇସ୍ରାଏଲ ନରସଂହାର ଜାରି ରଖିଛି ବୋଲି ମିଳିତ ଜାତିସଂଘର ନିରପେକ୍ଷ ତଦନ୍ତକାରୀ ଆୟୋଗ ରିପୋର୍ଟରେ ଦର୍ଶାଇଛନ୍ତି। ଗାଜାରେ ତୁରନ୍ତ ନିଃସର୍ତ୍ତ ସ୍ଥାୟୀ ଯୁଦ୍ଧ ବିରତି ଏବଂ ତୁରନ୍ତ ପଣବନ୍ଦୀ ଓ ଯୁଦ୍ଧବନ୍ଦୀଙ୍କୁ ମୁକ୍ତ କରାଯିବାକୁ ପରାମର୍ଶ ଦିଆଯାଇଥିଲା। ଅଥଚ ୧୪-୧ ଭୋଟ ସତ୍ତ୍ୱେ ତାହା କାର୍ଯ୍ୟକାରୀ ହୋଇପାରିଲାନାହିଁ। ସେହି ଗୋଟିଏ ଭୋଟ ହିଁ ଥିଲା ଆମେରିକାର ଭିଟୋ। ଏହି ପ୍ରସଙ୍ଗର ଘଟଣାକ୍ରମକୁ ଅନୁଧ୍ୟାନ କଲେ ମଧ୍ୟପ୍ରାଚ୍ୟରେ ଆଗକୁ ବିସ୍ଫୋରଣାତ୍ମକ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଥିବାର ମନେ ହୁଏ। ସାଉଦୀ ଆରବ ସହ ପାକିସ୍ତାନ ପ୍ରତିରକ୍ଷା ଚୁକ୍ତି କରି ପାରମାଣବିକ ଆତଙ୍କ ସୃଷ୍ଟି କରିଛି। ସେହିଭଳି ରୁଷ-ୟୁକ୍ରେନ ଯୁଦ୍ଧ ନେଇ ଜାତିସଂଘର ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ପୋଲାଣ୍ଡରେ ରୁଷର ଡ୍ରୋନ ପ୍ରବେଶ ଓ ଇସ୍ତୋନିଆରେ ଯୁଦ୍ଧବିମାନ ବାୟୁସୀମା ଉଲ୍ଲଙ୍ଘନ ଘଟଣା ପରିସ୍ଥିତିକୁ ଭିନ୍ନ ମୋଡ଼ ଦେଇଛି। ଯୁଦ୍ଧ ବିରତି ଓ ଶାନ୍ତି ପ୍ରତିଷ୍ଠା ସପକ୍ଷରେ ଜାତିସଂଘରେ ଗୃହୀତ ପ୍ରସ୍ତାବ ଅର୍ଥହୀନ ହୋଇପଡୁଥିଲେ ମଧ୍ୟ ତାହାର କୌଣସି ବିକଳ୍ପ ପନ୍ଥା ଦୃଶ୍ୟମାନ ହେଉନାହିଁ।

# ଚାଷୀର ସ୍ୱଭାବ ଓ ସାରର ଅଭାବ

ଡ. ସୀତାକାନ୍ତ ତ୍ରିପାଠୀ

'ଚାଷ ଅଛି ଯାହାର, କି ଆନନ୍ଦ ତାହାର' - ପିଲାଦିନେ ଏହି ଶିଶୁ କବିତାଟି ଶୁଣି ଏବଂ ନିଜେ ଗାଇ ଆମଭଳି ପିଲାମାନେ ଚାଷ କାର୍ଯ୍ୟ ପ୍ରତି ବେଶ୍ ଆଗ୍ରହୀ ହୋଇଥିଲୁ। ସେ ସମୟରୁ ଏପର୍ଯ୍ୟନ୍ତ ଯେତେବେଳେ ଆମେ ଚାଷୀମାନଙ୍କ ସହିତ ଆଳାପ ଆଲୋଚନା କରୁ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ପ୍ରଥମ ଉତ୍ତର ହେଲା ଆମେ ଗରିବ। ଚାଷ କାର୍ଯ୍ୟକୁ ଆଧାର କରି ବଞ୍ଚିବା କଷ୍ଟକର। ବରଂ ଚାକିରି କରି ମାସକୁ ମାସ ଦରମା ପାଇବ; କିନ୍ତୁ ଚାଷକୁ ଆଧାର କରି ଜୀବନଧାରଣ କରିବା କଷ୍ଟକର। ତା'ଛଡ଼ା ଆମ ସମାଜରେ ସେମାନଙ୍କୁ ପାଞ୍ଚଜଣରେ ଜଣେ ଗଣିବା ଦୂରେ ଥାଉ ସଠିକ ଆଦର କିମ୍ବା ସମ୍ମାନ ଦିଆଯାଏ ନାହିଁ।

ବିଭିନ୍ନ ସ୍ଥାନରେ ଚାଷୀ ଆତ୍ମହତ୍ୟା ହେଉଥିଲେ ମଧ୍ୟ ତା'କୁ ପ୍ରମାଣ କରିବା ଜଣେ ଗରିବ ଚାଷୀ ପରିବାର ପକ୍ଷେ କଷ୍ଟକର। ଆଜିକାଲି ଯଦିଓ କିଛି ହାତଗଣତି ଚାଷୀ ସରକାରୀ ସାହାଯ୍ୟ ସହଯୋଗ ଏବଂ ନିଜସ୍ୱ ପୁଞ୍ଜି ନିବେଶ କରି ଚାଷକୁ ଏକ ଲାଭଦାୟକ ଜୀବିକା କରିପାରିଛନ୍ତି, ତଥାପି ଅଧିକାଂଶ ଲୋକ ଏଥିରୁ ନିଜକୁ ନିବୃତ୍ତ କରି ଅନ୍ୟାନ୍ୟ ବୃତ୍ତି କିମ୍ବା ଚୁକ୍ତିଭିତ୍ତିକ ଚାଷ ବା ଭାଗ ଚାଷରେ ମନ ଦେଲେଣି। ପୂର୍ବରୁ ସୀମିତ ଚାହିଦା ଭିତରେ ଚାଷୀର ଜୀବନ ଯେନତେନ ପ୍ରକାର ଚଳିଯାଉଥିଲେ ମଧ୍ୟ ଅଭାବୀ ବିକ୍ରୀ, କୃଷିଜାତ ଦ୍ରବ୍ୟର ସଂରକ୍ଷଣର ଅସୁବିଧା, ଋତୁଭିତ୍ତିକ ଚାଷକାର୍ଯ୍ୟ, ଦୈବୀ ଦୁର୍ବିପାକ ଆଦି ବିଭିନ୍ନ କାରଣ ଯୋଗୁଁ ତା'ର ଜୀବନ ଦୁର୍ବିସହ ହୋଇ ପଡୁଛି। ଏ ସବୁ ସମସ୍ୟାର ନିରାକରଣ ପାଇଁ ବିଭିନ୍ନ ସମୟରେ ବିଭିନ୍ନ ସରକାରମାନେ ପଦକ୍ଷେପମାନ ନେଇ ଆସୁଛନ୍ତି। କିନ୍ତୁ ସେଗୁଡ଼ିକ ପ୍ରଭାବୀ ହୋଇପାରୁ ନ ଥିବାରୁ ବର୍ତ୍ତମାନ ପର୍ଯ୍ୟନ୍ତ ସମସ୍ୟାଗୁଡ଼ିକ ଅସମାହିତ ଥିବା ଭଳି ମନେ ହୁଏ।

ବର୍ତ୍ତମାନର କୃଷି ବ୍ୟବସ୍ଥାରେ ଅଧିକାଂଶ ଭାଗଚାଷୀ। ଦୈବୀ ଦୁର୍ବିପାକ କିମ୍ବା ଅନ୍ୟାନ୍ୟ କୌଣସି କାରଣରୁ ଯଦି ଚାଷ କ୍ଷତିଗ୍ରସ୍ତ ହୁଏ, ତେବେ ଜମି ମାଲିକମାନଙ୍କର ସେମିତି କିଛି କ୍ଷତି ହୁଏନାହିଁ, ବରଂ ସେମାନେ ସରକାରଙ୍କ ଦ୍ୱାରା ନିର୍ଦ୍ଧରିତ ସାହାଯ୍ୟ ସହଯୋଗ ପାଇବା ପାଇଁ ହକ୍‌ଦାର ହୋଇଥା'ନ୍ତି। କିନ୍ତୁ ଅଦ୍ୟାବଧି ଭାଗଚାଷୀ ଆଇନ୍ ସଠିକ୍ ଭାବେ ପ୍ରଣୟନ ହୋଇ ନ ପାରିବା କାରଣରୁ ସେମାନଙ୍କୁ ସାହାଯ୍ୟ କରିବା ଦୂରରେ ଥାଉ ଚିହ୍ନଟ କରିବା ମଧ୍ୟ କଷ୍ଟକର। ପୂର୍ବରୁ ଭାଗଚାଷୀମାନେ ସାଧାରଣ ଭାବେ ଜମିରୁ ଉତ୍ପାଦିତ ଫସଲକୁ ମାଲିକମାନଙ୍କ ସହିତ ଭାଗ କରୁଥିବା ବେଳେ ବର୍ତ୍ତମାନ ପ୍ରାୟତଃ ସେମାନେ ବର୍ଷକୁ ବର୍ଷ ଗୁଣ୍ଟପିଛା ଏକ ନିର୍ଦ୍ଦିଷ୍ଟ ରାଶି କର ହିସାବରେ ପ୍ରଦାନ କରୁଛନ୍ତି। ଯାହାଫଳରେ ସେମାନଙ୍କ ହାତରେ ଜମି ରହୁଛି। ତେଣୁ ସେଥିରୁ କେମିତି ଅଧିକରୁ ଅଧିକ ଉତ୍ପାଦନ କରିହେବ ସେଥିପାଇଁ ଅଧିକ ଅମଳକ୍ଷମ ବିହନ ସହିତ ଅତ୍ୟଧିକ କୃତ୍ରିମ ସାର ଓ କୀଟନାଶକ ଆଦି ପ୍ରୟୋଗ କରିବାରେ ବ୍ୟସ୍ତ। ଅନ୍ୟପକ୍ଷରେ ଆଜିକାଲି ଯଥେଷ୍ଟ ମାତ୍ରାରେ ଭାଗଚାଷୀ ମିଳୁ ନଥିବାରୁ ଜମି ମାଲିକମାନେ ଭାବୁଛନ୍ତି ଯାହାହେଉ ଜମି ପଡ଼ିଆ ପଡ଼ିବା କିମ୍ବା ଅଣାୟତ୍ତ ହୋଇଯିବାର ଭୟରୁ ଅନ୍ତତଃ ମୁକ୍ତି ମିଳିଯାଉଛି। କାରଣ କିଛି ଜମିମାଲିକ ନାମକୁ ମାତ୍ର ବର୍ଷକୁ ଥରେ ଦୁଇଥର ଗାଁକୁ ଯାଇ ବିଲବାଡ଼ିଆଡ଼େ ଆଖି ପକାଇ ଦେଇ ଭାଗଚାଷୀମାନଙ୍କଠାରୁ ଟଙ୍କା ଧରି ଫେରି ଆସିଥା'ନ୍ତି। ବେଳେବେଳେ ଭାଗଚାଷୀମାନେ ଜମି ମାଲିକମାନଙ୍କୁ କିଛି ପନିପରିବା, ଧାନ, ମୁଗ ଦେଇ ଖୁସି କରାଇବା ପାଇଁ ଚାହିଁଥା'ନ୍ତି। ପ୍ରକୃତପକ୍ଷେ ଚାଷର ଉନ୍ନତି ପାଇଁ ଜମି ମାଲିକ ଏବଂ ଭାଗଚାଷୀ ମଧ୍ୟରେ ଥିବା ସମନ୍ୱୟ ଅଭାବରୁ ଏହି ସମସ୍ୟା ବହୁଗୁଣିତ ହୋଇଥାଏ। ଅଧିକାଂଶ ସମୟରେ ଜମି ମାଲିକମାନେ ନିଜ ନିଜର ନାମ ପଞ୍ଜୀକରଣ କରି ନ ଥିବାରୁ ଉତ୍ପାଦିତ ଧାନକୁ ସରକାରୀ ଧାର୍ଯ୍ୟ ମୂଲ୍ୟରେ ବିକିବା କଷ୍ଟକର ହୋଇଥାଏ। ତେଣୁ ଭାଗଚାଷୀମାନେ ବିଭିନ୍ନ ଲୋକଙ୍କ ନାଁ ନେଇ ଧାନ ବିଲ ଚାଷ କରିଥା'ନ୍ତି। ଯାହା ଫଳରେ ଉକ୍ତ ଧାନର ପ୍ରକୃତ ମୂଲ୍ୟ ପାଇବାରୁ ଏମାନେ ବଞ୍ଚିତ ହୁଅନ୍ତି।

ବର୍ତ୍ତମାନ ପରିପ୍ରେକ୍ଷୀରେ ସାରର ଅଭାବକୁ ନେଇ ରାଜ୍ୟସାରା ତୁମ୍ବିତୋଫାନ ଚାଲିଛି। ଏଥିପାଇଁ କିଛି ସ୍ଥାନରେ ଚାଷୀମାନେ ଆନ୍ଦୋଳନ କରିବାକୁ ରାଜରାସ୍ତାକୁ ଓହ୍ଲାଇଲେଣି। ତେବେ ପାରମ୍ପରିକ ବିହନ, କମ୍ପୋଷ୍ଟ ଖତ ଓ କୃଷି ପଦ୍ଧତି ଛାଡ଼ି ଆମେ ଯେତେବେଳେ ସଙ୍କରଜାତୀୟ ବିହନ, କୃତ୍ରିମ ସାର ଓ ବୈଜ୍ଞାନିକ କୃଷି ଯନ୍ତ୍ରପାତିର ବ୍ୟବହାର ଆରମ୍ଭ କରିଥିଲେ ସେତେବେଳେ ଆମ ଦେଶକୁ ଖାଦ୍ୟଶସ୍ୟର ବଳକା କରିବା ମୂଳଲକ୍ଷ୍ୟ ଥିଲା। ଯାହାଫଳରେ ମୁଖ୍ୟତଃ ଜଳସେଚିତ ଅଞ୍ଚଳମାନଙ୍କରେ ଧାନ ଓ ଗହମ ଚାଷକୁ ପ୍ରାଧାନ୍ୟ ଦିଆଗଲା। ପରବର୍ତ୍ତୀ ପର୍ଯ୍ୟାୟରେ ଦେଖାଗଲା ଏଥିଯୋଗୁଁ ପନିପରିବା, ତୈଳବୀଜ ଓ ଅନ୍ୟାନ୍ୟ ଅର୍ଥକରୀ ଫସଲ କ୍ଷତିଗ୍ରସ୍ତ ହେଲା। ତା' ଛଡ଼ା ଗାଁମାନଙ୍କରେ ଥିବା କୌଳିକ ବୃତ୍ତିଧାରୀ ଓ ଦିନମଜୁରିଆମାନଙ୍କର ଚାହିଦା କମିବାକୁ ଲଗିଲା। ଫଳରେ ସେମାନେ ବିଭିନ୍ନ ସ୍ଥାନକୁ ପ୍ରବାସୀ ଶ୍ରମିକ ବା ଦାଦନ ଶ୍ରମିକ ଭାବେ ଦେଶାନ୍ତର ହେବାକୁ ଲାଗିଲେ। ଏହାକୁ ଲକ୍ଷ୍ୟ କରି କେବଳ ଧାନ ଓ ଗହମ ଚାଷ ଉପରେ ପ୍ରାଧାନ୍ୟ ନ ଦେଇ ଚାଷୀମାନେ କିପରି ଅନ୍ୟାନ୍ୟ ଚାଷ ଓ ଉଦ୍ୟାନ କୃଷି ପାଇଁ ମନ ବଳାଇବେ ସେଥିପାଇଁ ସରକାରୀ ପ୍ରୟାସ ଆରମ୍ଭ ହେଲା। ଚାଷ କାର୍ଯ୍ୟରେ ଯାନ୍ତ୍ରିକ ବ୍ୟବହାର ହେତୁ ଚାଷୀମାନେ ଆଉ ଘରେ ବଳଦ ରଖୁ ନାହାନ୍ତି। ତା' ଛଡ଼ା ଗୋଚର ଜମିର କ୍ରମାଗତ ହ୍ରାସ, ଧାନ ଅମଳ ସମୟରେ ନଡ଼ାକୁ ଅଣଦେଖା କରିବା ହେତୁ ସେମାନେ ଆଉ ଗୋ-ପାଳନ ପ୍ରତି ମଧ୍ୟ ମନ ଦେଉନାହାନ୍ତି। ତେଣୁ ବାରିରେ ଥିବା ଖତଗଦା ଆଜିକାଲି କେବଳ ବହିରେ ପଢ଼ିବା କିମ୍ବା କାହାଣୀ ଶୁଣିବା ପ୍ରସଙ୍ଗ ପାଲଟି ଯାଉଛି। ଯଦିଓ ଜିଆଖତ ଉତ୍ପାଦନ ପାଇଁ ସରକାରୀ ପ୍ରୋତ୍ସାହନ ଦିଆଯାଇଛି, ତଥାପି ଏହା ଅଦ୍ୟାବଧି ଜନାଦୃତ ହୋଇପାରିନାହିଁ।

ବର୍ତ୍ତମାନ ପରିପ୍ରେକ୍ଷୀରେ ଧାନର ସର୍ବନିମ୍ନ ସହାୟତା ରାଶି ସହିତ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବା ଯୋଗୁଁ ତାହା ବର୍ତ୍ତମାନ କୁଇଣ୍ଟାଲ ପିଛା ଏକତିରିଶି ଶହ ଟଙ୍କାରେ ପହଞ୍ଚିଛି। ଯାହାଫଳରେ ଏବର୍ଷ ଚାଷୀ ଧାନଚାଷ ପାଇଁ ବିଶେଷ ଭାବେ ଆକୃଷ୍ଟ ହୋଇଛନ୍ତି। ତା'ସାଙ୍ଗକୁ ଅଦ୍ୟାବଧି ପ୍ରାୟତଃ ସନ୍ତୁଳିତ ବୃଷ୍ଟିପାତ ହେବା ଏହାକୁ ଆହୁରି ଅଧିକ ପ୍ରୋତ୍ସାହିତ କରିଆସିଛି, ଯାହାଫଳରେ ପୂର୍ବବର୍ଷମାନଙ୍କ ଅପେକ୍ଷା ଚଳିତ ବର୍ଷ ଅଧିକ ଜମିରେ ବ୍ୟାପକ ଭାବେ ଧାନଚାଷ ହୋଇଥିବା ଦାବି ହେଉଛି। ଏଥିଯୋଗୁଁ ସ୍ୱାଭାବିକ ଭାବେ ସାରର ଚାହିଦା ବଢ଼ିଛି। ଧାନରେ ଯେହେତୁ ୟୁରିଆ ଓ ଅନ୍ୟାନ୍ୟ ସାରର ବହୁଳ ବ୍ୟବହାର ହୁଏ, ଯୋଗାଣ ସୀମିତ ରହିବାରୁ ସାର ସଙ୍କଟ ଲାଗି ରହିଛି। ଯାହାକୁ ୟୁକ୍ରେନ-ଋଷିଆ ଯୁଦ୍ଧ ମଧ୍ୟ ଆହୁରି ଅଧିକ ସଙ୍କଟାପନ୍ନ କରିଛି। ଏହାର ଫାଇଦା ନେଇଛନ୍ତି କଳାବଜାରୀ। ସରକାରୀ ନିୟନ୍ତ୍ରଣ ଅଭାବରୁ ସାର ସମସ୍ୟା ଉତ୍କଟ ହେବାରେ ଲାଗିଛି।

ଶେଷରେ ଏତିକି କୁହାଯାଇପାରେ ଚାଷୀମାନଙ୍କୁ ସାର ଯୋଗାଇଦେବା ସରକାରଙ୍କ ଦାୟିତ୍ୱ। କିନ୍ତୁ ଚାଷୀମାନେ କିପରି ବହୁମୁଖୀ ଚାଷ ପାଇଁ ଆଗ୍ରହୀ ହେବେ ସେଥିପାଇଁ ମଧ୍ୟ ସରକାର ଚେଷ୍ଟିତ ହେବା ଜରୁରୀ। ତେଣୁ କେବଳ ଧାନ ନୁହେଁ, ବରଂ ଅନ୍ୟାନ୍ୟ ସବୁ ଚାଷ ପାଇଁ ସର୍ବନିମ୍ନ ସହାୟତା ରାଶି ଏବଂ ସହଜ ଓ ସରଳ ଋଣ ଯୋଗାଇବାର ଆବଶ୍ୟକତା ରହିଛି। ଫଳରେ ଏକ ସନ୍ତୁଳିତ କୃଷି ବ୍ୟବସ୍ଥା ସୁଦୃଢ଼ ହୋଇପାରିବ। ଏହାଛଡ଼ା ପରିକଳ୍ପିତ ଯୋଜନା କେବଳ କାଗଜକଲମ, ଭାଷଣ, ଆକ୍ଷେପ ଓ ପ୍ରତ୍ୟାରୋପ ମଧ୍ୟରେ ସୀମିତ ନ ରହି ବାସ୍ତବ କ୍ଷେତ୍ରରେ ରୂପାନ୍ତରିତ ହେବା ଜରୁରୀ। ପଞ୍ଚାୟତସ୍ତରଠାରୁ ଆରମ୍ଭ କରି ଜିଲ୍ଲା ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବା କୃଷି ଅଧିକାରୀମାନେ ପ୍ରକୃତରେ ଧାନଚାଷ ହୋଇଥିବା ଜମିର ପରିମାଣକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଆକଳନ କରି ରିପୋର୍ଟ ଦେଇ ପାରିଲେ ତାହା ସାରର ଚାହିଦା ଓ ଯୋଗାଣ ମଧ୍ୟରେ ସମତୁଲତା ପ୍ରତିଷ୍ଠା ହୋଇପାରନ୍ତା। କେବଳ କାର୍ଯ୍ୟାଳୟରେ ବସିରହିଲେ କିମ୍ବା ଗାଁ ମୁଣ୍ଡରୁ ତଥ୍ୟ ଯୋଗାଡ଼ କରିଦେଲେ ଏହା ସମ୍ଭବ ହୋଇପାରିବ ନାହିଁ। ପ୍ରକୃତ ଚାଷୀମାନଙ୍କ ସହିତ ଯୋଗାଯୋଗ କରିବାର ସମୟ ଏବେ ଉପଗତ। ଏହାଫଳରେ ଚାଷୀମାନେ ଉପକୃତ ହେବା ସହିତ ପରିବେଶ ପ୍ରଦୂଷଣକୁ କିଛିମାତ୍ରାରେ ରୋକାଯାଇ ପାରିବ। ଯେହେତୁ ସରକାରୀ ନଥିପତ୍ରରେ ଥିବା କୃଷକମାନଙ୍କ ସଂଖ୍ୟା ଏବଂ ଜମିର ପରିମାଣ ପ୍ରକୃତ ଚାଷୀ ଓ ଜମିର ପରିମାଣ ଭିତରେ ଫରକ ରହୁଛି, ତେଣୁ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଇଥିବା ସାରର ସୁବଣ୍ଟନ ହୋଇ ପାରୁନାହିଁ। ମନେରଖିବା ଦରକାର ଚାଷୀର ପରିବର୍ତ୍ତିତ ସ୍ୱଭାବ ସହିତ ସାରର ଅଭାବ ଅଙ୍ଗାଙ୍ଗୀ ଭାବେ ଜଡ଼ିତ।

ଅର୍ଣ୍ଣପାଳ(ଭଦ୍ରକ),
ମୋ: ୯୭୭୮୭୬୪୩୯୪

# ଶରୀର ଦାନ: ଏକ ଆନ୍ଦୋଳନ

ସୁଧାଂଶୁ ଶେଖର ଧଡ଼ା

ରାଷ୍ଟ୍ରର ବିଭିନ୍ନ ସମ୍ବଳ ମଧ୍ୟରୁ ମାନବ ସମ୍ବଳ ହେଉଛି ପ୍ରଥମ ଆବଶ୍ୟକତା। ସେଥିପାଇଁ ରାଷ୍ଟ୍ରର ନାଗରିକ ସୁସ୍ଥ, ସବଳ ଓ ଦୀର୍ଘଜୀବୀ ହେବା ନିହାତି ଆବଶ୍ୟକ। ଏଥିରେ ଡାକ୍ତରୀ ସେବା ଓ ଡାକ୍ତରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦେଶ ସ୍ୱାଧୀନତା ହେବା ସମୟରୁ ଇତିମଧ୍ୟରେ ଓଡ଼ିଶାରେ ସ୍ୱାସ୍ଥ୍ୟସେବାରେ ଅନେକ ଉନ୍ନତି ଘଟିଥିଲେ ହେଁ ଜନସଂଖ୍ୟା ଓ ଡାକ୍ତର ଅନୁପାତରେ ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ଧାର୍ଯ୍ୟ ମାନକଠାରୁ(୧୦୦୦:୧) ଯଥେଷ୍ଟ କମ୍ ରହିଛି। ଡାକ୍ତରୀ ଶିକ୍ଷା କ୍ଷେତ୍ର ଜଟିଳ। ସାଢ଼େ ପାଞ୍ଚବର୍ଷର ଡାକ୍ତରୀ ଶିକ୍ଷା ପାଠ୍ୟକ୍ରମର ପ୍ରଥମ ବର୍ଷ ହିଁ ମାନବ ଶରୀର ସମ୍ପର୍କିତ ଅଧ୍ୟୟନ ଓ ବ୍ୟବଚ୍ଛେଦର ଶିକ୍ଷାଦାନ ହୋଇଥାଏ। ପ୍ରତି ୧୦୦ ଜଣ ଛାତ୍ରଛାତ୍ରୀଙ୍କ ନିମିତ୍ତ ପ୍ରଥମ ବର୍ଷ ଶରୀରତତ୍ତ୍ୱ ଶିକ୍ଷା ଓ ବ୍ୟବଚ୍ଛେଦ ନିମିତ୍ତ ଛଅଟି ମୃତଦେହ ଆବଶ୍ୟକ ପଡ଼େ। ତାହା ପୁଣି ପଚିଶଢ଼ି ନଷ୍ଟ ହୋଇଯାଇଥିବା ଶରୀର ନୁହେଁ। ବର୍ତ୍ତମାନ ରାଜ୍ୟର ମେଡିକାଲ କଲେଜ ସଂଖ୍ୟା ଦୃଷ୍ଟିରୁ ଏହି ଆବଶ୍ୟକତା ପୂରଣ ହୋଇ ପାରୁନାହିଁ। ପ୍ଲାଷ୍ଟିକ ଶରୀରରେ ପାଠପଢ଼ା ହେଉଛି। ଡାକ୍ତରଖାନାଗୁଡ଼ିକରେ ମୃତ୍ୟୁ ଘଟୁଥିବା ବ୍ୟକ୍ତିମାନଙ୍କ ଶରୀରକୁ ଆତ୍ମୀୟମାନେ ଧର୍ମବିଶ୍ୱାସ ଆଧାରରେ ସତ୍କାର କରିବାକୁ ନେଇଯା'ନ୍ତି। ଦାବିଦାର ନଥିବା ମର ଶରୀର ସତ୍କାର କଲେ ସ୍ଥାନୀୟ ପ୍ରଶାସନ ପ୍ରାୟ ୩ ହଜାର ଟଙ୍କା ଆର୍ଥିକ ସହାୟତା ଦେବାର ବ୍ୟବସ୍ଥା ଥିବାରୁ ସ୍ୱେଚ୍ଛାସେବୀ ସଂସ୍ଥା ସତ୍କାର ନିମିତ୍ତ ନେଇଯା'ନ୍ତି। ତେଣୁ ଡାକ୍ତର ହେବା ପାଇଁ ପ୍ରଥମ ଆବଶ୍ୟକତା ବ୍ୟବଚ୍ଛେଦ ନିମିତ୍ତ ମର ଶରୀରଟିଏ ସହଜରେ ମିଳେନାହିଁ।

ବର୍ତ୍ତମାନ ରାଜ୍ୟରେ ୧୫ ଟି ସରକାରୀ ମେଡିକାଲ କଲେଜ ଏବଂ ତିନୋଟି ଘରୋଇ ମେଡିକାଲ କଲେଜର ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ନିମିତ୍ତ ଆବଶ୍ୟକ ୧୦୮ ଟି ଆଇନସଙ୍ଗତ ସତେଜ ମରଶରୀର ଏକ ମୌଳିକ ଓ ପ୍ରାଥମିକ ଆବଶ୍ୟକତା। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏ ସମ୍ପର୍କି ପ୍ରତିବନ୍ଧକ ଦୂର କରିବାକୁ ଦାୟର ହୋଇଥିବା ଜନସ୍ୱାର୍ଥ ମାମଲାର ବିଚାର କରି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ଏହି ରାୟ ଅନୁଯାୟୀ, 'ଦି ଓଡ଼ିଶା ଆନାଟୋମି ଆକ୍ଟ ୧୯୭୫'ର ସଂଶୋଧନ କରି 'ଦି ଓଡ଼ିଶା ଆନାଟୋମି (ଆମେଣ୍ଡମେଣ୍ଟ) ଆକ୍ଟ ୨୦୧୨'କୁ ରାଜ୍ୟ ସରକାର ୨୦୧୩ ମସିହାରେ କାର୍ଯ୍ୟକାରୀ କରିଛନ୍ତି। ଏହି ଆଇନର ଧାରା ୫-କ(୧) କାର୍ଯ୍ୟକାରୀ ହେବା ପରେ ଓଡ଼ିଶାରେ ମେଡିକାଲ ଶିକ୍ଷା ଉଦ୍ଦେଶ୍ୟରେ ସ୍ୱେଚ୍ଛାକୃତ ଭାବରେ ନିଜର ମୃତ୍ୟୁ ପରେ ମର ଶରୀର ଦାନ ଏବଂ ଆବଶ୍ୟକ କରୁଥିବା ଅନ୍ୟବ୍ୟକ୍ତିଙ୍କ ଶରୀରରେ ପ୍ରତିରୋପଣ ନିମିତ୍ତ ଅଙ୍ଗଦାନ ଏକ ଆଇନସିଦ୍ଧ ଜନଆନ୍ଦୋଳନରେ ପରିଣତ ହୋଇପାରିଛି।

ଇତିମଧ୍ୟରେ ମାନସିକତା ପରିବର୍ତ୍ତନ ହୋଇଛି। ହଜାର ହଜାର ମହାନୁଭବୀ ବ୍ୟକ୍ତି ଆଜି ଚିକିତ୍ସା ବିଜ୍ଞାନର ପ୍ରଗତି ଓ ଉତ୍ତମ ଡାକ୍ତର ସୃଷ୍ଟି ଉଦ୍ଦେଶ୍ୟରେ ମୃତ୍ୟୁ ପରେ ଶରୀରଦାନ ଇଚ୍ଛାପତ୍ର ପାଇଁ ଆଗ୍ରହ ପ୍ରକାଶ କଲେଣି। ଗତ ପାଞ୍ଚବର୍ଷ ମଧ୍ୟରେ ଶତାଧିକ ମର ଶରୀର ରାଜ୍ୟର ବିଭିନ୍ନ ମେଡିକାଲ କଲେଜକୁ ଦାନ କରାଗଲାଣି। ଅନ୍ୟପକ୍ଷରେ ମୃତ୍ୟୁ ପରେ ଶରୀରରୁ ବିଭିନ୍ନ ରୋପଣଯୋଗ୍ୟ ଅଙ୍ଗପ୍ରତ୍ୟଙ୍ଗ ଦାନ ପାଇଁ ମଧ୍ୟ ଲୋକେ ଆଗ୍ରହ ପ୍ରକାଶ କଲେଣି। 'ଶରୀର ଦାନ' ଓ 'ଅଙ୍ଗଦାନ' ଭାବରେ ପୃଥକ ସାମାଜିକ ଆନ୍ଦୋଳନ ଏବେ ରାଜ୍ୟରେ ଲୋକପ୍ରିୟତା ଲାଭ କରୁଛି। ରାଜ୍ୟ ସରକାର ଅଙ୍ଗଦାନକାରୀଙ୍କୁ ରାଷ୍ଟ୍ରୀୟ ସମ୍ମାନ ଦେବାର ବିଧି ଓ ପରମ୍ପରା ଆରମ୍ଭ କରିଛନ୍ତି।

ଭାରତରେ ମେଡିକାଲ କଲେଜଗୁଡ଼ିକ ନିମିତ୍ତ ଶରୀରଦାନର ଇଚ୍ଛାପତ୍ର ପ୍ରକାଶ କରିବାର ପରମ୍ପରା ବିଶ୍ୱବିଖ୍ୟାତ ହେତୁବାଦୀ ପ୍ରଫେସର ଆବ୍ରାହମ କଭୁର ଆରମ୍ଭ କରିଥିଲେ। ଶ୍ରୀଲଙ୍କା ରାଜଧାନୀ କଲମ୍ବୋରେ ଅଧ୍ୟାପନା ବୃତ୍ତିରୁ ଅବସରପରେ ବିଭିନ୍ନ ଅନ୍ଧବିଶ୍ୱାସ, ଗୁଣିଗାରେଡ଼ି, ଅଲୌକିକ ଅବଧାରଣା, ଆଧ୍ୟାତ୍ମିକତା ଆଦି ନାମରେ ସରଳବିଶ୍ୱାସୀ ଲୋକଙ୍କୁ ଶୋଷଣରୁ ରକ୍ଷା କରିବା ନିମିତ୍ତ ଅଲୌକିକତା ଅନାବରଣ ଅଭିଯାନ ଆରମ୍ଭ କରିଥିଲେ। ମୃତ୍ୟୁପରେ ମେଡିକାଲ କଲେଜଗୁଡ଼ିକୁ ମର ଶରୀର ଦାନ ତାଙ୍କଦ୍ୱାରା ଭାରତରେ ଆରମ୍ଭ କରାଯାଇଥିବା ଏକ ସାମାଜିକ ଆନ୍ଦୋଳନ। ତାଙ୍କ ଅନୁଗାମୀମାନେ ବିପୁଳ ସଂଖ୍ୟାରେ ଏଭଳି ଇଚ୍ଛାପତ୍ର ଲେଖିଥିଲେ। ପ୍ରଫେସର କଭୁର ନିଜେ ଏବଂ ତାଙ୍କ ପତ୍ନୀଙ୍କ ଶରୀରକୁ ମୃତ୍ୟୁ ପରେ ମେଡିକାଲ୍ ଶିକ୍ଷାର ବିକାଶ ପାଇଁ ଦାନ କରିବାକୁ ଇଚ୍ଛାପତ୍ର ଲେଖିଥିଲେ। ଭବିଷ୍ୟତକୁ ଦୃଷ୍ଟିରେ ରଖି ସେ ସତୁରୀ ଦଶକରେ ଲେଖିଯାଇଥିବା ଆକଳନ ଆଜି ବାସ୍ତବ ରୂପ ନେଇସାରିଛି।

ମନୁଷ୍ୟ ଶରୀରର ବ୍ୟବଚ୍ଛେଦ ନିମିତ୍ତ ପ୍ରତିବନ୍ଧକ ମୁକ୍ତ ପରିବେଶ ଷୋଡ଼ଶ ଶତାବ୍ଦୀରେ ନଥିଲା। ୧୫୬୪ ଖ୍ରୀଷ୍ଟାବ୍ଦରେ ବେଲଜିୟମ ଜନ୍ମିତ ଚିକିତ୍ସକ ଆଣ୍ଡ୍ରିଏସ ଭିସାଲିଉସ ସର୍ବପ୍ରଥମେ ମନୁଷ୍ୟ ଶରୀର ବ୍ୟବଚ୍ଛେଦ କରି ଶରୀରତତ୍ତ୍ୱ ବିଜ୍ଞାନକୁ କେତେକ ନିର୍ଭୁଲ ତଥ୍ୟ ଦେଇଥିଲେ। ଭିସାଲିଉସ୍ ମନୁଷ୍ୟ ଶରୀରର ଜୈବିକ କ୍ରିୟା ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ନିମିତ୍ତ କବର ଖୋଳି ପ୍ରଥମେ ପଚାଶଢ଼ା ଶବ ଗୋପନୀୟ ଭାବରେ ବ୍ୟବଚ୍ଛେଦ କରିଥିଲେ। ସେ ସମୟର ଧର୍ମଧାରଣା ଅନୁଯାୟୀ ଏହା ଅପରାଧ ଥିଲା। ଈଶ୍ୱରଙ୍କ ଦାନ 'ଶରୀର'ର ବ୍ୟବଚ୍ଛେଦ ମନୁଷ୍ୟ କରିବା ଅପରାଧ ହୋଇଥିବା ଅବଧାରଣାରୁ ତାଙ୍କୁ ଦଣ୍ଡ ସ୍ୱରୂପ ପ୍ରବଳ ତୁଷାରପାତ ସମୟରେ ଖାଲି ପାଦରେ ତୀର୍ଥଯାତ୍ରାରେ ଯିବାକୁ ବାଧ୍ୟ କରାଯିବା ଫଳରେ ସେ ମୃତ୍ୟୁମୁଖରେ ପଡ଼ିଲେ। ସେ ଆଉ କିଛି ବର୍ଷ ବଞ୍ଚିରହିଥିଲେ ଆଜି ଚିକିତ୍ସାବିଜ୍ଞାନ ଆହୁରି ଉନ୍ନତ ହୋଇପାରିଥା'ନ୍ତା। ସେ ପ୍ରଥମେ ମାନବ ଶରୀର ବ୍ୟବଚ୍ଛେଦ କରିଥିବାରୁ ତାଙ୍କୁ ବ୍ୟବଚ୍ଛେଦ ବିଜ୍ଞାନର ଜନକ କୁହାଯାଇଛି। ମାନବ ସମାଜର ସ୍ୱାସ୍ଥ୍ୟଗତ ପ୍ରଗତି ନିମିତ୍ତ ଚିକିତ୍ସାବିଜ୍ଞାନର ପ୍ରଗତି ଆବଶ୍ୟକ।

ଭୁବନେଶ୍ୱର, ମୋ: ୯୩୩୭୦୧୫୮୮୨

# ଜଣେ ମା', ଦୁଇ ପ୍ରଜାତିର ଶିଶୁ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଜଣେ ମାତା ଦୁଇଟି ଭିନ୍ନ ଭିନ୍ନ ପ୍ରଜାତିର ଶିଶୁଙ୍କୁ ଜନ୍ମ ଦେବା କଥା ମନକୁ ଆଣିଥାଏ ପୌରାଣିକ କାହାଣୀଟିଏ, ଯେଉଁଥିରେ ଉଗ୍ରସେନଙ୍କ ପତ୍ନୀ ପଦ୍ମାବତୀ ଦାନବ କଂସାସୁର ଏବଂ ମାନବୀ ଦେବକୀଙ୍କୁ ଜନ୍ମ ଦେବା କଥା ଉଲ୍ଲେଖ ରହିଛି। ଏହା ଏବେ ବାସ୍ତବରେ ଦେଖାଯାଇଛି ଏକ ପ୍ରଜାତିର ପିମ୍ପୁଡ଼ିଠାରେ। ସାଧାରଣତଃ ଏକ ସଜୀବଠାରୁ ଜନ୍ମିତ ଶିଶୁଟି ତାହାରି ପ୍ରଜାତିର ହୋଇଥାଏ। ତେବେ ପିମ୍ପୁଡ଼ିମାନଙ୍କର 'ମେସର ଇବେରିକସ୍' ପ୍ରଜାତିଟି ଏହି ଧାରଣାକୁ ବଦଳାଇ ଦେଇଛି। ଏମାନଙ୍କର 'ରାଣୀ'ମାନେ 'ମେସର ଷ୍ଟ୍ରକ୍ଟର' ନାମକ ଭିନ୍ନ ଏକ ପ୍ରଜାତିର ଅଣ୍ଡିରା ପିମ୍ପୁଡ଼ିଙ୍କୁ ଜନ୍ମ ଦେଉଥିବା ଗବେଷକମାନେ ଜାଣିପାରିଛନ୍ତି।

ଏହି ଅଧ୍ୟୟନଟି କରାଯାଇଥିଲା ଫ୍ରାନସ, ଇଟାଲୀ, ବୁଲଗେରିଆ ଓ ଅଷ୍ଟ୍ରିଆର ବିଭିନ୍ନ ପ୍ରତିଷ୍ଠାନରେ କାର୍ଯ୍ୟରତ ବୈଜ୍ଞାନିକମାନଙ୍କ ଦ୍ୱାରା ଏବଂ ଏହାର ଫଳାଫଳ ପ୍ରକାଶିତ ହୋଇଥିଲା ଗବେଷଣା ପତ୍ରିକା 'ନେଚର' (୩, ସେପ୍ଟେମ୍ବର ୨୦୨୫)ରେ। ଉକ୍ତ ଗବେଷଣାପତ୍ରର ଅନ୍ୟତମ ଲେଖକ ଫ୍ରାନସର 'ୟୁନିଭରସିଟି ଅଫ୍ ମଣ୍ଟପେଲିଏର'ର ଜୈବବିଜ୍ଞାନୀ ଜୋନାଥନ୍ ରୋମିଂଗୁଇର ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ ଏହି ପ୍ରଜାତିର ପିମ୍ପୁଡ଼ିମାନଙ୍କ କଲୋନୀଗୁଡ଼ିକରେ 'ରାଣୀ'ମାନେ ସନ୍ତାନ ଜନ୍ମ ଦିଅନ୍ତି ଏବଂ ପୁରୁଷମାନେ ଏଥିପାଇଁ ଶୁକ୍ରାଣୁ ଯୋଗାଇଥା'ନ୍ତି। ସେମାନଙ୍କ ମଧ୍ୟରେ ଥା'ନ୍ତି ଅଧିକ ସଂଖ୍ୟକ ବନ୍ଧ୍ୟା ମହିଳା ଶ୍ରମିକ, ଯେଉଁମାନେ ବସାବାନ୍ଧିବା, ଶିଶୁମାନଙ୍କ ଯତ୍ନ ନେବା ଆଦି କାର୍ଯ୍ୟ କରନ୍ତି। କିନ୍ତୁ ଯେତେବେଳେ ରୋମିଂଗୁଇର ଏବଂ ତାଙ୍କ ସହଯୋଗୀମାନେ 'ମେସର ଇବେରିକସ୍' ପ୍ରଜାତିର ମହିଳା ଶ୍ରମିକମାନେ ସମସ୍ତେ ସଂକର(ହାଇବ୍ରିଡ୍) ହୋଇଥିବାର ଦେଖିଲେ ସେମାନେ ବିସ୍ମୟାବିଭୂତ ହୋଇପଡ଼ିଲେ। ଏଗୁଡ଼ିକଙ୍କଠାରେ ଥିବା ଅର୍ଦ୍ଧେକ ଡିଏନ୍ 'ମେସର ଷ୍ଟ୍ରକ୍ଟର୍'ଙ୍କ ସହିତ ମେଳ ଖାଉଥିଲା।

ଅବଶ୍ୟ ପିମ୍ପୁଡ଼ି ପ୍ରଜାତିମାନଙ୍କ ମଧ୍ୟରେ ଏପ୍ରକାର ସଂକରୀକରଣ ଅଜଣା ନୁହେଁ। କାରଣ ଅନେକ ରାଣୀ ପିମ୍ପୁଡ଼ି ଅନ୍ୟପ୍ରଜାତିର ପୁରୁଷମାନଙ୍କ ସହିତ ସଂଗମ କରି ସଂକର ଶ୍ରମିକ ସୃଷ୍ଟି କରିବାର ଦେଖାଯାଏ। କିନ୍ତୁ ଭୂମଧ୍ୟସାଗରୀୟ ଅଞ୍ଚଳରେ ବାସ କରୁଥିବା 'ମେସର ଇବେରିକସ'ଙ୍କ କଲୋନୀଗୁଡ଼ିକର ସଂପର୍କ ସ୍ଥାପନ କରିହେଲା ଭଳି ଦୂରତା ମଧ୍ୟରେ କୌଣସି 'ମେସର ଷ୍ଟ୍ରକ୍ଟର' କଲୋନୀ ନଥିଲା। ଅତଏବ ଏହି ରାଣୀମାନେ ସେ ପ୍ରଜାତିର ପୁରୁଷମାନଙ୍କ ସଂପର୍କରେ ଆସିଲେ କିପରି?

ଏହାର ଉତ୍ତରଟିଏ ପାଇବା ପାଇଁ ରୋମିଂ ଗୁଇରଙ୍କ ଟିମ୍ 'ମେସର ଇବେରିକସ' କଲୋନୀମାନଙ୍କରୁ ଡିଏନ୍‌ଏ ନମୁନାମାନ ସଂଗ୍ରହ କରିବାକୁ ଲାଗିଲେ। ସେମାନେ ଏଥିମଧ୍ୟରେ ଅନେକ 'ମେସର ଷ୍ଟ୍ରକ୍ଟର' ବାସ କରୁଥିବାର ଦେଖିବାକୁ ପାଇଲେ। ପରବର୍ତ୍ତୀ ଅଧ୍ୟୟନରୁ ଜଣାପଡ଼ିଲା ଯେ ଏଗୁଡ଼ିକର ଜୀବକୋଷସ୍ଥ ମିଟୋକୋଣ୍ଡ୍ରିଆରେ ଥିବା ଡିଏନ୍‌ଏ ଆସିଛି 'ମେସର ଇବେରିକସ'ଙ୍କଠାରୁ। ଏଭଳି ଡିଏନ୍‌ଏ କେବଳ ମା'ଠାରୁ ହିଁ ଆସିଥାଏ। ଅତଏବ ଏହାର ଅର୍ଥ ହେଲା ଯେ ଏବର 'ମେସର ଷ୍ଟ୍ରକ୍ଟର' ପୁରୁଷମାନଙ୍କର ମା'ହେଲେ 'ମେସର ଇବେରିକସ୍' ପ୍ରଜାତିର ରାଣୀ। ତପ୍ରରେ ବୈଜ୍ଞାନିକମାନେ କିଛି 'ମେସର ଇବେରିକସ୍' 'ରାଣୀ'ମାନଙ୍କୁ ଅଲଗା ରଖି ସେମାନଙ୍କ ଅଣ୍ଡାଗୁଡ଼ିକୁ ପରୀକ୍ଷା କଲେ। ତହିଁରୁ ୧୦ ଶତାଂଶ ସଂପୂର୍ଣ୍ଣ ରୂପେ 'ମେସର ଷ୍ଟ୍ରକ୍ଟର' ଅନୁରୂପ ହୋଇଥିବାର ଜଣାପଡ଼ିଲା। ଏହା ତାଙ୍କୁ ବିସ୍ମୟକର ମନେ ହେଲା ସତେଯେପରି ମଣିଷର ଗର୍ଭାଶୟରେ ସିଂପାଞ୍ଜିର ଭ୍ରୂଣ ଭଳି।

ଏହି ଅଧ୍ୟୟନରୁ ବୈଜ୍ଞାନିକମାନେ ସିଦ୍ଧାନ୍ତରେ ଉପନୀତ ହେଲେ ଯେ 'ମେସର୍ ଇବେରିକସ୍' ପ୍ରଜାତିର ରାଣୀମାନେ ଦୁଇଟି ଅଲଗା ଅଲଗା ପ୍ରଜାତିକୁ ଜନ୍ମ ଦିଅନ୍ତି। ଏଥିପାଇଁ ସେମାନେ ପିଢ଼ି ପିଢ଼ି ଧରି ଜନ୍ମଗତ ଭାବେ 'ସ୍ପର୍ମାଥେକା' କୁହାଯାଉଥିବା ଏକ ବିଶେଷ ଧରଣର ଅଙ୍ଗରେ କ୍ଲୋନିଂ ମାଧ୍ୟମରେ ସଂଚୟ କରି ରଖିଥା'ନ୍ତି। 'ମେସର ଷ୍ଟ୍ରକ୍ଟର' ପୁରୁଷମାନଙ୍କ ଶୁକ୍ରାଣୁର ଜିନୀୟ ପଦାର୍ଥ। ଏହି ଅଣ୍ଡାଗୁଡ଼ିକରେ କେବଳ 'ମିଟୋକୋଣ୍ଡ୍ରିଆ' ବ୍ୟତୀତ ଅନ୍ୟତ୍ର 'ମେସର ଇବେରିକସ' ଡିଏନଏ ନଥିଲା। ଦୁଇଟି ପ୍ରଜାତିର ପୁରୁଷ ସୃଷ୍ଟି କରିବା ଦ୍ୱାରା ରାଣୀମାନେ ନିଶ୍ଚିତ କରୁଥିଲେ ଯେ ସେମାନଙ୍କ କନ୍ୟାମାନେ ଯେତେବେଳେ ନୂତନ 'ରାଣୀ' ପାଲଟିବେ ସେମାନେ ଉଭୟ ପ୍ରଜାତିର ପୁରୁଷମାନଙ୍କ ସହିତ ସଂଗମ କରିବାର ସୁଯୋଗ ପାଇପାରିବେ। ନୂଆ 'ରାଣୀ' ଜନ୍ମଦେବାକୁ 'ମେସର ଇବେରିକସ' ପୁରୁଷଙ୍କ ଶୁକ୍ରାଣୁ ଏବଂ ମହିଳା ସଂକର ଶ୍ରମିକ ତଥା 'ମେସର ଷ୍ଟ୍ରକ୍ଟର' ପୁରୁଷ ପାଇଁ ସେହି ପ୍ରଜାତିର ଶୁକ୍ରାଣୁ ବ୍ୟବହାର କରିପାରିବେ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅବଶିଷ୍ଟାଂଶ

### ବିକ୍ରିହେବ ସରକାରୀ...

ଅଂଶଧନ ବିକ୍ରି କରିଥିଲେ, ମାତ୍ର ଏହା ଅସ୍ଥିର ବଜାରକୁ ସାମୟିକ ଆଶ୍ୱସ୍ତି ଦେଇଥିଲା । ବର୍ତ୍ତମାନ ବଜାର ସ୍ଥିର ହୋଇଥିବାରୁ, ସରକାର ପୁଣି ପୁଞ୍ଜି ପ୍ରତ୍ୟାହାର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବେ ବୋଲି କୁହାଯାଉଛି । ସରକାର ବୀମା, ପ୍ରତିରକ୍ଷା ଏବଂ ମହାକାଶ ଭଳି ପ୍ରମୁଖ କ୍ଷେତ୍ରଗୁଡ଼ିକରେ ସ୍ୱଳ୍ପ ଅଂଶଧନ ବିକ୍ରି କରିବାକୁ ମଧ୍ୟ ଲକ୍ଷ୍ୟ ରଖିଛନ୍ତି । ଶ୍ରୀ ଚାୱଲା କହିଛନ୍ତି ଯେ ଏହି କ୍ଷେତ୍ରଗୁଡ଼ିକରେ ଅଂଶଧନ ବିକ୍ରି ମଧ୍ୟ ଷ୍ଟକ୍ ବଜାର ନିୟମାବଳୀ ଅନୁଯାୟୀ କରାଯିବ । ଲକ୍ଷ୍ୟ ହେଉଛି ନିବେଶକମାନଙ୍କୁ ନୂତନ ସୁଯୋଗ ପ୍ରଦାନ କରିବା ଏବଂ ଏହି କ୍ଷେତ୍ରଗୁଡ଼ିକରେ ଘରୋଇ ନିବେଶ ବୃଦ୍ଧି କରିବା । ସରକାର ଚଳିତ ବର୍ଷ ତାଙ୍କର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ଅତିକ୍ରମ କରିବାକୁ ଆଶା ରଖିଛନ୍ତି । ଚଳିତବର୍ଷ ପାଇଁ ସରକାର ୪୭,୦୦୦ କୋଟି ଟଙ୍କାର ପୁଞ୍ଜି ପ୍ରତ୍ୟାହାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଅନ୍ୟପକ୍ଷରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି ଯେ ପୁଞ୍ଜି ପ୍ରତ୍ୟାହାର ଜରିଆରେ ସରକାର ଚଳିତବର୍ଷ ୧.୨୦ ଲକ୍ଷ କୋଟିରୁ ଅଧିକ ଲାଭାଂଶ ଲକ୍ଷ୍ୟ ରଖିଛନ୍ତି ।

### ୨୦୨୨-୨୩ରେ ଓଡ଼ିଶାର...

ସୁପରିଚାଳନା ଓ ୫-ଟି ନୀତିର ସଫଳ ପ୍ରଣୟନ କାରଣରୁ ଓଡ଼ିଶା ନିଜସ୍ୱ ଆର୍ଥିକ ସ୍ଥିତି ସୁଦୃଢ କରିବାରେ ସଫଳତା ପାଇଥିଲା । ନିରନ୍ତର ଭାବେ ରାଜସ୍ୱ ଅଭିବୃଦ୍ଧି ଘଟିବା ସହ କେନ୍ଦ୍ର ଉପରେ ନିର୍ଭରଶୀଳତା ମଧ୍ୟ ଦ୍ରୁତ ହ୍ରାସ ପାଇଥିଲା । ଯାହାଫଳରେ ରାଜ୍ୟ ସରକାର ବହୁବିଧ ଜନକଲ୍ୟାଣକାରୀ ଯୋଜନା ପ୍ରଣୟନ କରିପାରିଥିଲେ । ଏଥିରେ ବିଏସ୍‌କେୱାଇ, ମିଶନ ଶକ୍ତି, କାଳିଆ, ଦକ୍ଷତା ବିକାଶ, ୫-ଟି ସ୍କୁଲ, ଜନଜାତି ବିକାଶ, ବିପର୍ଯ୍ୟୟ ପରିଚାଳନା, ଭିତ୍ତିଭୂମି ବିକାଶ, ଜଳସେଚନ ସୁବିଧା ଓ ଦାରିଦ୍ର୍ୟ ଦୂରୀକରଣ ଭଳି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଥିଲା । ସେହିପରି ନିଜସ୍ୱ ପାଣ୍ଠିରେ ତତ୍କାଳୀନ ସରକାର ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କରିଥିଲେ । ଦୁଇ ଦଶନ୍ଧିରୁ ଅଧିକ ଏଭଳି ସଫଳତା ପାଇଁ ସାଢ଼େ ଚାରି କୋଟି ଓଡ଼ିଆଙ୍କର ନିରନ୍ତର ସମର୍ଥନ ବିନା ସମ୍ଭବପର ହୋଇପାରି ନ ଥାନ୍ତା । ଏଥିପାଇଁ ନବୀନ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

### ଏଥର ଫିକା...

ଏହାସହିତ ଭଦ୍ରକ ୩୭, ବଲାଙ୍ଗିର ୨୪ ଓ ବୌଦ୍ଧରେ ୨୦ ମିମି ବର୍ଷା ରେକର୍ଡ ହୋଇଛି । ଏହି ଲଘୁଚାପ ପ୍ରଭାବରେ ରାଜ୍ୟରେ କିଛି ପରିମାଣରେ ବର୍ଷା ଜାରି ରହିବ । ମଙ୍ଗଳବାର ସୁନ୍ଦରଗଡ଼ ଓ ସମ୍ବଲପୁରରେ ସବୁଠୁ ଅଧିକ ବର୍ଷା ହୋଇପାରେ । ଅନ୍ୟପଟେ ପାଣିପାଗ କେନ୍ଦ୍ରର ବୈଜ୍ଞାନିକ ସଞ୍ଜୀବ ଦ୍ୱିବେଦୀ କହିଛନ୍ତି ଯେ, ସେପ୍ଟେମ୍ବର ୨୫ ତାରିଖ ବେଳକୁ ଆଉ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହି ଲଘୁଚାପ ପୂର୍ବକେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରି ସେପ୍ଟେମ୍ବର ୨୬ ତାରିଖ ପାଖାପାଖି ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର, ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳରେ ଏକ ଅବପାତରେ ପରିଣତ ହେବାର ଅଧିକ ସମ୍ଭାବନା ରହିଛି । ଏହା ସେପ୍ଟେମ୍ବର ୨୭ ତାରିଖ ପାଖାପାଖି ଦକ୍ଷିଣ ଓଡ଼ିଶା-ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଥିବା ଯୋଗୁଁ ରାଜ୍ୟର ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରାଯାଉଛି । ଏଥିପାଇଁ କିଛି ଜିଲ୍ଲା ପାଇଁ ପ୍ରବଳ ବର୍ଷା ଜନିତ ଅରେଞ୍ଜ ଆଲର୍ଟ ଜାରି କରାଯାଇଥିବା ବେଳେ କିଛି ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜନିତ ଚେତାବନୀ ଜାରି ହୋଇଛି ।

ଅନ୍ୟପଟେ ଲଘୁଚାପ ପ୍ରଭାବରେ ସମୁଦ୍ର ମଧ୍ୟରେ ପବନର ବେଗ ୪୦-୫୦ କିମି ଓ ଝଟକା ପବନ ୬୦ କିମି ପର୍ଯ୍ୟନ୍ତ ପହଞ୍ଚିବା ଆଶଙ୍କା ରହିଛି । ଏହା ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବ । ତେଣୁ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଉତ୍ତର ବଙ୍ଗୋପସାଗର ମଧ୍ୟକୁ ନ ଯିବା ପାଇଁ ପାଣିପାଗ କେନ୍ଦ୍ର ପରାମର୍ଶ ଦେଇଛି ।

### ଗୃହ ଚାଲିଲା...

ମିନିଟରୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ରଖିଥିଲେ । ବିଜେଡିର ପ୍ରତିବାଦ ସମ୍ପର୍କରେ ଗୃହ ବାହାରେ ପ୍ରତିକ୍ରିୟା ରଖି ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ କହିଛନ୍ତି ଯେ ବର୍ତ୍ତମାନର ରାଜ୍ୟ ବିଜେପି ସରକାର ଗଣତନ୍ତ୍ରରେ ବିଶ୍ୱାସ କରନ୍ତି ନାହିଁ । ପ୍ରତି ମୁହୂର୍ତ୍ତରେ ଗଣତନ୍ତ୍ରର ତଣ୍ଟି ଚିପି ଚାଲିଛନ୍ତି । କ୍ୟାବିନେଟରେ ନିଷ୍ପତ୍ତି ବଳରେ ସରକାର ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଭୁଶୁଡ଼େଇ ଦେବା ପାଇଁ ସରକାର ନିଷ୍ପତ୍ତି ନେଇ ସାରିଛନ୍ତି । ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧିଙ୍କର ସର୍ବାଧିକ କ୍ଷମତା ରହିବା ଆବଶ୍ୟକ । ଏନେଇ ସମ୍ବିଧାନରେ ବ୍ୟବସ୍ଥା କରାଯାଇଛି । ମାତ୍ର, ରାଜ୍ୟ ବିଜେପି ସରକାର ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତା ସଙ୍କୁଚିତ କରି ଐତିହାସିକ ତ୍ରୁଟି କରିଛନ୍ତି । ଏହା ଓଡ଼ିଶା ପାଇଁ 'କଳା ଦିନ' ବୋଲି ଶ୍ରୀ ଦାସ କ୍ଷୋଭ ପ୍ରକାଶ କରିଛନ୍ତି । ଏଭଳି ପ୍ରସଙ୍ଗରେ ଆମେ ବିଧାନସଭାରେ ଆଲୋଚନା କରିବାକୁ ଚାହିଁଥିଲା ବେଳେ ବାଚସ୍ପତି ଏହାକୁ ଅନୁମୋଦନ ଦେଲେ ନାହିଁ । ଏହି ପ୍ରସଙ୍ଗ ସମ୍ପୂର୍ଣ୍ଣ ରାଜ୍ୟବାସୀଙ୍କ ପ୍ରସଙ୍ଗ ଅଟେ । ଯଦି ଜିଲ୍ଲା ପରିଷଦ ସଭ୍ୟ, ଅଧ୍ୟକ୍ଷ, ବ୍ଲକ ଅଧ୍ୟକ୍ଷଙ୍କର କ୍ଷମତା ରହିବ ନାହିଁ, ସବୁଯାକ ଯଦି ବାବୁରାଜରେ ଚାଲିବ, ତା'ହେଲେ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ବିଧାୟକ ଶ୍ରୀ ଦାସ ମତବ୍ୟକ୍ତ କରିଛନ୍ତି ।

### କଂଗ୍ରେସର ଅନାସ୍ଥା...

ଦିଆଯାଇଥିଲା । ମାତ୍ର ଗୃହ ସ୍ୱାଭାବିକ ନ ଥିବାରୁ ଏହା ଗୃହକୁ ଆସି ପାରି ନ ଥିଲା । ଗୃହରେ ଅଚଳାବସ୍ଥା ଯୋଗୁଁ ନୋଟିସର ଅବଧି ସରିଯାଇଥିବାରୁ ଏହାକୁ ଅଗ୍ରାହ୍ୟ କରାଯାଇଛି ବୋଲି ବାଚସ୍ପତି କହିଛନ୍ତି ।

ବାଚସ୍ପତି ଅନାସ୍ଥା ନୋଟିସ ଅଗ୍ରାହ୍ୟ କରାଯାଇଥିବା ଘୋଷଣାରେ ବିଧାନସଭା ଗୃହ ତ୍ୟାଗ କରିଛନ୍ତି କଂଗ୍ରେସ ବିଧାୟକ । ବିଧାନସଭା ପରିସରରେ ଗାନ୍ଧୀ ମୂର୍ତ୍ତି ତଳେ ବିଧାୟକମାନେ ଧାରଣାରେ ବସିଛନ୍ତି । କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ କହିଛନ୍ତି ଯେ ଆମେ ସାଢ଼େ ୪ କୋଟି ଜନତାଙ୍କ କଥା ବିଧାନସଭାରେ କହିବାକୁ ଚାହୁଁଥିଲୁ; ଗଣତନ୍ତ୍ରକୁ ସୁରକ୍ଷା ଦେବା ବାଚସ୍ପତିଙ୍କ ଦାୟିତ୍ୱ । ବିଧିବ୍ୟବସ୍ଥା ଅନୁଯାୟୀ କଂଗ୍ରେସ ଅନାସ୍ଥା ନୋଟିସ୍ ଆଣିଥିଲା । କିନ୍ତୁ ଶାସକ ବିଜେପି ବାଚସ୍ପତିଙ୍କ ଜରିଆରେ ଗଣତନ୍ତ୍ରକୁ ହତ୍ୟା କରିଛି । କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ କହିଛନ୍ତି ଯେ ସରକାର ଭୟଭୀତ ହୋଇ ଏହି ନିଷ୍ପତ୍ତି ନେଇଛନ୍ତି । ଆମକୁ ସଂଖ୍ୟାହୀନ କହି ସେମାନେ ସମାଲୋଚନା କରୁଥିଲେ, ମାତ୍ର ଭୟ କରି ଅନାସ୍ଥା ନୋଟିସକୁ ଅଗ୍ରାହ୍ୟ କଲେ । ପିମ୍ପୁଡ଼ି ମଧ୍ୟ ହାତୀକୁ ନଚାଇବାକୁ ସମର୍ଥ । ନ୍ୟାୟ ପାଇଁ ଆମେ କକ୍ଷତ୍ୟାଗ କରିଛୁ । ଆଗକୁ ରଣକୌଶଳ ପ୍ରସ୍ତୁତ ହେବ ଓ କିପରି ସରକାରଙ୍କୁ ଉଚିତ ଜବାବ ଦିଆଯିବ ବୋଲି ଶ୍ରୀ ଦାସ କହିଛନ୍ତି ।

ବିଧାନସଭା ମୌସୁମୀ ଅଧିବେଶନର ପ୍ରଥମ ଦିନରେ ପୂର୍ବ ଘୋଷଣା ଅନୁଯାୟୀ ରାଜ୍ୟ ସରକାରଙ୍କ ବିରୋଧରେ ଅନାସ୍ଥା କଂଗ୍ରେସ ଅନାସ୍ଥା ପ୍ରସ୍ତାବ ଆଣିଥିଲା । ଦଳର ୧୪ ବିଧାୟକଙ୍କ ସମେତ ସିପିଆଇ(ଏମ୍) ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସମର୍ଥନରେ ମୋଟ୍ ୧୫ ଜଣ ବିଧାୟକଙ୍କ ଦସ୍ତଖତରେ କଂଗ୍ରେସ ଏହି ପ୍ରସ୍ତାବ ଆଣିଥିଲା । ଅନାସ୍ଥାରେ ସମର୍ଥନ ଦେବାକୁ କଂଗ୍ରେସ ବିଜେଡିର ସହଯୋଗ ଲୋଡ଼ିଥିବା ବେଳେ ଏନେଇ କଂଗ୍ରେସର ଏକ ପ୍ରତିନିଧି ଦଳ ବିରୋଧୀ ଦଳ ନେତାଙ୍କ କାର୍ଯ୍ୟାଳୟକୁ ଯାଇ ଅନାସ୍ଥା ସପକ୍ଷରେ ସହଯୋଗ ଲୋଡ଼ିଥିଲେ । ମାତ୍ର ଏହା ଆଜି ଅଗ୍ରାହ୍ୟ ହୋଇଯିବା ପରେ କଂଗ୍ରେସ ଦଳକୁ କ୍ଷୁବ୍ଧ କରିଛି ।

### ବଣ୍ଡାଘାଟି ରାଜପଥ...

ତଳଭାଗ ଅତଡା ଖସିଯାଇଛି । ଫଳରେ ରାସ୍ତାର ଏକାଧିକ ଅଂଶ ଦୁର୍ବଳ ହୋଇପଡ଼ିଥିବାରୁ ଯାତାୟାତ ସ୍ୱାଭାବିକ ରହିପାରୁନି । ସୂଚନା ପାଇ ବିଡିଓ ଉମାଶଙ୍କର କୋୟା ଓ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନେଇ ଆଲୋଚନା କରିଛନ୍ତି । ଯଦି ବର୍ଷା ଏଭଳି ଜାରି ରୁହେ, ତେବେ ଯାତାୟାତ ସମ୍ପୂର୍ଣ୍ଣ ଭାବେ ବନ୍ଦ ହେବାର ସମ୍ଭାବନା ରହିଛି । ବିଗତ ବର୍ଷ ମଧ୍ୟ ଏହି ସ୍ଥାନରେ ମାଟି ଅତଡା ଖସିବା ଯୋଗୁଁ ଲମ୍ବା ସମୟ ପର୍ଯ୍ୟନ୍ତ ବଣ୍ଡାଘାଟି ଯାତାୟାତ ବାଧାଗ୍ରସ୍ତ ହୋଇଥିଲା । ପୁଣିଥରେ ସେଇ ପରିସ୍ଥିତି ପୁନରାବୃତ୍ତି ହେବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସହିତ ଭୟର ପରିବେଶ ସୃଷ୍ଟି ହୋଇଛି ।

### କଳିଙ୍ଗା ଘାଟିରୁ...

ରାସ୍ତାକାମ ପାଇଁ ଗଦା ହୋଇଥିବା ବାଲି, ଗୋଡ଼ି, ମାଟି ସବୁ ଧୋଇ ହୋଇଯାଇଥିଲା । ରାସ୍ତା କାମରେ ପ୍ରତିଦିନ ବର୍ଷା ପ୍ରତିବନ୍ଧକ ସାଜୁଥିବା ବେଳେ ଆଗକୁ ଲଘୁଚାପ ଥିବାରୁ ଏହାକୁ ନେଇ ବିଭାଗୀୟ ଅଧିକାରୀଙ୍କ ଚିନ୍ତା ବଢ଼ିଛି ।

ଅପରପକ୍ଷେ, ଭୂ-ସ୍ଖଳନକୁ ୭ ଦିନ ବିତିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହି ଘାଟି ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇପାରିନାହିଁ । ଏଭଳି ସ୍ଥିତିରେ ଅସ୍ଥାୟୀ ରାସ୍ତା ବାହାର କରିବାକୁ ଆପ୍ରାଣ ଉଦ୍ୟମ ଜାରି ରହିଥିଲା । ଏବେ ପ୍ରତିଦିନ ବର୍ଷାରେ ୫୦ କି.ମି ବୁଲି ଚକାପାଦ ଘାଟିରେ ବଡ଼ବଡ଼ ଗାଡ଼ି ଆସିବା କଷ୍ଟକର ହୋଇଥିବା ବେଳେ ଅଧିକ ସମୟ ସହ ଅଧିକ ଯାତ୍ରୀ ଭଡ଼ା ଦେବାକୁ ପଡୁଛି । ଚକାପାଦ ରାସ୍ତାରେ ମଧ୍ୟ ବିଭିନ୍ନ ସ୍ଥାନରେ ଘାଟି ରାସ୍ତା ଦୁର୍ବଳ ଥିବା ଅଭିଯୋଗ ହେଉଛି ।

### ଓଡ଼ିଶାରେ ଛତିଶଗଡ଼ୀ...

ରହୁ ନଥିଲା । ଏବେ ସେମାନେ ନିୟମିତ ଏକାଠି ହୋଇ ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ନିଷ୍ପତ୍ତି ନେଉଛନ୍ତି ଏବଂ କନ୍ଧମାଳ ଜିଲ୍ଲା ଏବେ ମାଓବାଦୀଙ୍କ ଫୋକସରେ ଥିବା ସୂଚନା ମିଳିଛି । କେନ୍ଦ୍ରୀୟ କମିଟିର ସଦସ୍ୟ ବାସବରାଜୁ, ଉଦୟ, ବାଲକ୍ରୀଷ୍ଣା, ଭାସ୍କରଙ୍କର ମୃତ୍ୟୁ ସଂଗଠନ ପାଇଁ ବଡ ଝଟକା ଦେଇଛି । ତେଣୁ ସେମାନଙ୍କ ଭଳି ସଦସ୍ୟଙ୍କୁ ଖୋଜିବାରେ ମାଓନେତା ଲାଗିପଡ଼ିଛନ୍ତି । ଦୀର୍ଘ ୧୭ ବର୍ଷର ବ୍ୟବଧାନ ପରେ ଏବେ ପୁଣି କନ୍ଧମାଳ-ଗଞ୍ଜାମ ଜିଲ୍ଲା ସୀମାରେ ସକ୍ରିୟ ହୋଇଛନ୍ତି ମାଓବାଦୀ । ତେଣୁ କନ୍ଧମାଳ ଜିଲ୍ଲାରେ ମଧ୍ୟ ସର୍ଚ୍ଚ ଅପରେସନ୍‌କୁ ବଢାଇ ଦିଆଯାଇଛି । ଏହି ସମୟରେ ଗତକାଲି କନ୍ଧମାଳ ଜିଲ୍ଲା ରାଇକିଆ-ଦାରିଙ୍ଗିବାଡ଼ି ଏବଂ ଗଞ୍ଜାମ ସୀମାନ୍ତବର୍ତ୍ତୀ ରଣବା ମାଣିକେଶ୍ୱର ପଞ୍ଚାୟତର ଗେବିଙ୍ଗିଆ ଜଙ୍ଗଲରେ ମାଓବାଦୀମାନେ ସକ୍ରିୟ ଥିବା ଘଟଣା ପୁଲିସ ପାଇଁ ଶିରପୀଡ଼ା ହୋଇଛି ।

## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖା ଦେବ । ଚିନ୍ତାରେ ରହିପାରନ୍ତି । ପେଟ ଜନିତ ସମସ୍ୟା ଦେଖା ଦେବ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ । ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ ।

**ବୃଷ:** ଭାଇ ଭଉଣୀଙ୍କ ସହଯୋଗ ମିଳିବ । ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ । ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ । ନିବେଶ କରିବା ପାଇଁ ଉପଯୁକ୍ତ ସମୟ ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ । ପରିବାର ପାଇଁ ସମୟ ବାହାର କରିବେ । ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ । ନିବେଶରୁ ଲାଭ ପାଇବେ । ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି ।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି । ମନ ପ୍ରସନ୍ନ ରହିବ । ମାନସିକ ଚିନ୍ତା ଦୂର ହେବ । ନୂଆ କାମ ଆରମ୍ଭ କରିବେ । ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ । ଅର୍ଥ ନିବେଶରୁ ଦୂରେଇ ରହିବେ । ନୂଆ କାମ ପାଇଁ ଉପଯୁକ୍ତ ସମୟ । କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ ।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ । କର୍ମ ଚଞ୍ଚଳ ରହିବେ । ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ । ଜୀବନସାଥୀଙ୍କଠାରୁ ଉପହାର ପାଇବେ ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । ଚକ୍ଷୁ ସମସ୍ୟା ଦେଖା ଦେବ ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ । ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଭଗବାନ ଶିବଙ୍କୁ ପୂଜା କରିବେ । ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ । ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ । ପଡ଼ୋଶୀଙ୍କ ସହ ମତାନ୍ତର ହେବ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ । ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ଗୀତ, ନାଚରେ ସମୟ ଅତିବାହିତ କରିବେ । ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ । ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ । ସମସ୍ତ ଇଚ୍ଛା ପୂରଣ ହେବ ।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.SNTPSBPSIG-KAVACH-092025

**କାର୍ଯ୍ୟର ନାମ:** ପୂର୍ବ ତଟ ରେଳପଥର ସମ୍ବଲପୁର ମଣ୍ଡଳର ଝାରସୁଗୁଡ଼ା ରୋଡ୍ (JSGR)-ଏକ୍ସ-ସିଙ୍ଗାପୁର ରୋଡ୍ ଜଂକ୍ସନ (SPRD), ଏକ୍ସ-ଲାଖୋଲି (LAE)-ଟିଟିଲାଗଡ଼ (TIG) ଏବଂ ସମ୍ବଲପୁର ଜଂକ୍ସନ (SBP)-ଏକ୍ସ-କେରେଜଙ୍ଗା (KPJG) ସେକ୍ସନ ମଧ୍ୟରେ କବଚ ଉପକରଣଗୁଡ଼ିକର ସର୍ବେକ୍ଷଣ, ଡିଜାଇନ୍, ଯୋଗାଣ, ସଂସ୍ଥାପନ, ପରୀକ୍ଷଣ ଏବଂ ପ୍ରଚଳନ ତଥା ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମୂହ ।"

**ଆନୁମାନିକ ବିଜ୍ଞାପିତ ମୂଲ୍ୟ (ଟଙ୍କାରେ):** 129,93,43,287.32, EMD (ଟଙ୍କାରେ): 66,46,700/-, କାର୍ଯ୍ୟ ଶେଷ ହେବା ଅବଧି : 30 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.07.11.2025 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ଉପ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/କବଚ/ ମୁଖ୍ୟାଳୟ/ଭୁବନେଶ୍ୱର

PR-111/CI/25-26


# ହନିଟ୍ରାପ୍ ଘଟଣାରେ ୩ ଗିରଫ

**ଜଣେ ଫେରାର, ୫ ମୋବାଇଲ ଜବତ**

ନିଶ୍ଚିନ୍ତକୋଇଲି, ୨୨।୯ (ସମିସ): ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରେ ଗତ କିଛି ବର୍ଷ ହେବ ଚାଲିଥିବା ବହୁଚର୍ଚ୍ଚିତ ହନିଟ୍ରାପ୍ ଘଟଣାରେ ସୋମବାର ଦିନ ପୁଲିସ ୩ ଜଣଙ୍କୁ ଗିରଫ କରିଛି । ଏହି ତିନି ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ସେମାନଙ୍କଠାରୁ ବିଭିନ୍ନ ତଥ୍ୟ ସଂଗ୍ରହ କରିବା ପରେ ଥାନା କେଶ୍ ନଂ ୧୭୦/୨୫ରେ ମାମଲା ରୁଜୁ କରି ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଏହି ଘଟଣାରେ ସଂପୃକ୍ତ ଥିବା ଅନ୍ୟ ଜଣେ ଆସାମୀ ଫେରାର୍ ଥିବା ବେଳେ ତାଙ୍କୁ ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ଜୋରଦାର ଚଢ଼ଉ ଜାରି ରହିଛି । ସୂଚନାନୁଯାୟୀ, ଏ ଅଞ୍ଚଳର ଦୁଇ ସାଟେଲାଇଟ୍ ଟିଭି ଚ୍ୟାନେଲର ସାମ୍ବାଦିକ ଓ ଜଣେ ମହିଳା ମିଶି ନିଶ୍ଚିନ୍ତକୋଇଲି, ମାହାଙ୍ଗା, ସାଲେପୁର ଓ କଟକ ସଦର ଅଞ୍ଚଳର ବହୁ ଶିକ୍ଷକ, ଡାକ୍ତର, ନର୍ସିଂହୋମ୍ ମାଲିକ ଓ ଅନ୍ୟାନ୍ୟ ଧନୀଶ୍ରେଣୀୟ ବ୍ୟକ୍ତିମାନଙ୍କୁ ହନିଟ୍ରାପ୍‌ରେ ଫସାଇ ଲକ୍ଷାଧିକ ଟଙ୍କା ଆଦାୟ କରୁଥିଲେ । କିଛି ଦିନ ତଳେ, କଟିକଟା ବଜାରର ଔଷଧ ବ୍ୟବସାୟୀ ପ୍ରଫୁଲ୍ଲ ସାହୁଙ୍କୁ ଯୋଜନାବଦ୍ଧ ଭାବେ ଜାଲରେ ଫସାଇ ତାଙ୍କଠାରୁ ୨.୫ଲକ୍ଷ ଟଙ୍କା ନେଇଥିଲେ । ଏହି ଔଷଧ ବ୍ୟବସାୟୀଙ୍କୁ ମଧ୍ୟ ଯୋଜନାବଦ୍ଧ ଭାବେ ଯାଜପୁର ଜିଲ୍ଲା ବଡ଼ଚଣା ଥାନାରେ ୩ଦିନ ରଖାଯାଇ ନିର୍ଯାତନା ମଧ୍ୟ ଦିଆଯାଇଥିଲା । ଘଟଣାର କିଛି ଦିନ ପରେ ଔଷଧ ଦୋକାନୀଙ୍କର ପୁଅ ପ୍ରଦୀପ୍ତ ସାହୁ ନିଶ୍ଚିନ୍ତକୋଇଲି ଥାନା ସମେତ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବା ପରେ ତଦନ୍ତ ହୋଇ ସମସ୍ତ ଘଟଣାର ପର୍ଦ୍ଦାଫାସ୍ ହୋଇଛି । ଏ ସଂକ୍ରାନ୍ତରେ ଔଷଧ ବ୍ୟବସାୟୀଙ୍କ ପୁଅ ପ୍ରଦୀପ୍ତ ସାହୁ ଦୁଇ ସାମ୍ବାଦିକ ଶୁଭାଶିଷ ବସନ୍ତରାୟ ଓ ଅସିତ ସାମଲଙ୍କ ନାଁରେ ଅଭିଯୋଗ କରିବା ପରେ ନିଶ୍ଚିନ୍ତକୋଇଲି ପୁଲିସ ପକ୍ଷରୁ ଦୁଇ ଅଭିଯୁକ୍ତ ସାମ୍ବାଦିକଙ୍କ ମଧ୍ୟରୁ ଶୁଭାଶିଷଙ୍କୁ ଗିରଫ କରାଯାଇଛି । ଟଙ୍କା କାରବାରରେ ନିଶ୍ଚିନ୍ତକୋଇଲି ବଜାରରେ ଚା' ଦୋକାନ କରିଥିବା ହିଂମାଂଶୁ ଶେଖର ଲେଙ୍କା ସଂପୃକ୍ତ ଥିବାରୁ ତାଙ୍କୁ ମଧ୍ୟ ପୁଲିସ ଗିରଫ କରିଛି । ଏହାଛଡ଼ା ଏହି ହନିଟ୍ରାପ୍ ଘଟଣାରେ ସଂପୃକ୍ତ ଥିବା ମହିଳା ମାହାଙ୍ଗା ଶୁକ୍ଲେଶ୍ୱର ଅଞ୍ଚଳର ଇତିଶ୍ରୀ ମହାନ୍ତି ପୁଲିସ ଦ୍ୱାରା ଗିରଫ ହୋଇଛି । ସାମ୍ବାଦିକ ଅସିତ୍ ସାମଲ ଫେରାର ଥିବାରୁ ପୁଲିସ ତାଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରଖିଛି ।


**କବଲା ହଜିଛି**

ମୁଁ ସୁବାଷ ଚନ୍ଦ୍ର ସାହୁ, ପିତା - ମାଟିଆ ସାହୁ, ପୋ- ଓଡଗାଁ, ଜିଲ୍ଲା- ନୟାଗଡରେ ବାସ କରେ । ମୁଁ ଜଣାଉଛି କି ମୁଁ ମୋ ଘରୁ ବଜାରକୁ ଯାଉଥିବା ସମୟରେ ଅରକ୍ଷିତ ସାହୁଙ୍କ ମୂଳ କବଲା ଡିଡ ନଂ. ୧୬୦୬, ତାରିଖ ୧୮.୦୮.୧୯୯୨ ଓ ତା ସହିତ ଅନ୍ୟାନ୍ୟ କାଗଜପତ୍ର ସହିତ ମୋର ବ୍ୟାଗଟି ସ୍କୁଟିରେ ଝୁଲୁଥିବା ସମୟରେ ତା.୦୫.୦୯.୨୦୨୫ରିଖ ଦିନ ୨ ଘଟିକା ସମୟରେ ହଜିଯାଇଛି । ଯଦି କେହି ପାଇଥାନ୍ତି ଦୟାକରି ଉପରୋକ୍ତ ଠିକଣାରେ ଯୋଗାଯୋଗ କରନ୍ତୁ ।

**SALE**

TATA LPT 1512,MODEL 2023, Regn. No -OD-02-CH-6412, in as is where is condition. Contact: M/S Sundaram Finance Limited, NAYAGARH BRANCH, Ph:0675-3299916, MOB - 9437560891 within 7 days.

**SALE**

TATA LPT 1512,MODEL 2023, Regn. No -OD-02-CJ-9801, in as is where is condition., Contact: M/S Sundaram Finance Limited, NAYAGARH BRANCH, Ph:0675-3299916, MOB - 9437560891 within 7 days.

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

I Silalipi Sahoo W/o Srikant Kumar Sahoo, Resident of Plot No 1184/4, Nayapalli, Nilakantha Nagar, Near Debroy college, Bhubaneswar Urban, Odisha, PIN-751012, declare by this affidavit No.32 dtd 26.08.2025 that now onwards I shall be known as **SILALIPI SAHU** for all future purposes.

Office of the Principal
**SCIENCE HIGHER SECONDARY SCHOOL, GUDARI, DIST. RAYAGADA**
Email ID – principalinchargesgic@gmail.com

**RECRUITMENT NOTICE**

Applications are invited from eligible candidates for filling up of 2 (Two) numbers of 4th grade (Peon) employee against the existing vacancy on 89 days basis. The appointment is purely temporary and with a consolidated remuneration of **Rs. 5000/- per month.** The minimum educational qualification of the applicants is H.S.C. or equivalent with Odia as a language subject and must be within the age group of 21–38 years.

Applicants should send their resume with necessary self-attested documents to the Principal-in-Charge, Science Higher Secondary School, Gudari, Dist- Rayagada, PIN-765026 within 20 days from the date of publication of this advertisement by Speed post only.

The interview will be held on 15.10.2025 at 11 AM in the institution premises. No TA/DA will be admissible for attending the interview. The authority reserves the right to cancel/modify/postpone the interview without assigning any reason thereof.

Principal-in-Charge-cum-Secretary
Science Higher Secondary School
Gudari, Dist- Rayagada

**AFFIDAVIT**

I, Balaram Khemundu, S/o- Mangaraj Khemundu, resident of Vill./Po.- Attanda, Ps.- Padwa, Dist.- Koraput, Odisha, Pin-764041 declare by this affidavit No-88, dtd-22.09.2025 that, I have changed my daughter's name from **Suramilata Khemundu** to **Sarmilata Khemundu**. Henceforth she will be known as **Sarmilata Khemundu** for all future purposes.
Sd/- Balaram Khemundu

**କବଲା ହଜିଛି**

ମୁଁ ସୁମନ କୁମାର ମହାପାତ୍ର, ପିତା- ସୁବାଷ ଚନ୍ଦ୍ର ମହାପାତ୍ର, ମହିପୁର, ଜିଲ୍ଲା: ନୟାଗଡରେ ବାସ କରେ । ମୁଁ ଜଣାଇବାକୁ ଚାହୁଁଛି ଯେ, ମୋ ମା ମଞ୍ଜୁବାଳା ମହାପାତ୍ରଙ୍କର ମୂଳ କବଲା ନଂ. ୧୧୩୭୧୧୦୫୬୬୪, ତା.୦୪.୧୧.୨୦୧୧ରିଖ ଏବଂ ଅନ୍ୟାନ୍ୟ କାଗଜପତ୍ର ସହିତ ମୋର ବ୍ୟାଗ୍‌ଟି ସ୍କୁଟି ରେ ଲାଗିଥିବା ସମୟ ରେ ତା.୧୫.୦୫.୨୦୨୫ରିଖ ଦିନ ୧୨ଘ.୩୦ମି. ସମୟରେ ଚୋରି ହୋଇଯାଇଛି । ଯଦି କେହି ପାଇଥାନ୍ତି ଦୟାକରି ଉପରୋକ୍ତ ଠିକଣାରେ ଯୋଗାଯୋଗ କରନ୍ତୁ ।

**OFFICE OF THE NODAL PRINCIPAL, KORAPUT**
Dist-Koraput (Odisha)
(WORKING UNDER ODISHA ADARSHA VIDYALAYA SANGATHAN)
Phone : 7978897651
E-mail : principalomavjeypore@gmail.com

Letter No. 014/25 — Date : 20-09-2025

**EMPANELMENT OF PART TIME CONTRACTUAL TEACHER PGT(CHEMISTRY) (EXTENSION OF DATE IN THE ADVERTISEMNET PUBLISHED IN "THE SAKALA" ODIA NEWS PAPER DAILY DATED 17-09-2025)**

It is hereby notified that a Walk-in-Interview(Document Verification) will be conducted for one post of PGT(CHEMISTRY) currently vacant at OAV, Nilabadi of Bandhugaon Block as well as for empanelment for the said post for future vacancy in the District of Koraput purely on contractual basis for the academic session 2025-26. The prescribed application form can be downloaded by scanning the attached QR code and eligibility details can be referred from the Archival Section of Koraput District Website (https://koraput.odisha.gov.in/notice/recruitment/archive-recruitment) published on 25 March 2025. Deserving candidate will have to be physically present along with prescribed filled-in application form along with all self attested copies of relevant documents on 26 September 2025, 10 AM at OAV, Machhara, near Koraput Town.

**Current Vacancy : PGT (CHEMISTRY) - 01 number at OAV, Nilabadi of Bandhugaon Block**

(By order of Collector & DM, Kora put)
Sd/-
Principal, OMAV, Jeypore
& Nodal Principal, OAVs. Koraout

**AFFIDAVIT**

By virtue of an affidavit C.F.No.1266 sworn before the executive Magistrate, Kuchinda, Dist: Sambalpur dated 04-09-2025, Somanath Kallo S/O Mayadhar Kallo resident of Vill: Gulujipali (Kalopada) PO: Katarkela, P.S: Jamankira Dist: Sambalpur declared that my correct name is Somanath Kallo and my wife's correct name is Bebby Pradhan in all documents but my sons birth certificate my name wrongly mentioned as Somanatha Kallo and my wife's name wrongly mentioned as Bebby Kallo. Henceforth, I declare that my real, actual name is Somanath Kallo and my wife's correct name is **Bebby Pradhan** for all purposes.

**AFFIDAVIT**

By virtue of an affidavit sworn before the Executive Magistrate, Bargarh vide No.1193 dated. 20.09.2025, I Nakul Podh, S/o- Sadananda Podh, resident of Ghulipali, Ward no.-18, Bargarh, Po./Ps./Dist.- Bargarh state that, my daughter's name is **Jagyasini Podh** but in her Aadhar card her name is mentioned as **Titiska Podh**, which is her nick name. Hence **Jagyasini Podh** and **Titiska Podh**, D/o- Nakul Podh is same and one person.

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ODISHA STATE OPEN UNIVERSITY,SAMBALPUR**
Established by an Act of Government of Odisha.

No. 2230/OSOU/2025 — Dt. 22.09.2025

**NOTICE FOR EXTENSION OF EOI-CUM-RFP SUBMISSION DATE**

Ref No.: EOI- Notice No. 1999/OSOU/2025 Dtd. 26-08-2025

With reference to the notice cited above, this is for the information of all concerned that last date for submission of EOI and RFP documents for implementation of e-Evaluation of Answer scripts in Odisha State Open University, Sambalpur, Odisha is being extended till **09th October, 2025 (05.00 PM)**.

All other Terms and Conditions of the EOI documents / Corrigendum shall remain unchanged and Prospective Bidders are advice to visit the University website www.osou.ac.in regularly for any updates.

Sd-
Registrar

**AFFIDAVIT**

I, Mehboob Bano Abidi, W/o- Syed Ali Abidi, resident of Danial Apartment, Medical Road, Akbar Market Dodhpur, Civil Lines, Aligarh, Uttar Pradesh, India vide affidavit no.123 dated 20.09.2025 state that, I have changed my name from **Mehboob Bano** to **MEHBOOB BANO ABIDI**. Henceforth I shall be known as **MEHBOOB BANO ABIDI** for all future purposes.
Sd/- **Mehboob Bano Abidi**

**AFFIDAVIT**

By virtue of an affidavit No- *5680* sworn before Executive Magistrate,Angul,dated - 22/09/2025 . I Jitu Behera, Address At-Sabalabanga PO-Kumurisingha Ps-Angul Sadar Dist-Angul PIN-759129 declare that I have changed my name from Jitendra Behera to Jitu Behera .Henceforth, I shall be known as **Jitu Behera** for all purposes.
Jitu Behera

OFFICE OF THE DISTRICT PROJECT COORDINATOR
SAMAGRA SHIKSHA, BOUDH
Circuit House Campus, Boudh, P.O./Dist- BOUDH- 762 014
website : www.opepa.in email: dpcboudhssa.opepa@nic.in
ସମଗ୍ର ଶିକ୍ଷା Samagra Shiksha

No. 1367 — Date 20.09.2025

**TENDER CALL NOTICE**

Sealed tenders are invited from the intending registered suppliers/ vendors having valid GSTIN and PAN for supply of Resource Materials for the Saksham Resource Centre for the CWSN to be opened at 3 (three) nos. of PM SHRI Schools of Boudh District. The supplier shall have to furnish their offer price item wise as mentioned in the bid after going through the terms and conditions of the tender published in **Boudh district website** www.boudh.odisha.gov.in **and OSEPA website** www.osepa.odisha.gov.in.

The tender should reach the office through Registered / Speed Post to the undersigned on or before 07.10.2025 by 5.00 P.M. The tenders shall be opened on **08.10.2025 at 10.00 A.M** in the presence of bidders or their authorized representatives. The undersigned reserves all rights to reject any or all tenders without assigning any reason thereof.

*By the order of Collector-cum-Chairman, SS,Boudh*
DEO-cum-DPC
Samagra Shiksha, Boudh

OIPR-27138/11/0001/2526 n-162

**AFFIDAVIT**

By virtue of an affidavit sworn before the Executive Magistrate Jajpur, Dated 22nd. September 2025, No-9383, I, Kanakalata Kar, D/o-Late Madhusudan Mishra, Vill- Ghantiali, Post- Baniapal, Ps- Binjharpur, Dist- Jajpur, Odisha, Pin-755027 declare that I have changed my name from Ki-anaklata Kar to Kanakalata Kar. Henceforth,I shall be known as Kanakalata Kar for all Purposes.
Sd/- Kanakalata Kar

**AFFIDAVIT**

By virtue of an affidavit before the Executive Magistrate, Titilagarh, on dated- 02/09/2025. I, **Sai Swayam Sahu** (new name), formerly called as **Swayam Kumar Sahu** (old name), S/o- Biswa Ranjan Sahu, permanent resident of At-Sargiguda, W. No. 4, PO- Titilagarh, PS- Titilagarh, Dist- Balangir, (Odisha), PIN- 767033 declare that I have changed my name from **Swayam Kumar Sahu** (old name) to **Sai Swayam Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Sai Swayam Sahu** (new name).
**Sai Swayam Sahu**

**AFFIDAVIT**

By virtue of an affidavit sworn before Executive Magistrate ,Bhubaneswar dated 16.9.2025 CF no. 7 . I Smt. Pinki Patra, W/o- Sanjay Kumar Patra, At- Tamudia, P.o- Shyamsundar, Ps.: Rairangapur, Dist.: Mayurbhanj , Odisha, Pin-757050 have changed my minor son's name from Samanath Patra to Somanath Patra. Henceforth, he shall be known as Somanath Patra for all purposes.
Pinki Patra

GOVERNMENT OF ODISHA, "e"-PROCUREMENT NOTICE OFFICE OF THE BLOCK DEVELOPMENT OFFICER, NANDAPUR ON P.R & D.W DEPARTMENT

i-318

**Tender call Notice**
E-mail-ori-nandapur@nic.in
Tender Call Notice No.-eTcn03/NANDAPUR/2025-26

Letter no: — Dated:-

**Bid Identification No. B.D.O, Nandapur -eTcn03/Nandapur/2025-26**

The Block Development Officer, Nandapur on behalf of Governor of Odisha inviting percentage rate bid in Single cover system in ONLINE MODE from eligible contractors for construction of Building work as detailed in the table below:

| | | |
|---|---|---|
| 1. | Nature of Work | : Building Works. |
| 2. | No of Work | : 4 Nos |
| 3. | Tender Cost & EMD | : To be remitted online through a process as mentioned In DTCN |
| 4. | Class of Contractor | : As mentioned in DTCN |
| 5. | Available of Bid Document in the Website | : From Dt.26.09.2025 11.00 AM to 10.10.2025 Upto 5.30 pm. |
| 6. | Date of opening of Bid | : Dt.15.10.2025 at 11.00 AM |

7. They have to participate in ONLINE bidding only. Further details can be seen From the Website: https://tenderodisha.gov.in. Any Addendum / Corrigendum /Cancellation of tender can also be seen in the said website.

Sd/- Block Development Officer, Nandapur

OIPR-19118/11/0005/2526

**AFFIDAVIT**

By virtue of an affidavit before Executive Magistrate, Cuttack, I do hereby solemnly affirm that my actual name is Tilotama Naik wife of Chandan Naik as per my Aadhaar card No.891932006157. But in my Punjab National Bank Passbook No. 08682191038950 my name has been mentioned as Puja Nayak. I hereby declare that Tilotama Naik and Puja Nayak is one and same person i.e myself. That the aforesaid Passbook has been lost and inspite of my best effort I could not trace it out.

**AFFIDAVIT**

By virtue of an affidavit before the Executive Magistrate, Titilagarh, on dated- 20/09/2025. I, **Neelima Panigrahi,** aged about 30 years, W/O Omkar Hota, permanent resident of R.T.O. Chowk, PO/PS/Dist-Balangir, Odisha, PIN- 767001 at present residing At/PO/PS-Titilagarh, Dist- Balangir, Odisha, PIN- 767033 declare that, now I want to change my name from **Neelima Panigrahi** (old name) to **Neelima Hota** (new name). Henceforth, I shall be known as **Neelima Hota** (new name) for all purposes.

# ଜନଜାତି ସୁରକ୍ଷା ମଞ୍ଚର ନୂଆଁଖାଇ ଭେଟ୍‌ଘାଟ୍



କୋଷାଗୁମୁଡ଼ା,୨୨।୯(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ଅନ୍ତର୍ଗତ ସ୍ଥିତ ଫତଗୁଡ଼ା ରାସ୍ତା ସର୍ଜିଙ୍ଗଲ ପଡିଆ ଠାରେ ଆଜି ଜନଜାତି ସୁରକ୍ଷା ମଞ୍ଚ ତରଫରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। କୋଷାଗୁମୁଡ଼ା ଜନଜାତି ସୁରକ୍ଷା ମଞ୍ଚ ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରିଯାଇଥିବା ବେଳେ ବ୍ଲକର ୨୭ ପଞ୍ଚାୟତରୁ ୪ ହଜାର ଲୋକଙ୍କୁ ନେଇ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଧୁମଧାମରେ ଅନୁଷ୍ଠିତ ହୋଇଥିଲା। ଭାରତ ବର୍ଷ ଏକ କୃଷି ପ୍ରଧାନ ଦେଶ ହୋଇଥିବା ବେଳେ ଆମ ରାଜ୍ୟ ଓଡ଼ିଶାରେ ବସବାସ କରୁଥିବା ଅଧିକାଂଶ ଲୋକ କୃଷି ଉପରେ ନିର୍ଭର କରିଥାନ୍ତି। ଧାନ ଚାଷ ହେବା ପରେ ସର୍ବ ପ୍ରଥମେ ଅନ୍ନକୁ ଦୁର୍ଗାମାତା ଓ ଲକ୍ଷ୍ମୀଙ୍କର ଅବତାର ବୋଲି ମାନ୍ୟତା ଦିଆଯିବା ସହ ଜୀବନ ଧାରଣ ର ମୁଖ୍ୟ ଉପାଦାନ ଏହି ଅନ୍ନକୁ ପୂଜା କରିବାର ବିଧି ଆବାହନ କାଳରୁ ପ୍ରଚଳିତ ହୋଇଆସୁଛି। କୃଷିଜାତ ଅନ୍ନକୁ ପ୍ରଥମେ ପୂଜାକରି ନିଜ ଇଷ୍ଟ ଦେବାଦେବୀ ଓ ପୂର୍ବ ପୁରୁଷଙ୍କୁ ଅର୍ପଣ କରିବା ପରେ ସମସ୍ତେ ନାଚ ଗୀତ ଓ ବଜା ବଜାଇ ଆନନ୍ଦିତ ହୋଇଥାନ୍ତି। ପରେ ପ୍ରସାଦ ରୂପେ ସେବନ କରିବାର ବିଧି ଓ ପରମ୍ପରା ରହିଛି। ପ୍ରତି ବର୍ଷ ନୂଆଁଖାଇ ଦିନ ନିଜ ଘରେ ସପରିବାର ସହ ନୂଆଁଖାଇ ପର୍ବ ପାଳନ କରାଯାଇଥାଏ। ନୂଆଁଖାଇ ସରିବାର କିଛି ଦିନ ପରେ ପ୍ରତି ଗ୍ରାମ, ପରେ ପଞ୍ଚାୟତ ସ୍ତରରେ ତା ପରେ ବ୍ଲକ୍‌ସ୍ତରୀୟ ନୂଆଁଖାଇ ଭେଟଘାଟ, ଜୋହାରଗୀତ କାର୍ଯ୍ୟକ୍ରମ କରାଯାଇଥାଏ। ଆଜି ଏହି ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଗୋପୀନାଥ ମାଝି, ଜିଲ୍ଲା ଜନଜାତି ସୁରକ୍ଷା ମଞ୍ଚ ସଭାପତି ଅର୍ଜୁନ ଭତରା, ଦକ୍ଷିଣ ଓଡିଶା ଆଦିବାସୀ ମହାସଂଘ ସଭାପତି ରତନ ମାଝି, ଜିଲ୍ଲା ଜନଜାତି ଉପଭାପତି ଲକ୍ଷ୍ମଣ ମାଝି, ଜିଲ୍ଲା ଜନଜାତି ସମ୍ପାଦକ ସର୍ବେଶ୍ୱରୀ ମାଝୀ, ବ୍ଲକ ଅଧ୍ୟକ୍ଷ ମଧୁସୂଦନ ଭତରା, ଜନଜାତି ସୁରକ୍ଷା ମଞ୍ଚ, କୋଷାଗୁମୁଡ଼ାର ହରିବନ୍ଧୁ ମାଝି, ବ୍ଲକ ଜନଜାତି ସୁରକ୍ଷା ମଞ୍ଚ, ଉପଦେଷ୍ଟା ଲକ୍ଷ୍ମଣ ପୂଜାରୀ ଅଭିମନ୍ୟୁ ମାଝୀ, ଜିଲ୍ଲା ଭତରା ସମାଜ କୋଷାଧ୍ୟକ୍ଷ ଅନନ୍ତରାମ ନାୟକ, ଭତରା ସମାଜ ସଭାପତି ଦାମୋଦର ପୂଜାରୀ, ଉପଦେଷ୍ଟା ଦୁଲାର ନାୟକ, ସଭାପତି ହଲବା ସମାଜ ସହଦେବ ଜାନୀ, ସଭାପତି ଦୟାରାମ ଦୁରୁଆ, ସଭାପତି ପଦ୍ମନ ଭତରା, ସଭାପତି କେଶରୀ ଅମାନାତ୍ୟା, ସଭାପତି ପର୍ଶୁରାମ ଭତରା ବାଳକଦାସ ରଣାଗା, ଚନ୍ଦ୍ର ରଣାଗା ବଳରାମଭତରା ହରିହରପୂଜାରୀ, କାମଦେବ ଭତରା, ବଳିରାମ ଭତରା, ଫୁଲସିଂ ଭତରା ପ୍ରମୁଖ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଛି। କାର୍ଯ୍ୟକ୍ରମକୁ ରୋମାଞ୍ଚ ନାୟକ ପରିଚାଳନା କରିଥିଲେ।

# ନାବାଳିକା ଦୁଷ୍କର୍ମକାରୀକୁ ଆଜୀବନ କାରାଦଣ୍ଡ

ଜୟପୁର,୨୨।୯ (ସମିସ) କୋରାପୁଟ ଜିଲ୍ଲା ଜୟପୁରସ୍ଥିତ ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଆଜି ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ଗତ ୨୦୨୪ ମସିହାରେ କୋରାପୁଟ ଜିଲ୍ଲା କୋଟପାଡ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ଉକ୍ତ ଗ୍ରାମର ଯୁବକ ନରିଙ୍ଗ ଭୂମିଆ (୩୦) ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡ ଏବଂ ୩୧ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଟଙ୍କା ଅନାଦେୟ ସ୍ଥଳେ ଅଧିକ ୧୩ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହେବେ। ସେହିପରି ଆଇନସେବା ପ୍ରାଧିକରଣ ପକ୍ଷରୁ ପୀଡିତା ନାବାଳିକାଙ୍କୁ ସରକାରଙ୍କ ପକ୍ଷରୁ ୭ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯିବାର ସମସ୍ତ ପ୍ରକ୍ରିୟା କରିବାକୁ ରାୟ ପ୍ରକାଶ କରିଛନ୍ତି। ଘଟଣା ଅନୁଯାୟୀ, ଗତ ୨୦୨୪ ମସିହା ମେ ମାସ ୨୪ ତାରିଖରେ ପୀଡ଼ିତା ନିଜ ବଡ଼ଭଉଣୀ ସହିତ ସନ୍ଧ୍ୟାରେ ଗ୍ରାମର ଦୋକାନ ବାରଣ୍ଡାରେ ଖେଳୁଥିବା ବେଳେ ଦୋଷୀ ସାବ୍ୟସ୍ତ ଅଭିଯୁକ୍ତ ଆଇସକ୍ରିମ କିଣିଦେବାକୁ କହି ପୀଡିତାଙ୍କୁ ଗ୍ରାମର ଏକ ପରିତ୍ୟକ୍ତ ଗୃହକୁ ନେଇ ଦୁଷ୍କର୍ମ କରିଥିଲେ। କିଛି ସମୟ ପରେ ପୀଡ଼ିତାଙ୍କୁ ତାଙ୍କ ଘର ସାମ୍ନାରେ ଛାଡି ଚାଲିଯାଇଥିଲା। ଏହିପରି ପୀଡିତା ଘରକୁ ଫେରି ପ୍ରବଳ ଯନ୍ତ୍ରଣାରେ ଶିକାର ହେବା ସହ ଅସୁସ୍ଥ ହୋଇପଡିଥିଲେ। ଏହିପରି ପୀଡିତା ସମସ୍ତ ଘଟଣା ସମ୍ପର୍କରେ ତାଙ୍କ ମାଆଙ୍କୁ କହିବା ପରେ ପରିବାର ପକ୍ଷରୁ କୋଟପାଡ ଥାନାର ଦ୍ୱାରସ୍ଥ ହୋଇ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରାଯାଇ ତତ୍କାଳୀନ ଥାନା ଅଧିକାରୀ ପରମାନନ୍ଦ ସୁନାନୀ ତଦନ୍ତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଥିଲେ। କୋର୍ଟରେ ଅଭିଯୁକ୍ତଙ୍କ ବିରୋଧରେ ୧୭ଜଣଙ୍କ ସାକ୍ଷ୍ୟ ଏବଂ ୨୪ଟି ଦସ୍ତାବିଜକୁ ଆଧାର କରାଯାଇ ଦଣ୍ଡିତ କରାଯାଇଛି ବୋଲି ସରକାରୀ ଆଇନଜୀବୀ ବି. ଗାୟତ୍ରୀ ଦେବୀ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଗତ ୨୦୨୩ ମସିହାରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ନାବାଳିକା ଦୁଷ୍କର୍ମ ମାମଲାରେ ଜୟପୁର ସ୍ୱତନ୍ତ୍ର କୋର୍ଟ ପକ୍ଷରୁ ୮ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି।

■ ସମାନ କାମକୁ ସମାନ ପାରିଶ୍ରମିକ ଦାବି

# କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ ଧାରଣା



କୋରାପୁଟ,୨୨।୯ (ସମିସ): ପୂର୍ବ ନିର୍ଦ୍ଧାରିତ ପାରିଶ୍ରମିକ ରାଶି ପ୍ରଦାନ କରିବା ଦାବିରେ କୋରାପୁଟ ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଧାରଣା ଦେଇଛନ୍ତି। ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ଦାବି ପୂରଣ ପର୍ଯ୍ୟନ୍ତ ଆଜି ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନରେ କୋରାପୁଟ ଜିଲ୍ଲାର ୧୬୦ ସଦସ୍ୟ ରହିବେ ବୋଲି ଜଣାପଡ଼ିଛି। ରାଜ୍ୟ ସରକାରଙ୍କ ମହିଳା ସଶକ୍ତିକରଣ ଯୋଜନା, ଲକ୍ଷପତି ଦିଦି ଗଠନ କରିବା ଭଳି ବିଭିନ୍ନ ଯୋଜନାକୁ ସଫଳ କରାଇବାରେ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ ପ୍ରମୁଖ ଭୂମିକା ରହିଛି। ସରକାର ମହିଳା ସଶକ୍ତିକରଣ ପାଇଁ ଗୁରୁତ୍ୱ ଦେଉଥିବା ବେଳେ ଆମ କାମ ସରିଗଲାରୁ ଏବେ ରାଜରାସ୍ତାକୁ ଫୋପାଡି ଦେଇଥିବା ଅଭିଯୋଗ କରିଛନ୍ତି କୋରାପୁଟ ବ୍ଲକ୍ ସଭାନେତ୍ରୀ ସିପ୍ରା ରାଉତ୍ ଏବଂ ସମ୍ପାଦିକା ମିନା ଖରା। ପୂର୍ବ ସରକାର ସ୍ଥାୟୀ ଦରମା ପ୍ରଦାନ କରୁଥିଲେ, ଯାହା ବର୍ତ୍ତମାନ ବଞ୍ଚିତ କରାଯାଉଛି। ଗତ ୬ ମାସ ହେବ ଦରମା ବନ୍ଦ୍ ରହିଛି । ସରକାରଙ୍କ ଆବଶ୍ୟକତା ସମୟରେ ଆମକୁ ବ୍ୟବହାର କଲେ କିନ୍ତୁ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ସରକାର ଦାବି ପୁରଣ ପ୍ରତି କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। କୋରାପୁଟ ଜିଲ୍ଲାର ୧୪ଟି ବ୍ଲକର କମ୍ୟୁନିଟ ସପୋର୍ଟ ଷ୍ଟାଫ୍ ମଧ୍ୟରୁ ବ୍ୟାଙ୍କ୍ ମିତ୍ର, କୃଷି ମିତ୍ର, ପ୍ରାଣି ମିତ୍ର, ଏମବିକେ ସହ ସମସ୍ତ ୬ଟି କ୍ୟାଡର ସଦସ୍ୟ ଉପସ୍ଥିତ ଥିଲେ। ରାଜ୍ୟ ସରକାର ତୁରନ୍ତ ଉକ୍ତ ଦାବି ଗୁଡ଼ିକ ଗୁରୁତର ଭାବରେ ନେଇ ବକେୟା ଦରମା ପ୍ରଦାନ କରିବା ସହ ସ୍ଥାୟୀ ସମାଧାନ କରିବାକୁ ନିବେଦନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସିଆରପି ଲିଡର କୋରାପୁଟ ବ୍ଲକ୍ ଲକ୍ଷ୍ମୀ ଖରା, କୃଷି ମିତ୍ର ୟୁନିୟନ ଲିଡର ଧରିତ୍ରୀ ପାତ୍ର, ହୃଷିକେଶ ଲେଙ୍କା ପ୍ରାଣୀମିତ୍ର ସହ କୋରାପୁଟ ବ୍ଲକର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ସେମିଳିଗୁଡ଼ା ମହାବିଦ୍ୟାଳୟରେ ଆଲୋଚନାଚକ୍ର




ସେମିଳିଗୁଡ଼ା,୨୨।୯ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ମହାବିଦ୍ୟାଳୟର ଓଡ଼ିଆ ବିଭାଗରେ ଶ୍ରୀ ଜଗନ୍ନାଥ ସଂସ୍କୃତି ସମ୍ପର୍କୀତ 'ଦାରୁ ଦେବତା ଶ୍ରୀ ଜଗନ୍ନାଥ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ଡଃ ଝାନ୍ ସୀ ସିଂହଙ୍କ ଅଧକ୍ଷତାରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ଅଧକ୍ଷା ମହୋଦୟା ଜଗନ୍ନାଥ ସଂସ୍କୃତି କେବଳ ଭାରତବର୍ଷରେ ନୁହେଁ, ସମଗ୍ର ବିଶ୍ୱରେ ମଧ ଜନପ୍ରିୟ ହେବା ସହିତ ଅନ୍ୟ ବୈଦେଶିକ ସଂସ୍କୃତିକୁ ମଧ ପ୍ରଭାବିତ କରିଛି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଜାତୀୟ ସେବା ଯୋଜନାର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ସୁଶାନ୍ତ କୁମାର ବେହେରା ଶ୍ରୀ ଜଗନ୍ନାଥ ସଂସ୍କୃତି ଓଡ଼ିଶାର ଗର୍ବ ଓ ଗୌରବ ବୋଲି ନିଜର ବକ୍ତବ୍ୟ ରଖିଥିଲେ। ଶ୍ରୀ ବେହେରାଙ୍କୁ ଉପଢୌକନ ଓ ମହାବିଦ୍ୟାଳୟର ମୁଖପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଓଡ଼ିଆ ବିଭାଗର ଅଧାପିକା ବବିତା ମିଶ୍ର ସଭା ପରିଚାଳନା କରିବା ସହିତ ଦାରୁ ଦେବତା ଶ୍ରୀ ଜଗନ୍ନାଥଙ୍କ ସମ୍ପର୍କରେ ମତ ପ୍ରଦାନ କରିଥିଲେ। ଏହି ଅବସରରେ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରଛାତ୍ରୀ ପ୍ରଥମ ବର୍ଷର ଛାତ୍ରଛାତ୍ରୀମାନଙ୍କୁ ସ୍?ାଗତ କରିବା ସହ ଜନିତା ଗୁଣ୍ଡା, ଖାଗେଶ୍ୱରି ସାଗର, ପଦ୍ମନ ହନ୍ତାଳ, ସାନୁ ପାଙ୍ଗୀ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ପ୍ରବନ୍ଧ ପାଠ କରିଥିଲେ। ଅଧାପକ ଡ. ରମେଶ କୁମାର ମଲ୍ଲିକ ଆଦିବାସୀ ସମାଜରେ ପ୍ରଚଳିତ ଲୋକ ସଂସ୍କୃତି ଲୋକ ଦେବତା ପରମ ଆରାଧ ଜଗନ୍ନାଥ ସଂସ୍କୃତିରେ ପରିଣତ ହେବାର ତତ୍ତ୍ୱକୁ ଉପସ୍ଥାପନା କରିଥିଲେ। ଅଧାପିକା ଦିଗେଶ୍ୱରୀ ଶିଖା ଧନ୍ୟବାଦ ଦେଇ ସଭାକାର୍ଯ୍ୟ ସମାପ୍ତ କରିଥିଲେ।

# ସୁନାବେଡ଼ା ନଗରପାଳଙ୍କ କାର୍ଯ୍ୟାଳୟର ଅବସ୍ଥା ଶୋଚନୀୟ

ସୁନାବେଡ଼ା ,୨୨।୯ (ସମିସ): ସୁନାବେଡ଼ା ନଗରପାଳଙ୍କ କାର୍ଯ୍ୟାଳୟର ଅବସ୍ଥା ଲଗାଣ ବର୍ଷା ଯୋଗୁଁ ଶୋଚନୀୟ ହୋଇପଡିଥିବା ଅଭିଯୋଗ ହୋଇଛି। ଖୋଦ୍ ନଗରପାଳଙ୍କ କ୍ୟାବିନ କାନ୍ଥ ଓଦା ହୋଇ ପାଣି ଧାର ବୋହିବାରେ ଲାଗିଛି। ଛାତର ବିଭିନ୍ନ ଜାଗାରେ ପାଣି ଗଳୁଛି। ବାଥରୁମ୍‌ରୁ ମଧ ପାଣି ଗଳୁଛି। କବାଟଟି ମଧ ପାଣି ଖାଇ ନଷ୍ଟ ହୋଇ ପଟା ବାହାରି ଯାଇଛି। ବସିବା ପାଇଁ ଜାଗା ନାହିଁ । ସବୁ ଜାଗାରେ ବର୍ଷା ପାଣି ପଡ଼ି ଓଦା ହୋଇପଡିଛି। ସେଥିରେ ନଗରପାଳ ନିଜେ ଅସନ୍ତୋଷ ବ୍ୟକ୍ତ କରି କହିଛନ୍ତି ଯେ, ଏହିପରି ବିଭିନ୍ନ ଅସୁବିଧା ଯୋଗୁଁ ସେ ଜରୁରୀ ପୌର କାର୍ଯ୍ୟ ସବୁ ସେମିଳିଗୁଡା ସ୍ଥିତ ନିଜ ବାସଭବନରୁ ପରିଚାଳନା କରିବେ। ତେଣୁ ସେ ସମସ୍ତଙ୍କୁ ସୂଚନା ଦେଇ କହିଛନ୍ତି ଯେ ସମସ୍ତ ଜରୁରୀକାଗଜ ଗୁଡ଼ିକ ରେ ତାଙ୍କ ଦସ୍ତଖତ ବାସଭବନକୁ ଆସି ଗ୍ରହଣ କରିବେ। ସୁନାବେଡ଼ା ପୌର ପରିଷଦ ନଗରପାଳଙ୍କ କାର୍ଯ୍ୟଳୟ ଶୋଚନୀୟ ଅବସ୍ଥା ହେଲେ, ଜନସାଧାରଣ କାହାକୁ ଗୁହାରୀ କରିବେ ଏବଂ କି ଆଶା ରହିବେ ବୋଲି ସୁନାବେଡ଼ା ଓ ସେମିଳିଗୁଡା ସହରରେ ଆଲୋଚନାର ବିଷୟ ପାଲଟିଛି।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଦକ୍ଷତା ବିକାଶ ତାଲିମ



କୋରାପୁଟ,୨୨।୯ (ସମିସ): ସ୍ଥାନୀୟ ଦକ୍ଷତା ବିକାଶ ତାଲିମ କେନ୍ଦ୍ର ସମ୍ମିଳନୀ କକ୍ଷରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଦୁଇ ଦିନିଆ କ୍ଲଷ୍ଟରସ୍ତରୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ତାଲିମ ଶିବିରରେ କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଏବଂ ମାଲକାନଗିରି ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ଯୋଗ ଦେଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ତୃଣମୂଳ ସ୍ତରରେ ଅଧିକାରୀ ମାନେ କିପରି ମୁକାବିଲା କରିବେ ଓ ଲୋକଙ୍କ ଧନ ଜୀବନ ସୁରକ୍ଷିତ ରଖି ପାରିବେ ସେ ସମ୍ପର୍କରେ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇ ତାଲିମ ପ୍ରଦାନ କରିଥିଲେ। ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ତଥା ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସୌରଞ୍ଜୀତା ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର ଏବଂ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଭୃତି ୯ ଦାବି ପାଇଁ ଗୋଷ୍ଠୀ ସହାୟିକା କର୍ମୀଙ୍କ ଧାରଣା ଦେଇଥିଲେ।

# 'ବେଟୀ ବଚାଓ ବେଟୀ ପଢ଼ାଓ' କାର୍ଯ୍ୟକ୍ରମ

ପାପଡାହାଣ୍ଡ,୨୨।୯ (ସମିସ): ପାପଡାହାଣ୍ଡି ସମନ୍ୱିତ ମହିଳା ଶିଶୁବିକାଶ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଆଜି "ବେଟୀ ବଚାଓ ବେଟୀ ପଢ଼ାଓ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜରେ ଗୋଟିଏ ଝିଅ ପୁଅ ଠାରୁ କମ ନୁହେଁ, ଝିଅଙ୍କୁ ଆମେ ବୋଝ ନ ଭାବି କିପରି ଉଚ୍ଚ ଶିକ୍ଷିତ, ସମାଜରେ ପ୍ରତିଷ୍ଠିତ କରିବା ବିଷୟରେ ମୁଖ୍ୟତଃ ଆଲୋଚନା କରିଥିଲେ। ପାପଡାହାଣ୍ଡି ସମନ୍ୱିତ ଶିଶୁ ବିକାଶ ଅଧିକାରୀ ପୁଷ୍ପାରାଣୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାପଡାହାଣ୍ଡି ବ୍ଲକ ଉପାଧକ୍ଷ ସୁଶାନ୍ତ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ମନସ୍ମିତା ମହାନ୍ତି, ବ୍ଲକ ବପିଏମ ସୁଧାଂଶୁ ଶେଖର ବିଶ୍ୱାଳ, ବିଏସଏସଓ ସୁବ୍ରତ କିସାନ, ବପିଏମ ସ୍ୱାସ୍ଥ୍ୟବିଭାଗ ଶୁଭରଞ୍ଜନ ପଟ୍ଟନାୟକ, ଜିଲ୍ଲା କୋଡିନେଟର ସରିତା ରାଣୀ ପାଣି, ବିଶେଷଜ୍ଞ ପ୍ରୀତି କୁମାରୀ ବାଘ,ସୁମିତ ରାଜ,ପାପଡାହାଣ୍ଡି ସୁପରଭାଇଜର ଚନ୍ଦନା ମହାରଣା, ସୁପରଭାଇଜର ଜଟାଧାର,ଡୁମୁରୀ, ଡଙ୍ଗରା, ବଡ଼ ପାଞ୍ଜରିଆଗୁଡା ଏବଂ ଅଙ୍ଗନବାଡି କର୍ମୀ ପ୍ରମୁଖ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ।

# ସମାନ କାମକୁ ସମାନ ଦରମା ନେଇ ଆନ୍ଦୋଳନ



ପାପଡାହାଣ୍ଡି,୨୨।୯ (ସମିସ): ଆଜି ପାପଡାହାଣ୍ଡି ବ୍ଲକ କାର୍ଯ୍ୟାଳୟ ପ୍ରାଙ୍ଗଣରେ ପାପଡାହାଣ୍ଡି ବ୍ଲକର ୨୦ ଟି ଗ୍ରାମପଞ୍ଚାତରେ କାର୍ଯ୍ୟରତ ସମସ୍ତ ଏମବିକେ, ବ୍ୟାଙ୍କ ମିତ୍ର, ସିଆରପିସଙ୍ଘ ତରଫରୁ ମିଳିତ ଭାବେ ଗଣଧାରଣାରେ ବସି ସେମାନଙ୍କ ଦାବି ପୂରଣ ପାଇଁ ବିଭିନ୍ନ ସ୍ଲୋଗାନ ଦେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେମାନଙ୍କ ଦାବି ଗୁଡିକ ମଧ୍ୟରେ ପୂର୍ବ ପରି ସେମାନଙ୍କୁ ସ୍ଥାୟୀ ଦରମା ପ୍ରଦାନ କରିବା, ସ୍ଥାୟୀ ନିଯୁକ୍ତି ପ୍ରଦାନ, ଆକାଉଣ୍ଟ ରେ ଦରମା ପ୍ରଦାନ କରିବା, ପ୍ରୋଫାମାନ୍ସ ବୋନସ ପ୍ରସ୍ତାହନ ବନ୍ଦ କରିବା, ଛଅ ମାସର ବକେୟା ଟଙ୍କା ପ୍ରଦାନ କରିବା, କାର୍ଯ୍ୟ ଅନୁସାରେ ବର୍ଦ୍ଧିତ ପାରିଶ୍ରମିକ ପ୍ରଦାନ କରିବା ଭଳି ସେମାନଙ୍କ ଦାବି ଗୁଡକ ଉପସ୍ଥାପନା କରିଛନ୍ତି। ପାପଡାହାଣ୍ଡି ସଂଘ ସଭାନେତ୍ରୀ ମାର୍ଥା ମଞ୍ଜରୀ ଖରା ଏବଂ ସମ୍ପାଦିକା ସସ୍ମିତା ନାୟକଙ୍କ ନେତୃତ୍ୱରେ ୨୦ ଟି ଗ୍ରାମ ପଞ୍ଚାୟତରେ କାର୍ଯ୍ୟରତ ଏମବିକେ ର ୨୦ ଜଣ, ବ୍ୟାଙ୍କ ମିତ୍ରର ୪ ଜଣ, ସିଆରପି ର ୨୩ ଜଣ ଗଣଧାରଣରେ ସାମିଲ ହୋଇ ବସିଛନ୍ତି। ଗୋଟିଏ ସପ୍ତାହ ପୂର୍ବରୁ ପାପଡାହାଣ୍ଡି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅନୁପସ୍ଥିତରେ କାର୍ଯ୍ୟାଳୟର ଅଭିଯୋଗ ବକ୍ସରେ ସେମାନଙ୍କ ଅଭିଯୋଗ ଦାଖଲ କରିଥିଲେ । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକି ଯେ ବିଭାଗୀୟ କାର୍ଯ୍ୟାଳୟ ତରଫରୁ କୌଣସି ପ୍ରକାର ଚିଠି ନ ଆସିବାରୁ ବାଧ ହୋଇ ଆଜି ଗଣଧାରଣାରେ ବସିଛୁ ବୋଲି କୋହଭରା କଣ୍ଠରେ ଟାଣ ଖରାରେ ଖୋଲା ଆକାଶ ତଳେ ଧାରଣାରେ ବସିଥିବା ଏମବିକେ, ସିଆରପି ଓ ବ୍ୟାଙ୍କ ମିତ୍ର ପ୍ରକାଶ କରିଛନ୍ତି

# ନୂତନ ନିର୍ବାହୀ ଅଧିକାରୀଙ୍କ ଯୋଗଦାନ

ସୁନାବେଡ଼ା ,୨୨।୯ (ସମିସ): କୋରାପୁଟ ଜିଲ୍ଲା ସୁନାବେଡ଼ା ପୌର ପରିଷଦ ରେ ନୂତନ ନିର୍ବାହୀ ଅଧିକାରୀ ଭାବେ ସନ୍ତୋଷ କୁମାର ପାତ୍ର (ଆଇଏଏସ) ୧୮ ତାରିଖରେ କାର୍ଯ୍ୟରେ ଯୋଗ ଦେଇଛନ୍ତି। ତାଲିମ ନିମନ୍ତେ ସେ ଆସନ୍ତା ମାସ ୧୩ ତାରିଖ ପର୍ଯ୍ୟନ୍ତ ସୁନାବେଡାରେ ରହିବେ। କାର୍ଯ୍ୟରେ ଯୋଗ ଦେବା ପରେ ସେ ସୋମବାର ଦିନ ପୌରପରିଷଦ ଅଧୀନରେ ଥିବା ସୁନାବେଡ଼ା ଓ ସେମିଳିଗୁଡା ଦୋକାନ ବଜାର, ପାର୍କ ପରି ବିଭିନ୍ନ ଅଞ୍ଚଳର ପରିଦର୍ଶନ କରିବା ସହିତ କ'ଣ ସବୁ ବିକାଶ ହୋଇପାରିବ ସେ ବିଷୟରେ ଆଲୋଚନା କରିଛନ୍ତି।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର



ସେମିଳିଗୁଡା, ୨୨।୯ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ଅଟୋ ମୋବାଇଲ୍ ଗ୍ୟାରେଜ ସଂଘ ଓ ଜିଲ୍ଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ୍ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇ ୧୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ସେମିଳିଗୁଡା ଜିତ୍ ଅଟୋମୋଟିଭ ସଲ୍ୟୁସନ୍ ପରିସରରେ ଆୟୋଜିତ ଉକ୍ତ ଶିବିରରେ ଡିବିଡିଏମଏଫ୍‌ର ଉପଦେଷ୍ଟା ଡଃ ଉମା ଶଙ୍କର ପ୍ରସାଦ ପାତ୍ର ୭୧ତମ ରକ୍ତଦାନ କରିଥିବା ବେଳେ ଜୀତ ଅଟୋମୋଟିଭ ସଲ୍ୟୁସନ୍ ର ମାଲିକ ସୁଦର୍ଶନ ସାମଲ ଓ ତାଙ୍କ ଧର୍ମପତ୍ନୀ ପିଙ୍କି ସାମଲ ପ୍ରଥମେ ରକ୍ତଦାନ କରିଥିଲେ। ଏହି ଅବସରରେ ଜିଲ୍ଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ୍ ର ସଭାପତି ଜି. ସଞ୍ଜିବ କୁମାର, ସାଧାରଣ ସଂପାଦକ ଶେଖ ଇବ୍ରାହିମ ଉପସ୍ଥିତ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଗଣେଶ ପ୍ରଧାନ ଓ ତାଙ୍କ ପତ୍ନୀ ମିଲ୍ଲି ନାୟକ ଙ୍କ ସମେତ ସୁନୀତା ନାୟକ, ପୂଜା ପ୍ରଧାନ, ଅଭୁଦତ ପାତ୍ର, ପୂର୍ଣ୍ଣ ହନ୍ତାଳ, ରାଜା ମହାରଣା, ସୌମେନ୍ଦ୍ର ପାଙ୍ଗି, କିରଣ କୁମାର, ଏଲିଓ, ଦୟାନିଧି ଖିଲ, ସରୋଜ କୁମାର ପାତ୍ର, ରଘୁନାଥ ଭୁୟାଁ, ନବୀନ ହନ୍ତାଳ, ଭଗବାନ ଗୁଣ୍ଡା ପ୍ରମୁଖ ରକ୍ତଦାନ କରିଥିଲେ। କୋରାପୁଟ ରକ୍ତ କେନ୍ଦ୍ରର କର୍ମକର୍ତ୍ତା କୈବଲ୍ୟ ଦାସ, ଏଲ କେ ଗାଇନ , ପୂର୍ଣ୍ଣ ନାୟକ ଏବଂ ରବୀନ୍ଦ୍ର କୁମାର ମିଶ୍ର ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ।

# ମିଶନ ଶକ୍ତି ବିଭାଗର ଗୋଷ୍ଠୀ ସହାୟିକା କର୍ମୀଙ୍କ ଧାରଣା



ସେମିଳିଗୁଡ଼ା,୨୨।୯ (ସମିସ): କୋରାପୁଟ ଜିଲ୍ଲାରୁ ସେମିଳିଗୁଡା ବ୍ଲକ୍ କାର୍ଯ୍ୟାଳୟ ଆଗରେ ୩୦୦ କର୍ମୀ ମାନେ ସୋମବାର ଧାରଣା ଦେଇଥିଲେ। ଗତ ୬ ମାସ ହେବ ପାଇ ନାହାନ୍ତି । ଦରମା ଓ କାମ ସମାନ ପାରିଶ୍ରମିକ ପରି ୯ ଦଫା ଦାବିରେ ଆନ୍ଦୋଳନ କରିଥିଲେ। କର୍ମୀ ମାନେ ନିଜ ଛୋଟ ପିଲାମାନଙ୍କ ସହ ଆନ୍ଦୋଳନରେ ସାମିଲ ହୋଇଥିବା ଥିବା ଦେଖିବାକୁ ମିଳିଛି। କର୍ମୀ ମାନେ କହିବା ଅନୁଯାୟୀ, ନୂଆ ସରକାର ତାଙ୍କୁ ବ୍ୟବହାର କରି ରାଜରାସ୍ତାକୁ ଫୋପାଡ଼ି ଦେଲେ। ସରକାର ଲକ୍ଷପତି ଦିଦି ଟାର୍ଗେଟ ହେବା ନେଇ ବାହାବାହା ମାରୁଛନ୍ତି । କାମ ସରିଲା ପରେ ଏବେ ରାଜରାସ୍ତାରେ ଫୋପାଡ଼ି ଦେଇଛନ୍ତି।

# ଦାମନଯୋଡ଼ି ବ୍ଲକ୍ ଗଠନ ଦାବି



କୋରାପୁଟ,୨୨।୯ (ସମିସ): ନାଲ୍‌କୋ ନଗର ଦାମନଯୋଡ଼ିକୁ ନୂତନ ବ୍ଲକ ଭାବେ ଗଠନ ପାଇଁ ଦାମନଯୋଡ଼ି ବ୍ଲକ ଗଠନ କମିଟି ସଭାପତି ଦାମୋଦର ଜାନି, ସମ୍ପାଦକ ହରେସ ହନ୍ତାଳ,ବରିଷ୍ଠ କଂଗ୍ରେସ ନେତା କୃଷ୍ଣ କୁଲଦୀପ, କୋରାପୁଟ ବ୍ଲକ ଜୋନ ୨ ଜିଲ୍ଲା ପରିଷଦ ସଦସ୍ୟ ମିହିର କୁଲଦୀପ ପ୍ରମୁଖ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାମନଯୋଡ଼ି ସହର ବର୍ତ୍ତମାନ କୋରାପୁଟ ବ୍ଲକରେ ରହିଛି। ପ୍ରତି କାର୍ଯ୍ୟ ପାଇଁ କୋରାପୁଟ ଉପରେ ନିର୍ଭର କରିବାକୁ ପଡିଥାଏ। ସେହିପରି ଦାମନଯୋଡ଼ି ନିକଟରେ କୋରାପୁଟ ବ୍ଲକର ମାଥାଲପୁଟ,ମରିଚମାଲ, ଲିଟିଗୁଡ଼ା , ଡୁମୁରିପଦର, ସେମିଳିଗୁଡା ବ୍ଲକର ଚାରାଙ୍ଗୁଲ,ଦଶମନ୍ତପୁର ବ୍ଲକର ମୁଜାଙ୍ଗ ମୋଟ ୬ ଟି ପଞ୍ଚାୟତ ରହିଛି। ବିଶେଷ କରି କୋରାପୁଟ ବ୍ଲକର ୪ ଓ ଦଶମନ୍ତପୁର ବ୍ଲକର ଗୋଟିଏ ପଞ୍ଚାୟତ ବ୍ଲକ ସଦର ମହକୁମା ଠାରୁ ପ୍ରାୟ ୫୦-୭୦ କିଲୋମିଟର ଦୂରତା ଥିବାରୁ ଲୋକେ କୌଣସି କାମ ପାଇଁ ଯିବା କଷ୍ଟକର ହେଉଛି। ଅନ୍ୟ ପକ୍ଷରେ ଉପରୋକ୍ତ ୬ ଟି ପଞ୍ଚାୟତରେ ୫୦ ହଜାରରୁ ଉଜାର ଜନସଂଖ୍ୟା ରହି ଥିବାରୁ ସେମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଦାମନଯୋଡ଼ି ବ୍ଲକ ଗଠନ ଆବଶ୍ୟକ ବୋଲି କମିଟି ଦାବୀ କରିଛି। ଅନ୍ୟ ପକ୍ଷରେ ଦାମନଯୋଡ଼ିକୁ ଏନ୍‌ଏସି କରା ଯିବାକୁ ଜିଲ୍ଲା ପ୍ରଶାସନ ରାଜ୍ୟ ସରକାରଙ୍କୁ ଯେଉଁ ପ୍ରସ୍ତାବ ଦେଇଛି କମିଟି ତାକୁ ବିରୋଧ କରି ବ୍ଲକ ଗଠନ ପାଇଁ ଦାବୀ କରା ଯାଇଛି।

# ଅଚଳ ପାଣି ଟାଙ୍କି ପାଇଁ ଲୋକେ ହନ୍ତସନ୍ତ



ବୈପାରୀଗୁଡ଼ା,୨୨।୯ (ସମିସ): ବୈପାରୀଗୁଡ଼ା ସହରର ବିଭିନ୍ନ ଜନଗହଳି ସ୍ଥାନରେ ପାଣି ଟାଙ୍କି ବସିଲା। ଏଥିପାଇଁ ପ୍ରଶାସନ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଲା। ହେଲେ ଏହି ଟ୍ୟାପରେ ଏବେ ଆଉ ଆସୁନି ପିଇବା ପାଣି। ହନ୍ତସନ୍ତ ହେଉଛନ୍ତି ଅଞ୍ଚଳବାସି। ଏ କେବଳ ଆଜିର ସମସ୍ୟା ନୁହଁ ଦୀର୍ଘ ୩ ବର୍ଷ ଧରି ଏଭଳି ଅଚଳ ହୋଇପଡି ରହିଛି ସହରର ସବୁ ପାଣି ଟାଙ୍କି। ବୈପାରୀଗୁଡା ସହରରେ "ସରକାର କା ମାଲ ଦାରିଆମେ ଡାଲ' ନିତି ଅବଲମ୍ବନ କରୁଥିବା ଦେଖିବାକୁ ମିଳିଛି। ସେପଟେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଉପଖଣ୍ଡ ବିଭାଗ ଜାଣି ଅଜଣା ଭଳି ଚୁପ ବସିଛି। ବୈପାରୀଗୁଡା ସହରର ମୁଖ୍ୟ ଛକ ଦେଇ ରାଞ୍ଚି ବିଜୟ ୱାର୍ଡ ୩୨୬ ନମ୍ବର ଜତୀୟ ରାଜପଥ ଯାଇଛି। ପ୍ରତିଦିନ ଆନ୍ଧ୍ର, ତେଲେଙ୍ଗାନା, ହାଇଦ୍ରାବାଦ, ଭୁବନେଶ୍ୱରକୁ ଗାଡି ଯାତାୟାତ କରୁଛି। ଯଦ୍ୱରା କି ବୈପାରୀଗୁଡାଠାରେ ପ୍ରତିଦିନ ହଜାର ହଜାର ଲୋକଙ୍କ ଭିଡ ଜମୁଛି। ଏଥିଲାଗି ବୈପାରିଗୁଡାର ଶହୀଦ ଲକ୍ଷ୍ମଣ ନାୟକ ମୁଖ୍ୟ ଛକ, ଥାନା ସମ୍ମୁଖ, ଗୌଡ଼ସାହି ତ୍ରିନାଥ ମନ୍ଦିର, ଷ୍ଟେଟବ୍ୟାଙ୍କ ଏବଂ ପଶ୍ଚିମେଶ୍ୱର ମନ୍ଦିର ନିକଟରେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଉପଖଣ୍ଡ ବିଭାଗ ପକ୍ଷରୁ ପାଣି ଟ୍ୟାଙ୍କ ବସିଲା। ଉଦ୍ଦେଶ୍ୟ ଥିଲା ଜନଗହଳି ସ୍ଥାନରେ ଲୋକଙ୍କୁ ସୁବିଧାରେ ବିଶୁଦ୍ଧ ପାନୀୟ ଜଳ ମିଳିବ। କିନ୍ତୁ ସ୍ଥାନୀୟ ଜନ ପ୍ରତିନିଧିଙ୍କ ତଦାରଖର ଅବହେଳା ହେଉ କିମ୍ବା ପ୍ରଶାସର ଅବହେଳା ହେଉ ପାଣି ପାଇଁ ପେଶି ହେଉଛନ୍ତି ଅଞ୍ଚଳବାସୀ। କେବଳ ସ୍ଥାନୀୟ ପଶ୍ଚିମେଶ୍ୱର ମନ୍ଦିର ନିକଟରେ ଥିବା ପାଣି ଟ୍ୟାଙ୍କି ଛାଡିଦେଲେ ବଳକା ସବୁ ଟ୍ୟାଙ୍କି ଅଚଳ ଅବସ୍ଥାରେ ପଡିରହିଛି। ଆଉ ଶହୀଦ ଲକ୍ଷ୍ମଣ ନାୟକ ମୁଖ୍ୟ ଛକ ନିକଟରେ ଥିବା ପାଣି ଟାଙ୍କି ଉଭାନ ହୋଇଯାଇଛି। ଏନେଇ ବୈପାରୀଗୁଡା ବିଡ଼ିଓ ଦାୟିତ୍ୱରେ ଥିବା ଜୟପୁର ବିଡ଼ିଓଙ୍କୁ ଏବଂ ସ୍ଥାନୀୟ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଉପଖଣ୍ଡ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା ଯୋଗାଯୋଗ ହୋଇପାରିନଥିବାରୁ ସେମାନଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। କିନ୍ତୁ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ରାଜେଶ ମହୁରୀଆ ଏବଂ ସଭ୍ୟା ମଣି ଜାନିଙ୍କୁ ପଚାରିବାରେ ଏନେଇ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି।

## ମାଥିଲିରେ ସଫେଇ ଅଭିଯାନ



ମାଥିଲି,୨୨।୯ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକରେ ମଧ ଗତ ୧୭ ତାରିଖ ଠାରୁ ସ୍ୱଚ୍ଛତା ଦିବସ ପାଳନ ଆରମ୍ଭ ହୋଇ ଆଜି ପାଙ୍ଗାମ ପଞ୍ଚାୟତରେ ମାଥିଲି ବ୍ଲକ ସ୍ୱଚ୍ଛ ଭାରତ ମିଶନର ବ୍ଲକ ବିଆରସିସି ଦିଲୀପ ଡାକୁଆଙ୍କ ନେତୃତ୍ୱରେ ପାଙ୍ଗାମ ପଞ୍ଚାୟତର ସମସ୍ତ ଗ୍ରାମରେ ସଫେଇ କାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପାଙ୍ଗାମ ସରପଞ୍ଚ ଇନ୍ଦ୍ର ନାୟକ ନିଜେ ଝାଡୁ ଧରି ସଫେଇ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ବର୍ଷା ଦିନରେ ଘର ନିକଟରେ ଅଳିଆ ଆବର୍ଜନା ଜମିବା ଦ୍ୱାରା ମଶା,ମାଛିର ପାର୍ଦୁଭାବ ବଢିବ। ଯାହା ପାଇଁ ଲୋକ ମାନଙ୍କୁ ବିଭିନ୍ନ ପ୍ରକାର ରୋଗ ହେବାର ଆଶଙ୍କା ରହିଛି। ଘର ନିକଟରେ ଥିବା ଅଳିଆ ଆବର୍ଜନା ସଫା କରିବା ସହିତ ସ୍ୱଚ୍ଛତା ରଖିବା ପାଇଁ ଗ୍ରାମ ଗୁଡିକରେ ସଚେତନ କରିଥିଲେ ସରପଞ୍ଚ ଶ୍ରୀଯୁକ୍ତ ନାୟକ।ଆଜିର ଏହି କାର୍ଯ୍ୟକ୍ରମରେ ପଞ୍ଚାୟତର ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଓ ଗ୍ରାମବାସୀ ମାନେ ସଫେଇ କାର୍ଯ୍ୟରେ ବହୁ ସହଯୋଗ କରିଥିଲେ।

## ସ୍ଥାୟୀ ଦରମା ଦାବିରେ କମ୍ୟୁନିଟିତ ସପୋର୍ଟ ଷ୍ଟାଫ୍‌ଙ୍କ ଧାରଣା



ରାୟଗଡ଼ା,୨୨।୯ (ସମିସ): ୬ମାସ ପୂର୍ବରୁ ମିଳୁଥିବା ସ୍ଥାୟୀ ଦରମା ମିଳୁ ନଥିବାରୁ ବାରମ୍ବାର ବିଭାଗୀୟ ପ୍ରଶାସନ ଅଧିକାରୀଙ୍କୁ ଜଣାଇଲେ ମଧ ତାହାର କୌଣସି ସମାଧାନ କରା ନା ଯିବାରୁ ଆଜି ରାଜ୍ୟ ମହାସଂଘ ଆହ୍ୱାନ କ୍ରମେ ରାୟଗଡ଼ା ଜିଲ୍ଲା ସଦର ବ୍ଲକ କମ୍ୟୁନିଟି ସପୋର୍ଟ ଷ୍ଟାଫ ସଂଘ ପକ୍ଷରୁ ପ୍ରୋତ୍ସାହନ ଭିତ୍ତିକ ଦରମା ପରିବର୍ତ୍ତେ ସ୍ଥାୟୀ ଦରମା ଦାବି ପ୍ରଦାନ ନେଇ ଆଜିଠାରୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ ଗଣ ଧାରଣାରେ ବସିବେ ବୋଲି ରାୟଗଡ଼ା ସଂଘ ପକ୍ଷରୁ ନିଷ୍ପତି ନିଆଯାଇଛି। ରାୟଗଡ଼ ଜିଲ୍ଲା ସଦର ବ୍ଲକର ୨୮ ଗୋଟି ପଞ୍ଚାୟତର ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫ ଆଜି ରାୟଗଡ଼ ବ୍ଲକ କାର୍ଯ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଛନ୍ତି। ରାୟଗଡ଼ ଜିଲ୍ଲାର ଆସୋସିଏସନ୍ ତରଫରୁ ନିଷ୍ପତ୍ତି ନେଇଛନ୍ତି ଯେ, ଯେଉଁ ପର୍ଯ୍ୟନ୍ତ ସ୍ଥାୟୀ ଦରମାର ସ୍ଥାୟୀ ସମାଧାନ ନ ହେବ ସେ ପର୍ଯ୍ୟନ୍ତ ବ୍ଲକର ଓଡ଼ିଶା ଜୀବିକା ମିଶନ ଅଫିସକୁ ତାଲା ପକାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଆଜି ଠାରୁ ଗଣ ଧାରଣାରେ ବସିବା ପାଇଁ ସଂଘ ନିଷ୍ପତ୍ତି ନେଇଛି ବୋଲି ସଭାପତି କସ୍ତୁରୀ କିଲାକା,ସମ୍ପାଦିକା ସୁମିତ୍ରା ତୁରୁକ ପ୍ରକାଶ କରିଥିବା ବେଳେ ସଦସ୍ୟ ରିତା ପେଡେଣ୍ଟି, ସ୍ୱପ୍ନା କାଡ୍ରାକା, ପାର୍ବତୀ ମାଣ୍ଡାଙ୍ଗି, ମାଧୁରୀ ବେଣିଆ ଓ ଅନ୍ୟମାନଙ୍କ ଉପସ୍ଥିତିରେ ରାୟଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଜିତ୍ କୁମାର ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

## ବକେୟା ଦରମା ନେଇ ଗଣଧାରଣା



କଲ୍ୟାଣସିଂପୁର,୨୨।୯ (ସମିସ): କଲ୍ୟାଣସିଂହପୁର ମିଶନଶକ୍ତି କର୍ମଚାରୀ ମାନଙ୍କର ନିର୍ଦ୍ଦିଷ୍ଟ ପ୍ରୋତ୍ସାହନ ରାଶି ଓ ଗତ ୬ ମାସର ଦରମା ମିଳିନଥିବା ପ୍ରତିବାଦରେ ବ୍ଲକ ଅଫିସ୍ ସମ୍ମୁଖରେ ସକାଳ ୧୦ଟାଠାରୁ ଆରମ୍ଭ କରି ୪ଟା ପର୍ଯ୍ୟନ୍ତ ଗଣଧାରଣାରେ ବସିଥିବା ଦେଖିବାକୁ ମିଳିଛି। ଯେ ପର୍ଯ୍ୟନ୍ତ ଦାବି ପୂରଣ ନ ହେଇଛି ସେହି ପର୍ଯ୍ୟନ୍ତ ଗଣଧାରଣାରେ ବସିବୁ ବୋଲି ଓଏଲଏମ ଗୋଷ୍ଠୀ ର ପି.ଏମ ପାର୍ବତୀ ଗଡ଼ବିଶି,ଏମ.ବି.କେ ଭଗବତୀ କାଣ୍ଟ, ସରିତା ମହାନନ୍ଦିଆ, ସି.ଆର.ପି କୁମାରୀ ସୁନି,ରଞ୍ଜିତା ଗୁରୁ,ସି.ଆର.ପି.ସି.ଏମ ରଶ୍ମିତା କୌଶଲ୍ୟା, ତୁଳସୀ ବାଗ କହିଛନ୍ତି। ଯେଉଁ ସମୟ ପର୍ଯ୍ୟନ୍ତ ଆମର ଦାବୀ ପୂରଣ ହୋଇନାହିଁ ସେ ପର୍ଯ୍ୟନ୍ତ ଧାରଣାରୁ ହଟିବୁ ନାହିଁ ବୋଲି ସ୍ଥଗିତ ରହିଛନ୍ତି।

### ଲେକାପାଇ ଗାଁକୁ ନାହିଁ ରାସ୍ତା

# ବିଜୁଳି ସଂଯୋଗ ନାହିଁ; କାମ ଦେଉନି ସୋଲାର ଲାଇଟ୍

ରାୟଗଡ,୨୨।୯ (ସମିସ): ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲ୍ଲାର କାଶୀପୁର ବ୍ଲକର ଅନେକ ଗାଁକୁ ଆଜି ଗମନାଗମନର ସୁବିଧା ନ ଥିବାରୁ ବିକାଶ ଆଢୁଆଳରେ ରହିଯାଉଛି ଅନେକ ଗ୍ରାମ। ଦୀର୍ଘ ବର୍ଷ ଧରି ରାସ୍ତା ଓ ବିଜୁଳି ସଂଯୋଗ ଭଳି ମୌଳିକ ସୁବିଧାରୁ ବଞ୍ଚିତ ରାୟଗଡା ଜିଲ୍ଲା କାଶୀପୁର ବ୍ଲକ ଅନ୍ତର୍ଗତ ମାଣ୍ଡିବିଶି ପଞ୍ଚାୟତ ଅନ୍ତର୍ଗତ ଲେକାପାଇ ଗ୍ରାମବାସୀ ଆଜି ଜିଲ୍ଲପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଜିଲ୍ଲାପାଳ ଅନୁପସ୍ଥିତ ଥିବା ଯୋଗୁଁ ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁରଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଲେକାପାଇ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ରହିଥିବା, ରାସ୍ତା, ପାନୀୟ ଜଳ, ବିଜୁଳି ଠାରୁ ଆରମ୍ଭ କରି ପିଲାଙ୍କ ପାଇଁ ବିଦ୍ୟାଳୟ, ସ୍ୱାସ୍ଥ୍ୟ ସମସ୍ୟା ଆଦି ଦୀର୍ଘ ବର୍ଷ ହେଲା ଲାଗି ରହିଥିବା ଉଲ୍ଲେଖ କରିଛନ୍ତି। ଗ୍ରାମକୁ ପକ୍କା ରାସ୍ତା ନ ଥିବାରୁ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁରେ ନଳକୂପ ନ ଥିବାରୁ ଗ୍ରାମବାସୀ ନଦୀ ଜଳକୁ ପାନୀୟ ଓ ନିତ୍ୟ କାମ ପାଇଁ ବ୍ୟବହାର କରୁଛନ୍ତି। ଗାଁକୁ ପହଞ୍ଚିନି ବିଦ୍ୟୁତ ସୁବିଧା। ଲେକପାଇ ଗ୍ରାମର ଏସବୁ ସମସ୍ୟା ନୁହେଁ, ବରଂ ଗାଁକୁ ଲାଗି ରହିଥିବା ପାଲୁଡୁଗୁଡା, ତାଡିବାଡ଼ା, କୁଟୀଗାଁ ଆଦି ଗ୍ରାମ ଗୁଡିକରେ ମଧ ଅନୁରୂପ ସମସ୍ୟା ଲାଗି ରହିଛି । ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ଠାରୁ ଆରମ୍ଭ କରି କାଶୀପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଜଣାଇଲେ ମଧ କେହି କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଲେକାପାଇ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟଟି ଦୀର୍ଘ ଦିନ ହେବ ବନ୍ଦ ହୋଇଯିବା ଫଳରେ ଗାଁ ପିଲା ପାଠପଢାରୁ ବଞ୍ଚିତ ହୋଇ ରହିଛନ୍ତି। ଦୀର୍ଘ ୧୧ କିମି ରାସ୍ତା ଅତିକ୍ରମ କରି ବାହାରପଦା ମାଝି ଗ୍ରାମରେ ଥିବା ବିଦ୍ୟାଳୟକୁ ପିଲାମାନେ ଜଙ୍ଗଲୀ ପାହାଡିଆ ରାସ୍ତା ଦେଇ ଯାଉଛନ୍ତି। ଗ୍ରାମବାସୀଙ୍କ ନିତିଦିନିଆ ପାହାଡିଆ ମାଟି ରାସ୍ତା ପଟେଶ୍ବରୁ ଲେକାପାଇ ବର୍ଷା ଯୋଗୁଁ କାଦୁଅ ପଚପଚ ହୋଇଯାଉଥିବାରୁ ଏହା ବ୍ୟବହାର ଉପଯୋଗୀ ହୋଇ ପାରୁ ନ ଥିବାରୁ ପକ୍କା ରାସ୍ତା ଖଣ୍ଡେ ନିହାତି ଦରକାର ବୋଲି ଗ୍ରାମବାସୀ ପ୍ରଶାସନ ନିକଟରେ ଗୁହାରି କରିଛନ୍ତି। ବୃଙ୍ଗେଲପଦର ଗ୍ରାମ ନିକଟରେ ବଡ଼ ନଦୀ ପ୍ରବାହିତ ହେଉଥିବା ବେଳେ ବର୍ଷା ଦିନେ ନଦୀର ପ୍ରଖର ଜଳ ସ୍ରୋତ ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହେଉଥିବା ସହ ଗାଁର ଗର୍ଭବତୀ ମହିଳା ତଥା ଶିଶୁ, ବୟସ୍କ ରୋଗୀଙ୍କୁ ମେଡିକାଲ ନେଇପାରୁନଥିବା କହିଛନ୍ତି। ଏପେରିକି ଅନେକ ଗର୍ଭବତୀ ମହିଳା ଚିକିତ୍ସା ସେବା ନପାଇ ପ୍ରାଣ ହରାଇଥିବା କଥା ସମିତି ସଭ୍ୟ ଶୁକ୍ର ମାଝୀ କହିଛନ୍ତି। ବର୍ଷା ଦିନେ ଏହି ନଦୀରେ ବନ୍ୟା ଜଳ ପ୍ରବାହିତ ଯୋଗୁଁ ସେମାନେ ପିଡ଼ିଏସ ଚାଉଳ, ରାସନ ସାମଗ୍ରୀ ମଧ ଆଣିପାରନ୍ତି ନାହିଁ ବୋଲି କହିଛନ୍ତି। ମାଣ୍ଡିବିଶି ପଞ୍ଚାୟତ ସଦର ଠାରୁ ଲେକାପାଇ ଦୀର୍ଘ ୧୦ କିମି ରାସ୍ତା ମଧରେ ନଦୀ ଯୋଗୁଁ ଯାତାୟାତ ନିମନ୍ତେ ତିନିଟି ବ୍ରିଜର ଆବଶ୍ୟକତା ରହିଛି ବୋଲି କହିଛନ୍ତି ଚାରି ଖଣ୍ଡ ଗ୍ରାମର ବାସିନ୍ଦା। ଲେକାପାଇରୁ ପୁଟେସୁ ଦୀର୍ଘ ୮ କି.ମି ପାଦ ଚଲା ମାଟି ରାସ୍ତା ଅବସ୍ଥା ସାଙ୍ଘାତିକ ହୋଇପଡି ଥିବାରୁ ଲୋକେ ଯାତାୟାତରେ ହୋଇରାଣ ହେଉଛନ୍ତି ବୋଲି କହିଛନ୍ତି। ସେମାନେ ଆହୁରି ମଧ କହିଛନ୍ତି ଯେ କୁଟୀଗାଁ, ତାଡିବେଡା, ପାଡେଲଗୁଡା, ଓ ଲେକାପାଇ ମଧରେ ଦୁଇଗାଟି ବ୍ରିଜ ଦରକାର ବୋଲି କହିଛନ୍ତି। ଏ ସମ୍ପର୍କ ରେ ଆଜି ଚାରିଖଣ୍ଡ ଗ୍ରାମର ବାସିନ୍ଦା ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବୀ ପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ଗ୍ରହଣ କରି ଅତିରିକ୍ତ ଜିଲ୍ଲାପାଳ ଏ ବିଷୟରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏ ବିଷୟରେ ସବିଶେଷ ତଥ୍ୟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିବା ନୀଳାଇ ମାଝୀ କହିଛନ୍ତି।



ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ଗ୍ରାମବାସୀ

## ମହିଳାଙ୍କ ଆତ୍ମହତ୍ୟା

ରାୟଗଡ଼ା,୨୨।୯ (ସମିସ ): ରାୟଗଡ଼ା ସହରର ଇନ୍ଦିରା ନଗର ୫ମ ଲେନ୍‌ରେ ରହୁଥିବା ଜଣେ ୪୭ ବର୍ଷୀୟ ମହିଳାଙ୍କ ମୃତ ଦହ ଉଦ୍ଧାର କରିଛି ରାୟଗଡ ଟାଉନ ଥାନା ପୋଲିସ। ମୃତ ମହିଳା ଜଣକ ହେଲେ ଗୋପାଳ ପାଟଖଣ୍ଡାଲଙ୍କ ସ୍ତ୍ରୀ ମମତା ଚୌଧୁରୀ। ଘଟଣାରୁ ପ୍ରକାଶ ଯେ, ମହିଳା ଜଣକ ଆଜି ପୂର୍ବାହ୍ନରେ ଘରର ରୁମ୍ କବାଟ ବନ୍ଦ କରି ବେକରେ ଓଢ଼ଣି ଲଗାଇ ଆତ୍ମହତ୍ୟା କରିଥିବା ବେଳେ ଏ ନେଇ ପରିବାର ପକ୍ଷରୁ ପୋଲିସକୁ ସୂଚନା ଦିଆଯାଇଥିଲା। ସୂଚନା ପାଇବା ପରେ ରାୟଗଡ ଥାନା ଏସଆଇ ମନୋଜ ଜେନା, ପ୍ରସନ୍ନ କୁମାର ନାୟକ ଓ ପୋଲିସ ଟିମ୍ ଘଟଣାସ୍ଥଳକୁ ଯାଇ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବା ଜଣାପଡ଼ିଛି। ମଙ୍ଗଳବାର ମୃତା ମମତାଙ୍କ ମାଆ ଓ ସମ୍ପର୍କୀୟ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ ହେବ ବୋଲି ଜଣାପଡ଼ିଛି। ତେବେ ଖବରପାଇ ମମତାଙ୍କ ସମ୍ପର୍କୀୟମାନେ ପହଞ୍ଚିଥିଲେ। ତେବେ ପରିବାର ବର୍ଗ ଏହି ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି।

### ● ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

## ୭୮ ଟି ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ



ବିଷମକଟକ,୨୨।୯ (ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ସମିତି କାର୍ଯ୍ୟାଳୟର ସଭାଗୃହଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଗୁଣପୁର ଉପ ଜିଲ୍ଲାପାଳ ଦୁଧାଳ ଅଭିଷେକ ଦିଲିପ, ଗୁଣପୁର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍?ାସ୍ଥ୍ୟ ଅଧିକାରୀ ଭି ସରୋଜିନୀ ଦେବୀ, ବ୍ଲକ ଅଧକ୍ଷା ଯଶୋଦା ହୁଇକା ଯୋଗଦେଇ ସମସ୍ତ ଅଭିଯୋଗର ଶୁଣାଣୀ କରିଥିଲେ। ଆୟୋଜିତ ଏହି ଜିଲ୍ଲା ପାଳଙ୍କ ଅଭିଯୋଗ ପ୍ରକଷ୍ଟରେ ମୋଟ ୭୮ ଟି ଅଭିଯୋଗ ର ଶୁଣାଣୀ ହୋଇଥିବା ବେଳେ, ସେଥିରୁ ୬୩ଟି ବ୍ୟକ୍ତିଗତ ୦୭ଟି ସାମୁହିକ ଦରଖାସ୍ତ ଓ ୦୮ ଟି ସ୍ୱାସ୍ଥ୍ୟଗତ ଦରଖାସ୍ତ ପଞ୍ଜିକରଣ ହୋଇଥିଲା। ମୋଟ ଆଠଜଣଙ୍କୁ ଜିଲ୍ଲାପାଳ ୭୫୦୦୦ଟଙ୍କାର ରେଡ଼କ୍ରସ ସହାୟତା ରାଶି ପ୍ରଦାନ କରିଥିଲେ।ସମସ୍ତ ଅଭିଯୋଗ ଜିଲ୍ଲାପାଳ ଗ୍ରହଣ କରିବା ପରେ ଅଭିଯୋଗ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ଦରଖାସ୍ତ ଗୁଡିକ ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶିବିରରେ ଜିଲ୍ଲା ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ,ବିଷମ କଟକ ତହସିଲଦାର କେ. ଭେଙ୍କେଟେସର ରେଡି, ବିଷମ କଟକ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ହୋରିହୋର ବଲଦେବ ଟୁଡୁ,ଅବକାରୀ ନିରୀକ୍ଷକ, ଲିଡ଼ ବ୍ୟାଙ୍କ ଅଧିକାରୀ ଦେବେନ୍ଦ୍ର ବାଉରୀଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ବିଷମ କଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ ଶିବିର ପରିଚାଳନା କରିଥି କରିଥିବା ବେଳେ ସହକାରୀ ଯନ୍ତ୍ରୀ ଝରଣା ତ୍ରିପାଠୀ, ବ୍ଲକ ଯୋଗାଣ ଅଧିକାରୀ ଦେବଦତ୍ତ ଲେଙ୍କା ବି. ଏସ.ଓ ମୁନ୍ନା ତାଡିଙ୍ଗି ଆଜିର କାର୍ଯ୍ୟକ୍ରମରେ ସୋହଯୋଗ କରିଥିଲେ। ଅଭିଯୋଗ ଶୁଣାଣି ପରେ ଜିଲ୍ଲାପାଳ ତହସିଲ କାର୍ଯ୍ୟାଳୟ ଯାଇ ସମୀକ୍ଷା କରିଥିଲେ ଓ ଉପ ଜିଲ୍ଲାପାଳ, ଗୁଣପୁରଙ୍କୁ ମଧ ବିଭିନ୍ନ ତହସିଲ ଯାଇ ସମୀକ୍ଷା କରିବା ନିମନ୍ତେ ପରାମର୍ଶ ଦେଇଥିଲେ।

## ରାସ୍ତା ନ ଥିବାରୁ ବୁହାହୋଇ ଆସିଲେ ଗର୍ଭବତୀ ମହିଳା

କଲ୍ୟାଣସିଂହପୁର, ୨୨।୯ (ସମିସ): ଭାରରେ ବୁହା ହୋଇ ଆସିଲେ ଗର୍ଭବତୀ ମହିଳା। ଆମ୍ବୁଲାନ୍ସ ଯିବାକୁ ରାସ୍ତା ନଥିବାରୁ ଭାରରେ ବୋହିଆଣିଲେ ଗର୍ଭବତୀ ମହିଳାଙ୍କୁ ଗ୍ରାମ ଲୋକେ। ବ୍ରଜ ପ୍ରସ୍କାଙ୍କ ସ୍ତ୍ରୀ ସାବିତ୍ରୀଙ୍କୁ ଅଜୟଗଡ଼ ପଯ୍ୟନ୍ତ ବହି ଆଣିଥିଲେ। ଅଜୟଗଡ଼ଠାରୁ ଆମ୍ବୁଲାନ୍ସରେ ଗୋଷ୍ଠୀ କେନ୍ଦ୍ରକୁ ନିଆଯାଇଥିଲା। ଏଭଳି ଦୃଶ୍ୟ ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ କରପା ପଞ୍ଚାୟତ ସିଙ୍ଗାପଟା ଗାଁ ରେ ଦେଖିବାକୁ ମିଳିଛି। ପ୍ରସବ ପରେ ଶିଶୁର ସ୍ୱାସ୍ଥ୍ୟ ଭଲ ନଥିବାରୁ ରାୟଗଡା ମୁଖ୍ୟସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିବା ସୂଚନା ମିଳିଛି। ଏହି ଗାଁକୁ ସରକାର ତୁରନ୍ତ ରାସ୍ତା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅପହଞ୍ଚ ଅଞ୍ଚଳ ହୋଇ ଥିବାରୁ ଏହି ଗାଁ ପ୍ରତି ପ୍ରଶାସନ କିମ୍ବା ରାଜନୈତିକ ନେତା ମାନେ ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ଏହି ଗାଁକୁ ତୁରନ୍ତ ରାସ୍ତା ନ କଲେ ଯେ କୌଣସି ରୋଗ ବେମାର ହେଲେ ଡାକ୍ତର ଖାନାକୁ ଯିବା ବେଳେ ବାଟରେ ଅଘଟଣ ଘଟିବ ସମ୍ଭାବନା ରହିଛି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଥିବା ଜଣାପଡ଼ିଛି।



## ସ୍କୁଲରେ ପଡ଼ି ଛାତ୍ର ମୁଣ୍ଡ ଫାଟିଲା



କଲ୍ୟାଣସିଂହପୁର, ୨୨।୯ (ସମିସ): ଶିକ୍ଷକ,ଶିକ୍ଷୟିତ୍ରୀଙ୍କ ଅବହେଳା ଯୋଗୁଁ ୪ର୍ଥ ଶ୍ରେଣୀ ଛାତ୍ରର ମୁଣ୍ଡଫାଟି ଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ ବିଜୟନଗର ଗାଁ ର ନବୀନ ପଠିଆ ଙ୍କ ପୁଅ ଗୀତଗବିନ୍ଦ ପଠିଆ ବିଦ୍ୟାଳୟରେ ଖେଳୁଥିବା ସମୟରେ ତଳେ ପଡ଼ି ମୁଣ୍ଡରେ ଆଘାତ ଲାଗି ତିନଟି ସିଲାଇ ହୋଇଥିବା ଦେଖିବାକୁ ମିଳିଛି। ଏହି ଘଟଣା ହୋଇଛି କଲ୍ୟାଣସିଂହପୁର ବ୍ଲକ କରପା ପଞ୍ଚାୟତ ବିଜୟନଗର ସରକାରୀ ପ୍ରାଥମିକ ସେବଶ୍ରମ ବିଦ୍ୟାଳୟ ଠାରେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅନୁପସ୍ଥିତ ଓ ଅବହେଳା ଯୋଗୁଁ ଏହିଭଳି ଘଟଣା ହୋଇଥିବା ଅଭିଯୋଗ ହୋଇଛି। ଛାତ୍ରଙ୍କ ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, ଏହିକଥାକୁ ଚପେଇ ଦେବା ପାଇଁ ଶିକ୍ଷୟିତ୍ରୀ ତାଙ୍କୁ ନେହୁରା ହୋଇଥିଲେ। ଏହି ସମ୍ପର୍କକୁ ନେଇ ପ୍ରଧାନ ଶିକ୍ଷୟତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ କିଛି ହୋଇନାହିଁ। ପିଲା ଭଲ ଅଛି। ଏହି ବିଦ୍ୟାଳୟକୁ ସରକାର ଦୃଷ୍ଟି ଦେଇ ଉଚିତ ପଦକ୍ଷେପ ନେବା ପାଇଁ ଅଭିଯୋଗ ହୋଇଛି।

# ମାଁ ଭଣ୍ଡାରଘରଣୀଙ୍କ ନବଦିନାତ୍ମକ ଯାତ୍ରା ଆରମ୍ଭ



ନବରଙ୍ଗପୁର, ୨୨।୯ (ସମିସ) :

ସୋମବାର ଠାରୁ ଆରମ୍ଭ ହେଲା ନବରଙ୍ଗପୁର ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାର ଘରଣୀଙ୍କ ଶାରଦୀୟ ନବ ଦିନାତ୍ମକ ଦଶହରା ମହାପର୍ବ। ଏଥିସହିତ ଚଳିତ ବର୍ଷ ମାଁ ଭଣ୍ଡାର ଘରଣୀଙ୍କ ନୂତନ ମନ୍ଦିର ନିର୍ମାଣର ୨୭ ବର୍ଷ ପୂର୍ତ୍ତି ହୋଇଛି। ନବରଙ୍ଗପୁରର ପୀଠାସୀନ ପ୍ରତ୍ୟକ୍ଷ ଦେବୀ ମାଁ ଭଣ୍ଡାର ଘରଣୀ। ଜିଲ୍ଲା ସଦର ମହକୁମା ପୁରୁଣା ରାଜା ନହରର ନିକଟବର୍ତ୍ତି ନବରଙ୍ଗପୁର ମୁଖ୍ୟ ରାସ୍ତାରେ ଅବସ୍ଥିତ ମାଁ ଙ୍କ ମନ୍ଦିର। ଧନ ସମ୍ପଦ ଓ ଜୀବନ ର ରକ୍ଷାକର୍ତ୍ତ୍ରୀ ଦେବୀ ମାଁ ଭଣ୍ଡାର ଘରଣୀ ପ୍ରଥମେ ରାଜପରିବାରଙ୍କ ଦ୍ୱାରା ନବରଙ୍ଗପୁର ଜିଲ୍ଲାର ଜଗନ୍ନାଥପୁର ଗ୍ରାମ ଠାରେ ପ୍ରତିଷ୍ଠିତ ହୋଇଥିଲେ। ପରବର୍ତ୍ତୀ ସମୟରେ ରାଜାଙ୍କ ଦ୍ୱାରା ନବରଙ୍ଗପୁର ଠାରେ ମାଁ ଙ୍କ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ନବରଙ୍ଗପୁର ସହର ତଥା ଜିଲ୍ଲା ତଥା ସମଗ୍ର ଜିଲ୍ଲା ବାସୀଙ୍କ ସୁରକ୍ଷା କବଚ ମାଁ ଭଣ୍ଡାର ଘରଣୀ। ଶଙ୍ଖାରୀ ହାତରୁ ମାଁ ଚୁଡି ପିନ୍ଧି ମୋ ବାପା (ପୂଜକ) ପଇସା ଦେବେ ବୋଲି କହିଥିବା ଜନ ସ୍ମୃତି ରହିଛି। ନବରଙ୍ଗପୁର ଅଧିଷ୍ଠାତ୍ରୀ ଦେବୀ ତଥା ନବରଙ୍ଗପୁର ଇଷ୍ଟ ଦେବୀ ତଥା ରାଜ ବଂଶର ଇଷ୍ଟଦେବୀ ମାଁ ଭଣ୍ଡାର ଘରଣୀ ଙ୍କ ମନ୍ଦିର ନବରଙ୍ଗପୁର ସହର ଠାରୁ ପାଖାପାଖି ୩୫କିମି ଦୂର ରାଜାଙ୍କ ରାଜଧାନୀ ଜଗନ୍ନାଥ ପୁର ଠାରେ ୧୮୨୦ ମସିହାରେ ପ୍ରତିଷ୍ଠା ହୋଇଥିଲା। ମାଁ ଭଣ୍ଡାର ଘରଣୀ ରାଜ ବଂଶର ଭଣ୍ଡାର ଘରେ ପ୍ରଥମେ ପୂଜା ପାଉଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୮୩୨ ମସିହାରେ ରାଜା ଚୈତନ୍ୟ ଦେବ ରାଜଧାନୀ ଜଗନ୍ନାଥ ପୁରରୁ ନବରଙ୍ଗପୁର ସ୍ଥାନାନ୍ତର କରି ଜଗନ୍ନାଥ ପୁରରୁ ଆବାହନ କରି ନବରଙ୍ଗପୁରରେ ପ୍ରତିଷ୍ଠା କରିଥିଲେ। ବର୍ତ୍ତମାନର ର ତୃପ୍ତି ହୋଟେଲ ସମ୍ମୁଖରେ ପ୍ରଥମେ ଏକ ଚାଳ ଛପର ଘରେ ମାଁ ଙ୍କୁ ସ୍ଥାପନ କରି ପୂଜାର୍ଚ୍ଚନା କରାଯାଉଥିଲା ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୯୪୫-୪୬ ମସିହାରେ ଏକ ବିରାଟ ପ୍ରସସ୍ଥ ସିମେଣ୍ଟ କଂକ୍ରେସ ବାରଣ୍ଡା ସହ ଟିଣ ଘର ନିର୍ମାଣ କରାଯାଇଥିଲା। ଏହା ପରେ ୨୦୦୪-୦୫ ମସିହାରେ ଉକ୍ତ ସ୍ଥାନରେ ହିଁ ମାଁ ଭଣ୍ଡାର ଘରଣୀ ଙ୍କ ମନ୍ଦିର ପରିଚାଳନା କମିଟି ଦ୍ୱାରା ପାଖାପାଖି ଏକ ଶହ ଫୁଟ ଉଚ୍ଚତା ବିଶିଷ୍ଟ ଏକ ବିରାଟ ମନ୍ଦିର ନିର୍ମାଣ କରାଯାଇଛି। ନବରଙ୍ଗପୁର ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାର ଘରଣୀ ଙ୍କ ବିଶେଷତ୍ୱ ହେଲା ଯେ ମାଁ ଙ୍କ ମନ୍ଦିର ପୂର୍ବାଭିମୁଖୀ ହୋଇଥିବା ବେଳେ ଭକ୍ତଙ୍କୁ ମାଁ ସର୍ବଦା ପଶ୍ଚିମ ମୁଖୀରେ ହିଁ ଦର୍ଶନ ଦେଇଥାନ୍ତି। ମାଁ ଙ୍କ ପୂଜା ନୀତି ଉଭୟ କେଉଟ (ମତ୍ସ୍ୟ ଜୀବୀ) ସମ୍ପ୍ରଦାୟ ର ପୂଜକଙ୍କ ଏବଂ ବ୍ରାହ୍ମଣ ପୂଜକଙ୍କ ଦ୍ୱାରା ପାଳିତ ହୋଇଥାଏ। ମାଁଙ୍କ ପୂଜା ପ୍ରତି ମଙ୍ଗଳବାର, ଶନି ବାର, ସକ୍ରାନ୍ତି ଦିନ ସ୍ୱତନ୍ତ୍ର ଭାବେ ପାଳିତ ହୋଇଥାଏ। ମାଁ ଙ୍କ ବାସନ୍ତିକ ଦଶହରା ଚୈତ୍ର ଶୁକ୍ଳ ପ୍ରତିପଦା ଦିନରୁ ନବମୀ ପର୍ଯ୍ୟନ୍ତ ଓ ମାଁ ଙ୍କ ଏକ ପ୍ରଧାନ ପର୍ବ 'ଘଟ ଯାତ୍ରା' ପ୍ରତି ବର୍ଷ ଚୈତ୍ର ମାସ ରେ ପାଳିତ ହୁଏ। ପ୍ରତିବର୍ଷ ମାଁ ଙ୍କ ନବରାତ୍ର ପୂଜାରେ ଶୈଳ ପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ର ଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦ ମାତା, କାତ୍ୟାୟନୀ, କାଳରାତ୍ରୀ, ମହା ଗୌରୀ, ସିଦ୍ଧି ଦାତ୍ରୀ ଏଭଳି ମାଁ ଙ୍କ ନଅଟି ରୂପ ନବ ଦୂର୍ଗାଙ୍କୁ ପୂଜା କରାଯାଏ। ମହାଳୟା ପର ଦିନ ପ୍ରତିପଦା ଠାରୁ ଏହି ନବ ରାତ୍ରି ପାଳନ କରାଯାଏ। ମାଁ ଙ୍କ ପୀଠରେ ଏକ ହଜାର ଆଠଟି ଅଖଣ୍ଡ ଦୀପ ସ୍ଥାପନ କରାଯାଏ। ଚଣ୍ଡୀ ପାଠ ହୁଏ। ଅଶ୍ୱିନୀ ଶୁକ୍ଳ ପ୍ରତିପଦା ଠାରୁ ଦଶମୀ ପର୍ଯ୍ୟନ୍ତ ମାଁ ଙ୍କ ପୀଠ ରେ ଦଶ ଦିନ ଧରି ଦଶହରା ପର୍ବ ପାଳନ କରାଯାଏ। ଜିଲ୍ଲା ତଥା ଜିଲ୍ଲା ବାହାର ଅନେକ ଶକ୍ତି ପୀଠରୁ ଉକ୍ତ ଗ୍ରାମ ଦେବୀଙ୍କ ପ୍ରତିନିଧତ୍ୱ କରି ଠାକୁରାଣୀଙ୍କ ସୁସଜ୍ଜିତ ଲାଠି ଦଶହରା ଦିନ ନବରଙ୍ଗପୁରର ମାଁ ଭଣ୍ଡାରଘରଣୀଙ୍କ ପୀଠ କୁ ଆସନ୍ତି। ମାଁ ଭଣ୍ଡାରଘରଣୀଙ୍କ ପ୍ରଥମ ଶକ୍ତି ପୀଠ ଜଗନ୍ନାଥପୁର, ଦଶପୁର, ମିରିଗାନିଗୁଡା, କୁସୁମୀ, ଦେଦେଶପାଲି, ମେଞ୍ଚାର, ଦେଉଳା, କଙ୍ଗରା, ଏକମ୍ବା, ନନ୍ଦହାଣ୍ଡି, ମାଳିଗୁଡା ଏଭଳି ଅନେକ ଗ୍ରାମରୁ ଲାଠି ଆସେ। ସମସ୍ତ ସୁସଜ୍ଜିତ ଦେବୀଙ୍କ ଲାଠି ଏକ ବିରାଟ ଶୋଭାଯାତ୍ରାରେ ବାହାରି ଶଙ୍ଖ, ଘଣ୍ଟ, ବାଦ୍ୟ ବାଜଣା ସହ ସହର ପରିକ୍ରମା କରି ନବରଙ୍ଗପୁର ସହର ମଧରେ ଥିବା ଦଶହରା ପଦା ରେ ପହଞ୍ଚେ। ଏହି ଯାତ୍ରାକୁ 'ବିଜୟ ଯାତ୍ରା' କୁହାଯାଏ। ସେଠାରେ ଦେବୀ ଙ୍କୁ ପୂଜା ହୁଏ। ଉମରକୋଟ ର ଅଧିଷ୍ଠାତ୍ରୀ ଦେବୀ ମାଁ ପେଣ୍ଡ୍ରାଣୀ ଜୟପୁର ଯିବା ବେଳେ ନବରଙ୍ଗପୁର ମାଁ ଭଣ୍ଡାରଘରଣୀ ଙ୍କ ପୀଠ ରେ କିଛି ଦିନ ଅବସ୍ଥାନ କରି ପୂଜା ପାଆନ୍ତି।ଚଳିତ ବର୍ଷ ମାଁ ଙ୍କ ପୀଠରେ ରାଜ ପୁରୋହିତ ନରସିଂହ ନାଥ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ମନ୍ଦିର ସେବାୟତ ରାଜୀବ ଲୋଚନ ପୂଜାରୀ ଓ ମୃତ୍ୟୁଞ୍ଜୟ ରଥ, ପ୍ରସନ୍ନ ରଥ, ବାବୁନା ପୂଜାରୀ, ପୂଜକ ପଙ୍କଜ ଏବଂ ପୂଜକ ମନୋଜଙ୍କ ସମେତ ୧୫ ଜଣ ବରୁଣ ବା ପୂଜକ ମାଁ ଙ୍କ ସେବା ରେ ନିୟୋଜିତ ଅଛନ୍ତି। ପ୍ରଥମ ଦିନ ବିଶ୍ୱଶାନ୍ତି ପାଇଁ ନବରଙ୍ଗପୁର ରାଜ ପରିବାରର ଅସିତ ଦେଓ ବିଜ ଧ୍ୱଜା ସ୍ଥାପନ କରିଥିଲେ। ଆଜି ମାଁ ଙ୍କ ପ୍ରତୀକ ପାଟ ଖଣ୍ଡା କୁ ପାରମ୍ପରିକ ରୀତି ନୀତିରେ ନବରଙ୍ଗପୁର ପ୍ରତାପ ସାଗରକୁ ଏକ ମହାସ୍ନାନ କରାଯାଇ ବିରାଟ ପଟୁଆର ରେ ସହର ପରିକ୍ରମା ପରେ ନବ ଦିନ ପୂଜା ନୀତି ଆରମ୍ଭ ହୋଇଛି। ସୋମବାର ଦିନ ୧୨ଘଟିକା ସମୟରେ ମାଁ ଙ୍କ ପାଟ ଖଣ୍ଡା ପ୍ରତାପ ସାଗର ଠାରେ ମହାସ୍ନାନ ହୋଇଥିବା ବେଳେ ୧.୩୦ ମିନିଟରେ ମହାଧ୍ୱଜା ସ୍ଥାପନ , ୩ ଘଟିକା ରେ ମହାଦୀପ ସ୍ଥାପନ , ଏବଂ ଅପରାହ୍ନ ୩.୩୦ ମିନିଟରେ ଘଟ ସ୍ଥାପନ କରାଯାଇଥିଲା। ଚଳିତ ବର୍ଷ ମାଁ ଭଣ୍ଡାର ଘରଣୀ ଙ୍କ ମନ୍ଦିର ନିର୍ମାଣର ୨୭ ବର୍ଷ ପୂର୍ତ୍ତି ଅବସରରେ ମାଁ ଙ୍କ ପ୍ରତୀକ ପାଟ ଖଣ୍ଡା ଯେତେବେଳେ ମନ୍ଦିର ରୁ ବାହାରିଥିଲେ ବହୁ ଘଣ୍ଟ ଘଣ୍ଟାରେ ପ୍ରକମ୍ପିତ ହେଇଥିଲା ସହର ବଡ଼ଦାଣ୍ଡ। ମାଁ ଙ୍କ ଶାରଦୀୟ ନବଦିନାତ୍ମକ ଯାତ୍ରାରେ ମନ୍ଦିର ପରିଚାଳନା କମିଟି ସଭାପତି ଟୁଲୁ ଷଡ଼ଙ୍ଗୀ , ଉମା ଶଙ୍କର ତ୍ରିପାଠୀ , ନବରଙ୍ଗପୁର ଦେବୋତ୍ତର ବିଭାଗ ସଭାପତି ଝଡେଶ୍ୱର୍ ଖ ।ଡଙ୍ଗ , ଟି ଶ୍ରୀପତି , ପରେଶ୍ ମିଶ୍ର , ଅମିତାଭ ତ୍ରିପାଠୀ, ପ୍ରଦୀପ କୁମାର ମିଶ୍ର ,ମଧୁ ତ୍ରିପାଠୀ , ତାପସ ତ୍ରିପାଠୀ , ଅମୂଲ୍ୟ ପାତ୍ର , ନିଶାନ୍ତ କୁମାର ସାମନ୍ତରାୟ , ଗୌରୀ ଶଙ୍କର ପଟ୍ଟନାୟକ , କୁନା ପାତ୍ର , ଭୀମ ହରିଜନ, ବାଲାଜୀ ବେହେରା , ଉତ୍ତମ ତ୍ରିପାଠୀ , ବୁଢୁ ମହାପାତ୍ର, ମଧୁ ତ୍ରିପାଠୀ, କାହ୍ନୁ ଦାସ , ଚନ୍ଦନ ପାତ୍ର , ବରୁ ପାତ୍ର , ପିଙ୍କୁ ଗନ୍ତାୟତ , ଦିଲୁ ପଣ୍ଡା , କାଳୀ ପଟ୍ଟନାୟକ , ନୁନୁ ଦାସ , ଲୁନା ପୂଜାରୀ , ରାମ ଶଙ୍କର ମହାପାତ୍ର , ରୀଙ୍କୁ , ସୁମିତ ପାଳ , ଭିକ୍କି ସ୍ୱାର, ଭିକି ଦାସ , ନୀଳ ନାୟକ ପ୍ରମୁଖଙ୍କ ସମେତ ମାଁ ଙ୍କ ବହୁ ଭକ୍ତ ଉପସ୍ଥିତ ଥିଲେ।

## ୩ୟ ଓ ୫ମ ବୃତ୍ତି ପରୀକ୍ଷା

ଗୁଡ଼ାରୀ,୨୨।୯ (ସମିସ):

ସୋମବାର ଦିନ ଗୁଡ଼ାରୀ ବ୍ଲକସ୍ତରୀୟ ୩ୟ ଓ ୫ମ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଉଭୟ ୩ୟ ଓ ୫ମ ଶ୍ରେଣୀର ୧୨୧ ଛାତ୍ରଛାତ୍ରୀ ବୃତ୍ତି ପରୀକ୍ଷା ଯୋଗ୍ୟ ବିବେଚିତ ହୋଇଥିବାବେଳେ ୧୦୯ ଛାତ୍ରଛାତ୍ରୀ ବୃତ୍ତି ପରୀକ୍ଷା ଦେଇଥିଲେ। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡ଼ାରୀ ଏନଏସିରେ ୫ ଟି କକ୍ଷରେ ବୃତ୍ତି ପରୀକ୍ଷା ଆୟୋଜନ କରାଯାଇଥିଲା । ଏହି ବୃତ୍ତି ପରୀକ୍ଷା ୧୦ ଜଣ ଶିକ୍ଷକ ନିରୀକ୍ଷକ ଭାବେ ଦାୟିତ୍ୱ ତୁଲାଇଥିଲେ। ୩ୟ ଶ୍ରେଣୀର ୬୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୦ଜଣ ଏବଂ ୫ମ ଶ୍ରେଣୀର ୫୩ଜଣଙ୍କ ମଧ୍ୟରୁ ୪୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସାଙ୍ଗୁତାରୂପା ମାଝୀ କେନ୍ଦ୍ର ପରିଦର୍ଶନ କରି ପରୀକ୍ଷା ପରିଚାଳନା ତଦାରଖ କରିଥିଲେ। କେନ୍ଦ୍ର ଅଧିକ୍ଷକ ଭାବେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡ଼ାରୀ ଏନଏସି ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ଗମାଙ୍ଗ ଏହି ପରୀକ୍ଷା ପରିଚାଳନା କରିଥିଲେ। ବୃତ୍ତି ପରୀକ୍ଷା ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଗୁଡ଼ାରୀ ଥାନା ଅଧିକାରୀଙ୍କ ନିର୍ଦ୍ଦେଶନାରେ ଗୋଟିଏ ଗୃହରକ୍ଷୀ ମୁତୟନ କରାଯାଇଥିଲା।

## ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା



କାଶୀପୁର,୨୨।୯ (ସମିସ): ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ତୃତୀୟ ଓ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। କାଶୀପୁର ବ୍ଲକ ଶିକ୍ଷାଅଧିକାରୀ ଉମରସିଂ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହି ପରୀକ୍ଷା କେନ୍ଦ୍ରରେ ୨୬୪ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୨୫ ଜଣ ପରୀକ୍ଷା ଦେଇଥିଲେ ଓ ୩୯ ଜଣ ଅନୁପସ୍ଥିତ ଥିଲେ। ଉକ୍ତ ପରୀକ୍ଷା କେନ୍ଦ୍ରର ପଞ୍ଚମ ଶ୍ରେଣୀର ପରିଚାଳକ ଭାବେ ଜିତେନ୍ଦ୍ର କୁମାର ବୈଦ୍ୟ, ତୃତୀୟ ଶ୍ରେଣୀର ପରୀକ୍ଷା ପରିଚାଳକ ଭାବେ କୃଷ୍ଣଚନ୍ଦ୍ର ପାତ୍ର ପ୍ରମୁଖ ପରୀକ୍ଷା ନିରୀକ୍ଷକ ଭାବେ ଉପସ୍ଥିତ ଥିବାବେଳେ ଉକ୍ତ ପରୀକ୍ଷାକୁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପବିତ୍ର ମୋହନ ନାଏକ ପରିଚାଳନା କରିଥିଲେ।

# ବିମାନର କକ୍‌ପିଟ୍ ଖୋଲିବାକୁ ଉଦ୍ୟମ





ବାରଣାସୀ, ୨୨।୯ (ଏଜେନ୍ସି): ବେଙ୍ଗାଲୁରୁରୁ ବାରାଣସୀ ଯାଉଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ବିମାନରେ ଜଣେ ଯାତ୍ରୀ କକ୍‌ପିଟ୍‌ର ଦ୍ୱାର ଖୋଲିବାକୁ ଚେଷ୍ଟା କରିଥିଲେ। ସେ ଦ୍ୱାରର ପ୍ରକୃତ ପାସକୋଡ୍ ବି ମାରିଥିଲେ। କିନ୍ତୁ ହାଇଜାକ ହେବା ଭୟରେ ପାଇଲଟ୍ କକ୍‌ପିଟ୍‌ର ଦ୍ୱାରା ଖୋଲି ନଥିଲେ। କେବିନ କ୍ରୁ ତାଙ୍କୁ ରୋକିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଉକ୍ତ ଯାତ୍ରୀଙ୍କ ସହ ତାଙ୍କ ନିଜର ଲୋକ ଆସିଥିଲେ ଓ କକ୍‌ପିଟ ଭିତରକୁ ଯିବା ପାଇଁ ଉଦ୍ୟମ କରିଥିଲେ। ଏୟାର ଲାଇନ୍ସ କର୍ମୀ ଯାତ୍ରୀଙ୍କୁ ବିରୋଧ କରିବା ସହ ତାଙ୍କୁ ସିଟ୍‌ରେ ବସାଇଥିଲେ। ଏ ନେଇ କ୍ୟାପ୍ଟେନ ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି)କୁ ସୂଚନା ଦେଇଥିଲେ। ଏଟିସି ମଧ୍ୟ ବିମାନବନ୍ଦର କର୍ତ୍ତୃପକ୍ଷକୁ ଅବଗତ କରାଇଥିଲେ। ବାରଣାସୀରେ ବିମାନ ଅବତରଣ କରିବା ପରେ ସିଆଇଏସ୍‌ଏଫ୍ ଅଭିଯୁକ୍ତ ଯାତ୍ରୀଙ୍କ ସମେତ ୯ ଜଣଙ୍କୁ ଗିରଫ କରିଛି। ସୂଚନା ମିଳିବା ମାତ୍ରେ ହିଁ ଏଟିସି, ଲୋକାଲ ଇଣ୍ଟେଲିଜେନ୍ସ ୟୁନିଟ (ଏଲଆଇୟୁ), ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଓ ସାଇବର କ୍ରାଇମର ଟିମ୍ ବିମାନ ବନ୍ଦରରେ ପହଞ୍ଚିଥିଲେ। ସବୁ ଅଭିଯୁକ୍ତ ବେଙ୍ଗାଲୁରୁରେ ରୁହନ୍ତି। ସ୍ଥାନୀୟ ପୁଲିସ ମାଧ୍ୟମରେ ଏମାନଙ୍କ ଠିକଣାର ଯାଞ୍ଚ୍ କରାଯାଉଛି। ବାବତପୁର ଥାନାରେ ଏମାନଙ୍କୁ ପଚାରଉଚରା କରାଯାଉଛି। ସମସ୍ତଙ୍କର ମୋବାଇଲ୍ ଓ କଲ ଡିଟେଲ ଚେକ୍ କରାଯାଉଛି ବୋଲି ପୁଲିସ ସୂଚନା ଦେଇଛି।

# ପୁଣି ଏକାଠି ଦେଖାଦେଲେ ଟ୍ରମ୍ପ-ମସ୍କ



ନୂଆଦିଲ୍ଲୀ, ୨୨।୯(ଏଜେନ୍ସି): ଦୀର୍ଘ କେତେମାସ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଟେସଲା ମାଲିକ ତଥା ବିଶିଷ୍ଟ ଶିଳ୍ପପତି ଏଲନ ମସ୍କ ଏକାଠି ନଜର ଆସିଛନ୍ତି। ବିବାଦ ପରେ ଦୁହେଁ ପାଖରେ ବସି ଏକାଠି ହେବା ସହ ପରସ୍ପର ସହ ହାତ ମିଳାଇଥିଲେ। ଆରିଜୋନାର ଗ୍ଲେଣ୍ଡେନସ୍ଥିତ ଏକ ଷ୍ଟାଡିୟମରେ ଚାର୍ଲି କିର୍କଙ୍କ ସ୍ମୃତିରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଦୁହିଁଙ୍କୁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଥିଲା। ଚାର୍ଲି କିର୍କଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ଏହି ଷ୍ଟାଡିୟମରେ ୨୦ ହଜାର ଲୋକଙ୍କ ସମେତ ଟ୍ରମ୍ପ ଓ ମସ୍କ ଏକାଠି ହୋଇଥିଲେ। ଚାର୍ଲି କିର୍କ ଜଣେ ଦକ୍ଷିଣପନ୍ଥୀ ନେତା ଓ ଟ୍ରମ୍ପଙ୍କ ଦୃଢ଼ ସମର୍ଥକ ଭାବେ ଜଣାଶୁଣା ଥିଲେ। ଗତ ସେପ୍ଟେମ୍ବର ୧୦ରେ ଉଟାହ ବିଶ୍ୱ ବିଦ୍ୟାଳୟରେ ତାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଉଲ୍ଲେଖଥାଉ କି ଗତ ରାଷ୍ଟ୍ରପତି ନିର୍ବାଚନରେ ମସ୍କ ଟ୍ରମ୍ପଙ୍କୁ ୧୭୦ ମିଲିଅନ୍ ଡଲାରରୁ ଅଧିକ ଅର୍ଥର ଚାନ୍ଦା ପ୍ରଦାନ କରିଥିଲେ ଓ ପରେ ମଧ୍ୟ ତାଙ୍କ ଉପଦେଷ୍ଟା ଭାବେ କାର୍ଯ୍ୟ କରିଥିଲେ। କିନ୍ତୁ ପରେ ଦୁହିଁଙ୍କ ମଧ୍ୟରେ ତିକ୍ତତା ବୃଦ୍ଧି ପାଇଥିଲା। ଟ୍ରମ୍ପଙ୍କ ଟ୍ୟାକ୍ସ ଓ ଖର୍ଚ୍ଚ ବିଲ୍‌କୁ ପାଗଳାମି ଓ ବିନାଶକାରୀ ବୋଲି ମସ୍କ କହିଥିଲେ। ଏହାପରେ ସାମାଜିକ ଗଣମାଧ୍ୟମରେ ଦୁହିଁଙ୍କ ବିବାଦ ଚରମ ସୀମାରେ ପହଞ୍ଚିଥିଲା। ଟ୍ରମ୍ପ ମସ୍କଙ୍କୁ ଆମେରିକା ବାହାରକୁ ପଠାଇବେ ବୋଲି କହିଥିଲେ। ଏହାପରେ ମସ୍କ ଆମେରିକା ଫାର୍ଷ୍ଟ ପାର୍ଟି ଗଠନ କରିବାକୁ ଘୋଷଣା କରିଥିଲେ। ଯଦିଓ ସେ ପରେ ପଛ ଘୁଞ୍ଚା ଦେଇଥିଲେ।

# ଅଭିନେତ୍ରୀ ଜ୍ୟାକଲିନ୍‌ଙ୍କୁ ସୁପ୍ରିମକୋର୍ଟ ଝଟ୍‌କା

ନୂଆଦିଲ୍ଲୀ, ୨୨।୯(ଏଜେନ୍ସି): କୁଖ୍ୟାତ ଠକ ସୁକେଶ ଚନ୍ଦ୍ରଶେଖର ସହିତ ଜଡିତ ମାମଲାରେ ବଲିଉଡ୍ ଅଭିନେତ୍ରୀ ଜ୍ୟାକଲିନ ଫର୍ଣ୍ଣାଣ୍ଡିଜ୍‌ଙ୍କ ସମସ୍ୟା ବଢ଼ିବାରେ ଲାଗିଛି। ସୁପ୍ରିମକୋର୍ଟ ତାଙ୍କର ଏକ ଆବେଦନକୁ ଆଜି ଖାରଜ କରିଛନ୍ତି। ସୁକେଶ ସହିତ ଜଡିତ ୨୦୦ କୋଟି ଟଙ୍କା ମନିଲଣ୍ଡରିଂ ମାମଲାକୁ ରଦ୍ଦ କରିବାକୁ ସେ ଆବେଦନ କରିଥିଲେ। ଏହି ମାମଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରୁଜୁ କରିଥିଲା। ଜଷ୍ଟିସ ଦୀପଙ୍କର ଦତ୍ତା ଓ ଜଷ୍ଟିସ୍ ଏଜି ମସିଙ୍କ ଖଣ୍ଡପୀଠ ଜ୍ୟାକଲିନ୍‌ଙ୍କ ଆବେଦନକୁ ଖାରଜ କରିଛନ୍ତି। ବରିଷ୍ଠ ଓକିଲ ମୁକୁଲ ରୋହତୋଗୀ ଜ୍ୟାକଲିନ୍‌ଙ୍କ ତରଫରୁ ତର୍କ ରଖିଥିଲେ। କିନ୍ତୁ ଅଭିଯୋଗ ପୂର୍ବ ଭଳି ରହିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଥିଲେ। ପୂର୍ବରୁ ଜୁଲାଇ ୩ରେ ଦିଲ୍ଲୀ ହାଇକୋର୍ଟ ଜ୍ୟାକଲିନ୍‌ଙ୍କ ଏହିଭଳି ଆବେଦନକୁ ଖାରଜ କରିଥିଲେ। ଯଦି କୌଣସି ବନ୍ଧୁ କାହାକୁ କିଛି ଉପହାର ଦିଅନ୍ତି ଓ ପରେ ସେ କୌଣସି ଅପରାଧରେ ସାମିଲ ଥିବା ଜଣାପଡେ, ତାହେଲେ ମାମଲା ବହୁତ ଜଟିଳ ହେବ। ପୁଣି ଅଜାଣତରେ ଏହି ଉପହାର ଦିଆଯାଇନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଥିଲେ। ସୁକେଶ ଜ୍ୟାକଲିନ୍‌ଙ୍କୁ ବହୁତ ଦାମୀ ଉପହାର ଦେଇଥିଲା ଓ ତାଙ୍କ ପିଛା ପାଖାପାଖି ୭ କୋଟି ଟଙ୍କା ଖର୍ଚ୍ଚ କରିଥିଲା। । ସୁକେଶ ଜ୍ୟାକଲିନ୍‌ଙ୍କୁ ଦାମୀ ଗହଣା, ୪ଟି ଦାମୀ ବିଲେଇ, ୫୭ ଲକ୍ଷ ଟଙ୍କାର ଘୋଡ଼ା, ବାହାରିନ୍‌ରେ ରହୁଥିବା ଜ୍ୟାକଲିନ୍ ମାତାପିତାଙ୍କୁ ୧.୮୯ କୋଟି ଟଙ୍କାର ଦୁଇଟି ଗାଡ଼ି (ପୋର୍ସ ଓ ମସୋରାଟି), ତାଙ୍କ ଭାଇଙ୍କୁ ଏସ୍‌ୟୁଭି ଓ ଭଉଣୀଙ୍କୁ ଦେଢ଼ କୋଟି ଟଙ୍କାର ବିଏମ୍‌ଡବ୍ଲ୍ୟୁ କାର ଉପହାର ଦେଇଥିଲା। ଏଥିପାଇଁ ଜ୍ୟାକଲିନ ମନି ଲଣ୍ଡରିଂ ମାମଲାରେ ଛନ୍ଦି ହେବା ସହ ଇଡି ତାଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଇଛି।

# ଅକ୍ଟୋବର ୭ରେ ଉମର ଖାଲିଦଙ୍କ ଜାମିନ ଶୁଣାଣି

ନୂଆଦିଲ୍ଲୀ, ୨୨।୯: ୨୦୨୦ ଦିଲ୍ଲୀ ଦଙ୍ଗା ମାମଲାରେ ଦୀର୍ଘ ୫ ବର୍ଷ ଧରି ବିନା ବିଚାରରେ ଜେଲରେ ଥିବା ଉମର ଖାଲିଦ ସମେତ ୫ ଜଣ ଛାତ୍ରଙ୍କ ଜାମିନ ଆବେଦନର ଶୁଣାଣି କରିବେ ସୁପ୍ରିମ କୋର୍ଟ। ଜାମିନ ଆବେଦନ ଉପରେ କୋର୍ଟ ଦିଲ୍ଲୀ ପୁଲିସକୁ ନୋଟିସ ଜାରି କରିବା ସହିତ ଉତ୍ତର ଲୋଡ଼ିଛନ୍ତି। ଉତ୍ତର ମିଳିଲା ପରେ ଆସନ୍ତା ଅକ୍ଟୋବର ୭ ତାରିଖରେ ମାମଲାର ଶୁଣାଣି କରାଯିବ ବୋଲି ଜଷ୍ଟିସ ଅରବିନ୍ଦ କୁମାର ଏବଂ ଜଷ୍ଟିସ ଏନଭି ଅଞ୍ଜାରିଆଙ୍କ ଖଣ୍ଡପୀଠ କହିଛନ୍ତି। ଏମାନେ ଛାତ୍ର ହୋଇଥିବାରୁ ସେମାନଙ୍କୁ ତୁରନ୍ତ ଜାମିନ ଦିଆଯାଉ ବୋଲି ଆବେଦନକାରୀଙ୍କ ପକ୍ଷରୁ ଅଭିଶେକ ମନୁ ସିଂହଭୀ ଯୁକ୍ତି କରିଥିଲେ। ଉମରଙ୍କ ସମେତ ସର୍ଜିଲ ଇମାମ, ମୀରାନ ହାଇଦର, ଗୁଲଫିସା ଫାତିମା ଓ ସିଫାଉର ରହେମାନ ଏହି ମାମଲାରେ ଜେଲରେ ଅଛନ୍ତି। ଦିଲ୍ଲୀ ହାଇକୋର୍ଟ ସେମାନଙ୍କର ଜାମିନ ଆବେଦନ ଖାରଜ କରିବା ପରେ ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ନିଜ ଦେଶରେ ପାକିସ୍ତାନର ବୋମାବର୍ଷା

## ୩୦ ନିହତ, ଶତାଧିକ ଆହତ



ଇସଲାମାବାଦ୍, ୨୨।୯ (ଏଜେନ୍ସି): ପାକିସ୍ତାନ ବାୟୁସେନା ନିଜ ଦେଶରେ ବୋମା ବର୍ଷା କରିଛି। ଆଜି ବିଳମ୍ବିତ ରାତି ୨ଟା ବେଳେ ଖାଇବର ପଖତୁନଖ୍ୱା ପ୍ରଦେଶର ଏକ ଗାଁ ଉପରେ ବାୟୁସେନା ଯୁଦ୍ଧ ବିମାନରୁ ବୋମା ବର୍ଷା କରାଯିବାରୁ ୩୦ ଜଣ ପ୍ରାଣ ହରାଇଛନ୍ତି ଏବଂ ଶତାଧିକ ଆହତ ହୋଇଛନ୍ତି। ମୃତକମାନଙ୍କ ମଧ୍ୟରେ ଅଧିକାଂଶ ମହିଳା ଓ ଶିଶୁ ଥିବା କୁହାଯାଉଛି। ଆତଙ୍କବାଦୀଙ୍କୁ ଟାର୍ଗେଟ କରି ପାକିସ୍ତାନ ଚୀନ ନିର୍ମିତ ଜେଟରୁ ବୋମାମାଡ଼ କରିଥିବା କୁହାଯାଉଥିବା ବେଳେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ଶକ୍ତିଶାଳୀ ବୋମା ବିସ୍ଫୋରଣ ଯୋଗୁଁ ମୃତ୍ୟୁ ଘଟିଛି। ଏହାକୁ ନେଇ ସମଗ୍ର ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ମିଳିଥିବା ସୂଚନା ଅନୁଯାୟୀ ରାତି ଦୁଇଟାରେ ଲୋକ ଶୋଇଥିବା ବେଳେ ତିରା ଉପତ୍ୟକାର ମାତ୍ରେ ଡାରା ଗାଁରେ ପାକିସ୍ତାନୀ ବାୟୁସେନା ଚୀନ୍‌ର ବିମାନ ଜେଏଫ୍-୧୭ରୁ ୮ଟି ଏଲ୍‌ଏସ୍-୬ ବୋମାମାଡ଼ କରିଥିଲା। ଏହା ଏକ ନରସଂହାର ଭଳି ସ୍ଥିତି ସୃଷ୍ଟି କରିଛି। ବୋମାମାଡ଼ ପରେ ଘଟଣାସ୍ଥଳର ବିଚଳିତ କଲା ଭଳି ଚିତ୍ର ସାମ୍ନାକୁ ଆସିଛି ଓ ଏହା ଭାଇରାଲ ହୋଇଛି। ମୃତଦେହଗୁଡିକ ବୀଭତ୍ସ ଭାବେ ଏପଟେ ସେପଟେ ପଡ଼ି ରହିଥିବା ବେଳେ ଆହତ ବ୍ୟକ୍ତିମାନେ ମଧ୍ୟ ଚିକିତ୍ସା ଅପେକ୍ଷାରେ ଚିତ୍କାର କରୁଥିବା ଦେଖାଯାଇଛି। ମୃତ୍ୟୁସଂଖ୍ୟା ଆହୁରି ବୃଦ୍ଧିପାଇବ ବୋଲି ଆଶଙ୍କା କରାଯାଉଛି।

ଏହି ଘଟଣା ନେଇ ପାକିସ୍ତାନ ତରଫରୁ ଆନୁଷ୍ଠାନିକ ଭାବେ କୌଣସି ସୂଚନା ଦିଆଯାଇନାହିଁ। ତେବେ ବୋମା ମାଡ଼ ଏତେ ଭୟଙ୍କର ଥିଲା ଯେ, ଅଧା ଗାଁ ଧ୍ୱଂସ ହୋଇଯାଇଛି। କିଛି ଆହତଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କେପିକେରେ ଆତଙ୍କବାଦ ବିରୋଧୀ ଅଭିଯାନ ଚାଲୁଛି ଓ ଏଥିପାଇଁ ଏହି ଆକ୍ରମଣ ହୋଇଥିବା କୁହାଯାଉଛି। ଏହି ଅଞ୍ଚଳ ଦୀର୍ଘ ଦିନ ଧରି ଅଶାନ୍ତ ରହିଛି ଓ ପାକ୍ ସରକାରଙ୍କ କର୍ତ୍ତୃତ୍ୱ ଏଠାରେ ପ୍ରାୟ ନାହିଁ କହିଲେ ଚଳେ। ଏଠାରେ ଚାଲିଥିବା ଆତଙ୍କବାଦୀ ନିପାତ ଅଭିଯାନରେ ଅନେକ ନିରୀହ ଲୋକ ପ୍ରାଣ ହରାଉଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖିବାକୁ ମିଳିଛି।

ଆତଙ୍କବାଦୀ ସଂଗଠନ ତେହରିକ-ଇ- ତାଲିବାନ (ଟିଟିପି)କୁ ଟାର୍ଗେଟ କରି ବାୟୁସେନା ଏହି ବୋମା ମାଡ଼ କରିଥିଲା। କିନ୍ତୁ ଏହା ଗାଁ ଉପରେ ପଡ଼ିଥିଲା ଓ ସାଧାରଣ ଲୋକ ପ୍ରାଣ ହରାଇଥିଲେ ବୋଲି କେତେକ ସ୍ଥାନୀୟ ଗଣମାଧ୍ୟମ ଉଲ୍ଲେଖ କରିଛନ୍ତି। ଗତ କିଛି ଦିନ ମଧ୍ୟରେ କେପିକେରେ ଆତଙ୍କବାଦୀଙ୍କ ବିରୋଧରେ କେତୋଟି ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହା ଆଫଗାନିସ୍ତାନ ସୀମାରେ ଥିବା ପାହାଡି ଅଞ୍ଚଳକୁ ଲାଗି ରହିଛି। ତେଣୁ ଏହାକୁ ଟିଟିପି ତଥା ଆତଙ୍କବାଦୀଙ୍କ ଚରାଭୂଇଁ ବୋଲି କୁହାଯାଇଥାଏ। ଏହି ଅଞ୍ଚଳରେ ଆତଙ୍କବାଦୀଙ୍କର ଏକାଧିକ ଠିକଣା ରହିଛି। କିଛିଦିନ ତଳେ ଏଠାରେ ହୋଇଥିବା ଆକ୍ରମଣରେ ୭ ଜଣ ଟିଟିପି ଆତଙ୍କବାଦୀ ନିହତ ହୋଇଥିଲେ ବୋଲି ପାକିସ୍ତାନ ସେନା ତରଫରୁ କୁହାଯାଇଥିଲା। ଚଳିତବର୍ଷ ଅଗଷ୍ଟ ପର୍ଯ୍ୟନ୍ତ କେପିକେରେ ୬୦୫ଟି ଆତଙ୍କବାଦୀ ସମ୍ପର୍କିତ ଘଟଣା ଘଟିଥିଲା। ଏଥିରେ ୧୩୮ ଜଣ ସାଧାରଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୩୫୨ ଜଣ ଆହତ ହୋଇଥିଲେ। ସେହିପରି ୭୯ ପୁଲିସ କର୍ମଚାରୀ ମୃତ୍ୟୁବରଣ କରିଥିବା ବେଳେ ୧୩୦ ଜଣ ଆହତ ହୋଇଥିଲେ ବୋଲି କୁହାଯାଇଥିଲା। କେବଳ ଅଗଷ୍ଟରେ କେପିକେରେ ୧୨୯ଟି ଆତଙ୍କବାଦୀ ଆକ୍ରମଣ ହୋଇଥିଲା। ୧୯୮୯ରେ ସୋଭିଏତ ୟୁନିୟନ ଚାଲିଯିବା ପରେ ଏହି ଅଞ୍ଚଳରେ ଆରମ୍ଭ ହୋଇଥିବା ଅରାଜକତା ଏପର୍ଯ୍ୟନ୍ତ ଚାଲୁ ରହିଛି।

# ୨୪ ଘଣ୍ଟାରେ ୪ ଦେଶ ପାଲେଷ୍ଟାଇନ୍‌କୁ ଦେଲେ ମାନ୍ୟତା

ଲଣ୍ଡନ, ୨୨।୯(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଅସ୍ଥିରତାର କେନ୍ଦ୍ର ବିନ୍ଦୁ କୁହାଯାଉଥିବା ପାଲେଷ୍ଟାଇନ୍‌କୁ ରାଷ୍ଟ୍ର ମାନ୍ୟତା ଦେବାରେ ଏବେ ଏକ ପ୍ରକାର ପ୍ରତିଯୋଗିତା ଚାଲିଛି। ଗତ ୨୪ ଘଣ୍ଟା ମଧ୍ୟରେ ୪ଟି ବିକଶିତ ଦେଶ ପାଲେଷ୍ଟାଇନ୍‌କୁ ଔପଚାରିକ ଭାବେ ଏକ ସ୍ୱତନ୍ତ୍ର ଦେଶର ମାନ୍ୟତା ପ୍ରଦାନ କରିଛନ୍ତି। ଏହି ଦେଶଗୁଡିକ ହେଲେ ବ୍ରିଟେନ, କାନାଡା, ଅଷ୍ଟ୍ରେଲିଆ ଓ ପର୍ତ୍ତୁଗାଲ। ଫଳରେ ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବାରେ ଏବେ ଦେଶଗୁଡିକର ସଂଖ୍ୟା ୧୫୦ରେ ପହଞ୍ଚିଛି। ବ୍ରିଟେନ ପ୍ରଧାନମନ୍ତ୍ରୀ କେର ଷ୍ଟାରମର ଦୁଇ ରାଷ୍ଟ୍ର ସମାଧାନ ହିଁ ଶାନ୍ତିର ଏକମାତ୍ର ରାସ୍ତା ବୋଲି କହିଛନ୍ତି। ସେହିପରି ପାଲେଷ୍ଟାଇନ୍‌କୁ ରାଷ୍ଟ୍ରର ମାନ୍ୟତା ଦେବା ହିଁ ଶାନ୍ତିର ଏକମାତ୍ର ରାସ୍ତା ବୋଲି ପର୍ତ୍ତୁଗାଲ ବୈଦେଶିକ ମନ୍ତ୍ରୀ ପାଓଲୋ ରାଙ୍ଗେଲ କହିଛନ୍ତି। ଏହା ଦ୍ୱାରା ଗାଜାରେ ଇସ୍ରାଏଲର ଆକ୍ରମଣ ଓ ମାନବୀୟ ସଙ୍କଟ କମ୍ ହେବ ଓ ଇସ୍ରାଏଲ ଉପରେ ଏ ନେଇ ଚାପ ବୃଦ୍ଧି ପାଇବ। ତେବେ ଆମେରିକା ଏବେ ମଧ୍ୟ ପାଲେଷ୍ଟାଇନ୍‌କୁ ରାଷ୍ଟ୍ର ଭାବେ ମାନ୍ୟତା ଦେଇନାହିଁ। ଫ୍ରାନ୍ସ ମଧ୍ୟ ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବାକୁ ପୂର୍ବରୁ ଘୋଷଣା କରିସାରିଛି ଓ ଜାତିସଂଘରେ ମାନ୍ୟତା ଦେବା ସପକ୍ଷରେ ଭୋଟ ଦେବାକୁ ଘୋଷଣା କରିସାରିଛି। ବ୍ରିଟେନ ପ୍ରଧାନମନ୍ତ୍ରୀ ଭିଡିଓ ବାର୍ତ୍ତାଦେଇ ପାଲେଷ୍ଟାଇନ୍‌କୁ ମାନ୍ୟତା ଦେବାକୁ ଘୋଷଣା କରିଛନ୍ତି। ସବୁଠାରୁ ବଡ଼ କଥା ହେଉଛି ଆମେରିକାର ନିକଟତମ ବନ୍ଧୁ ଦେଶଗୁଡିକ ମଧ୍ୟ ପାଲେଷ୍ଟାଇନ୍‌କୁ ରାଷ୍ଟ୍ରର ମାନ୍ୟତା ଦେଉଛନ୍ତି।

**୧୫୦ ଦେଶ ସମର୍ଥନ କରିସାରିଛନ୍ତି**

**ଏବେ ମଧ୍ୟ ଆମେରିକାର ବିରୋଧ**

ସେପଟେ ଏଭଳି ପଦକ୍ଷେପ ଆତଙ୍କବାଦକୁ ପୁରସ୍କୃତ କରିବା ସଦୃଶ ହେବ ବୋଲି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି। ଜୋର୍ଡାନ ନଦୀର ପଶ୍ଚିମରେ ପାଲେଷ୍ଟାଇନ ଦେଶ ସୃଷ୍ଟି ହେବ ନାହିଁ। ସେହିପରି ୱେଷ୍ଟବ୍ୟାଙ୍କରେ ଇହୁଦୀ ବସ୍ତିକୁ ଦୁଇଗୁଣା କରାଯାଇଛି ଓ ଏହାକୁ ଆହୁରି ବୃଦ୍ଧି କରାଯିବ। ଆମେରିକାରୁ ଫେରିବା ପରେ ଯାଇ ଏହି ମାନ୍ୟତା ଦେବା ପ୍ରକ୍ରିୟାକୁ ନେଇ ଜବାବ ଦେବେ ବୋଲି ନେତାନ୍ୟାହୁ କହିଛନ୍ତି। ଗାଜାରେ ଦୁଇବର୍ଷ ହେବ ଚାଲିଥିବା ଯୁଦ୍ଧରେ ନାହିଁ ନଥିବା ସ୍ଥିତି ସୃଷ୍ଟି ହୋଇଛି। ଦୁର୍ଭିକ୍ଷ, ଧ୍ୱଂସର ଚିତ୍ର ସାରା ବିଶ୍ୱକୁ ବ୍ୟଥିତ କରିଛି। ଇସ୍ରାଏଲର ଲଗାତର ସାମାରିକ କାର୍ଯ୍ୟାନୁଷ୍ଠାନକୁ ନେଇ ବିଶ୍ୱରେ ସ୍ୱର ପରିବର୍ତ୍ତନ ହେବାରେ ଲାଗିଛି। ଫଳରେ ବହୁ ଦେଶ ଏବେ ପାଲେଷ୍ଟାଇନ୍‌କୁ ସ୍ୱତନ୍ତ୍ର ଦେଶ ଭାବେ ମାନ୍ୟତା ଦେବାକୁ ଆଗଭର ହୋଇଛନ୍ତି।

# ବିନା ଆକ୍ରମଣରେ ପିଓକେ ଫେରିଆସିବ: ରାଜନାଥ

ନୂଆଦିଲ୍ଲୀ, ୨୨।୯(ଏଜେନ୍ସି): ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ନେଇ ପୁଣି ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। ବିନା କୌଣସି ଯୁଦ୍ଧ, ସଂଘର୍ଷ ଓ ଲଢ଼େଇରେ ପିଓକେ ସ୍ୱତଃ ଭାରତରେ ମିଶିଯିବ ବୋଲି ସେ କହିଛନ୍ତି। ପିଓକେର ଲୋକ ସ୍ୱାଧୀନତା ପାଇଁ ଦାବି କରିଆସୁଛନ୍ତି ଓ ଏମିତି ଗୋଟିଏ ଦିନ ଆସିବ ସେମାନେ 'ମୁଁ ବି ଭାରତ' ବୋଲି କହି ଗର୍ବ କରିବେ। ଉତ୍ତରପଶ୍ଚିମ ଆଫ୍ରିକୀୟ ଦେଶ ମୋରୋକ୍କୋ ରାଜଧାନୀ ରାବାଟ୍‌ରେ ଭାରତୀୟ ସମୁଦାୟ ସହ କଥା ହେବା ବେଳେ ରାଜନାଥ ଏହି କଥା କହିଛନ୍ତି। ୫ ବର୍ଷ ପୂର୍ବେ କାଶ୍ମୀରରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଏହି କଥା କହିଥିବା ମନେ ପକାଇଦେଇଥିଲେ। ମେ ୭ରେ ଅପରେସନ ସିନ୍ଦୂର ଅବସରରେ ଆମେ ପିଓକେ ପୁଣି ହାସିଲ କରିବାର ସୁଯୋଗ ହାତଛଡା କରିଛୁ। ହଠାତ ଅସ୍ତ୍ର ବିରତି ଘୋଷଣା କରିବା ଫଳରେ ଭାରତ ଏହି ସୁଯୋଗ ହାତଛଡ଼ା କରିଥିଲା ବୋଲି ବିରୋଧୀ ଦଳର ନେତାମାନେ ଆକ୍ଷେପ କରି କହିଥିଲେ। ଫଳରେ ଏଭଳି ସ୍ଥିତିରେ ରାଜନାଥଙ୍କ ଏହି ମନ୍ତବ୍ୟ ଗୁରୁତ୍ୱ ବହନ କରୁଛି। ଭବିଷ୍ୟତରେ ଆମ ସରକାର ଯେକୌଣସି ପ୍ରକାର ଆତଙ୍କବାଦୀ ଆକ୍ରମଣକୁ କଡ଼ା ଜବାବ ଦେବା ନେଇ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛି। ଅପରେସନ ସିନ୍ଦୂର କେବଳ ରୋକା ଯାଇଛି ଓ ଆବଶ୍ୟକ ପଡ଼ିଲେ ପୁଣି ଆରମ୍ଭ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଆମେ ଧର୍ମ ନୁହଁ କର୍ମ ଦେଖି ମାରିଛୁ ବୋଲି ସେ କହିଛନ୍ତି।

# ୫୮ ବର୍ଷ ପରେ ଜାତିସଂଘ ମହାସଭାରେ ସିରିଆ

ୱାଶିଂଟନ, ୨୨।୯(ଏଜେନ୍ସି): ପଶ୍ଚିମ ଏସିଆ ଦେଶ ସିରିଆ ପାଖାପାଖି ୬ ଦଶନ୍ଧି ପରେ ଜାତିସଂଘ ଜେନେରାଲ ଆସେମ୍ବ୍ଲି ବା ମହାସଭାରେ ସାମିଲ ହେବ। ୫୮ ବର୍ଷ ପରେ ସିରିଆକୁ ଏହି ସୁଯୋଗ ମିଳିଥିବାରୁ ସିରିଆ ରାଷ୍ଟ୍ରପତି ଅହମ୍ମଦ ଅଲ- ଶରା ରବିବାର ନ୍ୟୁୟର୍କ ପହଞ୍ଚିଛନ୍ତି। ସେ ଜାତିସଂଘ ୮୦ତମ ମହାସଭାରେ ଅଂଶଗ୍ରହଣ କରିବେ। ମହାସଭା ମଙ୍ଗଳବାରଠାରୁ ଆରମ୍ଭ ହୋଇ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାପୂର୍ବରୁ ୧୯୬୭ରେ ସେତେବେଳେର ରାଷ୍ଟ୍ରପତି ନୁର ଅଲ-ଦିନ ଅଲ-ଅତାସୀ ୟୁଏନ୍‌ଜିଏରେ ଅଂଶଗ୍ରହଣ କରିଥିଲେ। ଏହାପରେ ସିରିଆରେ ଅସଦ ପରିବାର (ହାଫିଜ ଅସଦ ଓ ବସର ଅସଦ) ଦୀର୍ଘ ୫୦ ବର୍ଷ ଧରି ଶାସନ କରିଥିଲେ। ଗତବର୍ଷ ଅସଦ ପରିବାରକୁ ଶାସନରୁ ବିତାଡିତ କରି ଅଲ-ଶରା ମଧ୍ୟବର୍ତ୍ତୀକାଳୀନ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏବେ ସିରିଆ ସରକାର ଆମେରିକା ସମେତ ପାଶ୍ଚାତ୍ୟ ଦେଶଗୁଡିକ ସହ ରାଜନୈତକ ତଥା କୂଟନୈତିକ ସମ୍ପର୍କ ସୁଧାରିବାକୁ ପ୍ରୟାସ କରିବେ। ଇସ୍ରାଏଲ ସହିତ ସିରିଆର ଏବେ ସମ୍ପର୍କ ସେତେଟା ଭଲ ନଥିବା ବେଳେ ଏହାକୁ ସୁଧାରିବାକୁ ଚେଷ୍ଟା କରାଯିବ ବୋଲି କୁହାଯାଇଛି।

**ଅହମଦାବାଦ ବିମାନ ଦୁର୍ଘଟଣା**

# ପାଇଲଟଙ୍କ ତ୍ରୁଟିକୁ ନେଇ ଚର୍ଚ୍ଚା ଦୁର୍ଭାଗ୍ୟଜନକ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି): ଅହମଦାବାଦ୍‌ରେ ହୋଇଥିବା ବିମାନ ଦୁର୍ଘଟଣାରେ ପାଇଲଟ୍‌ଙ୍କ ତ୍ରୁଟି ଥିବା ନେଇ ହେଉଥିବା ଚର୍ଚ୍ଚାକୁ ଦୁର୍ଭାଗ୍ୟଜନକ ଓ ଅବସୋସଜନକ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏଥିପାଇଁ କୋର୍ଟ ସୋମବାର କେନ୍ଦ୍ର ସରକାର, ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଓ ବିମାନ ଦୁର୍ଘଟଣା ଯାଞ୍ଚ ବ୍ୟୁରୋ (ଏଏଆଇବି) ଠାରୁ ଜବାବ ମାଗିଛନ୍ତି। ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଓ ଜଷ୍ଟିସ ଏନ୍‌କେ ସିଂଙ୍କୁ ନେଇ ଗଠିତ ଖଣ୍ଡପୀଠ ସେଫ୍ଟି ମ୍ୟାଟର୍ସ ଫାଉଣ୍ଡେସନ ନାମକ ଏନ୍‌ଜିଓ ଦ୍ୱାରା କରାଯାଇଥିବା ଜନସ୍ୱାର୍ଥ ମାମଲାର ଶୁଣାଣି କରି କେନ୍ଦ୍ର ବିମାନ ଚଳାଚଳ ମନ୍ତ୍ରଣାଳୟ, ଏଏଆଇବି, ଡିଜିସିଏକୁ ନୋଟିସ ଜାରି କରିଛନ୍ତି। କୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଦୁର୍ଘଟଣାର ତଦନ୍ତ ସ୍ୱତନ୍ତ୍ର ଭାବେ କରାଇବାକୁ ଏହି ଏନ୍‌ଜିଓ ଦାବି କରିଛି। ଦୁର୍ଘଟଣାର ତଦନ୍ତ ନେଇ ପ୍ରାରମ୍ଭିକ ରିପୋର୍ଟରେ ଆବଶ୍ୟକ ସୂଚନାକୁ ଲୁଚାଇବାକୁ ପ୍ରୟାସ କରାଯାଇଛି। ଏହା ଦ୍ୱାରା ନାଗରିକଙ୍କ ଜୀବନ, ସମାନତା ଓ ପ୍ରକୃତ ସୂଚନା ପାଇବାର ଅଧିକାରକୁ କ୍ଷୁର୍ଣ୍ଣ କରୁଛି ବୋଲି ଏନ୍‌ଜିଓ ତରଫରୁ କୁହାଯାଇଛି। ଉଲ୍ଲେଖଥାଉ କି, ଗତ ଜୁନ୍ ୧୨ରେ ଅହମଦାବାଦ ବିମାନ ବନ୍ଦରରୁ ଏୟାର ଇଣ୍ଡିଆର ବୋଇଂ ୭୮୭ ବିମାନ ଟେକଅପ୍ କରିବାର କିଛି ସେକେଣ୍ଡ ପରେ ଏକ ମେଡିକାଲ କଲେଜ ହଷ୍ଟେଲ ବିଲ୍ଡିଂରେ ଉପରେ ଦୁର୍ଘଟଣାଗ୍ରସ୍ତ ହୋଇ ଖସିପଡ଼ିଥିଲା। ଏଥିରେ ମୋଟ୍ ୨୭୦ ଜଣ ଲୋକ ମୃତ୍ୟୁବରଣ କରିଥିଲେ। ଦୁର୍ଘଟଣା ଘଟିବାର ୧୦୦ ଦିନ ବିତିଯାଇଥିଲେ ମଧ୍ୟ କେବଳ ପ୍ରାରମ୍ଭିକ ରିପୋର୍ଟ ଜାରି ହୋଇଛି ବୋଲି ଏନ୍‌ଜିଓ ତରଫରୁ ଓକିଲ ପ୍ରଶାନ୍ତ ଭୂଷଣ କୋର୍ଟରେ କହିଛନ୍ତି। ନିରପେକ୍ଷ ଯାଞ୍ଚ ହେବା ନେଇ ହେଉଥିବା ଦାବି ଠିକ୍। କିନ୍ତୁ ସବୁ ନିଷ୍କର୍ଷକୁ ସାର୍ବଜନୀନ କରାଯିବା ଯାଞ୍ଚ ପ୍ରଭାବିତ ହୋଇପାରେ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଜୁଲାଇ ୧୨ରେ ଏଏଆଇବି ଦୁର୍ଘଟଣାର ରିପୋର୍ଟ ଜାରି କରିଥିଲା। ଏଥିରେ ଦୁଇ ପାଇଲଟଙ୍କ ମଧ୍ୟରେ କଥାବାର୍ତ୍ତା ବିଷୟରେ ଉଲ୍ଲେଖ କରାଯାଇଥିଲା।

**କେନ୍ଦ୍ର, ଡିଜିସିଏ, ଏଏଆଇବିଠାରୁ ଜବାବ ମାଗିଲେ**

# ମହାକାଶରେ ଉପଗ୍ରହର ସୁରକ୍ଷା ପାଇଁ 'ବଡିଗାର୍ଡ ସାଟେଲାଇଟ୍'



ନୂଆଦିଲ୍ଲୀ, ୨୨।୯(ଏଜେନ୍ସି): ମହାକାଶରେ ଦିନକୁ ଦିନ ବୃଦ୍ଧି ପାଉଥିବା ବିପଦ ଓ ଶତ୍ରୁ ଦେଶଗୁଡିକର ଗିତିବିଧିକୁ ଲକ୍ଷ୍ୟ କରି ଭାରତ ସରକାର ନିଜର ଉପଗ୍ରହଗୁଡିକର ସୁରକ୍ଷା ପାଇଁ ନୂଆ ଯୋଜନା ହାତକୁ ନେବାକୁ ଯାଉଛି। ଏଥିପାଇଁ ଭାରତ ସରକାର ଏବେ ନିଜ ଉପଗ୍ରହଗୁଡିକର ସୁରକ୍ଷା ପାଇଁ 'ବଡିଗାର୍ଡ ସାଟେଲାଇଟ୍' ତିଆରି କରିବାକୁ ଯୋଜନା କରୁଛି। ଏହି ବଡିଗାର୍ଡ ସାଟେଲାଇଟ୍ ଭାରତୀୟ ଉପଗ୍ରହଗୁଡିକୁ ସୁରକ୍ଷା ଦେବା ସହ ସବୁପ୍ରକାର ସନ୍ଦିଗ୍ଧ ଗତିବିଧି ନେଇ ତୁରନ୍ତ ସୂଚନା ଦେବ। ୨୦୨୪ ମଧ୍ୟ ଭାଗରେ ଏକ ପଡୋଶୀ ଦେଶର ଉପଗ୍ରହ ଇସ୍ରୋ ଉପଗ୍ରହଠାରୁ ମାତ୍ର ୧ କିମି ଦୂରରେ ଚାଲିଯାଇଥିଲା। ଏହାକୁ ଲକ୍ଷ୍ୟ ରଖି ଭାରତ ଏବେ ଏହି ନୂଆ ଯୋଜନାକୁ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛି। ସରକାର ଏବେ ଷ୍ଟାର୍ଟଅପ୍ ସହିତ ମିଶି ଏଲଆଇଡିଏଆର ସଟେଲାଇଟ୍ ଓ ଗ୍ରାଉଣ୍ଡ ବେସ୍‌ଡ ରାଡାର ଭଳି ସିଷ୍ଟମ ଉପରେ କାର୍ଯ୍ୟ କରୁଛନ୍ତି। ଏହାଦ୍ୱାରା ବହୁ ପୂର୍ବରୁ ବିପଦକୁ ଚିହ୍ନଟ କରି ଉପଗ୍ରହଗୁଡିକୁ ସୁରକ୍ଷିତ ସ୍ଥାନକୁ ପଠାଯାଇପାରିବ। ଉଲ୍ଲେଖଥାଉ କି ଭାରତ ପାଖରେ ଏବେ ୧୦୦ରୁ ଉର୍ଦ୍ଧ୍ୱ ଉପଗ୍ରହ ରହିଥିବା ବେଳେ ଚୀନ୍ ପାଖରେ ୯୩୦ରୁ ଉର୍ଦ୍ଧ୍ୱ ଓ ପାକିସ୍ତାନ ପାଖରେ ୮ଟି ଉପଗ୍ରହ ରହିଛି। ପୂର୍ବରୁ ଗତ ଜୁନ୍‌ରେ ଏୟାର ମାର୍ଶାଲ ଆଶୁତୋଷ ଦୀକ୍ଷିତ୍ ଅନ୍ତରୀକ୍ଷ ସୁରକ୍ଷା ନେଇ ଚେତାବନୀ ଦେଇଥିଲେ। ଅନ୍ତରୀକ୍ଷ ହେଉଛି ସବୁଠାର ଉଚ୍ଚ ଓ ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ର। ଆମକୁ ଏହାକୁ ସୁରକ୍ଷିତ ରଖିବାକୁ ପଡ଼ିବ। ନହେଲେ ଆମକୁ ଭବିଷ୍ୟତରେ କୌଣସି ସୂଚନା ମିଳିବା କଷ୍ଟକର ହେବ ବୋଲି ସେ ସତର୍କ କରାଇଥିଲେ। ସରକାର ୨୦୨୯ ସୁଦ୍ଧା ଅର୍ଥାତ ଆଗାମୀ ୪ ବର୍ଷରେ ୫୨ଟି ସ୍ୱତନ୍ତ୍ର ପ୍ରତିରକ୍ଷା ସାଟେଲାଇଟ୍ ମହାକାଶକୁ ପଠାଇବ। ଏହି ସାଟେଲାଇଟ୍‌ଗୁଡିକ ଅନ୍ତ ରୀକ୍ଷରେ ଭାରତର ଆଖି ଭଳି କର୍ଯ୍ୟକରିବ ଓ ଜଗି ରହିବ ଓ ପାକିସ୍ତାନ- ଚୀନ୍ ସୀମା ଉପରେ କ୍ରମାଗତ ନଜର ରଖିବ।

# ପରମାଣୁ ଅସ୍ତ୍ର ନିୟନ୍ତ୍ରଣ ଚୁକ୍ତିକୁ ବୃଦ୍ଧି କରିବାକୁ ପୁଟିନ ରାଜି

ମସ୍କୋ, ୨୨।୯(ଏଜେନ୍ସି): ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ ନ୍ୟୁ ଷ୍ଟ୍ରାଟେଜିକ ଆର୍ମ୍ସ ରିଡକସନ ଟ୍ରିଟି (ନ୍ୟୁ ଷ୍ଟାର୍ଟ)କୁ ଗୋଟିଏ ବର୍ଷ ବୃଦ୍ଧି କରିବାକୁ ଇଚ୍ଛା ଜାହିର କରିଛନ୍ତି ଓ ଏଥିପାଇଁ ରୁଷ୍ ପ୍ରସ୍ତୁତ ବୋଲି କହିଛନ୍ତି। କିନ୍ତୁ ସେ ଗୋଟିଏ ସର୍ତ୍ତ ରଖିଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଏଥିପାଇଁ ପ୍ରସ୍ତୁତ ହେବା ସହ ଆଗକୁ ବଢ଼ିବା ଆବଶ୍ୟକ ବୋଲି ସେ କହିଛନ୍ତି। ୨୦୧୦ରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହା ଦୁଇ ମହାଶକ୍ତିଙ୍କ ମଧ୍ୟରେ ଶେଷ ପରମାଣୁ ଅସ୍ତ୍ର ନିୟନ୍ତ୍ରଣ ବୁଝାମଣା ଥିଲା। ଏହି ଚୁକ୍ତି ଅନୁସାରେ ଦୁଇଦେଶ ପାଖରେ ଥିବା ପରାମାଣୁ ଅସ୍ତ୍ର, ମିସାଇଲ ଓ ବମ୍ବରଗୁଡିକର ସଂଖ୍ୟା ଉପରେ କଟକଣା ଲାଗୁ ହୋଇଥିଲା। ଏହି ଚୁକ୍ତିକୁ ଆଗକୁ ବଢ଼ାଇବା ବିଶ୍ୱ ପାଇଁ ହିତକର ବୋଲି ପୁଟିନ କହିଛନ୍ତି। ତେବେ ଏ ନେଇ ଆମେରିକା ତା'ର ପ୍ରତିକ୍ରିୟା ଦେଇ ନାହିଁ। ସେତେବେଳେର ରାଷ୍ଟ୍ରପତି ବାରାକ ଓବାମା ଏହି ଚୁକ୍ତିରେ ସ୍ୱାକ୍ଷର କରିଥିଲେ।

# ଉତ୍ତରପୂର୍ବାଞ୍ଚଳକୁ ଅଣଦେଖା କରିଛି କଂଗ୍ରେସ: ପ୍ରଧାନମନ୍ତ୍ରୀ



ଇଟାନଗର, ୨୨।୯(ଏଜେନ୍ସି): ପ୍ରଧାନମନ୍ତ୍ରୀ ସୋମବାର ତ୍ରିପୁରା ପହଞ୍ଚିଛନ୍ତି। ଗୋମତି ଜିଲ୍ଲାରେ ସେ ପୁନଃନିର୍ମିତ ତ୍ରିପୁର ସୁନ୍ଦରୀ ମନ୍ଦିରର ଉଦ୍‌ଘାଟନ କରିଛନ୍ତି। ଏହି ମନ୍ଦିର ଦେଶରେ ଥିବା ୫୧ଟି ଶକ୍ତିପୀଠରୁ ଅନ୍ୟତମ। କେନ୍ଦ୍ର ସରକାରଙ୍କ ପିଲଗ୍ରିମେଜ ରେଜୁଭେନସନ ଆଣ୍ଡ ସ୍ପିରିଚୁଆଲିଟି ଅଗୁମେଣ୍ଟେସନ ଡ୍ରାଇଭ (ପ୍ରସାଦ) ଯୋଜାନ ଅନୁସାରେ ଏହି ମନ୍ଦିରର ପୁନଃନିର୍ମାଣ ପାଇଁ ୫୨ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ପ୍ରଧାନମନ୍ତ୍ରୀ ଅରୁଣାଚଳ ଓ ତ୍ରିପୁରା ଗସ୍ତରେ ଅଛନ୍ତି। ଏହାପୂର୍ବରୁ ଇଟାନଗରରେ ପହଞ୍ଚି ସେ ୫, ୧୦୦ କୋଟି ଟଙ୍କାର ନୂଆ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ସେ କଂଗ୍ରେସର ସମାଲୋଚନା କରି କହିଛନ୍ତି ଯେ ଏହି ଦଳର ସରକାର ସମ୍ପୂର୍ଣ୍ଣ ଉତ୍ତରପୂର୍ବାଞ୍ଚଳକୁ ଅଣଦେଖା କରିଛି। ଏବେ ମୋତେ ସେବା କରିବାର ସୁଯୋଗ ମିଳିଛି। କଂଗ୍ରେସର ଏହି ଚିନ୍ତାଧାରାରୁ ଦେଶକୁ ମୁକ୍ତି ମିଳିଛି। ଯେଉଁ ଉତ୍ତରପୂର୍ବାଞ୍ଚଳକୁ କଂଗ୍ରେସ ଭୁଲି ଯାଇଥିଲା, ସେଠାରେ ୨୦୧୪ରେ ପରେ ବିକାଶକୁ ପ୍ରାଥମିକତା ଦିଆଯାଇଛି। ଉତ୍ତରପୂର୍ବାଞ୍ଚଳର ୮ଟି ରାଜ୍ୟକୁ ଆମେ ଅଷ୍ଟଲକ୍ଷ୍ମୀ ବୋଲି ବିବେଚନା କରୁଛୁ। ଏହି ୮ଟି ରାଜ୍ୟ ହେଲା ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକ୍କିମ ଓ ତ୍ରିପୁରା। ଏହି ୮ଟି ରାଜ୍ୟ ବିକାଶର ଶୀର୍ଷକୁ ଛୁଇଁବ ବୋଲି ସେ କହିଛନ୍ତି।

# କାନାଡାରେ ଆତଙ୍କବାଦୀ ପନ୍ନୁର ସହଯୋଗୀ ଗିରଫ

ଓଟ୍ଟାୱା, ୨୨।୯ (ଏଜେନ୍ସି): ଖଲିସ୍ତାନୀ ଆତଙ୍କବାଦୀ ତଥା ଶିଖ ଫର ଜଷ୍ଟିସ (ଏସ୍‌ଏଫ୍‌ଜେ) ମୁଖ୍ୟ ପନ୍ନୁର ଜଣେ ଘନିଷ୍ଠ ସହଯୋଗୀ ଇନ୍ଦରଜିତ୍ ସିଂହ ଗୋସାଲ କାନାଡାରେ ଗିରଫ ହୋଇଛି। ଇନ୍ଦରଜିତ କାନାଡାରେ ଏସ୍‌ଏଫ୍‌ଜେର ଜଣ ବଡ଼ ସମର୍ଥକ ତଥା ପ୍ରଚାରକ। ୨୦୨୩ ଜୁନ୍‌ରେ ହରଦୀପ ସିଂ ନିଜ୍ଜର ମୃତ୍ୟୁବରଣ କରିବା ପରେ ସେ ଦାୟିତ୍ୱରେ ରହିଛି। ରାଜଧାନୀ ଓଟାୱାରେ ବିଭିନ୍ନ ମାମଲାରେ ସେ ମୁଖ୍ୟ ଅଭିଯୁକ୍ତ ରହିଛି। ସେ ପନ୍ନୁର ଡାହାଣ ହାତ ଥିଲା। ସେ ମଧ୍ୟ ଏକଦା ପନ୍ନୁର ବ୍ୟକ୍ତିଗତ ସୁରକ୍ଷା ଅଧିକାରୀ (ପିଏସ୍‌ଓ) ଭାବେ କାର୍ଯ୍ୟ କରୁଥିଲା। ଇନ୍ଦରଜିତର ଗିରଫ୍ ହେବା ପଛରେ ଭାରତର ହାତ ଅଛି ବୋଲି କୁହାଯାଉଛି। ରାଷ୍ଟ୍ରୀୟ ସୁରକ୍ଷା ଉପଦେଷ୍ଟା (ଏନ୍‌ଏସ୍‌ଏ) ଅଜିତ ଡୋଭାଲଙ୍କ ତରଫରୁ ଲାଗାତର କୂଟନୈତିକ ଚାପ ଫଳରେ ତାକୁ ଗିରଫ କରାଯାଇଛି। ୩୯ ବର୍ଷୀୟ ଇନ୍ଦରଜିତକୁ ଗତବର୍ଷ ନଭେମ୍ବରରେ ଗ୍ରେଟର ଟରୋଣ୍ଟରେ ଏକ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ ମାମଲାରେ ଗିରଫ କରାଯାଇଥିଲା। ପରେ ତାକୁ କେତୋଟି ସର୍ତ୍ତରେ ଛାଡି ଦିଆଯାଇଥିଲା।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୮.୩୧ ● ପାଉଣ୍ଡ ୧୧୯.୯୪
- ୟୁରୋ ୧୦୩.୩୯ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୦୩,୦୬୫ (ଭୁବନେଶ୍ୱର)
- ରୁପା : ୧,୪୮,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)

- ସେନ୍ସେକ୍ସ ୮୨,୧୫୯.୦୦
- ନିଫ୍ଟି ୨୫,୨୦୨.୦୦

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦




୧୪ତମ କଟନ୍ ଫ୍ୟାବ୍‌ର ୪ର୍ଥ ସପ୍ତାହର ବିଜେତା ଆର୍.ଆର୍.ସାହୁ ମ୍ୟାନେଜର ସାବନ କୁମାରଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ୨୪ରେ ଆସିବ ଜୈନ ରିସୋର୍ସ ରିସାଇକ୍ଲିଂର ଆଇପିଓ

ମୁମ୍ବଇ,୨୨।୯ (ଏଜେନ୍ସି)

ଜୈନ ରିସୋର୍ସେସ୍ ରିସାଇକ୍ଲିଂ ଲିମିଟେଡ୍‌ର ୧୨୫୦ କୋଟି ଟଙ୍କାର ଇନିସିଆଲ ପବ୍ଲିକ୍ ଅଫରିଂ (ଆଇପିଓ) ୨୦୨୫ ସେପ୍ଟେମ୍ବର ୨୪ ବୁଧବାର ଦିନ ଖୋଲିବ ଓ ସେପ୍ଟେମ୍ବର ୨୬ ଶୁକ୍ରବାର ଦିନ ବନ୍ଦ ହେବ। ଆଙ୍କର ନିବେଶକମାନେ ଗୋଟି କାର୍ଯ୍ୟଦିବସ ପୂର୍ବରୁ ୨୦୨୫ ସେପ୍ଟେମ୍ବର ୨୩ରେ ବିଡ୍ ଦାଖଲ କରିପାରିବେ। ଏହି ଅଫରର ଆକାର ୧୨୫୦ କୋଟି ଟଙ୍କା ରହିଛି। ସେଥିରୁ ୫୦୦ କୋଟି ଟଙ୍କାର ନୂଆ ଇକ୍ୱିଟି ସେୟାର ଜାରି କରାଯିବ ଏବଂ ଅଫର୍ ଫର୍ ସେଲ୍‌ରେ ନିବେଶକମାନେ ୭୫୦ କୋଟି ଟଙ୍କାର ଇକ୍ୱିଟି ସେୟାର ବିକ୍ରି କରିବେ। ଅଫର ଫର୍ ସେଲ୍‌ରେ କମଳେଶ ଜୈନ ୭୧୫ କୋଟି ଟଙ୍କାର ଓ ମୟଙ୍କ ପାରିକ ୩୫ କୋଟି ଟଙ୍କାର ଇକ୍ୱିଟି ସେୟାର ବିକ୍ରି କରିବେ। ଏହି ଅଫରରେ ଇକ୍ୱିଟି ସେୟାର ପିଛା ଦାମ୍ ୨୨୦ ଟଙ୍କାରୁ ୨୩୨ ଟଙ୍କା ମଧ୍ୟରେ ରହିବ। ନିବେଶକମାନେ ସର୍ବନିମ୍ନ ୬୪ଟି ଇକ୍ୱିଟି ସେୟାରର ବିଡ୍ ଦାଖଲ କରିପାରିବେ।

## ଆମେରିକାର ଏଚ୍-୧ବିକୁ ମାତ୍ ଦେବାକୁ ଡ୍ରାଗନ୍‌ର ନୂଆ ଯୋଜନା

# ଚାଇନା ଆଣିବ 'କେ' ଭିସା

ବେଜିଂ,୨୨।୯ (ଏଜେନ୍ସି): ଆମେରିକାକୁ ବିଶ୍ୱସ୍ତରୀୟ ପ୍ରତିଭାକୁ ଆକର୍ଷିତ କରିବା ପାଇଁ ଏକ ଚୁମ୍ବକ ଭାବରେ ବିବେଚନା କରାଯାଏ। ସାରା ବିଶ୍ୱରୁ ବିଦେଶୀ ବୃତ୍ତିଧାରୀମାନେ ଚାକିରି ପାଇଁ ଆମେରିକା ଯାତ୍ରା କରିଥାନ୍ତି। ଏଚ୍-୧ବି ଭିସା ଦେଶରେ ସେମାନଙ୍କର ପ୍ରବେଶକୁ ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ହେଲେ ନିକଟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏଚ୍-୧ବି ଭିସା ଆବେଦନ କରିବା ପାଇଁ ପ୍ରାୟ ୮୮ ଲକ୍ଷ ଟଙ୍କାର ଅତିରିକ୍ତ ଶୁଳ୍କ ଦେବାକୁ ପଡିବ ବୋଲି ଘୋଷଣା କରିଛନ୍ତି। ଏଭଳି କରି ଆମେରିକା ବିଶ୍ୱସ୍ତରୀୟ ପ୍ରତିଭାମାନଙ୍କ ପାଇଁ ତା'ର ଦ୍ୱାର ବନ୍ଦ କରିଦେଇଛି। ଏହାକୁ ଏକ ସୁଯୋଗ ଭାବେ ଗ୍ରହଣ କରି ଡ୍ରାଗନ୍ ଏବେ ଖୋଲା ହସ୍ତରେ ବିଦେଶୀ ବୃତ୍ତିଗତଙ୍କୁ ସ୍ୱାଗତ କରିଛି। ଚୀନ୍ ଏକ ନୂତନ 'କେ' ଭିସା ପ୍ରଚଳନ ଘୋଷଣା କରିଛି। ଏହା ସାରା ବିଶ୍ୱରୁ ଯୁବ ଏବଂ ପ୍ରତିଭାବାନ ବୃତ୍ତିଧାରୀଙ୍କୁ ଦେଶକୁ ଆଣିବ। ଏହାର ପ୍ରାଥମିକ ଲକ୍ଷ୍ୟ ହେଉଛି ବିଶେଷ ଭାବରେ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, ଇଞ୍ଜିନିୟରିଂ ଏବଂ ଗଣିତ (ଷ୍ଟେମ୍) କ୍ଷେତ୍ରରେ ଯୁବ ଏବଂ ପ୍ରତିଭାବାନ ବୃତ୍ତିଗତମାନଙ୍କୁ ଆକର୍ଷିତ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହି'କେ' ଭିସା ଅକ୍ଟୋବର ପହିଲାରୁ ପ୍ରଚଳନ ହେବ।

ଚୀନର ଏହି ପଦକ୍ଷେପ ଏକ ବିକଳ୍ପ ସୁଯୋଗ ଭାବରେ କାର୍ଯ୍ୟ କରିପାରିବ, ବିଶେଷକରି ସେହି ଯୁବପିଢ଼ିଙ୍କ ପାଇଁ ଯେଉଁମାନେ କ୍ୟାରିଅର ପାଇଁ ବିଦେଶକୁ ଯିବାକୁ ଚାହାଁନ୍ତି କିନ୍ତୁ ଉଚ୍ଚ ଫି ଏବଂ ଲମ୍ବା ପ୍ରଶାସନିକ ବ୍ୟବସ୍ଥାରୁ ବଞ୍ଚିବାକୁ ଚାହାଁନ୍ତି।

- 'ଷ୍ଟେମ୍' ବୃତ୍ତିଧାରୀଙ୍କୁ ଆକର୍ଷିତ କରିବା ପାଇଁ ହୋଇଛି ଡିଜାଇନ୍
- ଅକ୍ଟୋବର ପହିଲାରୁ ହେବ ପ୍ରଚଳନ
- ଆବେଦନକାରୀଙ୍କୁ ଚୀନ୍‌ର ନିଯୁକ୍ତିଦାତାଙ୍କଠାରୁ ନିମନ୍ତ୍ରଣ ପତ୍ର ଆବଶ୍ୟକ ହେବ ନାହିଁ




ଚୀନର ନ୍ୟାୟ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ଯେ ଏହି ଭିସା ବିଦେଶୀ ଯୁବକଯୁବତୀଙ୍କ ପାଇଁ ଯେଉଁମାନେ ଚୀନ୍ କିମ୍ବା ବିଦେଶର ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ କିମ୍ବା ଗବେଷଣା ପ୍ରତିଷ୍ଠାନରୁ ଷ୍ଟେମ୍ ବିଷୟଗୁଡ଼ିକରେ ସ୍ନାତକ କିମ୍ବା ଉଚ୍ଚତର ଡିଗ୍ରୀ ହାସଲ କରିଛନ୍ତି, କିମ୍ବା ଏକ ଗବେଷଣା ପ୍ରତିଷ୍ଠାନ କିମ୍ବା ବିଶ୍ୱବିଦ୍ୟାଳୟରେ ଶିକ୍ଷକ କିମ୍ବା ଗବେଷକ ଭାବରେ କାର୍ଯ୍ୟ କରିଛନ୍ତି।

ବାସ୍ତବରେ, ଏଚ୍-୧ବି ଭିସା ପ୍ରଯୁକ୍ତିବିଦ୍ୟା ଏବଂ ଇଞ୍ଜିନିୟରିଂ କ୍ଷେତ୍ରରେ ଆମେରିକାର ପ୍ରାଧାନ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏଚ୍-୧ବି ଭିସା କର୍ମଚାରୀ ବିନା ଆମେରିକାର ଟେକ୍ ଶିଳ୍ପ ପ୍ରଭାବିତ ହୋଇପାରେ। ଚୀନ୍ ଏହା ବିଷୟରେ ଭଲ ଭାବରେ ଜାଣିଛି। ତେଣୁ ଡ୍ରାଗନ୍ ଚାହୁଁଛି ଯେ ଆମେରିକାକୁ ପ୍ରବାସ କରିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା କର୍ମଜୀବୀ ବୃତ୍ତିଗତମାନେ ସିଧାସଳଖ ଚୀନ୍ ଆସନ୍ତୁ। ଚୀନ୍ 'କେ' ଭିସା ମାଧ୍ୟମରେ ବିଭିନ୍ନ ସୁବିଧା ପ୍ରଦାନ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛି। ତେଣୁ, ପ୍ରତିଭାବାନ ବ୍ୟକ୍ତିମାନେ ଅତି ଶୀଘ୍ର ଚୀନକୁ ପ୍ରବାସ କରିପାରିବେ।

ଚୀନ୍ 'କେ' ଭିସା ପାଇଁ କିଛି ଡକ୍ୟୁମେଣ୍ଟ ଆବଶ୍ୟକ କରୁଛି, ଯେଉଁଥିରେ ଶିକ୍ଷା ପ୍ରମାଣପତ୍ର ଏବଂ ବୃତ୍ତିଗତ କିମ୍ବା ଗବେଷଣା କାର୍ଯ୍ୟ ସହିତ ଜଡିତ ପ୍ରମାଣପତ୍ର ଅନ୍ତର୍ଭୁକ୍ତ। ତଥାପି, 'କେ' ଭିସା ସମ୍ପର୍କରେ ଅଧିକ ସୂଚନା ବିଦେଶରେ ଥିବା ଚୀନ୍ ଦୂତାବାସ ଏବଂ କନସୁଲେଟ୍ ଦ୍ୱାରା ଶୀଘ୍ର ସେୟାର କରାଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆବେଦନକାରୀମାନଙ୍କୁ ଚୀନ୍ ନିଯୁକ୍ତିଦାତାଙ୍କଠାରୁ ନିମନ୍ତ୍ରଣ ପତ୍ର ଆବଶ୍ୟକ ହେବନାହିଁ। ଏହାକୁ ଅନ୍ୟ କାର୍ଯ୍ୟକ୍ଷମ ଭିସା ତୁଳନାରେ ଶୀଘ୍ର ପ୍ରକ୍ରିୟାକରଣ କରାଯିବ।

### 'କେ' ଭିସାର ବିଶେଷତ୍ୱ

ଚୀନ ୧୨ଟି ଭିନ୍ନ ବର୍ଗରେ ଭିସା ପ୍ରଦାନ କରିଥାଏ। ଏହି 'କେ' ଭିସା ବୃତ୍ତିଧାରୀଙ୍କୁ ସର୍ବାଧିକ ସୁବିଧା ଦେଉଛି। ଏହା ଆଶା କରାଯାଉଛି ଯେ 'କେ' ଭିସା ଧାରକମାନେ ଦେଶରେ ଏକାଧିକ ପ୍ରବେଶ ପାଇବେ। ଭିସାର ବୈଧତା ଅବଧି ଏବଂ ବର୍ଦ୍ଧିତ ରହଣି ରହିବ। ଚୀନରେ ପହଞ୍ଚିବା ପରେ 'କେ' ଭିସାଧାରୀମାନେ ଶିକ୍ଷା, ସଂସ୍କୃତି ଏବଂ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଶୈକ୍ଷିକ ଆଦାନପ୍ରଦାନରେ ଅଂଶଗ୍ରହଣ କରିପାରିବେ। ସେମାନେ ନିଜର ବ୍ୟବସାୟ ଆରମ୍ଭ କରିପାରିବେ।

# ଦୀପାବଳି ପୂର୍ବରୁ ଭାଙ୍ଗିଲା ସୁନା, ରୁପା ରେକର୍ଡ

ସୁନା ୧.୧୨ ଲକ୍ଷ, ରୁପା ୧.୪୮ ଲକ୍ଷ ପାର୍

ନୂଆଦିଲ୍ଲୀ,୨୨।୯ (ଏଜେନ୍ସି): ନବରାତ୍ରିର ପ୍ରଥମ ଦିନରୁ ସୁନା ଓ ରୁପା ମୂଲ୍ୟରେ ଲାଗିଛି ନିଆଁ। ଘରୋଇ ବଜାରରେ ସୁନା ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଆଜି ନୂଆଦିଲ୍ଲୀର ବୁଲିଅନ୍ ବଜାରରେ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୨୨ ୦୦ ଟଙ୍କା ବୃଦ୍ଧି ପାଇଛି। ଫଳରେ ଏହି ଧାତୁ ମୂଲ୍ୟ ବର୍ତ୍ତମାନ ୧୦ ଗ୍ରାମ ପିଛା ୧,୧୬,୨୦୦ ଟଙ୍କାରେ ପହଞ୍ଚିଛି। ଏହା ବିଶ୍ୱବ୍ୟାପୀ ସୁନା ମୂଲ୍ୟ ବୃଦ୍ଧି ହେତୁ ହୋଇଛି। ନିବେଶକମାନେ ଏବେ ଆମେରିକୀୟ ଫେଡେରାଲ ରିଜର୍ଭ ଅଧିକାରୀଙ୍କ ବିବୃତ୍ତିକୁ ଅପେକ୍ଷା କରିଛନ୍ତି, ଯାହା ସୁଧ ହାରର ଭବିଷ୍ୟତ ଗତିବିଧି ପ୍ରକାଶ କରିବ। ଆଜି ରୁପା ମୂଲ୍ୟରେ ମଧ୍ୟ ୪,୩୮୦ ଟଙ୍କା ବୃଦ୍ଧି ପାଇ କିଲୋଗ୍ରାମ ପିଛା ୧,୩୬,୩୮୦ ହୋଇଛି। ବିଶେଷଜ୍ଞମାନେ କହିଛନ୍ତି ଯେ ଫେଡେରାଲ ରିଜର୍ଭର ଦମ୍ପୋକ୍ତି ଏବଂ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର ଆଗ୍ରହ ସୁନା ମୂଲ୍ୟ ବୃଦ୍ଧିରେ ବଡ଼ ଯୋଗଦାନ ରଖୁଛି।

ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ଆଜି ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୧୨,୯୭୦ ଟଙ୍କାରେ ପହଞ୍ଚିବାବେଳେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୩,୬୫୦ ଟଙ୍କା ଛୁଇଁଛି। ସେହିଭଳି ରୁପା କିଲୋ ପିଛା ରେକର୍ଡ ୧,୪୮,୦୦୦ ଟଙ୍କା ସ୍ତର ଛୁଇଁ ସବୁ ରେକର୍ଡ ଭାଙ୍ଗିଛି। ଏ ସମ୍ପର୍କରେ ଏଚ୍‌ଡିଏଫ୍‌ସି ସିକ୍ୟୁରିଟିଜ୍‌ର ବରିଷ୍ଠ ବିଶ୍ଳେଷକ (କମୋଡିଟିଜ୍) ସୌମିଲ୍ ଗାନ୍ଧୀ କହିଛନ୍ତି, ଆନ୍ତର୍ଜାତୀୟ ବଜାରରେ ବୃଦ୍ଧି ଧାରା ସହିତ ଘରୋଇ ବଜାରରେ ସୁନା ଏବଂ ରୁପା ଉଭୟ ରେକର୍ଡ ସ୍ତରରେ କାରବାର କରୁଛି।




ଏହାର ଅର୍ଥ ହେଉଛି ଯେ ଅନ୍ତର୍ଜାତୀୟ ବଜାରରେ ଯାହା ଘଟୁଛି ତାହାର ପ୍ରଭାବ ଭାରତୀୟ ବଜାର ଉପରେ ମଧ୍ୟ ପଡୁଛି। ସେ ଆହୁରି କହିଛନ୍ତି, ଆମେରିକୀୟ ଫେଡେରାଲ ରିଜର୍ଭର ଏହି ନିଷ୍ଠୁର ମନୋଭାବ ସୂଚାଇ ଦେଉଛି ଯେ ଚଳିତବର୍ଷ ଶେଷ ସୁଦ୍ଧା ଆଉ ଦୁଇଟି ସୁଧ ହାର ହ୍ରାସ ହେବାର ସମ୍ଭାବନା ଅଛି। ଏହା ମୂଲ୍ୟବାନ ଧାତୁ ମୂଲ୍ୟକୁ ସମର୍ଥନ ଯୋଗାଇବା ସହିତ ଆମେରିକୀୟ ଡଲାର ଏବଂ ବଣ୍ଡ ଉପଜରେ ବୃଦ୍ଧିକୁ ସୀମିତ କରିପାରେ। ଫେଡେରାଲ ରିଜର୍ଭ ସୁଧ ହାର ହ୍ରାସ କଲେ ଡଲାର ଦୁର୍ବଳ ହେବ ଏବଂ ସୁନା ମୂଲ୍ୟ ବୃଦ୍ଧି ପାଇବ। ବିଶ୍ୱର ବିଭିନ୍ନ ରାଷ୍ଟ୍ରର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ମଧ୍ୟ ସୁନା କିଣିବାରେ ଆଗ୍ରହ ଦେଖାଉଛନ୍ତି।

## ପାଞ୍ଚ ବର୍ଷ ପରେ ସୁନା ୨ ଲକ୍ଷ ଟପିବ!

- ବର୍ଷକରେ ୫୦% ମହଙ୍ଗା
- ୫ ବର୍ଷରେ ଦର ୧୧୨% ବଢ଼ିବ

ନୂଆଦିଲ୍ଲୀ,୨୨।୯ (ଏଜେନ୍ସି): ସୁନାର ମୂଲ୍ୟ ନିରନ୍ତର ନୂତନ ଶିଖର ଛୁଇଁବାରେ ଲାଗିଛି। ଗତ ୫ ବର୍ଷର ତଥ୍ୟକୁ ଦେଖିଲେ, ସୁନା ମୂଲ୍ୟରେ ଏକ ବିରାଟ ବୃଦ୍ଧି ଦେଖାଯାଇଛି। ତେବେ, ଆଗାମୀ ୫ ବର୍ଷରେ କ'ଣ ମୂଲ୍ୟ ବୃଦ୍ଧି ଏଭଳି ସମାନ ଭାବେ ଜାରି ରହିବ। ବଜାର ବିଶେଷଜ୍ଞମାନେ କରିଥିବା ଆକଳନ ଅନୁଯାୟୀ, ଆଗାମୀ ବର୍ଷଗୁଡ଼ିକରେ ସୁନା ମୂଲ୍ୟ ଖୁବ୍ ଜୋରରେ ବୃଦ୍ଧି ପାଇବ। ଏସବୁ ଅନେକ କାରଣ ଉପରେ ନିର୍ଭର କରେ, ଯେପରିକି ଆମେରିକା ଫେଡେରାଲ୍ ରିଜର୍ଭ ଦ୍ୱାରା ସୁଧ ହାର ହ୍ରାସ, ବିଶ୍ୱ ଅନିଶ୍ଚିତତା, ଭୂ-ରାଜନୈତିକ ଉତ୍ତେଜନା ଇତ୍ୟାଦି। ତଥାପି, ଆଗାମୀ ୫ ବର୍ଷ ମଧ୍ୟରେ ସୁନା ମୂଲ୍ୟ ୨ ଲକ୍ଷ ଟଙ୍କା ସ୍ତର ଅତିକ୍ରମ କରିବାର ସମ୍ଭାବନା ରହିଛି। ତଥାପି, କେତେକ ବିଶେଷଜ୍ଞଙ୍କ ମତରେ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧.୭୦ ଲକ୍ଷରୁ ୨ ଲକ୍ଷ ଟଙ୍କା ସ୍ତର ମଧ୍ୟରେ ରହିବା ଆଶା କରାଯାଉଛି। ଗତ କିଛି ବର୍ଷ ମଧ୍ୟରେ ଘରୋଇ ବଜାରରେ ସୁନାର ମୂଲ୍ୟ ଯଥେଷ୍ଟ ବୃଦ୍ଧି ପାଇଛି। ମଲ୍ଟି କମୋଡିଟି ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ (ଏମ୍‌ସିଏକ୍ସ)ରେ ପ୍ରାୟ ୫ ବର୍ଷ ପୂର୍ବେ ୨୦୨୦ ସେପ୍ଟେମ୍ବର ୧୯ରେ ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ ୫୧,୬୧୯ ଟଙ୍କା ରହିଥିଲା। ଏହା ଏବେ ପ୍ରତି ୧୦ ଗ୍ରାମ ୧,୧୨ ଲକ୍ଷ ଟଙ୍କାରେ ପହଞ୍ଚିଛି। ମାତ୍ର ଗୋଟିଏ ବର୍ଷ ମଧ୍ୟରେ ସୁନାର ମୂଲ୍ୟ ପ୍ରାୟ ୫୦%ରୁ ଅଧିକ ବୃଦ୍ଧି ପାଇଛି। ଅପରପକ୍ଷେ ଗତ ୫ ବର୍ଷ ମଧ୍ୟରେ ବଜାରରେ ସୁନା ମୂଲ୍ୟ ୧୧୨% ବୃଦ୍ଧି ପାଇଛି। ସୁନା ମୂଲ୍ୟ ବୃଦ୍ଧି ସାଧାରଣ ଲୋକଙ୍କୁ ଅସୁବିଧାରେ ପକାଇଥିବାବେଳେ, ସୁନାରେ ନିବେଶ କରିଥିବା ନିବେଶକମାନେ ଏହି ସମୟ ମଧ୍ୟରେ ଯଥେଷ୍ଟ ଲାଭ କରିଛନ୍ତି। ସୁନା ମୂଲ୍ୟ ବୃଦ୍ଧି ପଛରେ ଅନେକ କାରଣ ରହିଛି।ତଥାପି, ମୂଲ୍ୟ ବୃଦ୍ଧି ନିବେଶକଙ୍କୁ ଯଥେଷ୍ଟ ଲାଭ ଦେଇଛି। ସୁନା ମୂଲ୍ୟ ବର୍ତ୍ତମାନ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ନିବେଶକମାନେ ଏହା ମଧ୍ୟ ଭାବୁଛନ୍ତି ଯେ ଏହା ସୁନା କିଣିବା କିମ୍ବା ବିକ୍ରି କରିବାର ଏହା ହେଉଛି ସଠିକ୍ ସମୟ ନା ସୁନାକୁ ଧରି ରଖିବା ଭଲ ହେବ। ଗତ ପାଞ୍ଚ ବର୍ଷ ମଧ୍ୟରେ କୋଭିଡ୍ ମହାମାରୀ, ଆମେରିକାର ବିଶ୍ୱବ୍ୟାପୀ ଟିକସ, ରୁଷ-ୟୁକ୍ରେନ ଯୁଦ୍ଧ ଏବଂ ଭୂ-ରାଜନୈତିକ ଉତ୍ତେଜନା ସମେତ ବିଭିନ୍ନ କାରଣ ଯୋଗୁଁ ଭାରତରେ ସୁନା ମୂଲ୍ୟ ବୃଦ୍ଧି ପାଇଛି। ସେୟାର ବଜାରରେ ଦୁର୍ବଳତା ସତ୍ତ୍ୱେ ନିବେଶକଙ୍କ ପାଇଁ ସୁନା ଏକ ପ୍ରମୁଖ ପ୍ରାଥମିକତା ରହିଛି।

## ଲାଗୁହେଲା ନୂଆ ଜିଏସ୍‌ଟି ହାର

### କିଛି ଶସ୍ତା, କିଛି ମହଙ୍ଗା

ନୂଆଦିଲ୍ଲୀ,୨୨।୯ (ଏଜେନ୍ସି): ସୋମବାରଠାରୁ ଦେଶରେ ଲାଗୁ ହୋଇଛି ନୂଆ ଦ୍ରବ୍ୟ ଏବଂ ସେବା ଟିକସ (ଜିଏସ୍‌ଟି) ହାର। ଅର୍ଥାତ୍ ସେପ୍ଟେମ୍ବର ୨୨ ରୁ ଘିଅ ଏବଂ ପନିରଠାରୁ ଆରମ୍ଭ କରି କାର ଏବଂ ଏୟାର କଣ୍ଡିସନର ପର୍ଯ୍ୟନ୍ତ ସବୁକିଛି ଶସ୍ତା ହୋଇଯାଇଛି। ଜିଏସ୍‌ଟି ବର୍ତ୍ତମାନ କେବଳ ଦୁଇଟି ୫% ଏବଂ ୧୮% ସ୍ଲାବରେ ଲାଗୁ ହୋଇଛି। କିଛି କମ୍ପାନୀ ନୂତନ ଜିଏସ୍‌ଟି ହାର ପ୍ରକାଶ କରିନାହାଁନ୍ତି, ତେଣୁ ସେମାନଙ୍କର ଆନୁମାନିକ ଏମ୍‌ଆର୍‌ପି ଦିଆଯାଇଛି। ଏହି ସଂଖ୍ୟାରେ କମ୍ପାନୀ ଏବଂ ବିକ୍ରେତାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରିଆତି ଅନ୍ତର୍ଭୁକ୍ତ ନାହିଁ। ଜିଏସ୍‌ଟି ହ୍ରାସ ପରେ ହୋଟେଲ ରୁମ୍ ବୁକିଂ, ସୌନ୍ଦର୍ଯ୍ୟ ଏବଂ ସ୍ୱାସ୍ଥ୍ୟ ସେବା ଉପରେ ଟିକସ ହାର ୧୮%ରୁ ୫%କୁ ହ୍ରାସ କରାଯାଇଛି। ୧୦୦ ଟଙ୍କା ପର୍ଯ୍ୟନ୍ତ ସିନେମା ଟିକଟ୍ ଉପରେ ୫% ଟିକସ ଲାଗୁ ହେବ, ଯାହା ପୂର୍ବରୁ ୧୨% ଥିଲା। ୧୦୦ ଟଙ୍କାରୁ ଅଧିକ ଟିକଟ ଉପରେ ୧୮% କର ଲାଗୁ ହେବ। ବିଳାସପୂର୍ଣ୍ଣ ଜିନିଷ ପାଇଁ ଏକ ନୂତନ ୪୦% ସ୍ଲାବ୍ ସୃଷ୍ଟି କରାଯାଇଛି। ଏଥିରେ ପାନ ମସଲା ଏବଂ ତମାଖୁ ଭଳି ଉତ୍ପାଦ ଅନ୍ତର୍ଭୁକ୍ତ। ଏହା ସହିତ, କିଛି କାର ଏବଂ ବାଇକ୍ ଉପରେ ମଧ୍ୟ ୪୦% ଟିକସ ଲାଗୁ ହୋଇଛି। ତଥାପି, ଏହି ଯାନଗୁଡ଼ିକ ମହଙ୍ଗା ହେବ ନାହିଁ। କାରଣ ପୂର୍ବରୁ, ସେଗୁଡିକ ଉପରେ ୨୮% ଜିଏସ୍‌ଟି ଏବଂ ୧୭% ସେସ୍ ଲାଗୁ ହେଉଥିଲା। ଏହାର ଅର୍ଥ ହେଉଛି ଜିଏସ୍‌ଟି ହ୍ରାସ ପରେ ଏହି ସବୁ ଯାନଗୁଡ଼ିକ ଉପରେ ମୋଟ ଟିକସ ହାର, ଯାହା ୪୫% ଥିଲା ତା ଏବେ ୪୦%କୁ ହ୍ରାସ କରାଯାଇଛି।

## ଅରୁନ୍ଧତୀ ଜୁଏଲର୍ସ ଭୁବନେଶ୍ୱର ଶାଖାର ୮ମ ଜନ୍ମବାର୍ଷିକୀ



ଭୁବନେଶ୍ୱର,୨୨।୯ (ସମିସ): ଓଡିଶାର ସର୍ବଶ୍ରେଷ୍ଠ ଜୁଏଲାରୀ ବ୍ରାଣ୍ଡ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଏହାର ଭୁବନେଶ୍ୱର ଶାଖାର ୮ମ ଜନ୍ମବାର୍ଷିକୀ ସୋମବାର ଦିନ ବହୁ ସଂଖ୍ୟକ ଶୁଭେଚ୍ଛୁ, ଗ୍ରାହକ ତଥା ଅନେକ ମାନ୍ୟଗଣ ବ୍ୟକ୍ତିଙ୍କ ଉପସ୍ଥିତିରେ ଧୁମ ଧାମରେ ପାଳନ କରାଯାଇଛି। ସାରା ରାଜ୍ୟରେ ଅଳଙ୍କାର କ୍ଷେତ୍ରରେ ଉନ୍ନତମାନର ସେବା ଯୋଗାଇ ପ୍ରଶଂସା ସାଉଁଟୁଥିବା ଅରୁନ୍ଧତୀ ଜୁଏଲର୍ସ ଦୀର୍ଘ ୮ ବର୍ଷ ଧରି ଭୁବନେଶ୍ୱରବାସୀଙ୍କ ଚାହିଦା ମୁତାବକ ସୁନ୍ଦର ଡିଜାଇନର ଗହଣା, ଶ୍ରେଷ୍ଠ ଆତିଥେୟତା ଓ ସେବା ଯୋଗାଇଦେଇ ରାଜଧାନୀ ବାସୀଙ୍କ ପ୍ରଥମ ପସନ୍ଦଯୋଗ୍ୟ ଓ ଭରସାଯୋଗ୍ୟ ଜୁଏଲାରୀ ବ୍ରାଣ୍ଡର ମାନ୍ୟତା ପାଇପାରିଛି।

ଏହି ଅବସରରେ ଅରୁନ୍ଧତୀ ପ୍ରତିଷ୍ଠାତା ବ୍ରହ୍ମାନନ୍ଦ ମେହେର ଅରୁନ୍ଧତୀକୁ ନିଜ ହୃଦୟରେ ସ୍ଥାନ ଦେଇ ଏତେ ବାଟକୁ ଆଣିଥିବାରୁ ଆନ୍ତରିକ ଶୁଭେଚ୍ଛା ଓ କୃତଜ୍ଞତା ଜ୍ଞାପନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଏହି ଅବସରରେ ଅରୁନ୍ଧତୀ ଜୁଏଲର୍ସ ତରଫରୁ ଜନ୍ମବାର୍ଷିକୀ ସ୍ୱତନ୍ତ୍ର ଅଫର ମାଧ୍ୟମରେ ୫୧ ଜଣ ଲକ୍ଷପତି ହେବାର ସୁଯୋଗ ପ୍ରଦାନ କରାଯାଉଛି। ସୁନା ଗହଣାର ଗଢ଼ା ମଜୁରିରେ ୫୦% ରିଆତି ସହ ପ୍ରତ୍ୟେକ କ୍ରୟରେ ନିଶ୍ଚିତ ପାର୍ବଣ ଉପହାର ଦିଆଯାଉଛି। ସେହିଭଳି ଆଡଭାନ୍ସ ବୁକିଂରେ ସର୍ବନିମ୍ନ ଦରରେ ସୁନା କ୍ରୟ ଏବଂ 'ପେ ଜିରୋ ଫର ଇଜି ଜୁଏଲେରୀ ପରଚେଜ୍ ପ୍ଲାନ୍' ସହ ହୀରା ଗହଣା କ୍ରୟରେ ମାଗଣା ସ୍ୱର୍ଣ୍ଣ ମୁଦ୍ରା ପ୍ରଦାନ କରାଯାଉଛି।

## କ୍ରିପ୍ଟୋ ବଜାରରେ ହା ହା କାର

# ଦିନକରେ ୧୩୦୦ କୋଟି ସ୍ୱାହା

### ବିଟ୍ କଏନ୍, ବାଇନାନ୍ସ ଓ ପାଇ ନେଟୱର୍କ ସବୁ ଧରାଶାୟୀ




ନୂଆଦିଲ୍ଲୀ,୨୨।୯ (ଏଜେନ୍ସି): ସୋମବାର ବିଶ୍ୱର କ୍ରିପ୍ଟୋ କରେନ୍ସି ବଜାରରେ ଏକ ବଡ଼ ହ୍ରାସ ଘଟିଛି। ଏଥିଯୋଗୁ ବିଟ୍ କଏନ୍, ଇଥେରିୟମ୍, ବିନାନ୍ସ ଏବଂ ସୋଲାନା ସମେତ ପ୍ରାୟ ସମସ୍ତ କ୍ରିପ୍ଟୋ ମୁଦ୍ରା ୨୪ ଘଣ୍ଟା ମଧ୍ୟରେ କ୍ରାସ୍ ହୋଇଯାଇଛି। ଏଥିରେ ପାଇ ନେଟୱାର୍କ ୧୫ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। କ୍ରିପ୍ଟୋ ବଜାରରେ ହ୍ରାସ ଯୋଗୁଁ ନିବେଶକମାନେ ୧.୫ ବିଲିୟନ ଡଲାର (ପ୍ରାୟ ୧୩,୦୦୦୦ କୋଟି ଟଙ୍କା)ରୁ ଅଧିକ କ୍ଷତି ସହିଛନ୍ତି।

କଏନ୍ ମାର୍କେଟ୍ କ୍ୟାପ୍ ଅନୁଯାୟୀ, ସୋମବାର ଅପରାହ୍ଣ ୪ଟା ୩୦ ସୁଦ୍ଧା, ଗତ ୨୪ ଘଣ୍ଟା ମଧ୍ୟରେ ବିଟ୍ କଏନ୍ ମୂଲ୍ୟ ୨.୪୦ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ଏହାସହ ବିଟ୍ କଏନ୍‌ର ମୂଲ୍ୟ ୧.୧୩ ଲକ୍ଷ ଡଲାରକୁ ହ୍ରାସ ପାଇଛି। ଏହି ସମୟରେ, ଇଥେରିୟମ୍ ମୂଲ୍ୟ ପ୍ରାୟ ୪,୧୮୫ ଡଲାରରେ କାରବାର କରୁଥିଲା, ଯାହା ଗତ ୨୪ ଘଣ୍ଟା ମଧ୍ୟରେ ୬ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ରିପଲ୍ ୫ ପ୍ରତିଶତରୁ ଅଧିକ, ସୋଲାନା ପ୍ରାୟ ୭ ପ୍ରତିଶତ, ଡୋଗେକଏନ୍ ପ୍ରାୟ ୧୦ ପ୍ରତିଶତ ଏବଂ ପାଇ ନେଟୱାର୍କ ପ୍ରାୟ ୧୭ ପ୍ରତିଶତ ହ୍ରାସ ପାଇଛି। ପାଇ ନେଟୱାର୍କର ମୂଲ୍ୟ ୦.୩୧୦ ଡଲାର ତଳକୁ ଖସିଯାଇଛି। ଦିନେ ଏହାର ମୂଲ୍ୟ ପ୍ରାୟ ୩ ଡଲାର ଥିଲା। ଅନେକ କମ୍ପାନୀ ଦ୍ୱାରା କ୍ରୟ କରାଯାଇଥିବା ଟୋକେନ୍ ସଂଖ୍ୟାରେ ବୃଦ୍ଧି ଯୋଗୁଁ ଅଗଷ୍ଟରେ ବିଟ୍‌କଏନ୍ ଏବଂ ଇଥେରିୟମ୍ ମୂଲ୍ୟ ବୃଦ୍ଧି ପାଇଛି। କିନ୍ତୁ ବର୍ତ୍ତମାନ ଦେଖାଯାଉଛି ଯେ ଏହି କମ୍ପାନୀଗୁଡ଼ିକ ପାଇଁ ଏହି ଟୋକନ୍ କିଣିବା ପାଇଁ ଉତ୍ସାହ ହ୍ରାସ ପାଉଛି। ବିଟ୍ କଏନ୍ କିଣିବା ପାଇଁ ଜଣାଶୁଣା ଜାପାନର ମେଟାପ୍ଲାନେଟ୍ କମ୍ପାନୀର ସେୟାର ଜୁନ୍ ମଧ୍ୟଭାଗରୁ ପ୍ରାୟ ୬୭% ହ୍ରାସ ପାଇଛି।

### ● ହ୍ରାସର କାରଣ ?

ଏକ୍ସବିଟିଓ ଟ୍ରେଡିଂର ବରିଷ୍ଠ ବ୍ୟବସାୟୀ ଜର୍ଜ ମାଣ୍ଡେସ୍‌ଙ୍କ କହିବାନୁଯାୟୀ, ଏହା ଦେଖାଯାଉଛି ଯେ ବଜାରକୁ ଏକ ବିରତି ଆବଶ୍ୟକ। କେତେକ ଭୟ କରୁଛନ୍ତି ଯେ ଡିଜିଟାଲ୍ ସମ୍ପତ୍ତି ଟ୍ରେଡ୍ ଦୁର୍ବଳ ହେଉଛି ଏବଂ ଅଧିକ ଟଙ୍କା ମିଳିବା ଆଶା କରାଯାଉନାହିଁ। ଏହାର ଅର୍ଥ ହେଉଛି ଲୋକମାନେ ପୂର୍ବ ପରି ଡିଜିଟାଲ୍ ସମ୍ପତ୍ତିରେ ଏତେ ନିବେଶ କରୁନାହାଁନ୍ତି। କଇଙ୍ଗ୍ଲାସ୍ ତଥ୍ୟ ଦର୍ଶାଉଛି ଯେ ସୋମବାର ୨୪ ଘଣ୍ଟା ମଧ୍ୟରେ ୪ ଲକ୍ଷରୁ ଅଧିକ ବ୍ୟବସାୟୀ କ୍ରିପ୍ଟୋ କରେନ୍ସି ବଜାରରେ ଟଙ୍କା ହରାଇଛନ୍ତି। ଏହି ହ୍ରାସ ଡିଜିଟାଲ୍ ସମ୍ପତ୍ତି ବଜାରର ମୋଟ ମୂଲ୍ୟକୁ ୪ ଟ୍ରିଲିୟନ ଡଲାର ତଳକୁ ଠେଲିଦେଇଛି। ବଜାରରେ ଅନିଶ୍ଚିତତା ଜାରି ରହିଛି। ଅପରପକ୍ଷେ ବିଶେଷଜ୍ଞମାନେ କହିଛନ୍ତି ଯେ ନିବେଶକମାନେ ବୁଦ୍ଧିମାନ ଭାବରେ ନିବେଶ କରିବା ଉଚିତ୍।

## ଏସ୍‌ବିଆଇ କାର୍ଡର ଖୁସିୟାଁ ଅନଲିମିଟେଡ୍ ଅଭିଯାନ

ନୂଆଦିଲ୍ଲୀ, ୨୨।୯ (ସମିସ): ଭାରତର ସର୍ବବୃହତ ପିଓର୍-ପ୍ଲେ କ୍ରେଡିଟ୍ କାର୍ଡ ପ୍ରଦାନକାରୀ ଏସବିଆଇ କାର୍ଡ, ୨୦୨୫ ପାର୍ବଣ ଋତୁ ପାଇଁ ଖୁସିୟାଁ ଅନ୍‌ଲିମିଟେଡ୍ ଅଭିଯାନ ସହିତ ଦେଶବ୍ୟାପୀ ଆକର୍ଷଣୀୟ ଅଫର୍ ଗୁଡ଼ିକର ଏକ ବ୍ୟାପକ ସମ୍ଭାର ଆରମ୍ଭ କରିଛି। ଗ୍ରାହକମାନେ ୨୯୦୦ ରୁ ଅଧିକ ସହରରେ ଅନଲାଇନ୍ ଏବଂ ଅଫଲାଇନ୍ ପ୍ଲାଟଫର୍ମରେ ପ୍ରାୟ ୧୨୫୦+ ମର୍ଚ୍ଚାଂଟ ଫଣ୍ଡେଡ୍ ଅଫର, କ୍ୟାସବ୍ୟାକ୍ ଏବଂ ତୁରନ୍ତ ରିହାତି ଅଫରରୁ ଲାଭ ଉଠାଇପାରିବେ, ଯେଉଁଥିରେ ଟିୟର ୨ ଏବଂ ଟିୟର ୩ ସହର ଅନ୍ତର୍ଭୁକ୍ତ। ଏହି ଫେଷ୍ଟିଭ୍ ଅଫର୍ କଞ୍ଜୁମର ଡ୍ୟୁରେବଲ୍, ମୋବାଇଲ୍, ଲାପଟପ୍, ଫ୍ୟାଶନ୍, ଫର୍ନିଚର, ଅଳଙ୍କାର, ଇ-କମର୍ସ ଏବଂ ଗ୍ରୋସେରୀ ସାମଗ୍ରୀ ସମେତ ସମସ୍ତ ପ୍ରମୁଖ ବର୍ଗରେ ପ୍ରଯୁଜ୍ୟ।

## ଆଇସିଆଇସିଆଇ ବ୍ୟାଙ୍କର ଫେଷ୍ଟିଭାଲ ବୋନାଞ୍ଜା

ମୁମ୍ବଇ,୨୨।୯ (ସମିସ): ଅନଲାଇନ୍ କ୍ରୟ, ମୋବାଇଲ୍, ଇଲେକ୍ଟ୍ରୋନିକ୍ସ, ଫ୍ୟାଶନ୍, ଭ୍ରମଣ,କିରାଣା ସାମଗ୍ରୀ, ଆସବାବପତ୍ର ଏବଂ ଖାଦ୍ୟ ସାମଗ୍ରୀ ଶ୍ରେଣୀର ବଡ଼ ବ୍ରାଣ୍ଡଗୁଡ଼ିକରେ ଆକର୍ଷଣୀୟ ଡିଲ୍ ସହିତ ଆଇସିଆଇସିଆଇ ବ୍ୟାଙ୍କର ବାର୍ଷିକ 'ଫେଷ୍ଟିଭାଲ ବୋନାଞ୍ଜା' ଫେରିଛି। ଗ୍ରାହକମାନେ ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ରିଆତି/କ୍ୟାଶବ୍ୟାକ୍ ସହିତ ନିଜର କ୍ରେଡିଟ/ଡେବିଟ୍ କାର୍ଡ, ଇଣ୍ଟରନେଟ୍ ବ୍ୟାଙ୍କିଂ, କାର୍ଡବିହୀନ ଇଏମଆଇ ଏବଂ କଞ୍ଜ୍ୟୁମର ଫାଇନାନ୍ସ ବ୍ୟବହାର କରି ଏହି ଅଫରଗୁଡିକ ପାଇପାରିବେ। ଏହା ବ୍ୟତୀତ ସେମାନେ ନିଜର କ୍ରେଡିଟ/ଡେବିଟ୍ କାର୍ଡ ବ୍ୟବହାର କରି 'ନୋ କଷ୍ଟ ଇଏମଆଇ' ଚୟନ କରିପାରିବେ। ବ୍ୟାଙ୍କ ପକ୍ଷରୁ ଆପଲ୍, ଫ୍ଲିପକାର୍ଟ, କ୍ରୋମା, ରିଲାଏନ୍ସ ଡିଜିଟାଲ୍, ୱାନପ୍ଲସ୍, ମେକମାଇଁଟ୍ରିପ୍, ଗୋଆଇବିବୋ, ଯାତ୍ରା, ବ୍ଲିଙ୍କଇଟ୍, ସ୍ୱିଗି, ଆଜିଓ, ଡିଷ୍ଟ୍ରିକ୍ଟ ଏବଂ ପେପରଫ୍ରାଇ ଆଦି ପ୍ରମୁଖ ବ୍ରାଣ୍ଡଗୁଡ଼ିକ ସହିତ ସହଯୋଗିତା ସ୍ଥାପନ କରିଛି ।



# କ୍ରୀଡ଼ା




ସକାଳ
THE SAKALA
www.sakalaepaper.com


## ଅବସରରୁ ଡି କକ୍‌ଙ୍କ ୟୁ-ଟର୍ନ

**ଦକ୍ଷିଣ ଆଫ୍ରିକା ଟି-୨୦ ଓ ଦିନିକିଆ ଦଳରେ ସାମିଲ**



ଜୋହାନ୍ସବର୍ଗ, ୨୨।୯ (ଏଜେନ୍ସି): ଦକ୍ଷିଣ ଆଫ୍ରିକାର ଅଭିଜ୍ଞ ୱିକେଟ୍‌କିପର ବ୍ୟାଟର୍ କ୍ୱିଣ୍ଟନ ଡି କକ୍ ଦିନିକିଆ ଅବସରରୁ ୟୁ-ଟର୍ନ ନେଇଛନ୍ତି। ୫୦ ଓଭର ଫର୍ମାଟ୍‌ରୁ ଅବସର ନେବାର ଦୀର୍ଘ ୨ ବର୍ଷ ପରେ ଡି କକ୍‌ଙ୍କୁ ପୁଣିଥରେ ଜାତୀୟ ଦଳରେ ସ୍ଥାନ ମିଳିଛି। ଆଗାମୀ ପାକିସ୍ତାନ ବିପକ୍ଷ ଟୁର୍ ଲାଗି ସୋମବାର ଦକ୍ଷିଣ ଆଫ୍ରିକା ଦଳ ଘୋଷଣା କରାଯାଇଥିଲା। ଉଭୟ ଦିନିକିଆ ଓ ଟି-୨୦ ଦଳରେ ୩୨ ବର୍ଷୀୟ ଡି କକ୍‌ଙ୍କୁ ସାମିଲ କରାଯାଇଛି। ପାକିସ୍ତାନ ଗସ୍ତରେ ଯାଇ ଦକ୍ଷିଣ ଆଫ୍ରିକା ଅକ୍ଟୋବର ୧୨ରୁ ପ୍ରଥମେ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ଏହାପରେ ଦୁଇ ଦଳ ମଧ୍ୟରେ ୩ଟି ଲେଖାଏ ଟି-୨୦ ଓ ଦିନିକିଆ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଡି କକ୍ ୨୦୨୧ରେ ଟେଷ୍ଟ କ୍ରିକେଟ୍‌ରୁ ସନ୍ନ୍ୟାସ ନେଇଥିଲେ। ଏହାପରେ ଭାରତରେ ୨୦୨୩ରେ ଅନୁଷ୍ଠିତ ବିଶ୍ୱକପ୍ ପରେ ସେ ଦିନିକିଆ ଫର୍ମାଟ୍‌କୁ ଅଲ୍‌ବିଦା କହିଥିଲେ। କିନ୍ତୁ ସେ ଟି-୨୦ କ୍ରିକେଟ୍‌ରେ ସକ୍ରିୟ ଥିଲେ। ୨୦୨୪ ଜୁନରେ ସେ ତାଙ୍କର ଶେଷ ଟି-୨୦ ମ୍ୟାଚ୍ ଦକ୍ଷିଣ ଆଫ୍ରିକା ପାଇଁ ଖେଳିଥିଲେ। ଏବେ ପାଖାପାଖି ଦେଢ଼ବର୍ଷ ପରେ ସେ ଟି-୨୦ ଦଳକୁ ଫେରିଛନ୍ତି। ବାମହାତୀ ବ୍ୟାଟର୍ ଡି କକ୍ ଦକ୍ଷିଣ ଆଫ୍ରିକା ପାଇଁ ୧୫୫ ଦିନିକିଆ ଓ ୯୨ ଟି-୨୦ ମ୍ୟାଚ୍ ଖେଳି ଯଥାକ୍ରମେ ୬୭୭୦ ରନ ଓ ୨୫୮୪ ରନ ସଂଗ୍ରହ କରିଛନ୍ତି।

## ଶ୍ରୀଲଙ୍କା-ପାକିସ୍ତାନ ପାଇଁ କର ବା ମର ସ୍ଥିତି

ଆବୁଧାବି, ୨୨।୯ (ଏଜେନ୍ସି): ଚଳିତ ଏସିଆ କପ୍ ଟି-୨୦ ଟୁର୍ଣ୍ଣାମେଣ୍ଟରେ ମଙ୍ଗଳବାର ଶ୍ରୀଲଙ୍କା ଓ ପାକିସ୍ତାନ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସୁପର୍-୪ ମୁକାବିଲା ଖେଳାଯିବ। ଉଭୟ ଦଳ ଏଥିପୂର୍ବରୁ ସୁପର୍-୪ ପର୍ଯ୍ୟାୟରେ ନିଜ ନିଜର ପ୍ରଥମ ମ୍ୟାଚରେ ପରାଜୟର ସମ୍ମୁଖୀନ ହୋଇଥିଲେ। ଶ୍ରୀଲଙ୍କା ୪ ୱିକେଟ୍‌ରେ ବାଂଲାଦେଶ ନିକଟରୁ ପରାସ୍ତ ହୋଇଥିଲା। ସେହିଭଳି ପାକିସ୍ତାନ ୬ ୱିକେଟ୍‌ରେ ଭାରତ ନିକଟରୁ ହାରି ସୁପର୍-୪ ଅଭିଯାନ ଆରମ୍ଭ କରିଥିଲା। ତେଣୁ ଆସନ୍ତାକାଲିର ଏହି ମ୍ୟାଚ ଶ୍ରୀଲଙ୍କା ଓ ପାକିସ୍ତାନ ପାଇଁ କର-ବା-ମର ସ୍ଥିତି ସୃଷ୍ଟି କରିଛି। ଯେଉଁ ଦଳ ମଙ୍ଗଳବାର ମ୍ୟାଚରେ ବାଜିମାତ୍ କରିବ ସେହି ଦଳ ଫାଇନାଲ ଦୌଡ଼ରେ ତିଷ୍ଠି ରହିବ। ତେଣୁ ଉଭୟ ଦଳ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇବେ। ଶ୍ରୀଲଙ୍କା ପାଇଁ ବ୍ୟାଟିଂରେ ଓପନର୍ ପାଥୁମ ନିଶାଙ୍କ ଭଲ ଫର୍ମରେ ରହିଛନ୍ତି। ସେ ବର୍ତ୍ତମାନ ସୁଦ୍ଧା ଟୁର୍ଣ୍ଣାମେଣ୍ଟରେ ୧୪୬ ରନ ସଂଗ୍ରହ କରିସାରିଛନ୍ତି। ସେହିଭଳି ପାକିସ୍ତାନ ଓପନର ଶାହିବଜାଦା ଫରହାନ ୧୩୨ ରନ ସହ ଦଳ ପାଇଁ ଟପ୍ ସ୍କୋରର ରହିଛନ୍ତି। ଆବୁଧାବି ପିଚ୍ ଦ୍ରୁତ ବୋଲରଙ୍କୁ ସହାୟତା କରିବ। ତେଣୁ ଉଭୟ ଦଳ ଦୁଇ ଜଣ ଦ୍ରୁତ ବୋଲିଂ ସ୍ପେଶାଲିଷ୍ଟ ଓ ଜଣେ ଦ୍ରୁତ ବୋଲିଂ ଅଲ୍‌ରାଉଣ୍ଡରଙ୍କୁ ନେଇ ପଡ଼ିଆକୁ ଓହ୍ଲାଇବେ ବୋଲି ଅନୁମାନ କରାଯାଉଛି।

# ରୌଫ୍-ଫର୍‌ହାନଙ୍କୁ ନେଇ ଅଡୁଆରେ ପାକିସ୍ତାନ

**ପଡ଼ିଆରେ 'ଆତଙ୍କବାଦୀ ମାନସିକତା'କୁ ପୂର୍ବତନ କ୍ରିକେଟରଙ୍କ ନିନ୍ଦା**

ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି)




ଗୋଟିଏ ସପ୍ତାହ ମଧ୍ୟରେ ଦୁଇ ଦୁଇଥର ଭାରତ ନିକଟରୁ ପରାଜୟର ସମ୍ମୁଖୀନ ହୋଇଛି ପାକିସ୍ତାନ କ୍ରିକେଟ୍ ଦଳ। ତେବେ ଗତକାଲି ଭାରତ ବିପକ୍ଷ ସୁପର୍-୪ ମ୍ୟାଚରେ ପାକିସ୍ତାନ ଖେଳାଳିଙ୍କ କାର୍ଯ୍ୟକଳାପକୁ ନେଇ ଏବେ ସେମାନଙ୍କୁ ଚାରିଆଡ୍ରୁ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ବିଶେଷ କରି ଓପନର୍ ଶାହିବଜାଦା ଫରହାନଙ୍କ ଏକେ-୪୭ ବନ୍ଧୁକରୁ ଗୁଳି ଚାଳନା କରିବା ଶୈଳୀରେ ସେଲିବ୍ରେସନ ଏବଂ ଦ୍ରୁତ ବୋଲର ହାରିସ ରୌଫ୍‌ଙ୍କ ବିମାନ ଖସାଇଦେବା ଇଙ୍ଗିତକୁ ନେଇ ଏବେ ସାମାଜିକ ଗଣମାଧ୍ୟମରେ ଉଭୟ ଟ୍ରୋଲର ସମ୍ମୁଖୀନ ହୋଇଛନ୍ତି। ଏହା ସେମାନଙ୍କର ପରାଜୟର ହତାଶାକୁ ପ୍ରଦର୍ଶନ କରୁଥିଲା ବୋଲି ଅନେକ କହିଛନ୍ତି। ସେହିଭଳି ଆଉ କେତେକ ଫରହାନ ଓ ରୌଫ୍‌ଙ୍କ ପ୍ରତିକ୍ରିୟା ପାକିସ୍ତାନର ଦଳର 'ମୁଜାହିଦ' ମାନସିକତାକୁ ସାମ୍ନାକୁ ଆଣିଛି ବୋଲି କହିଛନ୍ତି। ଏପରିକି ଏହି ଦୁଇ ଖେଳାଳିଙ୍କ ଏଭଳି ବ୍ୟବହାରକୁ ନେଇ ପାକିସ୍ତାନ ବୋର୍ଡ ମଧ୍ୟ ଅଡୁଆରେ ପଡ଼ିଛି। ପୂର୍ବରୁ ଯେବେବି ଭାରତ ଓ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଖେଳାଯାଇଛି, ସବୁବେଳେ ଉତ୍ତେଜନା ପରିସ୍ଥିତି ଦେଖିବାକୁ ମିଳିଛି। କିନ୍ତୁ ପ୍ରଥମଥର ପାଇଁ ପାକିସ୍ତାନ ଖେଳାଳିମାନେ କ୍ରିକେଟ୍ ପଡ଼ିଆରେ ଆତଙ୍କବାଦୀ ମାନସିକତାର ପ୍ରଦର୍ଶନୀ କରିଛନ୍ତି। 'ଭଦ୍ର ଲୋକଙ୍କ ଖେଳ' ଭାବେ ପରିଚିତ କ୍ରିକେଟରେ ଫରହାନ ଓ ରୌଫ୍ ଆତଙ୍କବାଦୀ ପ୍ରତୀକକୁ ଆଣି ପୁରାଇଛନ୍ତି ବୋଲି ଅନେକ ପୂର୍ବତନ କ୍ରିକେଟର୍ କହିଛନ୍ତି।

### ଶେଷ ୭ଟି ଲଢ଼େଇରେ ଭାରତଠୁ ହାରିଛି ପାକିସ୍ତାନ

ଚଳିତ ଏସିଆ କପ୍ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଗୋଟିଏ ସପ୍ତାହ ମଧ୍ୟରେ ଭାରତ ଦୁଇ ଦୁଇଟି ମ୍ୟାଚରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ମାତ୍ ଦେଇଛି। ରବିବାର ରାତିରେ ଦୁବାଇର ଷ୍ଟାଡିୟମରେ ଖେଳାଯାଇଥିବା ସୁପର୍-୪ ଲଢ଼େଇରେ ଭାରତ ୬ ୱିକେଟ୍‌ରେ ପାକିସ୍ତାନକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୫ ୱିକେଟ୍‌ରେ ୧୭୧ ରନ କରିଥିଲା। ଜବାବରେ ଓପନର୍ ଅଭିଷେକ ଶର୍ମା (୭୪ ରନ, ୩୯ ବଲ)ଙ୍କ ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ବଳରେ ଭାରତ ୪ ୱିକେଟ୍ ହରାଇ ୭ଟି ବଲ୍ ପୂର୍ବରୁ ଲକ୍ଷ୍ୟ ହାସଲ କରିନେଇଥିଲା। ଏଥିପୂର୍ବରୁ ଗ୍ରୁପ୍ ପର୍ଯ୍ୟାୟରେ ମଧ୍ୟ ସୂର୍ଯ୍ୟକୁମାର ଯାଦବଙ୍କ ଦଳ ୭ ୱିକେଟ୍‌ରେ ପାକିସ୍ତାନକୁ ମାତ୍ ଦେଇଥିଲା। ବିଶ୍ୱର ବଡ଼ ବଡ଼ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ବିପକ୍ଷରେ ଭାରତ ଏହାର ବିଜୟଧାରାକୁ ଗଲା ୩ ବର୍ଷ ହେଲା ବଜାୟ ରଖିଛି। ସେ ଦିନିକିଆ ବିଶ୍ୱକପ୍ ହେଉକି ଟି-୨୦ ବିଶ୍ୱକପ୍ କିମ୍ବା ଚାମ୍ପିଅନ୍ସ ଟ୍ରଫି ହେଉ ଅବା ଏସିଆ କପ୍। ୨୦୨୨ରୁ ଅଦ୍ୟାବଧି ବଡ଼ ବଡ଼ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ବିପକ୍ଷରେ ଭାରତ ୭ଟି ମ୍ୟାଚ୍ ଖେଳି ଶତପ୍ରତିଶତ ବିଜୟ ରେକର୍ଡ ବଜାୟ ରଖିଛି।

**ଭାରତ-ପାକିସ୍ତାନ ଶେଷ ୭ ମ୍ୟାଚ୍**

| ଟୁର୍ଣ୍ଣାମେଣ୍ଟ | ବର୍ଷ | ଫଳାଫଳ |
|---|---|---|
| ଏସିଆ କପ୍ | ୨୦୨୫ | ଭାରତ ୬ ୱିକେଟ୍‌ରେ ବିଜୟୀ |
| ଏସିଆ କପ୍ | ୨୦୨୫ | ଭାରତ ୭ ୱିକେଟ୍‌ରେ ବିଜୟୀ |
| ଚାମ୍ପିଅନ୍ସ ଟ୍ରଫି | ୨୦୨୫ | ଭାରତ ୬ ୱିକେଟ୍‌ରେ ବିଜୟୀ |
| ଟି-୨୦ ବିଶ୍ୱକପ୍ | ୨୦୨୪ | ଭାରତ ୬ ରନରେ ବିଜୟୀ |
| ଦିନିକିଆ ବିଶ୍ୱକପ୍ | ୨୦୨୩ | ଭାରତ ୭ ୱିକେଟ୍‌ରେ ବିଜୟୀ |
| ଏସିଆ କପ୍ | ୨୦୨୩ | ଭାରତ ୨୨୮ ରନରେ ବିଜୟୀ |
| ଟି-୨୦ ବିଶ୍ୱକପ୍ | ୨୦୨୨ | ଭାରତ ୪ ୱିକେଟ୍‌ରେ ବିଜୟୀ |

### ବ୍ରହ୍ମାସ୍ତ୍ର ଲଞ୍ଚ କଲେ ଅଭିଷେକ-ଗିଲ୍: କାନେରିଆ

ପାକିସ୍ତାନ ବିପକ୍ଷ ସୁପର୍-୪ ମୁକାବିଲାକୁ ୬ ୱିକେଟ୍‌ରେ ଜିତିବା ପରେ ଭାରତର ଦୁଇ ଓପନର୍ ଅଭିଷେକ ଶର୍ମା ଓ ଶୁବମନ ଗିଲ୍‌ଙ୍କ ବ୍ୟାଟିଂକୁ ଚାରିଆଡ୍ରୁ ପ୍ରଶଂସା କରାଯାଇଛି। ୧୭୨ ରନର ଲକ୍ଷ୍ୟକୁ ପିଛା କରୁଥିବାବେଳେ ଅଭିଷେକ ଓ ଗିଲ୍ ଓପନିଂ ଯୋଡ଼ିରେ ୫୯ ବଲ୍‌ରୁ ୧୦୫ ରନ ଉଠାଇ ବିଜୟପଥ ପରିଷ୍କାର କରିଥିଲେ। ଏହି ଶତକୀୟ ଭାଗୀଦାରିକୁ ପୂର୍ବତନ ପାକିସ୍ତାନ କ୍ରିକେଟର୍ ଦାନିସ କାନେରିଆ ବେଶ୍ ପ୍ରଶଂସା କରିଛନ୍ତି। ଖବର ସରବରାହ ସଂସ୍ଥା ଆଇଏଏନ୍‌ଏସ୍ ସହ ଏକ ସାକ୍ଷାତ୍‌କାର ଅବସରରେ କାନେରିଆ କହିଛନ୍ତି, 'ଶାହିବଜାଦା ଫରହାନ ଅର୍ଦ୍ଧଶତକ ପରେ ଏକେ-୪୭ ବନ୍ଧୁକରୁ ଗୁଳି ଚଳାଇବା ଶୈଳୀରେ ସେଲିବ୍ରେସନ କରିଥିଲେ। କିନ୍ତୁ ଏହାପରେ ଅଭିଷେକ ଓ ଗିଲ୍ ବିସ୍ଫୋରକ ବ୍ୟାଟିଂ ଜରିଆରେ ସେମାନଙ୍କ ବ୍ୟାଟରୁ ପାକିସ୍ତାନ ଉପରେ ବ୍ରହ୍ମାସ୍ତ୍ର ଲଞ୍ଚ କରିଥିଲେ। ଭାରତୀୟ ଓପନର୍‌ଙ୍କ ପ୍ରତି ଆକ୍ରମଣ ଏତେ ବିଧ୍ୱଂସୀ ଥିଲା ଯେ ପାକିସ୍ତାନ ଖେଳାଳି ଧରାଶାୟୀ ହୋଇପଡ଼ିଥିଲେ। ପାକିସ୍ତାନ ବୋଲରଙ୍କୁ ଗିଲ୍ ଓ ଅଭିଷେକ ପ୍ରଥମେ 'ଧୁଲାଇ' ଓ ପରେ 'ମହାଧୁଲାଇ' କରିଥିଲେ' ବୋଲି କହି କାନେରିଆ ନିଜ ଦେଶର ଖେଳାଳିଙ୍କୁ ଭତ୍ସନା କରିଛନ୍ତି।

### ପାକିସ୍ତାନ ୨୦୦ କରିଥିଲେ ମଧ୍ୟ ହାରିଥାନ୍ତା: ଅଖତର

ଭାରତ ନିକଟରୁ କ୍ରମାଗତ ଦୁଇଟି ମ୍ୟାଚ୍ ହାରିବା ପରେ ପୂର୍ବତନ ପାକିସ୍ତାନ କ୍ରିକେଟର୍ ନିଜ ଦଳର ଖେଳାଳିଙ୍କ ପ୍ରଦର୍ଶନକୁ ନେଇ ବେଶ୍ ସମାଲୋଚନା କରିଛନ୍ତି। ରାୱଲପିଣ୍ଡି ଏକ୍ସପ୍ରେସ ଭାବେ ପରିଚିତ ସୋଏବ ଅଖତର ନିଜ ଦଳକୁ ସମାଲୋଚନା କରି କହିଛନ୍ତି, ଯଦି ପାକିସ୍ତାନ ୨୦୦ ରନ କରିଥାନ୍ତା ତେବେ ତଥାପି ମ୍ୟାଚ୍ ହାରିଥାନ୍ତା। ପାକିସ୍ତାନ ବୋଲିଂ ଲାଇନଅପ୍ ୨୦୦ ରନକୁ ମଧ୍ୟ ଡିଫେଣ୍ଡ କରିପାରି ନ ଥାନ୍ତା। ଦଳର ବୋଲିଂ ରଣନୀତି ସମ୍ପୂର୍ଣ୍ଣ ଭୁଲ୍ ଥିଲା। ଅବରାର ଅହମ୍ମଦଙ୍କ ଭଳି ପ୍ରମୁଖ ବୋଲରଙ୍କୁ ପଛରେ ରଖି ସଇମ ଆୟୁବଙ୍କୁ ପାୱାର ପ୍ଲେ'ରେ ବୋଲିଂ ଦେବା ବୋକାମୀ ଥିଲା' ବୋଲି ଏକ ଟିଭି ଶୋ'ରେ ଅଖତର କହିଛନ୍ତି। ଏହି ପୂର୍ବତନ ଦ୍ରୁତ ବୋଲର ଆହୁରି ମଧ୍ୟ ହାରିସ ରୌଫ୍‌ଙ୍କୁ ସମାଲୋଚନା କରିବାକୁ ପଛାଇ ନ ଥିଲେ। ଅଖତର କହିଥିଲେ, ରୌଫ୍‌ଙ୍କୁ ଯେଉଁ ୱିକେଟ୍ ମିଳିଛି ତାହା ଭାରତୀୟ ବ୍ୟାଟର୍‌ଙ୍କ ଭୁଲ୍ ଯୋଗୁଁ ପାଇଛନ୍ତି। ସେ ନିଜ ଦକ୍ଷତା ବଳରେ ଜଣେ ବି ଭାରତୀୟ ବ୍ୟାଟର୍‌ଙ୍କୁ ଆଉଟ୍ କରିନାହାନ୍ତି। ସେହିଭଳି ଅଭିଷେକଙ୍କ ବ୍ୟାଟିଂ ବେଶ୍ ପ୍ରଶଂସନୀୟ ଥିଲା। ଯଦି ଅଭିଷେକ ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥାନ୍ତେ ତେବେ ଭାରତ ୧୫ ଓଭରରେ ମ୍ୟାଚ୍ ଜିତିଯାଇଥାନ୍ତା। ସଞ୍ଜୁ ସାମସନଙ୍କ ସ୍ଥାନରେ ଲୋକେଶ ରାହୁଲ ଭାରତୀୟ ଦଳରେ ରହିଥିଲେ ପାକିସ୍ତାନର ସ୍ଥିତି ଆହୁରି ଖରାପ ହୋଇଥାନ୍ତା' ବୋଲି ସୋଏବ କହିଛନ୍ତି। ନିଜ ଦେଶର ଖେଳାଳିଙ୍କୁ ଅଖତରଙ୍କ ଏହି ସମାଲୋଚନା ପାକିସ୍ତାନ କ୍ରିକେଟ୍ ବୋର୍ଡକୁ ଗଭୀର ସମସ୍ୟାରେ ପକାଇଛି।

**ଆଜିର ମ୍ୟାଚ୍**
DP WORLD ASIA CUP

**ଶ୍ରୀଲଙ୍କା-ପାକିସ୍ତାନ**
ଭେନ୍ୟୁ : ଆବୁଧାବି
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

**ସୁଲତାନ ଜୋହର କପ୍ ଜୁନିଅର ହକି**

## ଭାରତୀୟ ଦଳରେ ଓଡ଼ିଶାରୁ ୩ ଖେଳାଳି

ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି): ଆଗାମୀ ସୁଲତାନ ଜୋହର କପ୍ ହକି ଟୁର୍ଣ୍ଣାମେଣ୍ଟ ଲାଗି ସୋମବାର ଭାରତୀୟ ଜୁନିଅର ପୁରୁଷ ଦଳ ଘୋଷଣା କରାଯାଇଛି। ଡିଫେଣ୍ଡର ରୋହିତ୍‌ଙ୍କୁ ଘୋଷିତ ୧୮ ଜଣିଆ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ହକି ଇଣ୍ଡିଆ ପକ୍ଷରୁ ଘୋଷିତ ଏହି ଦଳରେ ଓଡ଼ିଶାର ୩ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଅନମୋଲ୍ ଏକ୍କା, ମିଡ୍‌ଫିଲ୍ଡର ରୋସନ କୁଜୁର ଓ ଆଦ୍ରୋହିତ୍ ଏକ୍କା। ସେହିଭଳି ୫ଜଣ ଖେଳାଳିଙ୍କୁ ଷ୍ଟାଣ୍ଡବାଏ ଭାବେ ଦଳରେ ରଖାଯାଇଛି।







ଏଥିରେ ମଧ୍ୟ ଓଡ଼ିଶାର ବିବେକ ଲାକ୍ରା ଓ ରୋହିତ୍ କୁଲୁଙ୍କୁ ସାମିଲ କରାଯାଇଛି। ୨୧ ବର୍ଷରୁ କମ୍ ଏହି ସମ୍ମାନଜନକ ହକି ଟୁର୍ଣ୍ଣାମେଣ୍ଟ ଅକ୍ଟୋବର ୧୧ରୁ ୧୮ ତାରିଖ ପର୍ଯ୍ୟନ୍ତ ମାଲେସିଆରେ ଖେଳାଯିବ। ଆୟୋଜକ ମାଲେସିଆ ସମେତ ଭାରତ, ଅଷ୍ଟ୍ରେଲିଆ, ଗ୍ରେଟ୍ ବ୍ରିଟେନ, ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ଦଳ ଅଂଶଗ୍ରହଣ କରୁଛନ୍ତି। ରାଉଣ୍ଡ-ରବିନଭିତ୍ତିରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଏହାପରେ ପଏଣ୍ଟ ଟେବଲର ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ଉଦ୍‌ଘାଟନୀ ଦିବସରେ ଗ୍ରେଟ୍ ବ୍ରିଟେନ ବିପକ୍ଷରେ ଖେଳି ଭାରତ ଟୁର୍ଣ୍ଣାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିବ। ଅକ୍ଟୋବର ୧୪ରେ ଭାରତ ଓ ପାକିସ୍ତାନ ମଧ୍ୟରେ ହାଇଭୋଲଟେଜ୍ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ଗତ ସଂସ୍କରଣରେ ଭାରତ ଏହି ଟୁର୍ଣ୍ଣାମେଣ୍ଟରେ କାଂସ୍ୟ ପଦକ ବିଜୟୀ ହୋଇଥିଲା।

## ନାଇଟ୍ ରାଇଡର୍ସଙ୍କୁ ୫ମ ସିପିଏଲ୍ ଟ୍ରଫି





ଗୁୟାନା, ୨୨।୯ (ଏଜେନ୍ସି): କାରିବୀଆନ ପ୍ରିମିୟର ଲିଗ୍ (ସିପିଏଲ୍)ର ୧୩ତମ ସଂସ୍କରଣରେ ତ୍ରିନବାଗୋ ନାଇଟ୍ ରାଇଡର୍ସ ଚାମ୍ପିଅନ ହୋଇଛି। ଗତକାଲି ରାତିରେ ଖେଳାଯାଇଥିବା ଫାଇନାଲ ମୁକାବିଲାରେ ନାଇଟ୍ ରାଇଡର୍ସ ୩ ୱିକେଟ୍‌ରେ ଗୁୟାନା ଆମାଜନ ୱାରିୟର୍ସଙ୍କୁ ପରାସ୍ତ କରି ରେକର୍ଡ ୫ମଥର ଲାଗି ସିପିଏଲ୍ ଟ୍ରଫି ଜିତିଛି। ସ୍ଥାନୀୟ ପ୍ରୋଭିଡେନ୍ସ ଷ୍ଟାଡିୟମରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଗୁୟାନା ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୮ ୱିକେଟ୍ ହରାଇ ୧୩୦ ରନ କରିଥିଲା। ଦଳ ପକ୍ଷରୁ ଇଫତିକାର ଅହମ୍ମଦ ସର୍ବାଧିକ ୩୦, ବେନ୍ ମ୍ୟାକଡର୍ମଟ୍ଟ ୨୮ ରନ କରିଥିଲେ। ଜବାବରେ ତ୍ରିନବାଗୋ ନାଇଟ୍ ରାଇଡର୍ସ ୨ ଓଭର ବଳକା ଥାଇ ୭ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଆଲେକ୍ସ ହେଲ୍ସ ୨୬, କଲିନ ମୁନରୋ ୨୩, ସୁନିଲ ନାରାୟଣ ୨୨ ରନ କରିଥିଲେ। ଅଧିନାୟକ ନିକୋଲସ ପୁରନ ୧ ରନ କରି ନିରାଶ କରିଥିଲେ।

## ଜୟ ଶାହଙ୍କୁ ଭେଟିଲେ ସଞ୍ଜୟ



କଟକ,୨୨।୯ (ସମିସ): ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ଅଧ୍ୟକ୍ଷ ଜୟ ଶାହଙ୍କୁ ଅହମ୍ମଦାବାଦ୍‌ରେ ଭେଟିଛନ୍ତି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ସମ୍ପାଦକ ସଞ୍ଜୟ ବେହେରା। ଶ୍ରୀ ଶାହଙ୍କ ଜନ୍ମଦିନ ଉପଲକ୍ଷେ ସଞ୍ଜୟ ତାଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ ରାଜ୍ୟ କ୍ରିକେଟ ବାବଦରେ ଆଲୋଚନା କରିଥିଲେ। ଆସନ୍ତା ଡିସେମ୍ବର ୯ରେ କଟକ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣଆଫ୍ରିକା ବିପକ୍ଷ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳାଯିବ। ମ୍ୟାଚ୍‌ରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେବା ନିମନ୍ତେ ସଞ୍ଜୟ ଶ୍ରୀ ଶାହଙ୍କୁ ନିମନ୍ତ୍ରଣ ଦେଇଥିଲେ।

## ୧୧ ବର୍ଷ ପରେ ଭାରତ ଆସିବେ ବୋଲ୍ଟ



ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି): ଆଠଥରର ଅଲିମ୍ପିକ ସ୍ୱର୍ଣ୍ଣ ପଦକ ବିଜେତା ମହାନ ଧାବକ ଉସେନ ବୋଲ୍ଟ ଭାରତରେ ଏକ ପ୍ରଦର୍ଶନୀ ଫୁଟ୍‌ବଲ୍ ମ୍ୟାଚ୍ ଖେଳିବେ। ଅକ୍ଟୋବର ୧ରେ ମୁମ୍ବଇରେ ଏହି ଫୁଟ୍‌ବଲ ମ୍ୟାଚ୍ ଖେଳାଯିବ। ଏକ ସ୍ପୋର୍ଟ୍ସ ବ୍ରାଣ୍ଡର ଦୁଇ ଦିନିଆ ଉତ୍ସବର ଅଂଶବିଶେଷ ସ୍ୱରୂପ ଏହି ପ୍ରଦର୍ଶନୀ ଫୁଟ୍‌ବଲ ମ୍ୟାଚ୍ ଆୟୋଜିତ ହେବ। ଏହି ଫୁଟବଲ୍ ମ୍ୟାଚ୍ ଇଣ୍ଡିଆନ ସୁପର୍ ଲିଗ୍‌ର ଦୁଇ ଦଳ ମୁମ୍ବାଇ ସିଟି ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ମଧ୍ୟରେ ଖେଳାଯିବ। ଏଥିରେ ବୋଲ୍ଟ ମୁମ୍ବାଇ ପାଇଁ ଗୋଟିଏ ହାଫ୍ ଓ ବେଙ୍ଗାଲୁରୁ ପାଇଁ ଅନ୍ୟ ହାଫ୍‌ଟି ଖେଳିବେ ବୋଲି ଜଣାପଡ଼ିଛି। ବଲିଉଡ୍‌ର କିଛି ଚର୍ଚ୍ଚିତ ଚେହେରାଙ୍କୁ ମଧ୍ୟ ଏହି ପ୍ରଦର୍ଶନୀ ମ୍ୟାଚରେ ଖେଳୁଥିବାର ଦେଖିବାକୁ ମିଳିବ। ଏଥିପୂର୍ବରୁ ଜାମାଇକା ତାରକା ବୋଲ୍ଟ ସେପ୍ଟେମ୍ବର ୨୬ରୁ ୨୮ ମଧ୍ୟରେ ଦିଲ୍ଲୀ ଓ ମୁମ୍ବଇରେ କେତୋଟି କାର୍ଯ୍ୟକ୍ରମରେ ଯୋଗଦେବାର ରହିଛି। ଉଲ୍ଲେଖଯୋଗ୍ୟ, ୩୯ ବର୍ଷୀୟ ବୋଲ୍ଟ ଦ୍ୱିତୀୟଥର ଲାଗି ଭାରତ ଗସ୍ତରେ ଆସିବେ। ଏଥିପୂର୍ବରୁ ସେ ୨୦୧୪ରେ ପ୍ରଥମଥର ଭାରତ ଗସ୍ତରେ ଆସି ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ କ୍ରିକେଟର୍ ଯୁବରାଜ ସିଂହଙ୍କ ସହ ଏକ ୧୦୦ ମିଟର ରେସରେ ଭାଗନେଇଥିଲେ।

**ଓଡ଼ିଶା ପ୍ରୋ ଟି-୨୦ ଲିଗ୍**

## ପୁରୀ ଟାଇଟନ୍ସର ଦ୍ୱିତୀୟ ବିଜୟ



କଟକ,୨୨।୯ (ସମିସ)

ବାରବାଟୀ ଷ୍ଟାଡିୟମରେ ଖେଳାଯାଉଥିବା ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ସୋମବାର ଅପରାହ୍ନରେ ଖେଳାଯାଇଥିବା ମ୍ୟାଚ୍‌ରେ ପୁରୀ ଟାଇଟନ୍ସ ୪୫ ରନରେ ରାଉରକେଲା ଷ୍ଟିଲର୍ସଙ୍କୁ ପରାସ୍ତ କରିଛି। ଟାଇଟନ୍ସର ଏହା ଦ୍ୱିତୀୟ ବିଜୟ। ୪ଟି ମ୍ୟାଚ୍‌ରୁ ୮ ପଏଣ୍ଟ ହାସଲ କରି ପୁରୀ ପଏଣ୍ଟ ଟେବଲର ଦ୍ୱିତୀୟ ସ୍ଥାନରେ ରହିଛି। ତେବେ ଷ୍ଟିଲର୍ସ ଏଯାବତ୍ ବିଜୟ ଖାତା ଖୋଲିପାରିନି। ଏକ ମ୍ୟାଚ୍ ବାତିଲ ଯୋଗୁଁ ୨ ପଏଣ୍ଟ ହାସଲ କରି ଷ୍ଟିଲର୍ସ ଦଳ ଟେବଲର ଅନ୍ତିମ ସ୍ଥାନରେ ରହିଛି।

ଟାଇଟନ୍ସ ଏବଂ ଷ୍ଟିଲର୍ସ ମଧ୍ୟରେ ହୋଇଥିବା ମୁକାବିଲାରେ ବର୍ଷା ବାଧକ ସାଜିଥିଲା। ଖେଳ ୧୮ ଓଭର ବିଶିଷ୍ଟ କରାଯିବାକୁ ମ୍ୟାଚ୍ ରେଫରୀ ଘୋଷଣା କରିଥିଲେ। ରାଉରକେଲା ଷ୍ଟିଲର୍ସ ଅଧିନାୟକ ଆଶୀର୍ବାଦ ସ୍ୱାଇଁ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ପ୍ରାରମ୍ଭିକ ବ୍ୟାଟିଂ ବିଫଳତା ସତ୍ତ୍ୱେ ଟାଇଟନ୍ସ ୭ ୱିକେଟ ବିନିମୟରେ ୧୬୧ ରନ ସଂଗ୍ରହ କରି ପାରିଥିଲା। କାର୍ତ୍ତିକ ବିଶ୍ୱାଳ ୨୯ ବଲରୁ ୪୨ ରନ ଓ ମିଡିୟମ ପେସ୍ ବୋଲିଂ ଅଲ୍‌ରାଉଣ୍ଡର ରାଜେଶ ମହାନ୍ତି ୪୫ ରନର ବିସ୍ଫୋରକ ପାଳି ଖେଳିଥିଲେ। ଏଥିରେ ୨ଟି ଚୌକା ଏବଂ ୪ଟି ଛକା ସାମିଲ ଥିଲା। ରାଉରକେଲାର ପ୍ରଦୀପ ପ୍ରଧାନ ସର୍ବାଧିକ ୩ଟି ୱିକେଟ ଦଖଲ କରିଥିଲେ। ପୁର୍ନବାର ବର୍ଷା ଯୋଗୁଁ ଡିଏଲଏସ୍ ପଦ୍ଧତିର ସହାୟତା ନିଆଯାଇଥିଲା।




ଏଥିରେ ୧୦.୪ ଓଭରରେ ରାଉରକେଲା ସମ୍ମୁଖରେ ୯୭ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମାତ୍ର ଷ୍ଟିଲର୍ସ ୫ ୱିକେଟ ହରାଇ ମାତ୍ର ୫୧ରନ ସଂଗ୍ରହ କରିଥିଲା। ଅମିନ ଖାନ ସର୍ବାଧିକ ୧୫ ରନ କରିଥିଲେ। ବିଜୟୀ ଟାଇଟନ୍ସ ପକ୍ଷରୁ ମହମ୍ମଦ ଡାନିସ୍ ୨ଟି ୱିକେଟ ଦଖଲ କରିଥିଲେ। କାର୍ତ୍ତିକଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଛି।

**● ପୂର୍ବାଞ୍ଚଳ ଜୁନିଅର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍**

## ସାଗରଙ୍କୁ ସ୍ୱର୍ଣ୍ଣ, ସୂରଜ ଜିତିଲେ ରୌପ୍ୟ





ଭୁବନେଶ୍ୱର, ୨୨।୯ (ସମିସ): ଝାଡ଼ଖଣ୍ଡର ରାଜଧାନୀ ରାଞ୍ଚିରେ ସୋମବାରଠାରୁ ପୂର୍ବାଞ୍ଚଳ ଜୁନିଅର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ୩୬ତମ ସଂସ୍କରଣ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଓଡ଼ିଶା କ୍ରୀଡ଼ାବିତ୍‌ଙ୍କୁ ୨ଟି ପଦକ ସଫଳତା ମିଳିଛି। ପୁରୁଷ ହାଇଜମ୍ପରେ ସାଗର ଏକ୍କା ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସାଗର ୧.୯୦ ମିଟର ଉଚ୍ଚକୁ ଡେଇଁ ପୋଡିୟମର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିଭଳି ଡିସକସ୍ ଥ୍ରୋରେ ଓଡ଼ିଶାର ସୂରଜ ଗୋପେ ରୌପ୍ୟ ପଦକ ହାସଲ କରିଛନ୍ତି। ସୂରଜ ୪୩.୪୪ ମିଟର ଥ୍ରୋ ସହ ଦ୍ୱିତୀୟ ସ୍ଥାନରେ ରହିଥିଲେ। ତିନିଦିନିଆ ଏହି ଦୌଡ଼କୁଦ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହେବ।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS